ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୯/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, September 9/2025 | Page 14 | ₹ 7.00 | BERHAMPUR

୫୧ଶ ଭାଗ ୨୮୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 285 | ମୂଲ୍ୟ ₹୭/-




# ଓଡ଼ିଆ ପୁସ୍ତକ
# ପଢ଼ିବା ନାହିଁ ?

20
ପେନ୍ ଇନ୍ ବୁକ୍ସ
ଉତ୍କର୍ଷର ୨୦ ବର୍ଷ
PEN IN BOOKS
twenty years of excellence

ପ୍ରତିଘର ପାଠାଗାର
ଖୋଲିଦିଏ ମସ୍ତିଷ୍କର ମୁଦା ଦୁଆର
ପେନ୍ ଇନ୍ ବୁକ୍ସର ସୃଜନ ଉଦ୍ୟମ


ମୋବାଇଲ୍‌ରେ ରିଲ୍‌ସ ଦେଖା ଚାଲୁ! ପାଟିସୁଆଦ କରିବାରେ ବଟୁଆ ଖାଲି ହେଉ!!
୨୫୦୦ ବର୍ଷର ପୁରୁଣା ଶାସ୍ତ୍ରୀୟ ଭାଷା ପାଇଁ ଟିକେ ସମୟ କାଢ଼ିବା ନା ନାହିଁ?











ଓଡ଼ିଆ ଜାତିର ଆରାଧ୍ୟ ଶ୍ରୀଜଗନ୍ନାଥ
ଏବଂ ଓଡ଼ିଶାର ଇତିହାସ,
କିମ୍ବଦନ୍ତୀ ଓ ସାହିତ୍ୟକୁ ନେଇ
୫ଟି ସୁଖପାଠ୍ୟ ପୁସ୍ତକ

ମୂଲ୍ୟ ~~୧,୬୦୫ ଟଙ୍କା~~

ଏକତ୍ର କିଣିଲେ ଡାକଖର୍ଚ୍ଚ ସହ
**୯୯୯ ଟଙ୍କା**

ପ୍ରାୟ ୩୮% ରିହାତି
ସାଙ୍ଗକୁ ଡାକଖର୍ଚ୍ଚ ଛାଡ଼

ନିର୍ଦ୍ଦିଷ୍ଟ ପୁସ୍ତକ ବିଷୟରେ ଅଧିକ ଜାଣିବାକୁ ଓ କିଣିବାକୁ ଚାହୁଁଥିଲେ, ମୋବାଇଲ କ୍ୟାମେରାରେ ପୁସ୍ତକ ସଂଲଗ୍ନ କ୍ୟୁ-ଆର୍ କୋଡ୍ ସ୍କାନ୍ କରି ୱେବ୍‌ସାଇଟ୍‌କୁ ଯାଆନ୍ତୁ।

ଆମର ସମ୍ପୂର୍ଣ୍ଣ ପୁସ୍ତକ ତାଲିକା ଦେଖିବା ପାଇଁ ବାମ ପାଖେ ଥିବା କ୍ୟୁ-ଆର୍ କୋଡ୍ ସ୍କାନ୍ କରି ୱେବ୍‌ସାଇଟ୍‌କୁ ଯାଆନ୍ତୁ।

ନିଜ ପାଠାଗାର ବିଷୟରେ ସାମାଜିକ ଗଣମାଧ୍ୟମରେ ଲେଖନ୍ତୁ ଏବଂ ଆମକୁ ଯୋଡ଼ନ୍ତୁ।
ପେନ୍ ଇନ୍ ବୁକ୍ସ ପ୍ରତି ମାସରେ ଗୋଟିଏ ପାଠାଗାରକୁ ସହଯୋଗ ଓ ଉତ୍ସାହିତ କରିବ।**
ହାଶ୍‌ଟ୍ୟାଗ୍ ବ୍ୟବହାର କରନ୍ତୁ
#ପ୍ରତିଘରପାଠାଗାର #PratiGharaPathagara #ପେନ୍‌ଇନ୍‌ବୁକ୍ସ #peninbooks

facebook.com/peninbooks
instagram.com/peninbooks_
twitter.com/peninbooks
youtube.com/@PENINBOOKS
peninbooks.com

ପେନ୍ ଇନ୍ ବୁକ୍ସ
ବହି ସରାଗିଆଙ୍କ ସ୍ୱର୍ଗ
୨୦୦୬ ମସିହାରୁ
ଯୋଗାଯୋଗ
ଓଡ଼ିଆ ମିଡିଆ ପ୍ରାଇଭେଟ ଲିମିଟେଡ
ଏମ୍-୬/୫୧, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର - ୭୫୧୦୧୩

୧ ଯେକୌଣସି ୟୁପିଆଇ ଆପ୍‌ରେ (ଯଥା- ଫୋନ୍‌ପେ', ପେ'ଟିଏମ୍, ଗୁଗୁଲ୍‌ପେ', ଭିମ୍ ଆପ୍, କ୍ରେଡ୍ ଇତ୍ୟାଦିରେ) ଡାହାଣ ପାଖରେ ଥିବା କ୍ୟୁ-ଆର୍ କୋଡ୍‌କୁ ସ୍କାନ୍ କରି କିମ୍ବା ୟୁପିଆଇ ଆଇଡି odiamedia@icici ମାଧ୍ୟମରେ ୯୯୯ ଟଙ୍କା ପଇଠ କରନ୍ତୁ।
୨ ୟୁପିଆଇ ରେଫରେନ୍ସ ନମ୍ବର ସ୍ପଷ୍ଟ ଦିଶୁଥିବା ସଫଳ ପଇଠର ସ୍କ୍ରୀନ୍‌ସଟ୍ ସହ ନିଜର ସମ୍ପୂର୍ଣ୍ଣ ଠିକଣା, ପିନ୍ କୋଡ୍ ଓ ଫୋନ୍ ନମ୍ବର ତଳ ନମ୍ବରକୁ ହ୍ୱାଟ୍‌ସଆପ୍‌ରେ ପଠାଇବେ।
୩ ସ୍ପୀଡ୍‌ପୋଷ୍ଟ / କୋରିଅର୍ ଯୋଗେ କ୍ରେତାଙ୍କୁ ପୁସ୍ତକ ସହିତ ରସିଦ ପଠାଯିବ।*
୪ ଯୋଜନା ୧୫ ସେପ୍ଟେମ୍ବର ୨୦୨୫, ଶନିବାର ରାତି ୧୧ଟା ୫୯ ଯାଏଁ ବୈଧ।
୫ ବୈଧ ତାରିଖ ପରେ ଅଥବା ୯୯୯ ଭିନ୍ନ ଅନ୍ୟ କୌଣସି ପରିମାଣର ଅର୍ଥ ପଇଠ କଲେ ପୁସ୍ତକ ପଠାଯିବ ନାହିଁ।

78469 81182



*ପୁସ୍ତକ ଶୀଘ୍ର ପଠାଯିବ। ଏକ ମାସ ମଧ୍ୟରେ ପୁସ୍ତକ ନପାଇଲେ ଉପର ଫୋନ୍ ନମ୍ବରରେ ଅଭିଯୋଗ କରିପାରିବେ। ଫୋନ୍ ନମ୍ବର ସକାଳ ୧୦ଟାରୁ ସଂଧ୍ୟା ୬ଟା ଯାଏଁ ଖୋଲା ରହେ। ଡାକରେ ଯିବାବେଳେ ପୁସ୍ତକ ନଷ୍ଟ ହେଲେ ଅନୁଷ୍ଠାନ ଦାୟୀ ରହିବ ନାହିଁ। କିଣିବା ପରେ ପୁସ୍ତକ ଫେରସ୍ତ ହେବ ନାହିଁ। ଏ ସମ୍ପର୍କିତ ସମସ୍ତ ବିବାଦ କେବଳ ଭୁବନେଶ୍ୱର ନ୍ୟାୟକ୍ଷେତ୍ର ଅଧୀନରେ ସମାଧାନ ହେବ। **ଓଡ଼ିଆ ମିଡିଆର ନିଷ୍ପତ୍ତି ଚୂଡ଼ାନ୍ତ।

OMPL/2508/AD35

ଦିଲ୍ଲୀରେ ଆଜି



ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ସୋମବାର ୫୬ତମ ଇଇପିସି ଇଣ୍ଡିଆ ନ୍ୟାଶନାଲ ଆୱାର୍ଡ୍ସ ଫର୍ ଏକ୍ସପୋର୍ଟ ଏକ୍ସିଲେନ୍ସ ଏବଂ ଇଇପିସି ଇଣ୍ଡିଆ କ୍ୱାଲିଟି ଆୱାର୍ଡ୍ସ ୫ମ ସଂସ୍କରଣର କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଇଇପିସି ଇଣ୍ଡିଆ ଅଧ୍ୟକ୍ଷ ପଙ୍କଜ ଚଢ଼ା ସମ୍ମାନିତ କରୁଛନ୍ତି। ନିକଟରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଉପସ୍ଥିତ ଅଛନ୍ତି। (ଫଟୋ-ଚମନ ଗୌତମ)

# ଜେରୁଜେଲମ୍ ବସ୍‌ଷ୍ଟାଣ୍ଡରେ ପାଲେଷ୍ଟିନୀୟଙ୍କ ଗୁଳି: ୬ ମୃତ

ଜେରୁଜେଲମ୍,୮।୯

ଉତ୍ତର ଜେରୁଜେଲମ୍‌ର ଏକ ବସ୍‌ଷ୍ଟାଣ୍ଡରେ ପାଲେଷ୍ଟିନୀୟ ବନ୍ଧୁକଧାରୀ ସୋମବାର ଗୁଳି ଚଳାଇବାରୁ ୬ ଜଣଙ୍କ ମୃତ୍ୟୁ ଘଟିବା ସହ ୧୨ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଜଣେ ଗର୍ଭବତୀ ମହିଳା ଅଛନ୍ତି। ବସ୍‌କୁ ଅପେକ୍ଷା କରିଥିବା ଯାତ୍ରୀମାନଙ୍କୁ ଟାର୍ଗେଟ କରି ବନ୍ଧୁକଧାରୀ ଗୁଳି ଚଳାଇଥିଲେ। ୨ ବନ୍ଧୁକଧାରୀ ନିହତ ହୋଇଥିବା ପୋଲିସ କହିଛି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୭ ଜଣ ଗୁରୁତର ଥିବା ଇସ୍ରାଏଲୀ ଜରୁରୀ ସେବା ମେଗାନ ଡେଭିଡ ଆଡମ୍ (ଏମ୍‌ଡିଏ) ପକ୍ଷରୁ କୁହାଯାଇଛି। ନିରୀହ ମହିଳା, ପୁରୁଷ ଓ ପିଲାଙ୍କୁ ବସ୍‌ରେ ଗୁଳିକରି ହତ୍ୟା କରାଯିବା ଅତ୍ୟନ୍ତ ଯନ୍ତ୍ରଣାଦାୟକ ବୋଲି ଇସ୍ରାଏଲ୍ ରାଷ୍ଟ୍ରପତି ଇସାକ୍ ହେରଜୋଗ୍ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି। ଏହା ଆତଙ୍କବାଦୀଙ୍କ ଘୃଣିତ ଓ ଅନୈତିକ କାର୍ଯ୍ୟ ବୋଲି ସେ କହିଛନ୍ତି। ଗାଜାରେ ଯୁଦ୍ଧ ଜାରି ରହିଥିବାବେଳେ ଇସ୍ରାଏଲ୍ ଅଧିକୃତ ୱେଷ୍ଟବ୍ୟାଙ୍କ୍ ଏବଂ ଇସ୍ରାଏଲ୍‌ରେ ହିଂସା ବଢ଼ିବାରେ ଲାଗିଛି। ପାଲେଷ୍ଟିନୀୟ ଆତଙ୍କବାଦୀମାନେ ଇସ୍ରାଏଲୀଙ୍କୁ ଟାର୍ଗେଟ କରି ଆକ୍ରମଣ କରୁଛନ୍ତି।

# ଏସି ବିସ୍ଫୋରଣ: ୩ ମୃତ

ଫରିଦାବାଦ, ୮।୯

ହରିୟାଣାର ଫରିଦାବାଦସ୍ଥିତ ଗ୍ରୀନ୍‌ଫିଲ୍ଡ କଲୋନୀରେ ଥିବା ଏକ ବିଲ୍ଡିଂର ପ୍ରଥମ ମହଲାରେ ରବିବାର ରାତିରେ ଏୟାର କଣ୍ଡିଶନର (ଏସି) ବିସ୍ଫୋରଣ ଘଟି ନିଆଁ ଲାଗିଯାଇଥିଲା। ଏହି ଅଗ୍ନିକାଣ୍ଡର ପ୍ରଭାବରେ ବିଲ୍ଡିଂର ଦ୍ୱିତୀୟ ମହଲାରେ ରହୁଥିବା ଗୋଟିଏ ପରିବାରର ୩ ସଦସ୍ୟଙ୍କର ମୃତ୍ୟୁ ଘଟିଛି। ସେହିପରି ବିସ୍ଫୋରଣରେ ପରିବାରର ପୋଷା କୁକୁରର ମଧ୍ୟ ମୃତ୍ୟୁ ଘଟିଛି। ୩ ମୃତକ ହେଉଛନ୍ତି ସଚିନ କପୁର, ତାଙ୍କ ସ୍ତ୍ରୀ ରିଙ୍କୁ କପୁର ଓ ତାଙ୍କ ଝିଅ ସୁଜାନ କପୁର। ତେବେ ଆଉ ଏକ ରୁମ୍‌ରେ ଶୋଇଥିବା ସଚିନଙ୍କ ପୁଅ ଦ୍ୱିତୀୟ ମହଲାରୁ ଡେଇଁପଡ଼ି ନିଜ ଜୀବନ ବଞ୍ଚାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣା ସମ୍ପର୍କରେ ସୂଚନା ପାଇ ତୁରନ୍ତ ଅଗ୍ନିଶମ ବାହିନୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ୩ ମୃତଦେହକୁ ଜବତ କରାଯାଇଛି। ଶର୍ଟ-ସର୍କିଟ୍ ଯୋଗୁ ଏହି ବିସ୍ଫୋରଣ ଘଟିଥିବା ନେଇ ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଥିବା ପୋଲିସ କହିଛି।

# କ୍ରସ୍‌ଭୋଟିଂ ଉପରେ ନଜର

## ଉପରାଷ୍ଟ୍ରପତି ନିର୍ବାଚନ


ସି.ପି. ରାଧାକ୍ରିଷ୍ଣନ୍ (ଏନ୍‌ଡିଏ ପ୍ରାର୍ଥୀ)


ବି. ସୁଦର୍ଶନ ରେଡ୍ଡୀ (ଇଣ୍ଡିଆ ବ୍ଲକ୍ ପ୍ରାର୍ଥୀ)

ନୂଆଦିଲ୍ଲୀ,୮।୯(ପି.ଟି.)

ଉପରାଷ୍ଟ୍ରପତି ନିର୍ବାଚନ ମଙ୍ଗଳବାର ଅନୁଷ୍ଠିତ ହେବାକୁ ଥିବାବେଳେ ଶାସକ ଏନ୍‌ଡିଏ ପ୍ରାର୍ଥୀ ସି.ପି. ରାଧାକ୍ରିଷ୍ଣନ୍ ଏବଂ ବିରୋଧୀ ଦଳର ମିଳିତ ପ୍ରାର୍ଥୀ ବି. ସୁଦର୍ଶନ ରେଡ୍ଡୀଙ୍କ ମଧ୍ୟରେ ସିଧାସଳଖ ଲଢ଼େଇ ହେବାକୁ ଯାଉଛି। ପାର୍ଲାମେଣ୍ଟର ଉଭୟ ସଦନର ସଦସ୍ୟମାନେ ସଂସଦ ଭବନରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ମଧ୍ୟରେ ମତଦାନରେ ଭାଗନେବେ। ସନ୍ଧ୍ୟା ୬ଟାରେ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ। ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଗୁପ୍ତ ବାଲଟ ବ୍ୟବସ୍ଥାରେ ମତଦାନ ହେବାକୁ ଥିବାବେଳେ ଭୋଟ ଦେବା ପାଇଁ ସଦସ୍ୟମାନେ ଦଳୀୟ ହୁଇପ୍ ମାନିବାକୁ ବାଧ୍ୟ ନୁହନ୍ତି।

ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଏବଂ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ବ୍ଲକ୍ ସେମାନଙ୍କ ଏମ୍‌ପିମାନଙ୍କୁ ସୋମବାର ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ଅବଗତ କରାଇବା ସହ ମକ୍ ପୋଲ୍ କରାଇଛନ୍ତି। ନିର୍ବାଚନ ନିୟମାବଳୀ ଅନୁଯାୟୀ, ଏମ୍‌ପିମାନଙ୍କୁ ୨ ପ୍ରାର୍ଥୀଙ୍କ ନାମ ଥିବା ବାଲଟ ପେପର ଦିଆଯିବ। ସେମାନେ ନିଜ ପସନ୍ଦର ପ୍ରାର୍ଥୀଙ୍କ ନାମ ପାର୍ଶ୍ୱରେ '୧' ଲେଖିବେ। ସେମାନେ ଭାରତୀୟ, ରୋମାନ୍ କିମ୍ବା ଅନ୍ୟ ଅନ୍ତର୍ଜାତୀୟ ଭାଷାରେ ଅଙ୍କରେ ଉକ୍ତ ସଂଖ୍ୟା ଲେଖିବେ, ଅକ୍ଷରରେ ନୁହେଁ। ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଉଦ୍ଦିଷ୍ଟ ଇଲେକ୍ଟୋରାଲ କଲେଜର ମୋଟ ସଦସ୍ୟ ସଂଖ୍ୟା ୭୮୮। ସେମାନଙ୍କ ମଧ୍ୟରୁ ୨୪୫ ଜଣ ରାଜ୍ୟ ସଭା ଓ ୫୪୩ ଜଣ ଲୋକ ସଭା ସଦସ୍ୟ। ରାଜ୍ୟ ସଭାର ୧୨ ମନୋନୀତ ସଦସ୍ୟ ମଧ୍ୟ ଭୋଟ ଦେବେ। ସମ୍ପ୍ରତି ରାଜ୍ୟ ସଭାରେ ୬ ଏବଂ ଲୋକ ସଭାର ଗୋଟିଏ ଆସନ ଖାଲି ପଡ଼ିଥିବାରୁ ଇଲେକ୍ଟୋରାଲ କଲେଜର ସଦସ୍ୟ ସଂଖ୍ୟା ୭୮୧କୁ ହ୍ରାସ ପାଇଛି। ଏହା ବ୍ୟତୀତ ଓଡ଼ିଶାର ବିଜେଡି ଏବଂ କେ. ଚନ୍ଦ୍ରଶେଖର ରାଓଙ୍କ ବିଆର୍‌ଏସ୍ ଭୋଟଦାନରୁ ବିରତ ରହିବେ ବୋଲି ଘୋଷଣା କରିଛନ୍ତି। ଫଳରେ ମୋଟ ୭୭୦ ସଦସ୍ୟ ଭୋଟ ଦେବାକୁ ଥିବାରୁ ନିର୍ବାଚନ ଜିତିବା ପାଇଁ କୁହୁକ ସଂଖ୍ୟା ୩୮୬ ହୋଇଥିବାବେଳେ ଏନ୍‌ଡିଏ ପାଖରେ ୪୨୫ ଏବଂ ବିରୋଧୀ କ୍ୟାମ୍ପରେ ୩୨୪ ସଦସ୍ୟ ରହିଛନ୍ତି। ଶାସକ ଏବଂ ବିରୋଧୀ ମେଣ୍ଟ ବାହାରେ ରହିଥିବା ୱାଇଏସ୍‌ଆର୍‌ସିପିର ୧୧ ସଦସ୍ୟ ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ ଦେବେ ବୋଲି ନିଷ୍ପତ୍ତି ନେଇଛନ୍ତି।

ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର ହଠାତ୍ ଇସ୍ତଫା ଦେବାରୁ ଏହି ପଦବୀ ପାଇଁ ନିର୍ବାଚନ ଆବଶ୍ୟକ ପଡ଼ିଥିଲା। ଏନ୍‌ଡିଏ ପ୍ରାର୍ଥୀ ରାଧାକ୍ରିଷ୍ଣନ୍ ତାମିଲନାଡୁର ବରିଷ୍ଠ ଭାଜପା ନେତା ତଥା ମହାରାଷ୍ଟ୍ର ରାଜ୍ୟପାଳ। ସେହିପରି ବିରୋଧୀ ପ୍ରାର୍ଥୀ ରେଡ୍ଡୀ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ହୋଇଥିବାବେଳେ ତେଲଙ୍ଗାନା ବାସିନ୍ଦା। ସାଲୱା ଜୁଡୁମ୍ ସମେତ କେତେକ ଗୁରୁତ୍ୱପୂର୍ଣ୍ଣ ମାମଲାର ରାୟ ପାଇଁ ସେ ବେଶ୍ ଜଣାଶୁଣା। ଜିତିବା ପାଇଁ ଏନ୍‌ଡିଏ ପାଖରେ ଯଥେଷ୍ଟ ସଂଖ୍ୟା ରହିଥିବାବେଳେ ବିରୋଧୀମାନେ ଏହି ନିର୍ବାଚନକୁ ଆଦର୍ଶଗତ ଲଢ଼େଇ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ୨୦୨୨ରେ ଜଗଦୀପ ଧନ୍‌କର ଏନ୍‌ଡିଏ ସମେତ ଅନ୍ୟ ସମଭାବାପନ୍ନ ଦଳଗୁଡ଼ିକର ସମର୍ଥନ ପାଇ ୩ ଦଶନ୍ଧି ମଧ୍ୟରେ ସର୍ବାଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ତାଙ୍କୁ ପାଖାପାଖି ୭୫ ପ୍ରତିଶତ ଭୋଟ ମିଳିଥିଲା। ତେବେ ଏଥର ଭୋଟ ବ୍ୟବଧାନ ତାହା ତୁଳନାରେ ବହୁତ କମ୍ ରହିବ। କ୍ରସ୍ ଭୋଟିଂକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। ତେଣୁ ପ୍ରତି ଭୋଟ ଉପରେ ଏନ୍‌ଡିଏ ନଜର ରଖିଛି। ଅନ୍ୟପକ୍ଷରେ ଉପରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ବିରୋଧୀ ଦଳଗୁଡ଼ିକର ନେତା ପାର୍ଲାମେଣ୍ଟ କମ୍ପ୍ଲେକ୍ସରେ ଏକାଠି ହୋଇ ଏକତାର ପ୍ରଦର୍ଶନ କରିଛନ୍ତି। କଂଗ୍ରେସ, ସମାଜବାଦୀ ପାର୍ଟି, ଡିଏମ୍‌କେ, ଟିଏମ୍‌ସି, ଆର୍‌ଜେଡି, ଜେଏମ୍‌ଏମ୍, ଶିବସେନା (ୟୁବିଟି), ଏନ୍‌ସିପି(ଏସ୍‌ପି), ସିପିଆଇ, ସିପିଆଇ(ଏମ୍)ର ଶୀର୍ଷ ନେତାମାନେ ସମ୍ବିଧାନ ସଦନର ସେଣ୍ଟ୍ରାଲ ହଲ୍‌ରେ ଏକାଠି ହୋଇଥିଲେ। ବିରୋଧୀ ଏମ୍‌ପିମାନଙ୍କୁ ଭୋଟଦାନ ପ୍ରକ୍ରିୟା ସମ୍ପର୍କରେ ଅବଗତ କରାଯାଇଥିଲା। ଗତଥର କେତେକ ଭୋଟ ନାକଚ ହୋଇଯାଇଥିବାରୁ ଏଥର ଯେପରି ଗୋଟିଏ ଭୋଟ ନଷ୍ଟ ନ ହୁଏ, ତାହା ସୁନିଶ୍ଚିତ କରିବାକୁ ବିରୋଧୀ ଏମ୍‌ପିମାନଙ୍କୁ କୁହାଯାଇଛି।

# ୨ ଆତଙ୍କବାଦୀ, ୨ ଯବାନ ମୃତ

## କୁଲ୍‌ଗାମ୍ ଏନ୍‌କାଉଣ୍ଟର

ଶ୍ରୀନଗର,୮।୯

ଜମ୍ମୁ-କଶ୍ମୀରର କୁଲ୍‌ଗାମ୍ ଜିଲାରେ ସୋମବାର ଗୁଳି ବିନିମୟବେଳେ ୨ ଆତଙ୍କବାଦୀ ଓ ୨ ଯବାନ ନିହତ ହୋଇଛନ୍ତି। କୁଲ୍‌ଗାମର ଗୁଦାର ଜଙ୍ଗଲରେ ଆତଙ୍କବାଦୀ ରହିଥିବାର ଗୋଇନ୍ଦା ସୂଚନା ପାଇବା ପରେ ସେନା ଏବଂ ଜମ୍ମୁ-କଶ୍ମୀର ପୋଲିସ ପକ୍ଷରୁ ସେଠାରେ ତଲାସି ଅଭିଯାନ ଚାଲିଥିଲା। ଆତଙ୍କବାଦୀମାନେ ସୁରକ୍ଷାବଳ ଉପରକୁ ଗୁଳି ଚଳାଇବାରୁ ତଲାସି ଅଭିଯାନ ଏନ୍‌କାଉଣ୍ଟର ରୂପ ନେଇଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି। ଗୁଳି ବିନିମୟ ବେଳେ ଜଣେ ଜୁନିୟର କମିଶନ୍ଡ ଅଫିସର (ଜେସିଓ)ଙ୍କ ସମେତ ୩ ଯବାନ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ହସ୍ପିଟାଲରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତ ୨ ଆତଙ୍କବାଦୀଙ୍କ ମଧ୍ୟରୁ ଜଣେ ସ୍ଥାନୀୟ ଅଞ୍ଚଳର ହୋଇଥିବାବେଳେ ଅନ୍ୟ ଜଣେ ବିଦେଶୀ ଓ ରେହମାନ ଭାଇ ସାଙ୍କେତିକ ନାମରେ ପରିଚିତ।

# ଟେଲିଗ୍ରାଫ୍ ସମ୍ପାଦକ ଶଙ୍କର୍ଷଣ ଠାକୁରଙ୍କ ପରଲୋକ

ନୂଆଦିଲ୍ଲୀ,୮।୯(ପି.ଟି.)



ବର୍ଷୀୟାନ ସାମ୍ବାଦିକ ତଥା ଦି ଟେଲିଗ୍ରାଫ୍‌ର ସମ୍ପାଦକ ଶଙ୍କର୍ଷଣ ଠାକୁରଙ୍କର ସୋମବାର ଗୁରୁଗ୍ରାମ ହସ୍ପିଟାଲରେ ପରଲୋକ ଘଟିଛି। ତାଙ୍କୁ ୬୩ ବର୍ଷ ହୋଇଥିଲା ଓ ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ। ୧୯୬୨ରେ ପାଟନାରେ ଜନ୍ମିତ ଶଙ୍କର୍ଷଣ ୧୯୮୪ରେ ସନ୍‌ଡେ ମାଗାଜିନ୍‌ରୁ ତାଙ୍କର ସାମ୍ବାଦିକତା କ୍ୟାରିୟର ଆରମ୍ଭ କରିଥିଲେ। ପରେ ସେ ଇଣ୍ଡିଆନ୍ ଏକ୍ସପ୍ରେସ୍, ତେହେଲ୍‌କା ଏବଂ ଦି ଟେଲିଗ୍ରାଫ୍‌ରେ କାର୍ଯ୍ୟ କରିଥିଲେ। ତୀକ୍ଷ୍ଣ ରାଜନୈତିକ ଟିପ୍ପଣୀ ଏବଂ ସହାନୁଭୂତିପୂର୍ଣ୍ଣ ଲେଖା ପାଇଁ ଶଙ୍କର୍ଷଣ ଭାରତୀୟ ରାଜନୀତି ବିଶେଷ କରି ବିହାରରେ ଉତ୍ସାହୀ ଅଭିଲେଖକ ଭାବେ ଜଣାଶୁଣା ଥିଲେ। ତାଙ୍କ ପରଲୋକରେ ବହୁ ରାଜନେତା ଶୋକବ୍ୟକ୍ତ କରିଛନ୍ତି।

# ସ୍ୱଦେଶୀ ମେଳା କରିବାକୁ ଏନ୍‌ଡିଏ ଏମ୍‌ପିଙ୍କୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ

ନୂଆଦିଲ୍ଲୀ,୮।୯(ପି.ଟି.)




ଭାରତ ତିଆରି ସାମଗ୍ରୀଗୁଡ଼ିକର ପ୍ରଚାରପ୍ରସାର କରାଇବା ସହ ଜିଏସ୍‌ଟି ହ୍ରାସ ଉପରେ ବ୍ୟବସାୟୀ ଓ ଜନସାଧାରଣଙ୍କ ସହ ସିଧାସଳଖ ଆଲୋଚନା ପାଇଁ ଏନ୍‌ଡିଏ ଏମ୍‌ପିମାନେ ନିଜ ନିର୍ବାଚନ ମଣ୍ଡଳୀଗୁଡ଼ିକରେ ସ୍ୱଦେଶୀ ମେଳା ଆୟୋଜନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ପରାମର୍ଶ ଦେଇଛନ୍ତି। ଉପରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ସୋମବାର ଅନୁଷ୍ଠିତ ଏନ୍‌ଡିଏ ଏମ୍‌ପିମାନଙ୍କ ବୈଠକରେ ଉଦ୍‌ବୋଧନ ଦେବା ଅବସରରେ ସ୍ୱଦେଶୀ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। କେନ୍ଦ୍ର ସରକାର ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି)ରେ ପୂର୍ବରୁ ଥିବା ୧୨ ଏବଂ ୨୮ ପ୍ରତିଶତ ସ୍ଲାବ୍‌କୁ ହଟାଇଦେଇ କେବଳ ୫ ଓ ୧୮ ପ୍ରତିଶତ ସ୍ଲାବ ରଖିଛନ୍ତି। ଆସନ୍ତା ୨୨ରୁ ଏହା ଲାଗୁ ହେବାକୁ ଯାଉଛି। ଜିଏସ୍‌ଟି ହ୍ରାସ ନାଗରିକଙ୍କ ଟିକସ ବୋଝ କମାଇବା ସହ ଆର୍ଥିକ ଅଭିବୃଦ୍ଧି ବଢ଼ାଇବାରେ ସହାୟକ ହେବ ବୋଲି ବିଶ୍ୱାସ କରାଯାଉଛି। ସେଥିପାଇଁ ସ୍ଥାନୀୟ ବ୍ୟବସାୟୀମାନଙ୍କ ସହ ୨୦ରୁ ୩୦ ସମ୍ମିଳନୀ ଆୟୋଜନ କରି ସେମାନଙ୍କୁ ଟିକସ ବ୍ୟବସ୍ଥା ସରଳୀକରଣର ଫାଇଦା ସମ୍ପର୍କରେ ଅବଗତ କରାଇବାକୁ ପ୍ରଧାନମନ୍ତ୍ରୀ ଏମ୍‌ପିମାନଙ୍କୁ କହିଛନ୍ତି। ନବରାତ୍ରୀ ଓ ଦୀପାବଳି ମଧ୍ୟରେ ସ୍ୱଦେଶୀ ମେଳା ଆୟୋଜନ କରି ଲୋକମାନଙ୍କୁ ଭାରତରେ ପ୍ରସ୍ତୁତ ସାମଗ୍ରୀ କିଣିବା ଦିଗରେ ପ୍ରୋତ୍ସାହିତ କରିବାକୁ କୁହାଯାଇଛି।

# ଆମେରିକାରେ ଭାରତୀୟଙ୍କୁ ଗୁଳିକରି ହତ୍ୟା

## ଖୋଲାରେ ପରିସ୍ରା କରିବାକୁ ବାରଣ କରିଥିଲେ

ୱାଶିଂଟନ, ୮।୯

ଆମେରିକାରେ ହରିୟାଣାର ଜିନ୍ଦ ନିବାସୀ କପିଲ (୨୬)ଙ୍କୁ ଗୁଳିକରି ହତ୍ୟା କରାଯାଇଛି। ସେ କାଲିଫର୍ନିଆରେ ଏକ ଷ୍ଟୋରର ସୁରକ୍ଷା ଗାର୍ଡ ଭାବେ ନିୟୋଜିତ ଥିଲେ। ରବିବାର ଉକ୍ତ ଷ୍ଟୋର ନିକଟସ୍ଥ ଏକ ସାର୍ବଜନୀନ ସ୍ଥାନରେ ପରିସ୍ରା କରୁଥିବା ଜଣେ ବ୍ୟକ୍ତିଙ୍କୁ ସେ ଅଟକାଇଥିଲେ। ଘଟଣାକୁ ନେଇ ବିବାଦ ବଢ଼ିଥିଲା ଏବଂ ଅଭିଯୁକ୍ତଙ୍କ ସହ କପିଲଙ୍କର ଯୁକ୍ତିତର୍କ ହୋଇଥିଲା। ଅଭିଯୁକ୍ତ ଜଣକ ଉତ୍ତେଜିତ ହୋଇ କପିଲଙ୍କୁ ଗୁଳିକରି ହତ୍ୟା କରିଥିଲେ। ଘଟଣାସ୍ଥଳରେ କପିଲଙ୍କର ମୃତ୍ୟୁ ହୋଇଥିଲା। ଜିନ୍ଦସ୍ଥିତ ବରାହ କଲାନ୍ ଗ୍ରାମର ମୁଖିଆ ସୁରେଶ କୁମାର ଗୌତମ ସୋମବାର ଏହି ସୂଚନା ଦେଇଛନ୍ତି। କପିଲ ୨୦୨୨ରେ ୪୫ ଲକ୍ଷ ଟଙ୍କା ଖର୍ଚ୍ଚ କରି ବେଆଇନ୍ ଡଙ୍କି ରୁଟ୍ ଦେଇ ଆମେରିକା ପହଞ୍ଚିଥିଲେ। ସେତେବେଳେ ତାଙ୍କୁ ଗିରଫ କରାଯାଇଥିଲା। ଆଇନଗତ ପ୍ରକ୍ରିୟା ପରେ ସେ ମୁକୁଳିଥିଲେ।



ଧରିତ୍ରୀ
DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୯/୨୦୨୫ | Bhubaneswar, Tuesday, September 9/2025 



## ଅଲ୍‌କାରାଜଙ୍କୁ ୟୁଏସ୍ ଓପନ ଟାଇଟଲ

ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି ସ୍ପେନର କାର୍ଲୋସ ଅଲ୍‌କାରାଜ। ୧୨

୦୨

## କାର୍ତ୍ତିକଙ୍କ ଘରେ ଶ୍ରୀଲୀଲା

ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ ଘରେ ହୋଇଥିବା ଗଣେଶ ବିସର୍ଜନ ଉତ୍ସବରେ ଅଭିନେତ୍ରୀ ଶ୍ରୀଲୀଲା ସାମିଲ ହୋଇଛନ୍ତି।



# ବାଣୀବିହାରରୁ ବିଦାହେଲେ ଅଣଛାତ୍ର

ଭୁବନେଶ୍ୱର,୮।୯(ସତ୍ୟଜିତ୍ ରାଉତ)

**ପୋଲିସ ସହାୟତାରେ ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାନୁଷ୍ଠାନ**

**ହଷ୍ଟେଲ ରୁମ୍‌ରୁ ମିଳିଲା ମଦ ବୋତଲ, ହୁକା ବଙ୍କ୍, ଫ୍ରିଜ୍, ହିଟର**

ବାଣୀବିହାର ହଷ୍ଟେଲରେ ଅନଧିକୃତ ଭାବେ ରହୁଥିବା ଅଣଛାତ୍ରମାନେ ଶେଷରେ ବିଦା ହୋଇଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସୋମବାର ଏପରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ସେପ୍ଟେମ୍ବର ୪ ସୁଦ୍ଧା କ୍ୟାମ୍ପସ ଛାଡ଼ିବାକୁ ୧ ନମ୍ବର (ଗୋପବନ୍ଧୁ), ୨ ନମ୍ବର (ମଧୁସୂଦନ) ଓ ୩ ନମ୍ବର (ଫକୀର ମୋହନ) ଛାତ୍ରାବାସରେ ରହୁଥିବା ଅଣଛାତ୍ରମାନଙ୍କୁ ସେପ୍ଟେମ୍ବର ୧ରେ ନୋଟିସ କରାଯାଇଥିଲା। ଏହି କଣ୍ଟ ପୂରିଥିଲେ ମଧ୍ୟ ବହୁ ଅଣଛାତ୍ର ହଷ୍ଟେଲ ଛାଡ଼ିବା ତ ଦୂରର କଥା, ଅଧିକ ଉତ୍ପାତ କରୁଥିଲେ। ଶେଷରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କମିଶନରେଟ୍ ପୋଲିସ ସହାୟତାରେ ମୋଟ ୪ଟି ହଷ୍ଟେଲରେ ଚଢ଼ାଉ ଓ ଯାଞ୍ଚ ପରେ ଅଣଛାତ୍ରଙ୍କୁ ବାହାର କରିବାରେ ସଫଳ ହୋଇଛନ୍ତି। ସ୍ପେଶାଲ କ୍ରାଇମ୍ ୟୁନିଟ୍‌ର ଡିସିପି ଅନୁପ କାନୁନ୍‌ଗୋଙ୍କ ନେତୃତ୍ୱରେ ପ୍ରାୟ ୭ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। ହଷ୍ଟେଲଗୁଡ଼ିକରୁ ଅଣଛାତ୍ରଙ୍କ ଆସବାବପତ୍ରକୁ କଢ଼ାଯାଇଥିବାବେଳେ ଫକୀରମୋହନ ହଷ୍ଟେଲକୁ ସିଲ୍ କରାଯାଇଛି।

ଗୋପବନ୍ଧୁ ହଷ୍ଟେଲରେ ୨୩ ରୁମ୍, ମଧୁସୂଦନ ହଷ୍ଟେଲରେ ୩୦ ରୁମ୍ ଓ ଫକୀରମୋହନ ହଷ୍ଟେଲରେ ପ୍ରାୟ ସବୁ ରୁମ୍‌କୁ ଅଣଛାତ୍ରମାନେ ଦୀର୍ଘଦିନ ହେବ ଅକ୍ତିଆର କରି ରଖିଥିଲେ। ଏପରିକି କିଛି ରାଜନୈତିକ ଦଳର ଛାତ୍ରନେତା ଓ ଅପରାଧୀମାନେ କେତେକ ରୁମ୍‌ରେ ରହିବା ସହ ସେମାନଙ୍କ ସହଯୋଗୀଙ୍କୁ ରଖି ବାଣୀବିହାର କ୍ୟାମ୍ପସ ଓ ବାହାରେ ରାଜନୈତିକ ତଥା ଆପରାଧିକ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଥିଲା। ତେବେ ଉଚ୍ଛେଦ ଖବର ଶୁଣି ହଷ୍ଟେଲ ଅକ୍ତିଆର କରି ରଖିଥିବା ଅଣଛାତ୍ରମାନେ ରୁମ୍‌ରେ ତାଲା ପକାଇ ପଳାଇଥିଲେ। ଆଉକିଛି ରୁମ୍‌ରେ ତାଲା ପଡି ନ ଥିଲା। ସକାଳ ପ୍ରାୟ ୧୦ଟା ୩୦ରୁ ହଷ୍ଟେଲ ରୁମକୁ ଖାଲି କରିବା ଅଭିଯାନ ଆରମ୍ଭ ହୋଇଥିଲା। ☞ପୃଷ୍ଠା-୨




କାଠମାଣ୍ଡୁରେ ସୋମବାର ବିକ୍ଷୋଭକାରୀଙ୍କୁ ଲାଠିମାଡ଼ କରି ଘଉଡ଼ାଉଛି ପୋଲିସ।

**ନେପାଳରେ ସୋସିଆଲ ମିଡିଆ ବ୍ୟାନ୍‌କୁ ବିରୋଧ**

# ପୋଲିସ ଗୁଳିରେ ୨୦ ମୃତ, ୩୫୦ ଆହତ

**ନେପାଳ ସରକାର ଦେଶରେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକ ଉପରେ ଜାରି କରିଥିବା ନିଷେଧାଦେଶକୁ ବିରୋଧକରି ସୋମବାର ଅନେକ ହଜାର ଛାତ୍ରୀଛାତ୍ର ରାସ୍ତାକୁ ଓହ୍ଲାଇଛନ୍ତି। ସରକାରଙ୍କ ଏହି କାର୍ଯ୍ୟାନୁଷ୍ଠାନ ବିରୋଧରେ ବିକ୍ଷୋଭ ବେଳେ ମୁତୟନ ହୋଇଥିବା ପୋଲିସ ସେମାନଙ୍କ ଉପରକୁ ଗୁଳି ଚଳାଇଛି। ଏଥିରେ ଅନ୍ୟୂନ ୨୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩୫୦ରୁ ଅଧିକ ଆହତ ହୋଇ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଅଣାୟତ୍ତ ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ରାଜଧାନୀ କାଠମାଣ୍ଡୁ ସମେତ ବିଭିନ୍ନ ସହରରେ ସେନା ମୁତୟନ କରାଯାଇଛି। ଇତିମଧ୍ୟରେ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଜରୁରୀ ସୁରକ୍ଷା ବୈଠକ ଡାକିଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ରମେଶ ଲେଖକ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ପାଇଁ ନୈତିକତା ଦୃଷ୍ଟିରୁ ନିଜକୁ ଦାୟୀ କରି ପଦରୁ ଇସ୍ତଫା ଦେଇଛନ୍ତି। ଆସନ୍ତା ୯, ୧୦ ଓ ୧୧ ତାରିଖରେ ହେବାକୁ ଥିବା ସମସ୍ତ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି।**

- **ସରକାର-ବିକ୍ଷୋଭକାରୀ ମୁହାଁମୁହିଁ**
- **କାଠମାଣ୍ଡୁ ସମେତ ବିଭିନ୍ନ ସହରରେ କର୍ଫ୍ୟୁ**
- **ଜରୁରୀ ବୈଠକ ଡାକିଲେ ପ୍ରଧାନମନ୍ତ୍ରୀ ଓଲି**
- **ଇସ୍ତଫା ଦେଲେ ସ୍ୱରାଷ୍ଟ୍ରମନ୍ତ୍ରୀ**

କାଠମାଣ୍ଡୁ,୮।୯(ଏ.ପି./ଏ.ଏଫ୍.ପି./ପି.ଟି)

ଆମେରିକା, ୟୁରୋପୀୟ ସଂଘ (ଇୟୁ), ବ୍ରାଜିଲ, ଭାରତ, ଚାଇନା ଓ ଅଷ୍ଟ୍ରେଲିଆ ସମେତ ବିଶ୍ୱର ବିଭିନ୍ନ ଭାଗରେ ଅପପ୍ରଚାର, ଡେଟା ପ୍ରିଭେସି, ଅନ୍‌ଲାଇନ୍ ସେଫ୍ଟି ଓ ଜାତୀୟ ସୁରକ୍ଷା ପ୍ରସଙ୍ଗରେ ସରକାରମାନେ କଟକଣା ଲଗାଉଥିବାବେଳେ ନେପାଳ ମଧ୍ୟ ଅନୁରୂପ ପନ୍ଥା ଆପଣାଇଛି। ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କ ନେତୃତ୍ୱାଧୀନ ସିପିଏନ୍(ୟୁଏନ୍ଏଲ୍)-କଂଗ୍ରେସ ମେଣ୍ଟ ସରକାର ଗତ ଗୁରୁବାରଠାରୁ ନେପାଳରେ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, X, ୟୁଟ୍ୟୁବ୍, ହ୍ୱାଟ୍ସଆପ୍, ଲିଙ୍କେଡ୍‌ଇନ୍, ରେଡିଟ୍ ସମେତ ୨୬ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଉପରେ ନିଷେଧାଦେଶ ଜାରି କରିଛନ୍ତି। ଯୋଗାଯୋଗ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ପୃଥ୍ୱୀ ସୁବ୍ବା ଗୁରୁଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ସାମାଜିକ ଗଣମାଧ୍ୟମ ମଞ୍ଚଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ ସ୍ଥାନୀୟ ସ୍ତରରେ ପଞ୍ଜୀକରଣ କରିବାରେ ବିଫଳ ହୋଇଥିବା ଦର୍ଶାଇ ଉପରୋକ୍ତ ନିଷ୍ପତ୍ତି ନେଇଛି। ଟିକ୍‌ଟକ୍, ଭାଇବର, ୱିଟକ୍ ଓ ନିମ୍ବୁଜ ଭଳି କେତେକ ପ୍ଲାଟ୍‌ଫର୍ମ ପଞ୍ଜୀକୃତ ହୋଇସାରିଥିବାବେଳେ ଟେଲିଗ୍ରାମ୍ ଓ ଗ୍ଲୋବାଲ୍ ଡାଇରି ଆଦିର ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିଛି। ତେବେ ନେପାଳୀ ନିୟମାନୁସାରେ ପଞ୍ଜୀକରଣ ଶେଷ ହେବା ପରେ ସେସବୁ ଉପରୁ ବ୍ୟାନ୍ ହଟାଯିବ ବୋଲି ଅଧିକାରୀମାନେ କହୁଛନ୍ତି। ଅନ୍ୟପକ୍ଷେ ସାମାଜିକ ଗଣମାଧ୍ୟମ ଉପରେ ଏପରି କଠୋର କଟକଣାକୁ ଯୁବପିଢ଼ି ନାପସନ୍ଦ କରିଛନ୍ତି। ସରକାର ଏସବୁକୁ ବ୍ୟାନ୍ କରି ଦୁର୍ନୀତି ବିରୋଧୀ ସ୍ୱରକୁ ଚପାଇଦେବାକୁ ଉଦ୍ୟମ କରୁଥିବା ଦର୍ଶାଇ ସୋମବାର ଅନେକ ହଜାର ଛାତ୍ରୀଛାତ୍ର ଜେନ୍ ଜେଡ୍ (୧୯୯୬ରୁ ୨୦୧୦ ମଧ୍ୟରେ ଜନ୍ମିତ ପିଢ଼ି) ବ୍ୟାନରରେ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ସୋମବାର ସ୍କୁଲ ଛାତ୍ରୀଛାତ୍ରଙ୍କ ସମେତ ଖବରଦାତା ଓ ସାମାଜିକ ଅଧିକାର କର୍ମୀମାନେ ବିକ୍ଷୋଭ ଶୋଭାଯାତ୍ରାରେ ବାହାରି କାଠମାଣ୍ଡୁ କେନ୍ଦ୍ରସ୍ଥଳରେ ଥିବା ପାର୍ଲାମେଣ୍ଟ ଆଗରେ ଏକତ୍ରିତ ହୋଇଥିଲେ। ସେମାନେ ସେଠାରେ ସରକାର ବିରୋଧୀ ସ୍ଲୋଗାନ ଦେଇ ତୁରନ୍ତ ସୋସିଆଲ ମିଡିଆ ଉପରୁ ନିଷେଧାଦେଶ ପ୍ରତ୍ୟାହାର ପାଇଁ ଦାବି କରିଥିଲେ। ବିକ୍ଷୋଭକାରୀମାନେ ପାର୍ଲାମେଣ୍ଟ ପରିସରକୁ ଧସେଇ ପଶିବାବେଳେ ଆନ୍ଦୋଳନ ହିଂସାର ରୂପ ନେଇଥିଲା। ପୋଲିସ ସେମାନଙ୍କ ଉପରେ ଲାଠିମାଡ଼ କରିବା ସହ ଲୁହବୁହା ବାଷ୍ପ ଓ ରବର ବୁଲେଟ୍ ପ୍ରୟୋଗ କରିଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ବିକ୍ଷୋଭକାରୀ ନେପାଳର ଜାତୀୟ ପତାକା ଧରି ଜାତୀୟ ସଙ୍ଗୀତ ଗାନ କରି ଜଳାପୋଡ଼ା ଓ ଭଙ୍ଗାରୁଜା କରିଛନ୍ତି। ଇତିମଧ୍ୟରେ ପୋଲିସର ଗୁଳିମାଡ଼ରେ ୨୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତମାନଙ୍କୁ ସିଭିଲ୍ ହସ୍ପିଟାଲ, ଟ୍ରମା ସେଣ୍ଟର, ଏଭରେଷ୍ଟ ହସ୍ପିଟାଲ, କାଠମାଣ୍ଡୁ ମେଡିକାଲ କଲେଜ, ତ୍ରିଭୁବନ ୟୁନିଭର୍ସିଟି ଟିଚିଂ ହସ୍ପିଟାଲ ଆଦିରେ ଭର୍ତ୍ତି କରାଯାଇଛି। ଏଥିରେ କେତେଜଣ ପୋଲିସ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି। ସ୍ଥିତି ଅଣାୟତ୍ତ ହେବା ପରେ ନିୟନ୍ତ୍ରଣକୁ ଆଣିବା ପାଇଁ ସରକାର ସେନାକୁ ମୁତୟନ କରିଛନ୍ତି। ରାଜଧାନୀର ବିଭିନ୍ନ ଅଞ୍ଚଳରେ ସ୍ଥାନୀୟ ପ୍ରଶାସନ କର୍ଫ୍ୟୁ ଜାରି କରିଛି। ଅନ୍ୟ ସହରଗୁଡ଼ିକୁ ମଧ୍ୟ ଆନ୍ଦୋଳନର ନିଆଁ ବ୍ୟାପିବାରେ ଲାଗିଛି। କାଠମାଣ୍ଡୁ ଜିଲା ପ୍ରଶାସନ ପାର୍ଲାମେଣ୍ଟ ବିଲ୍ଡିଂ ଚାରିପଟେ ଲୋକଙ୍କୁ ରୁଣ୍ଡ ନ ହେବାକୁ ବାରଣ କରିଛି। ନିଷିଦ୍ଧ ଜୋନ୍‌ରେ କାହାକୁ ଏକତ୍ରିତ ହେବାକୁ, ବିକ୍ଷୋଭ ବା ବୈଠକ କରିବାକୁ ଓ ଧାରଣା ଦେବାକୁ ଅନୁମତି ଦିଆଯିବ ନାହିଁ ବୋଲି ଜିଲାପାଳ ଛବିଲାଲ ରିଜାଲ ଏକ ନୋଟିସରେ ଦର୍ଶାଇଛନ୍ତି। ଏପରିକି ରାଷ୍ଟ୍ରପତି ଭବନ, ଉପରାଷ୍ଟ୍ରପତିଙ୍କ ବାସଭବନ ଓ ପ୍ରଧାନମନ୍ତ୍ରୀଙ୍କ ଅଫିସ ଅଞ୍ଚଳରେ ମଧ୍ୟ କଡ଼ା ସୁରକ୍ଷା ବନ୍ଦୋବସ୍ତ ସହ ଜନଗହଳିକୁ ବାରଣ କରାଯାଇଛି। ସରକାର ଦୁର୍ନୀତିକୁ ପ୍ରଶ୍ରୟ ଦେଉଥିବାରୁ ସୋସିଆଲ ମିଡିଆ ଉପରେ ଅଙ୍କୁଶ ଲଗାଉଛନ୍ତି। ଏହାକୁ ଯୁବପିଢ଼ି ବିରୋଧ କରୁଛନ୍ତି ବୋଲି ଛାତ୍ର ୟୁଜନ ରାଜଭଣ୍ଡାରୀ(୨୪) କହିଛନ୍ତି। ଅନ୍ୟ ଜଣେ ଛାତ୍ରୀ ଇକ୍ଷମା ତୁମ୍‌ରୋକ୍ (୨୦) କହିଛନ୍ତି, ସରକାରଙ୍କ ଏକଚ୍ଛତ୍ରବାଦୀ ମନୋଭାବ ବିରୋଧରେ ଏହି ଆନ୍ଦୋଳନ ମୁଣ୍ଡ ଟେକିଛି। ଆମେ ପରିବର୍ତ୍ତନ ଦେଖିବାକୁ ଚାହୁଁଛୁ।

ପ୍ରକାଶ ଯେ, ଗତବର୍ଷ ସେପ୍ଟେମ୍ବରରେ ଆସିଥିବା ସୁପ୍ରିମକୋର୍ଟଙ୍କ ଏକ ରାୟ ଆଧାରରେ ସରକାର ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ତଦନୁଯାୟୀ ସୋସିଆଲ ମିଡିଆ କମ୍ପାନୀଗୁଡ଼ିକୁ କେତେକ ନିର୍ଦ୍ଦେଶ ଦିଆଯାଇଥିଲା। ସେଗୁଡ଼ିକ ହେଲା ଯୋଗାଯୋଗ କେନ୍ଦ୍ର ସ୍ଥାପନ କରିବା, ସ୍ଥାନୀୟ ଅଭିଯୋଗ ଶୁଣାଣି ଅଧିକାରୀ ଏବଂ କମ୍ପ୍ଲାଏନ୍ସ ଅଫିସରଙ୍କୁ ନିଯୁକ୍ତି ଦେବା। ସୋସିଆଲ ମିଡିଆ କମ୍ପାନୀଗୁଡ଼ିକ ଏଗୁଡ଼ିକର ଅନୁପାଳନ କରି ନ ଥିବାରୁ ସମ୍ପୃକ୍ତ ପ୍ଲାଟ୍‌ଫର୍ମଗୁଡ଼ିକୁ ସରକାର ବ୍ଲକ୍ କରିଥିବା ଜଣେ ସରକାରୀ ମୁଖପାତ୍ର ସୂଚନା ଦେଇଛନ୍ତି।

# ଆଧାର ନାଗରିକତ୍ୱର ପ୍ରମାଣ ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୮।୯(ପି.ଟି.)

ବିହାର ବିଧାନସଭା ଭୋଟ ପୂର୍ବରୁ ନିର୍ବାଚନ କମିଶନ (ଇସି) ଚଳାଇଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)ରେ ଆଧାର କାର୍ଡକୁ ଦ୍ୱାଦଶ ଦସ୍ତାବିଜ ଭାବେ ଗ୍ରହଣ କରିବାକୁ ସୋମବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅର୍ଥାତ୍ ମତଦାତାମାନେ ଅନ୍ୟ ନିର୍ଦ୍ଧାରିତ ୧୧

**ବିହାର ଏସ୍ଆଇଆର୍‌ରେ ଆଧାର ଦ୍ୱାଦଶ ଦସ୍ତାବିଜ**

ଦସ୍ତାବିଜ ଭଳି ଆବେଦନ ଫର୍ମରେ ଆଧାର କାର୍ଡକୁ ଏକକ ଦସ୍ତାବିଜ ରୂପେ ସଂଲଗ୍ନ କରି ନିଜ ନାମ ପଞ୍ଜୀକରଣ କରାଇପାରିବେ। ତେବେ ଆଧାର ନାଗରିକତ୍ୱ ପ୍ରମାଣପତ୍ରର ପ୍ରମାଣ ହେବନାହିଁ ଏବଂ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା ସକାଶେ ମତଦାତାଙ୍କ ଦ୍ୱାରା କରାଯାଇଥିବା ଆଧାର କାର୍ଡ ନମ୍ବରର ସତ୍ୟାସତ୍ୟ କମିଶନ ଯାଞ୍ଚ କରିପାରିବେ ବୋଲି ଦୁଇଜଣିଆ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜୟମାଲା ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି, ଭୋଟର ତାଲିକାରେ ଇସି ବେଆଇନ ପ୍ରବାସୀଙ୍କ ନାମ ଅନ୍ତର୍ଭୁକ୍ତ କରନ୍ତୁ ବୋଲି କେହି ଚାହାନ୍ତି ନାହିଁ। କେବଳ ପ୍ରକୃତ ନାଗରିକଙ୍କୁ ମତଦାନ ପାଇଁ ଅନୁମତି ଦିଆଯିବ। ଯେଉଁମାନେ ଜାଲ୍ ଦସ୍ତାବିଜ ବଳରେ ନିଜକୁ ପ୍ରକୃତ ଭୋଟର ବୋଲି ଦାବି କରୁଛନ୍ତି, ସେମାନଙ୍କୁ ଭୋଟର ତାଲିକାରୁ ବାଦ୍ ଦିଆଯିବ। ଆଧାରକୁ ପରିଚୟର ପ୍ରମାଣ ପାଇଁ ଏକ ଦସ୍ତାବିଜ ଭାବେ ଗ୍ରହଣ କରାଯିବା ନେଇ ଇସି ଜରୁରୀ ନିର୍ଦ୍ଦେଶନାମା ଜାରି କରନ୍ତୁ ବୋଲି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଭୋଟରଙ୍କଠାରୁ ଆଧାର କାର୍ଡ ଗ୍ରହଣ କରି ନ ଥିବା ନିର୍ବାଚନ ଅଧିକାରୀମାନଙ୍କୁ ଜାରି କରାଯାଇଥିବା କାରଣଦର୍ଶାଅ ନୋଟିସ ଉପରେ ମଧ୍ୟ ସୁପ୍ରିମକୋର୍ଟ ଇସିଙ୍କ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି।

ଇସିଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ ରାକେଶ ଦ୍ୱିବେଦୀ କହିଥିଲେ, ଚିଠା ଭୋଟର ତାଲିକାରେ ସାମିଲ ୭.୨୪ କୋଟି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | **ଯୁବ ମେଣ୍ଟ**

# ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ



ରାଜେନ୍ଦ୍ର ଢୋଲକିଆ

ନୂଆପଡ଼ା,୮।୯(ମକାରୁ ବେମାଲ)

ନୂଆପଡ଼ା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ (୬୮) ସୋମବାର ପୂର୍ବାହ୍ନ ୧୧ଟାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କର ପରଲୋକ ଖବର ପ୍ରଚାରିତ ହେଲା ପରେ ଜିଲାରେ ଶୋକର ଛାୟା ଖେଳିଯାଇଛି। ସେ ଗତ ୩ ମାସ ହେବ ଅସୁସ୍ଥ ହୋଇ ଚେନ୍ନାଇଠାରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଅଗଷ୍ଟ ୨୭ରେ ତାଙ୍କର ହୃତ୍‌ପିଣ୍ଡ ପ୍ରତିରୋପଣ ☞ପୃଷ୍ଠା-୨

# ଗଜରା ପିନ୍ଧିଥିବାରୁ ଏୟାରପୋର୍ଟରେ ଅଭିନେତ୍ରୀଙ୍କୁ ୧.୧୪ ଲକ୍ଷ ଜରିମାନା

ମେଲବୋର୍ନ,୮।୯

ସାଧାରଣତଃ ଦକ୍ଷିଣ ଭାରତୀୟ ମହିଳାମାନେ କେଶରେ ଗଜରା ଲଗାଇବାକୁ ପସନ୍ଦ କରିଥାନ୍ତି। ତେବେ ମାଲୟାଲମ ଅଭିନେତ୍ରୀ ନାଭ୍ୟା ନାୟାରଙ୍କ ପାଇଁ ଏହା ମହଙ୍ଗା ପଡ଼ିଛି। ୧୫ ସେ.ମି. ଲମ୍ବା ମଲ୍ଲୀଫୁଲର ଗଜରା ପିନ୍ଧିଥିବାରୁ ଅଷ୍ଟ୍ରେଲିଆର ମେଲବୋର୍ନ ଅନ୍ତର୍ଜାତୀୟ ବିମାନବନ୍ଦରରେ ତାଙ୍କ ଉପରେ ୧୯୮୦ ଅଷ୍ଟ୍ରେଲୀୟ ଡଲାର (ପ୍ରାୟ ୧.୧୪ ଲକ୍ଷ ଟଙ୍କା)ର ଜରିମାନା କରାଯାଇଛି। ଅଷ୍ଟ୍ରେଲିଆରେ ମଲ୍ଲୀ ଫୁଲକୁ ନେଇ କଡ଼ା ନିୟମ ରହିଥିବାରୁ ନାଭ୍ୟାଙ୍କ ଉପରେ ଏହି ଜରିମାନା ହୋଇଛି।

ନିକଟରେ ଅଷ୍ଟ୍ରେଲିଆର ଭିକ୍ଟୋରିଆରେ ମାଲୟାଲୀ ଆସୋସିଏଶନ୍ ଦ୍ୱାରା ଆୟୋଜିତ ଓନମ ଉତ୍ସବରେ ଯୋଗଦେବାକୁ ନାଭ୍ୟା ଗତ ୬ରେ ମେଲବୋର୍ନ ଏୟାରପୋର୍ଟରେ ପହଞ୍ଚିଥିଲେ। ସେ କୋଚିରୁ ସିଙ୍ଗାପୁର ଦେଇ ମେଲବୋର୍ନରେ ପହଞ୍ଚିଥିଲେ। ତେବେ ମେଲବୋର୍ନ ଏୟାରପୋର୍ଟରେ ତାଙ୍କୁ ଅଟକାଯାଇଥିଲା ଏବଂ ମଲ୍ଲୀ ଫୁଲର ଗଜରା ପିନ୍ଧିଥିବାରୁ ତାଙ୍କ ଉପରେ ଜରିମାନା ଲଗାଯାଇଥିଲା। ସୋମବାର ଅଷ୍ଟ୍ରେଲିଆର ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ ଏ ସମ୍ପର୍କରେ ସୂଚନା ଦେଇ ନାଭ୍ୟା କହିଛନ୍ତି, ଅଷ୍ଟ୍ରେଲିଆ ଆସିବା ପୂର୍ବରୁ ତାଙ୍କ ବାପା ତାଙ୍କ ପାଇଁ ମଲ୍ଲୀ ଫୁଲର ଗଜରା କିଣିଥିଲେ। ସେ ଏହାକୁ ୨ ଭାଗରେ କାଟିଥିଲେ। ଏହାର ଗୋଟିଏ ଭାଗକୁ ନାଭ୍ୟା କୋଚିରୁ ସିଙ୍ଗାପୁର ଯାତ୍ରା କରିବା ସମୟରେ ପିନ୍ଧିଥିଲେ। ତେବେ ସିଙ୍ଗାପୁରରେ ପହଞ୍ଚିବା ବେଳକୁ ଉକ୍ତ ଗଜରା ନଷ୍ଟ ହୋଇଯିବାରୁ ସେ ତାଙ୍କ ହ୍ୟାଣ୍ଡବ୍ୟାଗ୍‌ରେ ରଖିଥିବା ଅନ୍ୟ ଗଜରାଟିକୁ ପିନ୍ଧି ସିଙ୍ଗାପୁରରୁ ମେଲବୋର୍ନ ଆସିଥିଲେ, ଯେଉଁଠାରେ ତାଙ୍କ ଉପରେ ଜରିମାନା ଲଗାଯାଇଥିଲା। ସେ ଅଜ୍ଞତାବଶତଃ ନିୟମ ଭାଙ୍ଗିଥିବା ନାଭ୍ୟା କହିଛନ୍ତି। ୨୮ ଦିନ ମଧ୍ୟରେ ଜରିମାନା ଭରିବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶ ଯେ, ଅଷ୍ଟ୍ରେଲିଆ ଏକ



ମାଲୟାଲମ ଅଭିନେତ୍ରୀ ନାଭ୍ୟା ନାୟାର

ଦ୍ୱୀପ ଦେଶ ହୋଇଥିବାବେଳେ ଏହାର ପରିସଂସ୍ଥା ଅତ୍ୟନ୍ତ ସମ୍ବେଦନଶୀଳ। ତେଣୁ ଏଠାକାର କୃଷି, ପରିବେଶ ଏବଂ ଜୈବ ବିବିଧତାକୁ ବିଦେଶୀ କୀଟପତଙ୍ଗ ଏବଂ ରୋଗରୁ ରକ୍ଷା କରିବା ପାଇଁ ମଲ୍ଲୀ ଫୁଲ ଭଳି ବିଭିନ୍ନ ସାମଗ୍ରୀ ଉପରେ ଅଷ୍ଟ୍ରେଲିଆରେ କଟକଣା ରହିଛି। ବିନା ଅନୁମତିରେ ଅନ୍ୟ ଦେଶରୁ ଅଷ୍ଟ୍ରେଲିଆକୁ ତାଜା ଫୁଲ, ଫଳ, ପନିପରିବା, ମସଲା ଆଦି ଜୈବିକ ପଦାର୍ଥ ଆଣିବା ଉପରେ କଡ଼ା ନିଷେଧ ରହିଛି।

# ବିଜେଡିର ବିରତ ନିଷ୍ପତ୍ତି

**ଆଜି ଉପରାଷ୍ଟ୍ରପତି ନିର୍ବାଚନ**

ଭୁବନେଶ୍ୱର, ୮।୯(ସୁନିତ୍ ମିଶ୍ର)

- **ନବୀନ ବାବୁ ପରୋକ୍ଷରେ ଏନ୍‌ଡିଏକୁ ସମର୍ଥନ କରୁଛନ୍ତି: ଜୁଏଲ**
- **ବିଜେଡି ସବୁବେଳେ ସମଦୂରତା ନୀତି ଅବଲମ୍ବନ କରିଛି: ସଞ୍ଜୟ**
- **ଏହା ହେଉଛି ଇଡି, ସିବିଆଇ ଏବଂ ଆଇଟି ଚଢ଼ାଉ ଡର: ସପ୍ତଗିରି**

ଉପରାଷ୍ଟ୍ରପତି ନିର୍ବାଚନ ଲାଗି ମଙ୍ଗଳବାର ପାର୍ଲାମେଣ୍ଟରେ ଭୋଟିଂ ହେବ। ଏନ୍‌ଡିଏ ପକ୍ଷରୁ ସି.ପି. ରାଧାକ୍ରିଷ୍ଣନ୍ ଏବଂ ଇଣ୍ଡିଆ ମେଣ୍ଟ ପକ୍ଷରୁ ବି ସୁଦର୍ଶନ ରେଡ୍ଡୀ ପ୍ରାର୍ଥୀ ହୋଇଛନ୍ତି। ଉଭୟ ଲୋକ ସଭା ଏବଂ ରାଜ୍ୟ ସଭା ସଦସ୍ୟମାନେ ଏଥିପାଇଁ ଭୋଟ ଦେବେ। ସଂଖ୍ୟା ଦୃଷ୍ଟିରୁ ଏନ୍‌ଡିଏ ସପକ୍ଷରେ ଅଧିକ ଭୋଟ ରହିଥିବା ଚର୍ଚ୍ଚା ହେଉଛି। ଏହି ଭୋଟିଂରେ ବିଜେଡିର ଆଭିମୁଖ୍ୟକୁ ନେଇ ପ୍ରବଳ ଚର୍ଚ୍ଚା ଲାଗି ରହିଥିଲା। ଅନେକ ସମୟରେ ଏନ୍‌ଡିଏକୁ ସମର୍ଥନ କରିଆସୁଥିବା ବିଜେଡି ଉପରାଷ୍ଟ୍ରପତି ନିର୍ବାଚନରେ କି ଆଭିମୁଖ୍ୟ ଗ୍ରହଣ କରୁଛି ତାକୁ ନେଇ ତାଙ୍କରି ଦଳର ନେତାଙ୍କ ମଧ୍ୟରେ ଅନେକେ ଅପେକ୍ଷା କରି ରହିଥିଲେ। କାରଣ ବିଜେଡିର ତୃଣମୂଳସ୍ତରରୁ ଆରମ୍ଭ କରି ଉପରସ୍ତର ନେତାଙ୍କ ପର୍ଯ୍ୟନ୍ତ ବହୁ ଜଣ ବିଜେଡି ଏନ୍‌ଡିଏକୁ ସମର୍ଥନ କରିବା ଆଭିମୁଖ୍ୟ ବଦଳାଇବାକୁ ଇଚ୍ଛା କରିଆସୁଥିଲେ। ହେଲେ ବିଜେଡି ଉପରାଷ୍ଟ୍ରପତି ଭୋଟିଂରୁ ବିରତ ରହିବାକୁ ନିଷ୍ପତ୍ତି ନେଇଛି, ଯାହା ପରୋକ୍ଷରେ ଏନ୍‌ଡିଏକୁ ସୁହାଇଛି ବୋଲି ଚର୍ଚ୍ଚା ହେଉଛି। ଏକଥା ରାଜ୍ୟ ଭାଜପା ମଧ୍ୟ କହିସାରିଛି। ବିଜେଡିର ଏଭଳି ନିଷ୍ପତ୍ତି ବିରୋଧୀ ଇଣ୍ଡିଆ ମେଣ୍ଟ ପାଇଁ ସେଭଳି କିଛି ବିଶେଷ ଲାଭ ଦେଇ ନାହିଁ। ☞ପୃଷ୍ଠା-୨

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ
- ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ଅପରାହ୍ନ ୩ଟା।
- କ୍ଲବ ଷ୍ଟ୍ରିମଲାଇନ ତରଫରୁ ଗଣେଶଙ୍କ ଆଜ୍ଞା ଲଡୁ ନିଲାମ ଓ ଭସାଣ ଉତ୍ସବ, ସ୍ଥାନ: ନୂଆପାଟଣା, ଦୁର୍ଗାବଜାର, ତିଗିରିଆ, ସମୟ: ଅପରାହ୍ନ ୪ଟା।
- ଶୀର୍ଷାନନ୍ଦ ଫ୍ୟାନ୍ କ୍ଲବ ଓ ଗଗନ କଳା ସଙ୍ଗମ ପକ୍ଷରୁ ଗୀତିକାର ଶୀର୍ଷାନନ୍ଦ ଦାସକାନୁନ୍‌ଗୋଙ୍କ ଲୋକପ୍ରିୟ ଗୀତର ମ୍ୟୁଜିକାଲ ନାଇଟ୍, ସ୍ଥାନ: ଉଇଣ୍ଡସର ପାଲେସ, ସମୟ: ସନ୍ଧ୍ୟା ୬ଟା ୨୦।
- କଟକ ସତସଙ୍ଗ ବିହାର ଆନୁକୂଲ୍ୟରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ସତସଙ୍ଗ, ସ୍ଥାନ: ଉପଯୋଜନା କେନ୍ଦ୍ର-୨୮, ହଜାରିଲେନ୍, ସମୟ: ସନ୍ଧ୍ୟା ୭ଟା ୩୦।

## ବାଲେଶ୍ୱର
- ବାଘାଯତୀନ ସ୍ମୃତି ପରିଷଦ ପକ୍ଷରୁ ତାଳମଞ୍ଜି ରୋପଣ, ସ୍ଥାନ: କେନାଲ ବନ୍ଧ ଦୁଇ ପାର୍ଶ୍ୱ, ବାଲିଆପାଳ, ସମୟ: ସକାଳ ୮ ଟା।

## ଭଦ୍ରକ
- ନାଟ୍ୟକାର ସ୍ୱର୍ଗତ ଦେବେନ୍ଦ୍ର ତ୍ରିପାଠୀଙ୍କ ସ୍ମୃତିସଭା, ସ୍ଥାନ: ହେମପଦ୍ମା ଗାଲାକ୍ସି, ଆଗରପଡ଼ା, ସମୟ: ସକାଳ ୯ଟା।

## ମୟୂରଭଞ୍ଜ
- ଜିଲା ବିଦ୍ୟାଳୟ ସମୂହ ଫୁଟବଲ, କବାଡି ଓ ଖୋ-ଖୋ ପ୍ରତିଯୋଗିତାର ଉଦଯାପନୀ ଦିବସ, ସ୍ଥାନ: ବିଶୋଇ ସରକାରୀ ଏସ୍ଏସ୍‌ଡି ଉଚ୍ଚବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଏବଂ ମ୍ୟାନେଜମେଣ୍ଟର ୨୭ତମ ପ୍ରତିଷ୍ଠା ଦିବସ, ସ୍ଥାନ: ମହାରାଜପୁର ତଖତପୁର ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- କୋଲକାତା ପକ୍ଷରୁ ନାଟକ 'ମାୟା ମ୍ରିଦାଙ୍ଗ', ସ୍ଥାନ: ଶହୀଦ ସ୍ମୃତିଭବନ ବାରିପଦା, ସମୟ ସନ୍ଧ୍ୟା ୬ଟା ୩୦।

## ବ୍ରହ୍ମପୁର
- ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ନିମଖଣ୍ଡି ଯୁବ ସଂଗଠନ, ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ
- ପଞ୍ଚାୟତସ୍ତରୀୟ ସାମାଜିକ ସମୀକ୍ଷା ଓ ଜନ ଶୁଣାଣି, ସ୍ଥାନ: ଗଞ୍ଜାମ ବ୍ଲକ୍ କନଫରେନ୍ସ ହଲ, ସମୟ: ପୂର୍ବାହ୍ନ ୧୦ ଟା।

## କନ୍ଧମାଳ
- ପ୍ରଶାସନ ପକ୍ଷରୁ ବିକଳ୍ପ ଜୀବିକା କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ମହାସିଙ୍ଗି, ବାଲିଗୁଡ଼ା, ସମୟ: ସକାଳ ୯.୩୦।

## ଅନୁଗୋଳ
- ଜାତୀୟସ୍ତରୀୟ ପଲିଶ୍ରୀ ମେଳା ୨୦୨୫ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ଅନୁଗୋଳ ଜିଲାପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଆମ୍ବେଦକର ଫାଉଣ୍ଡେଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଅନୁଗୋଳ ନମ୍ର ପ୍ୟାଲେସ, ସମୟ: ପୂର୍ବାହ୍ନ ୧୧ଟା।
- ଜଗନ୍ନାଥ ଦାସ ଜୟନ୍ତୀ ଉତ୍ସବ, ସ୍ଥାନ: ଅନୁଗୋଳ ଗାନ୍ଧୀମାର୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ସନ୍ଧ୍ୟା ୫ ଘଟିକା।

## ଜଗତ୍‌ସିଂହପୁର
- ପାରାଦୀପ ବନ୍ଦର ଶ୍ରମିକ କର୍ମଚାରୀ ୟୁନିୟନ ପକ୍ଷରୁ ପିଆଇସିଟି କମ୍ପାନୀ ଫାଟକ ଆଗରେ ବିକ୍ଷୋଭ ଓ ଧାରଣା, ସ୍ଥାନ: ବନ୍ଦର ୫ ନଂ.ଗେଟ ପାଖ, ବଡ଼ପଡ଼ିଆ ପାରାଦୀପ, ସମୟ: ସକାଳ ୯ ଟା।
- କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି)ଙ୍କ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା।
- ମେଘ ମହ୍ଲାର ଓ ମୋନାଲିସା ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ବର୍ଷା କବିତା ପାଠ କାର୍ଯ୍ୟକ୍ରମ, ପୋର୍ଟ କ୍ଲବ, ନୁଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାର ସମସ୍ତ ତହସିଲଦାର ଓ ବିଡିଓମାନଙ୍କ ସହ ରାଜସ୍ୱ ଓ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଜିଲାପାଳଙ୍କ ଜିଲାସ୍ତରୀୟ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ,ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୩ଟା।
- ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିଂହପୁର,ସମୟ: ଅପରାହ୍ନ ୩ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସାରସ୍ୱତ ସାଧକ ରାମଚନ୍ଦ୍ର ମହାନ୍ତିଙ୍କ ଜୟନ୍ତୀ, ପୋର୍ଟ କ୍ଲବ ନୂଆବଜାର, ପାରାଦୀପ ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ, ସ୍ଥାନ: ଭରସିଂ, ଗୋଗୁଆ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ତୀର୍ଥଯାତ୍ରୀଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା, ସ୍ଥାନ: ଉର୍ଦ୍ଧ୍ୱ ଲାଇବ୍ରେରୀ ସମ୍ମୁଖ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୩ଟା।

## ନୟାଗଡ଼
- ଅପରପକ୍ଷ ପାଇଁ ପିଣ୍ଡ ଦାନ,ସ୍ଥାନ: କଣ୍ଟିଲୋ କୃଷ୍ଣେଶ୍ୱରପାଟଣା, ସମୟ: ସକାଳ ୮ଟା

## ରାୟଗଡ଼ା
- ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ, ସ୍ଥାନ: ସରକାରୀ ନୋଡାଲ ହାଇସ୍କୁଲ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା।
- ଲିଙ୍ଗଗତ ବିଷମତାକୁ ନେଇ କର୍ମଶାଳ, ସ୍ଥାନ: ଦୁଡୁକାବାହାଲ, ଟିକିରି, ସମୟ: ପୂର୍ବାହ୍ନ ୧୧ଟା।
- ବିଜେଡିର ସାମ୍ବାଦିକ ସମ୍ମିଳନୀ, ସ୍ଥାନ: ତେଜସ୍ୱୀ ଗ୍ରାଉଣ୍ଡ, ରାୟଗଡା, ସମୟ: ପୂର୍ବାହ୍ନ ୧୧ ଟା।

## ନବରଙ୍ଗପୁର
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ ଉପଖଣ୍ଡ ଚିକିତ୍ସାଳୟ ପରିସର, ସମୟ: ସକାଳ ୮ଟା।
- ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଡ ସଦାଶିବ ତ୍ରିପାଠୀଙ୍କ ଶ୍ରାଦ୍ଧ ବାର୍ଷିକୀ, ସ୍ଥାନ: ନବରଙ୍ଗପୁର ପୌର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା।
- ଆଦି ଯୋଗୀ ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମଙ୍ଗଳବାର କେନ୍ଦ୍ରୀୟ ଓ ରାଜ୍ୟ ଅର୍ଥ କମିଶନ ଯୋଜନା ଉପରେ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ରାଜ୍ୟପାଳଙ୍କ ସୁନାବେଡ଼ା ଏବଂ ସେମିଳିଗୁଡ଼ା ଅଞ୍ଚଳ ଗସ୍ତ, ସ୍ଥାନ: କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ସୁନାବେଡ଼ା, ସମୟ: ସକାଳ ୯ ଟା।
- ଜଙ୍ଗଲ ଅଧିକାର ଆଇନ ୨୦୦୬ ନେଇ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ,କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା।
- ଶହୀଦ ଯୀଶୁଦାନ ଖୋସାଲଙ୍କ ୬୦ତମ ଶହୀଦ ଦିବସ ପାଳନ, ସ୍ଥାନ: ଶହୀଦ ଯୀଶୁଦାନ ମେମୋରିଆଲ ପାର୍କ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନ ଶିବିର, ସ୍ଥାନ: ସେମିଳିଗୁଡ଼ା ଗୋପବନ୍ଧୁ ନଗରସ୍ଥିତ ଅଙ୍ଗନବାଡି କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାପରିଷଦ ଦ୍ୱାରା ବିଭିନ୍ନ ଯୋଜନାର ସମୀକ୍ଷା ବୈଠକ, ସ୍ଥାନ: କୋରାପୁଟ ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୧ ଟା।
- ରାଜ୍ୟପାଳଙ୍କ ଦେଓମାଳି ପରିଦର୍ଶନ, ସ୍ଥାନ: ଦେଓମାଳି ପର୍ଯ୍ୟଟନସ୍ଥଳୀ, ସମୟ: ଅପରାହ୍ନ ୩ଟା ୫୦ ।
- ଜିଲା କଫି ଉନ୍ନୟନ କମିଟି ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ, ସମୟ: ଅପରାହ୍ନ ୫ ଟା।

## ସମ୍ବଲପୁର
- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ : ସହଯୋଗ ନଗରସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ : ସକାଳ ୬ଟା।
- ଦୈନିକ ନିଃଶୁଳ୍କ ଯୋଗ କେନ୍ଦ୍ର ଆୟୋଜନରେ ଶିବିର, ସ୍ଥାନ: ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- କବି ବିପିନ ଆଚାର୍ଯ୍ୟଙ୍କ ସ୍ମୃତି ସଭା, ସ୍ଥାନ: ନେତ୍ରାନନ୍ଦ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଅଖିଳ ଭାରତୀୟ କଂଗ୍ରେସ କମିଟିର ସଙ୍ଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ : ଜିଲା କଂଗ୍ରେସ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ସାହିତ୍ୟ ଏକାଡେମୀ ଓ ଜିଏମ୍‌ୟୁ ଭୀମ ଭୋଇ ଗବେଷଣା କେନ୍ଦ୍ର ପକ୍ଷରୁ ଓଡିଶା ସନ୍ଥ ସାହିତ୍ୟ ପରମ୍ପରା ଶୀର୍ଷକ ଆଷଲୋଚନା ଚକ୍ର, ସ୍ଥାନ : ଜିଏମ୍‌ୟୁ ପରିସରସ୍ଥ ଅଧ୍ୟାପନା ପ୍ରକୋଷ୍ଠ -୧, ସମୟ : ପୂର୍ବାହ୍ନ ୧୦ଟା ୩୦।
- ୨୪ତମ ସୈରେନ୍ଦ୍ରି ନାୟକ ଟ୍ରଫି ଫୁଟବଲ ମ୍ୟାଚ, ସ୍ଥାନ : ସିଂହପାଲି-କାଇଁଶିର ଫୁଟବଲ ପଡିଆ, ସମୟ : ପୂର୍ବାହ୍ନ ୩ଟା।
- ଡାକ୍ତର ଜନାର୍ଦ୍ଦନ ପୂଜାରୀ ସ୍ମୃତି କମିଟି ପକ୍ଷରୁ ଗୀତା ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ : ସତସଙ୍ଗ ଆଶ୍ରମ ଗୀତା ଗୁଡି, ସମୟ : ସନ୍ଧ୍ୟା ୬ଟା।
- ଉତ୍ସର୍ଗର ୪୧ତମ ବାର୍ଷିକ ଉତ୍ସବ, ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ସନ୍ଧ୍ୟା ୬ଟା।
- ସ୍ମୃତିରେ ରାଜେନ୍ଦ୍ର ପ୍ରସାଦ ପଣ୍ଡା କାର୍ଯ୍ୟକ୍ରମ, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର
- ସନ୍ତରଣ ପ୍ରଶିକ୍ଷଣ, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା

## ରାଉରକେଲା
- ନିଶା ନିବାରଣ କାର୍ଯ୍ୟକ୍ରମ, ସ୍ଥାନ: ବନ୍ଧମୁଣ୍ଡା କେନ୍ଦ୍ରୀୟ ବିଦ୍ୟାଳୟ, ସମୟ: ସକାଳ ୭ଟା ୩୦।
- ନିଶା ନିବାରଣ ଓ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: କଲୁଙ୍ଗା ୟୁପି ସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଉଚ୍ଚ ପେନଶନ ଓ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ସାମୂହିକ ବୈଠକ, ସ୍ଥାନ: ସେକ୍ଟର-୪ ବିଏମ୍‌ଏସ୍ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଭୀମଭୋଇ ସାମର୍ଥନ ଶିବିର, ସ୍ଥାନ: ଉଙ୍ଗୁରିପାଲି ଆରଏମସି ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ନୂଆପଡ଼ା
- ନାଗବାଚା ଦାଦି ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ଶୁକ୍ଳିମୁଣ୍ଡି ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଗିରିଗୋବର୍ଦ୍ଧନ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୪ଟା।
- ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ପବିତ୍ର ଭାଦ୍ରବ ପରିକ୍ରମା ସତସଙ୍ଗ, ସ୍ଥାନ: ଖରିଆର ରୋଡ ସତସଙ୍ଗ କେନ୍ଦ୍ର, ସମୟ: ରାତ୍ର ୮ଟା ୩୦।

# କାର୍ତ୍ତିକଙ୍କ ଘରେ ଶ୍ରୀଲୀଳା



## ବଢୁଛି ଡେଟିଂ ଚର୍ଚ୍ଚା

ମୁମ୍ବାଇ

ଗତ କିଛିଦିନ ଧରି ଅଭିନେତା କାର୍ତ୍ତିକ ଆର୍ଯ୍ୟନ ଓ ଅଭିନେତ୍ରୀ ଶ୍ରୀଲୀଳା ପରସ୍ପରକୁ ଡେଟିଂ କରୁଥିବା ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ହୋଇ ଆସୁଛି। ତେବେ ଏହାକୁ ନେଇ ଉଭୟେ କାର୍ତ୍ତିକ ଓ ଶ୍ରୀଲୀଳା ବର୍ତ୍ତମାନ ସୁଦ୍ଧା କୌଣସି ପ୍ରତିକ୍ରିୟା ରଖିନାହାନ୍ତି। ତେବେ ନିକଟରେ କାର୍ତ୍ତିକଙ୍କ ଘରେ ହୋଇଥିବା ଗଣେଶ ବିସର୍ଜନ ଉତ୍ସବରେ ଶ୍ରୀଲୀଳା ନିଜ ମା' ସ୍ୱର୍ଣ୍ଣଲତାଙ୍କ ସହ ସାମିଲ ହୋଇଥିଲେ। ଏହାର କିଛି ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏକ ଫଟୋରେ କାର୍ତ୍ତିକ, ତାଙ୍କ ପରିବାର ଓ ବନ୍ଧୁବାନ୍ଧବଙ୍କ ସହ ଶ୍ରୀଲୀଳା ଏବଂ ତାଙ୍କ ମା' ସ୍ୱର୍ଣ୍ଣଲତା ଉପସ୍ଥିତ ଥିବା ଦେଖିବାକୁ ମିଳିଛି। ସେହିପରି ଅନ୍ୟ ଏକ ଫଟୋରେ ଶ୍ରୀଲୀଳା କାର୍ତ୍ତିକଙ୍କ ମା' ମାଲା ତିୱାରୀଙ୍କ ସହ କଥା ହେଉଥିବାର ନଜରକୁ ଆସିଛନ୍ତି। ଏହି ଫଟୋଗୁଡ଼ିକ ଭାଇରାଲ ହେବା ପରେ ଉଭୟ ତାରକା ପରସ୍ପରକୁ ଡେଟିଂ କରୁଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। କିଛିଦିନ ତଳେ ଏକ ଆୱାର୍ଡ ସେରିମୋନିରେ ସେ ତାଙ୍କ ବୋହୂଙ୍କଠାରୁ କ'ଣ ଆଶା ରଖନ୍ତି ବୋଲି କାର୍ତ୍ତିକଙ୍କ ମା' ମାଲାଙ୍କୁ ପଚରାଯାଇଥିଲା। ମାଲା କହିଥିଲେ, ତାଙ୍କ ବୋହୂ ଜଣେ ଭଲ ଡାକ୍ତର ହେବା ଆବଶ୍ୟକ। ଶ୍ରୀଲୀଳାଙ୍କ ନିକଟରେ ଏମ୍‌ବିବିଏସ୍ ଡିଗ୍ରୀ ରହିଛି ଏବଂ ତାଙ୍କ ମା' ସ୍ୱର୍ଣ୍ଣଲତା ବେଙ୍ଗାଲୁରୁରେ ଜଣେ ସ୍ତ୍ରୀ ରୋଗ ବିଶେଷଜ୍ଞ ଭାବେ କାର୍ଯ୍ୟ କରନ୍ତି। ଏହାପରଠାରୁ କାର୍ତ୍ତିକ ଓ ଶ୍ରୀଲୀଳାଙ୍କୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଆରମ୍ଭ ହୋଇଥିଲା।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବଘାରିଲି ଡାଲି ରସୁଣ ପକାଇ**
**ବାହାର ଚୁଲିରେ ନେଇ**
**ଯଉବନ ଗଲା ମୁଖ ମଉଳିଲା**
**ପଚାରିବେ କାହିଁ ପାଇଁ ?**

ଯୌବନ ଚିରସ୍ଥାୟୀ ହୋଇ ନ ଥାଏ। ଯୌବନବସ୍ଥା ପରେ ଶରୀର କ୍ରମଶଃ ମଳିନ ପଡ଼ିଯିବା ସହ ବ୍ୟକ୍ତି ନିଜର ପୂର୍ବ ଚମକ ଓ ତେଜ ହରାଇ ବସିଥାଏ। ଏପରି ସ୍ଥିତିରେ ବ୍ୟକ୍ତି ଅନ୍ୟ ଆଖିରେ ନିଜର ଆକର୍ଷଣ ହରାଇ ବସିବା ସହ ଅଲୋ ହୋଇଯାଉଥିବା ନେଇ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ବାର ଜାତି ତେର ଗୋଲା**
**ବଇଷମ ହେଲେ ସବୁ ଗଲା।**

ଯୋଗୀକୁ ବଇଷମ ବା ବୈଷ୍ଣବ କୁହାଯାଏ। ସେମାନେ ଥାଳ ଧରି ଗାଁ ଦାଣ୍ଡରେ ଗୀତ ବୋଲି ଭିକ୍ଷା ମାଗି ଜୀବିକା ନିର୍ବାହ କରିଥାନ୍ତି। ତାଙ୍କ ଉପରେ ଜାତିଗୋତ୍ର କୁଳର କୌଣସି ପ୍ରଭାବ ପଡ଼ି ନ ଥାଏ। ସେ ସମସ୍ତଙ୍କର ନମସ୍ୟ ତଥା ଆଦରଣୀୟ। ତାଙ୍କ ଥାଳରେ ଉଆ ଉଷୁନା ସବୁ ସମାନ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ବାଣୀବିହାରରୁ ବିଦାହେଲେ...

ଲକ୍ ଥିବା ରୁମ୍‌ର ତାଲା ଭଙ୍ଗାଯାଇ ସେଥିରେ ଥିବା ଆସବାବପତ୍ର ବାହାରେ ଫିଙ୍ଗିଦିଆଯାଇଥିଲା। ପରେ ଉକ୍ତ ରୁମ୍‌ଗୁଡିକରେ ନୂଆ ତାଲା ଲଗାଯାଇଥିଲା। ଏପରିକି ରୁମ୍ ଖାଲି କରାଯିବା ବେଳେ ସେଠାରେ ମଦ ବୋତଲ, ହୁକା ବଙ୍ଗ୍ ଆଦି ମିଳିଥିଲା। ତେବେ ଅଣଛାତ୍ରଙ୍କ କବ୍‌ଜାରେ ଥିବା ଗୋଦାବରୀଶ ହଷ୍ଟେଲ (ନଂ. ୫)ର ୩ଟି ରୁମ୍‌କୁ ମଧ୍ୟ ଖାଲି କରିଦିଆଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଫକୀରମୋହନ ହଷ୍ଟେଲଟି ସମ୍ପୂର୍ଣ୍ଣ ଅଣଛାତ୍ରଙ୍କ କବ୍‌ଜାରେ ଥିଲା। ସେହିଭଳି ଗୋପବନ୍ଧୁ ଛାତ୍ରାବାସର କ୍ୟାଣ୍ଟିନ୍ ଟେଣ୍ଡର ଅବଧି ଏପ୍ରିଲରୁ ଶେଷ ହୋଇଯାଇଥିବା ବେଳେ ତାହାକୁ ମଧ୍ୟ ଅନଧିକୃତ ଭାବେ ଅକ୍ତିଆରରେ ରଖାଯାଇ ବେପାର ଚାଲିଥିଲା। ତେବେ ଅଣଛାତ୍ରଙ୍କ କବ୍‌ଜାରେ ଥିବା ରୁମଗୁଡିକୁ ଖାଲି କରାଯିବା ପରେ ଅସୁରକ୍ଷିତ ମଣୁଥିବା ଛାତ୍ର ଓ ହଷ୍ଟେଲ ଦାୟିତ୍ୱରେ ଥିବା ପ୍ରଫେସରମାନେ ଆଶ୍ୱସ୍ତ ଅନୁଭବ କରିଛନ୍ତି।

ସମ୍ଭାବ୍ୟ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ପୂର୍ଣ୍ଣ ପ୍ରସ୍ତୁତି କରାଯାଇଥିଲା। ପ୍ରତି ହଷ୍ଟେଲ ପିଛା ଗୋଟିଏ ପ୍ଲାଟୁନ ଫୋର୍ସ ବ୍ୟବସ୍ଥା କରାଯାଇଥିଲା। ଏଥିସହ ପ୍ରଶାସନିକ ଭବନ ସମେତ କୁଳପତିଙ୍କ ଅଫିସ ସାମ୍ନାରେ ୨ଟି ସେକ୍ସନ ଫୋର୍ସ ଓ ଗୋଟିଏ ସେକ୍ସନ ମହିଳା କନ୍‌ଷ୍ଟେବଲ ମୁତୟନ କରାଯାଇଥିଲା। ମୁଖ୍ୟ ଗେଟ୍ ପାଖରେ ୨ଟି ଫୋର୍ସ ଓ ଗୋଟିଏ ସେକ୍ସନ ମହିଳା କନ୍‌ଷ୍ଟେବଲ ରହିଥିଲେ। ଅପ୍ରୀତିକର ସ୍ଥିତି ଉପୁଜିଲେ ଛାତ୍ର କିମ୍ବା ଅଣଛାତ୍ରମାନଙ୍କୁ ଧରି ଭୁବନେଶ୍ୱର ରିଜର୍ଭ ପୋଲିସ ପରିସରକୁ ଆଣିବା ପାଇଁ ଅଲଗା ଫୋର୍ସ ପ୍ରସ୍ତୁତ ରଖାଯାଇଥିଲା। ଏପରିକି ସମ୍ଭାବ୍ୟ ଆତ୍ମାହୁତି ଘଟଣାକୁ ଏଡାଇବା ମଧ୍ୟ ପୂର୍ବପ୍ରସ୍ତୁତି କରାଯାଇଥିଲା। ଗିରଫ ଅଭିଯୁକ୍ତଙ୍କୁ ରଖିବାକୁ ରିଜର୍ଭ ବାଟାଲିୟନରେ ଅସ୍ଥାୟୀ ଅଟକ କେନ୍ଦ୍ର କରାଯାଇଥିବ ବେଳେ ସେଠାରେ ଗୋଟିଏ ସେକ୍ସନ ଫୋର୍ସ ସହ ଜଣେ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ତେବେ କୌଣସିଆଇନଶୃଙ୍ଖଳା ପରିସ୍ଥିତିଘଟିନଥିବା ସ୍ପେଶାଲ କ୍ରାଇମ ୟୁନିଟ୍ ଡିସିପି ଅନୁପ କାନୁନ୍‌ଗୋ କହିଛନ୍ତି।

ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ କହିଛନ୍ତି, ପିଲାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କ୍ୟାମ୍ପସରୁ ଅଣଛାତ୍ରଙ୍କୁ ବାହାର କରାଯାଇଛି। ଏବେ କ୍ୟାମ୍ପସରେ ଭାଙ୍ଗିଥିବା ସମସ୍ତ ପାଚେରିକୁ ସଜଡାଯିବ। ମୁଖ୍ୟ ଫାଟକରେ ଯାଞ୍ଚ କରି ପିଲାଙ୍କୁ କ୍ୟାମ୍ପସ ଭିତରକୁ ଛଡାଯିବ। ବିଶ୍ୱବିଦ୍ୟାଳୟରେ କାମ ଥିବା ଲୋକଙ୍କ ବ୍ୟତୀତ ଅନ୍ୟମାନଙ୍କ ପ୍ରବେଶ ଉପରେ କଡା ନଜର ରଖାଯିବ ବୋଲି କୁଳପତି କହିଛନ୍ତି।

## ଆଧାର ନାଗରିକତ୍ୱର...

ଭୋଟରଙ୍କ ମଧ୍ୟରୁ ୯୯.୬% ନିଜ ଦସ୍ତାବିଜ ଦାଖଲ କରିଛନ୍ତି ଏବଂ ଆଧାରକୁ ଦ୍ୱାଦଶ ଦସ୍ତାବିଜ ଭାବେ ଗ୍ରହଣ ପାଇଁ ଆବେଦନକାରୀମାନଙ୍କ ଦାବି କୌଣସି ବ୍ୟବହାରିକ ଉଦ୍ଦେଶ୍ୟ ପୂରଣ କରିବ ନାହିଁ। ଏହା ଶୁଣିବା ପରେ ଖଣ୍ଡପୀଠ ୨୦୧୬ର ଆଧାର ଆଇନ ଏବଂ ଜନ ପ୍ରତିନିଧି ଆଇନର ଅବତାରଣା କରି କହିଥିଲେ, ଆଧାର ନାଗରିକତ୍ୱର ପ୍ରମାଣ ନୁହେଁ, କିନ୍ତୁ ପରିଚୟର ପ୍ରମାଣ ରୂପେ ଏହାକୁ ଗ୍ରହଣ କରାଯାଇପାରିବ।

ଉଲ୍ଲେଖଯୋଗ୍ୟ, ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ସମୟସୀମା ବୃଦ୍ଧି ନେଇ ଦାଖଲ ପିଟିଶନଗୁଡ଼ିକର ଶୁଣାଣି ବେଳେ ସେପ୍ଟେମ୍ବର ୧ରେ ଇସି ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଥିଲେ ଯେ, ବିହାର ଏସ୍ଆଇଆର୍ ପ୍ରକ୍ରିୟା ଅଧୀନରେ ଚିଠା ତାଲିକାରେ ଦାବି, ଆପତ୍ତି ଓ ସଂଶୋଧନ ଆଗକୁ ମଧ୍ୟ ଚାଲିବ। କିନ୍ତୁ ଭୋଟର ତାଲିକା ଚୂଡ଼ାନ୍ତ ହେଲେ ଯାଇ ଏହାକୁ ବିଚାରକୁ ନିଆଯିବ।

# ପ୍ରଥମ ପୃଷ୍ଠାରୁ...

## ବିଧାୟକ ରାଜେନ୍ଦ୍ର...

କରାଯାଇଥିଲା। ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କ୍ରମଶଃ ଅବନତି ଘଟିଥିଲା। ରାଜେନ୍ଦ୍ର ଓଡ଼ିଶା ରାଜନୀତିରେ ଜଣେ ପରିଚିତ ଚେହେରା ଥିଲେ। ସମସ୍ତେ ଆଦରରେ ରାଜୁ ଭାଇ ବୋଲି ଡାକୁଥିଲେ। ସେ ୧୯୫୬ ନଭେମ୍ବର ୨୦ରେ ଖରିଆର ରୋଡରେ ଜନ୍ମଗ୍ରହଣ କରିଥିଲେ। ଉଚ୍ଚ ଶିକ୍ଷା ସମ୍ପନ୍ନ କରି ୧୯୯୨ ମସିହାରେ ରାଜନୈତିକ କ୍ଷେତ୍ରରେ ପ୍ରବେଶ କରିଥିଲେ। ଖରିଆର ରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି)ର ଅଧ୍ୟକ୍ଷ ଭାବରେ ନିର୍ବାଚିତ ହୋଇଥିଲେ। ୧୯୯୭ ଓ ୨୦୦୩ରେ ମଧ୍ୟ ଏନ୍ଏସି ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ତତ୍ପରେ ୨୦୦୪ରେ ନୂଆପଡା ନିର୍ବାଚନମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ନିର୍ବାଚନ ଲଢ଼ି ସେ ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ। ୨୦୦୯ରେ ବିଜେଡି ଟିକେଟରେ ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ। ୨୦୧୪ରେ ପରାଜିତ ହୋଇଥିଲେ। ୨୦୧୯ରେ ବିଜେଡି ଟିକେଟରେ ବିଧାୟକ ଭାବରେ ନିର୍ବାଚିତ ହେବା ପରେ ଓଡ଼ିଶା ସରକାରଙ୍କ ଯୋଜନା ଓ ସଂଯୋଜନା ବିଭାଗର କ୍ୟାବିନେଟ ମନ୍ତ୍ରୀ ଭାବରେ ଦାୟିତ୍ୱ ତୁଲାଇ ଥିଲେ। ୨୦୨୪ରେ ବିଜେଡି ଟିକେଟରୁ ପୁଣି ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ କଳ୍ପନା ଢୋଲକିଆ,ପୁତ୍ର ଜୟ ଢୋଲକିଆ, ପୁତ୍ରବଧୂ ସୁମନ ଢୋଲକିଆ, ଭାଇ ଅତୁଲ ଢୋଲକିଆ, ଭାଇବୋହୂ ମିଳନ ଢୋଲକିଆ, ଦୁଇ ନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ମରଶରୀର ମଙ୍ଗଳବାର ସକାଳେ ତାଙ୍କ ପୈତୃକ ବାସଭବନ ଖରିଆର ରୋଡରେ ପହଞ୍ଚିବ। ଏଠାରେ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ସମସ୍ତଙ୍କ ଶେଷ ଦର୍ଶନ ପରେ ଖରିଆର ରୋଡ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି। ସ୍ୱର୍ଗତ ଢୋଲକିଆଙ୍କର କାଞ୍ଚନବେନ ରସିକ ଲାଲ ଢୋଲକିଆ ଚେରିଟେବୁଲ ଟ୍ରଷ୍ଟ ନାମରେ ଖରିଆରରୋଡରେ ଏକ ସେବାସଂସ୍ଥା ରହିଛି। ଏହି ଟ୍ରଷ୍ଟ ଦ୍ୱାରା ବର୍ଷକୁ ୨ଥର ନୂଆପଡା, କଳାହାଣ୍ଡି, ବରଗଡ଼ ଜିଲା ସମେତ ଛତିଶଗଡ଼ ରାଜ୍ୟର ହଜାର ହଜାର ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚକ୍ଷୁ ପରୀକ୍ଷା ସହ ମାଗଣାରେ ଔଷଧ, ଚଷମା ପ୍ରଦାନ ଓ ଅସ୍ତ୍ରୋପଚାର କରାଉଥିଲେ। ଗରିବ ଅସହାୟ ଯୁବତୀଯୁବକମାନଙ୍କୁ ନେଇ ପ୍ରତିବର୍ଷ ଜାନୁଆରୀ କିମ୍ବା ଫେବୃଆରୀରେ ସାମୂହିକ ବିବାହ କରି ଜାନି ଯୌତୁକ ଦେଇ ବରକନ୍ୟାଙ୍କୁ ସେ ବିଦାୟ କରୁଥିଲେ। ରାଜେନ୍ଦ୍ରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତଚରଣ ଦାସ ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି।

## ବିଜେଡିର ବିରତ...

ରାଜ୍ୟ ଭାଜପାର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି, ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡି ବିରତ ରହିବା ଅର୍ଥ ଏନ୍‌ଡିଏ(ଆମକୁ)କୁ ସମର୍ଥନ କରିବା। ବିଜେଡି ସଭାପତି ନବୀନ ପଟ୍ଟନାୟକ ପରୋକ୍ଷରେ ଏନ୍‌ଡିଏକୁ ସମର୍ଥନ କରୁଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପଟେ ବିଜେଡିର ଜଣେ ବରିଷ୍ଠ ନେତା ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଲୋକମାନେ ଦଳର ଏହିଭଳି ନିଷ୍ପତ୍ତି ପାଇଁ ଲୋକ ସଭାରୁ ବିଜେଡି ସଂଖ୍ୟା ଶୂନ କରିଦେଲେ। ଆଗକୁ ଦଳର ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ ଏନ୍‌ଡିଏ ପାଇଁ ରାଜ୍ୟ ସଭାରୁ ମଧ୍ୟ ବିଜେଡିକୁ ଶୂନ କରିଦେବେ। ସେଥିପାଇଁ ଆଉ ବେଶିଦିନ ନାହିଁ ବୋଲି ସେ କହିଛନ୍ତି।

ନୂଆଦିଲ୍ଲୀ ଗସ୍ତରେ ଥିବା ନବୀନ ଦଳର ୭ ଜଣ ରାଜ୍ୟ ସଭା ଏମ୍‌ପିଙ୍କ ସହ ଭୋଟିଂରୁ ବିରତି ସମ୍ପର୍କରେ ସୋମବାର ଦ୍ୱିପ୍ରହର ସମୟରେ ଆଲୋଚନା କରିଥିବା ଜଣାପଡ଼ିଛି। ଏହାପରେ ଦଳର ରାଜନୈତିକ ବ୍ୟାପାର କମିଟି (ପିଏସି) ସଦସ୍ୟ ସଞ୍ଜୟ ଦାସବର୍ମା ଭୁବନେଶ୍ୱର ଶଙ୍ଖ ଭବନଠାରେ ଖବରଦାତା ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି, ବିଜେଡି ସଭାପତି ସମସ୍ତଙ୍କ ସହିତ ଆଲୋଚନା ପରେ ନିଷ୍ପତ୍ତି ନେଇଛନ୍ତି, ଆଗାମୀ ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡି ଭୋଟ ଦାନରୁ ବିରତ ରହିବ। ବିଜେଡି ସବୁବେଳେ ପାଇଁ ସମଦୂରତା ନୀତିକୁ ଅବଲମ୍ବନ କରିଆସିଛି। ଚଳିତ ଉପରାଷ୍ଟ୍ରପତି ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ କିମ୍ବା କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟର ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ବିଜେଡି ସମର୍ଥନ ଦେବ ନାହିଁ। ରାଜ୍ୟର ସ୍ୱାର୍ଥ ବିରୋଧରେ ବିଜେଡି କେବେ ହେଲେ ସାଲିସ କରିବନାହିଁ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ବିଜେଡି ନିଷ୍ପତ୍ତିକୁ ନେଇ କଂଗ୍ରେସ ବର୍ଷିଛି। କଂଗ୍ରେସ ଏମ୍‌ପି ସପ୍ତଗିରି ଉଲାକା କହିଛନ୍ତି, ବିଜେଡି ନିଷ୍ପତ୍ତି ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ ଏନ୍‌ଡିଏକୁ ସମର୍ଥନ। ସେମାନେ ଇଡି, ସିବିଆଇ ଏବଂ ଆଇଟି ଚଢ଼ାଉ ଡରରେ ଏନ୍‌ଡିଏ ସମର୍ଥନରେ ରହିବାକୁ ଚାହୁଁଛନ୍ତି। ସୁଦର୍ଶନ ରେଡ୍ଡୀ କଂଗ୍ରେସ ନୁହେଁ, ଇଣ୍ଡିଆ ମେଣ୍ଟର ପ୍ରାର୍ଥୀ ହୋଇଛନ୍ତି। ଏମାନେ ଆଗକୁ କେଉଁ ମୁହଁରେ ଓଡ଼ିଶାରେ ଭାଜପାକୁ ବିରୋଧ କରିବେ ବୋଲି ସପ୍ତଗିରି ପ୍ରଶ୍ନ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କେନ୍ଦ୍ରସ୍ଥ ଶୁକ୍ରଙ୍କ ପ୍ରଭାବରୁ ଅର୍ଥ ଓ ଭୋଗବିଳାସ ସମ୍ପର୍କିତ ଦ୍ରବ୍ୟ ପ୍ରତି ଆଗ୍ରହୀ ହେବେ। ଗୃହ, ଭୂମି, ଗାଡ଼ି, ମୋଟର କିଣାବିକାକୁ କେନ୍ଦ୍ରକରି କଳହ ପରିସ୍ଥିତି ସୃଷ୍ଟି ହୋଇପାରେ। ପିଲାଙ୍କ ବିବାହ ସମ୍ପର୍କିତ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟା ସମାଧାନ ଆଶା ରହିଛି।

**ବୃଷ**
ମଙ୍ଗଳଙ୍କ ଦୃଷ୍ଟିରେ ଶନି ଓ ଚନ୍ଦ୍ର ହେତୁ ପ୍ରତ୍ୟେକ କାର୍ଯ୍ୟ ସମସ୍ୟାବହୁଳ ହେବ। ପରିବାରରେ ଅସାବଧାନତା ବଶତଃ କୌଣସି ମୂଲ୍ୟବାନ୍ ଦ୍ରବ୍ୟ ନଷ୍ଟ ହୋଇପାରେ। ଅଫିସ୍‌କୁ ଯିବା ସମୟରେ କୌଣସି ଦରକାରୀ କାଗଜ ପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ।

**ମିଥୁନ**
ସୁଖଭାବସ୍ଥ ଶୁକ୍ର ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟାକଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ବ୍ୟବସାୟ, ବାଣିଜ୍ୟ, ପରିବହନ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ସଭାସମିତିରେ ଅନ୍ୟର ମନଗଢ଼ା କଥା ଶୁଣି ବ୍ୟସ୍ତତା ଅନୁଭବ କରିପାରନ୍ତି।

**କର୍କଟ**
ଚତୁର୍ଥାଧିପତି ରାଶିରେ ରହିଥିବାରୁ ପାରସ୍ପରିକ ବୁଝାମଣା କ୍ରମେ ପାରିବାରିକ ପରିସ୍ଥିତି ଭଲ ରହିବ। ଭ୍ରମଣ କାଳରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତିଙ୍କ ସାହାଯ୍ୟ ମିଳିବ। ପରିବହନ, ପ୍ରଶାସନ ଓ ଆଇନ ଅଦାଲତରେ ସମସ୍ୟାର ସମାଧାନ ହୋଇଯିବ।

**ସିଂହ**
ମଙ୍ଗଳ ଦ୍ୱିତୀୟ ଭାବରେ ଥିବାରୁ ଈର୍ଷାପରାୟଣ ବ୍ୟକ୍ତି ବିରୁଦ୍ଧାତ୍ମକ କଥା କହିପାରନ୍ତି। ତରବରିଆ ଯାତ୍ରା ସମୟରେ ସତର୍କ ନ ରହିଲେ ସାମାନ୍ୟ ଆଘାତ ଲାଗିପାରେ। ଅଧ୍ୟୟନ ଓ ଅଧ୍ୟାପନା, କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତିରେ ଉନ୍ନତି କରିବେ। ପରିବହନ, ନିର୍ମାଣ, ବାଣିଜ୍ୟ ବ୍ୟବସାୟ ସକାଶେ ଦିନଟି ବହୁତ ଭଲ।

**କନ୍ୟା**
କର୍ମ ସ୍ଥାନରେ ବୃହସ୍ପତି ଥିବାରୁ ଆଜି ଆଶା ପୂରଣ ହେବ। ସମୟ ସୁବିଧାକୁ ନେଇ ବନ୍ଧୁଙ୍କ ପାଖରେ ଅଭାବ ଅସୁବିଧା ଜଣାଇଲେ ଆଶା ପୂରଣ ହୋଇପାରିବ। ପିଲାମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟିକରିବାର ସୂଚନା ରହିଛି। ସାମୟିକ ଜ୍ୱର କିମ୍ବା ସ୍ନାୟବିକ ଦୁର୍ବଳତା ଦେଖାଦେଇପାରେ।

**ତୁଳା**
ସହକର୍ମୀଙ୍କ ହସ୍ତକ୍ଷେପ ଫଳରେ କୌଣସି କାମ ଶେଷ ମୁହୂର୍ତ୍ତରେ ବିଗିଡ଼ିଯିବା ସମ୍ଭାବନା ରହିଛି। ସପ୍ତମଭାବ ପ୍ରତି ମଙ୍ଗଳଙ୍କ ଦୃଷ୍ଟି ଥିବାରୁ ବାଣିଜ୍ୟ, ବ୍ୟବସାୟରେ ଆଜି ବିଶେଷ ଲାଭ ହେବ। ଦୀର୍ଘଦିନରୁ ଲାଗି ରହିଥିବା କଚେରି ମାମଲା ସକାଶେ ଦୁଶ୍ଚିନ୍ତା ବଢ଼ିପାରେ। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି କାରଣରୁ ବିଚଳିତ ହୋଇପାରନ୍ତି।

**ବିଛା**
ସାମାଜିକ ସ୍ତରରେ ବନ୍ଧୁଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦରରେ ହୃଦୟ ବିଗଳିତ ହୋଇପଡ଼ିବ। ଶିଳ୍ପ, ପରିବହନ, ବାଣିଜ୍ୟ କ୍ଷେତ୍ରରେ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଶନି ସହ ଚନ୍ଦ୍ର ସଂଯୋଗରୁ ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବେ ନାହିଁ। ଶତ୍ରୁତା କରୁଥିବା ବ୍ୟକ୍ତିଙ୍କ କ୍ରୂର ପ୍ରେରଣାରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ।

**ଧନୁ**
ଦେବଗୁରୁଙ୍କ ଅନୁକମ୍ପାରୁ ସାମାଜିକ ସ୍ତରରେ ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ସଭାସମିତିରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟହେବେ। ପ୍ରତିବନ୍ଧକ ଦୂରେଇଯିବା କାରଣରୁ ଶିଳ୍ପ, ବ୍ୟବସାୟରେ ଲାଭ ନିଶ୍ଚିତ ମିଳିବ। ଯାତ୍ରା, ବନ୍ଧୁମିଳନ, ଆନୁଷ୍ଠାନିକ କାମରେ ଅବଶ୍ୟ ସଫଳତା ପାଇପାରିବେ।

**ମକର**
ସପ୍ତମ କେନ୍ଦ୍ରସ୍ଥ ଶୁକ୍ର ପ୍ରଭାବରୁ ଆଲୋଚନା ପରିସରରେ ବନ୍ଧୁଙ୍କ ମତମନ୍ତବ୍ୟ ଗ୍ରହଣୀୟ ହେବ। କୌଶଳ ପ୍ରୟୋଗକରି ପ୍ରତିଦ୍ୱନ୍ଦ୍ୱିତା, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ। ନିର୍ମାଣାଧୀନ କାମଟି ଆଜି ସମ୍ପୂର୍ଣ୍ଣ କରିପାରିବେନାହିଁ। ସହକର୍ମୀଙ୍କଠାରୁ କିଛି ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ଭାବନା ସୃଷ୍ଟି ହୋଇପାରେ।

**କୁମ୍ଭ**
ତୃତୀୟାଧିପଙ୍କ ଦୃଷ୍ଟି ପ୍ରଭାବରୁ ଲୋଭନୀୟ ପ୍ରତିଶ୍ରୁତି ମାଧ୍ୟମରେ ବନ୍ଧୁଙ୍କୁ ଆପଣାଇ ନେବେ। ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବାରେ ନିଜର ତ୍ୟାଗ ଓ କୌଶଳ କାମକୁ ଆସିବ। ଅତୀତ ଘଟଣା ବିଷୟରେ ଭାବପ୍ରବଣତା ଯୋଗୁ ନୈରାଶ୍ୟ ଅନୁଭବ କରିପାରନ୍ତି। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ମନ ଏକ ପ୍ରକାର ଖୁସି ରହିବ।

**ମୀନ**
ରାଶିରେ ଶନିଙ୍କ ଅବସ୍ଥିତି ଯୋଗୁ ବୃଥା ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଜୀବନ ବାଧାପ୍ରାପ୍ତ ହେବ। ସହକର୍ମୀଙ୍କ ଖାମଖିଆଲି କାମ ହେତୁ କର୍ମକ୍ଷେତ୍ରରେ କୌଣସି ଘଟଣା ମନକୁ ବିବ୍ରତ କରିବ। ସାହିତ୍ୟ, ବନ୍ଧୁ ସମ୍ପର୍କରେ ସମସ୍ୟା ଆସିପାରେ। ବନ୍ଧୁଙ୍କର ଅପ୍ରୀତିକର ପରିସ୍ଥିତି ଶୁଣି ମାନସିକ ଅସ୍ଥିରତା ଦେଖାଦେବ।

ଆଜି ସେପ୍ଟେମ୍ବର ୯ ତାରିଖ, ଆଶ୍ୱିନ କୃଷ୍ଣ ଦ୍ୱିତୀୟା ମଙ୍ଗଳବାର। ରାଶିନକ୍ଷତ୍ର-ଉତ୍ତରଭାଦ୍ରପଦ/ମୀନ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ମହାଳୟା ବିଧିରେ କରାଯିବ। ଦିବା ଘ.୦୮।୪୦ ଗତେ, ଘ.୧୦।୩୦ ମଧ୍ୟେ,ଘ.୧୨।୫୭ ଗତେ, ଘ.୦୧।୧୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ. ୦୨।୪୭ ଗତେ, ଘ.୦୪।୧୯ ମଧ୍ୟେ ରାହୁକାଳ।

# ୧୮ରୁ ବିଧାନସଭା: ବାଚସ୍ପତିଙ୍କ ରୁଲିଂ ପାଳନ ଲାଗି ଏସିଏସ୍‌ଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୮।୯ (ରବିନାରାୟଣ ଜେନା)

ଆସନ୍ତା ୧୮ରୁ ବିଧାନସଭାର ମୌସୁମୀ ତଥା ସ୍ୱଳ୍ପକାଳୀନ ଅଧିବେଶନ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ହୋଇଛି। ଏହି ସମୟରେ ଶୂନ୍ୟକାଳ ଏବଂ ଅନ୍ୟ ଆଲୋଚନା ହେବ। ଏହାକୁ ନେଇ ବାଚସ୍ପତି ଏବଂ ଉପବାଚସ୍ପତିଙ୍କ ରୁଲିଂ ରହିଛି, ଏହି ସମୟରେ ନିର୍ଦ୍ଦେଶକୁ ତ୍ୱରିତ୍ ପାଳନ କରିବାକୁ ହେବ। ଏହାକୁ ଦୃଷ୍ଟିରେ ରଖି ଅଧିକାରୀମାନେ ସଜାଗ ରହିବା ଲାଗି ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ(ଏସିଏସ୍) ସୁରେନ୍ଦ୍ର କୁମାର ଚଳିତମାସ ୬ରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଓ ସମସ୍ତ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କୁ ପତ୍ର ଲେଖି ଅନୁପାଳନ କରିବାକୁ ଦର୍ଶାଇଛନ୍ତି।

ଏସିଏସ୍ ସୁରେନ୍ଦ୍ର କୁମାର ପତ୍ରରେ ଦର୍ଶାଇଛନ୍ତି, ସପ୍ତଦଶ ବିଧାନସଭାର ଚତୁର୍ଥ ଅଧିବେଶନ ଚଳିତମାସ ୧୮ରୁ ଆରମ୍ଭ ହୋଇ ୨୫ରେ ଶେଷ ହେବ। ଏହି ସମୟ ମଧ୍ୟରେ ବାଚସ୍ପତି, ଉପବାଚସ୍ପତି ଓ ସଭାପତିଙ୍କ ଅନେକ ନିର୍ଦ୍ଦେଶ ଆସିବାର ସମ୍ଭାବନା ରହିଛି। ଏହାକୁ ସମ୍ପୃକ୍ତ ବିଭାଗ ଯେପରି ଠିକଣା ଭାବେ ଅନୁପାଳନ କରିବେ ସେଥିପ୍ରତି ଦୃଷ୍ଟିଦେବାକୁ ଏସିଏସ୍ ପତ୍ରରେ ଅବଗତ କରାଇଛନ୍ତି। ସେ ଆହୁରି ମଧ୍ୟ ଉଲ୍ଲେଖ କରିଛନ୍ତି, ବାଚସ୍ପତି, ଉପବାଚସ୍ପତି ଏବଂ ସଭାପତିଙ୍କ ଯାହା ନିର୍ଦ୍ଦେଶ ଆସିବ ତାକୁ ମନ୍ତ୍ରୀଙ୍କ ଅନୁମୋଦନ ପରେ ଜଣାଇବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ହେବ।

ଉଲ୍ଲେଖଯୋଗ୍ୟ, ସେପ୍ଟେମ୍ବର ୧୮ରୁ ଆରମ୍ଭ ହେବାକୁ ଯାଉଥିବା ମୌସୁମୀ ଅଧିବେଶନରେ ୭ଟି କାର୍ଯ୍ୟଦିବସ ରହିଛି। ଅଧିବେଶନର ୧୮ରେ ସରକାରୀ କାର୍ଯ୍ୟଦିବସ, ୧୯ରେ ବେସରକାରୀ ବିଲ୍ ଓ ସଂକଳ୍ପ ଆଗତ ହେବାକୁ ରହିଥିବାବେଳେ ୨୦ରେ ସରକାରୀ କାର୍ଯ୍ୟଦିବସ ରହିଛି।

ମାତ୍ର ସେପ୍ଟେମ୍ବର ୨୧ ରବିବାର ପଡୁଥିବାରୁ ଉକ୍ତଦିନ ବିଧାନସଭା ପକ୍ଷରୁ କୌଣସି କାର୍ଯ୍ୟ ରଖାଯାଇନାହିଁ। ୨୨ରୁ ୨୫ ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟଦିବସ ରହିଛି। ଦୀର୍ଘଦିନର ଅପେକ୍ଷା ପରେ ଆରମ୍ଭ ହେବାକୁ ଯାଉଥିବା ଏହି ସ୍ୱଳ୍ପକାଳୀନ ଅଧିବେଶନରୁ କିଭଳି ଅଧିକ ଫାଇଦା ଉଠାଇ ହେବ ସେନେଇ ବିରୋଧୀ ବିଜେଡି ଓ କଂଗ୍ରେସ ଏବେଠୁ ସଜବାଜ ହେଉଥିବା ବେଳେ ଶାସକଦଳ ମଧ୍ୟ ନିଜର ରଣନୀତି ପ୍ରସ୍ତୁତ କରୁଛି। ଏଥର ଗୃହରେ ନାରୀ ନ୍ୟାୟଠାରୁ ଆରମ୍ଭ କରି ଅନାସ୍ଥା, ଉପବାଚସ୍ପତି ନିର୍ବାଚନ ପର୍ଯ୍ୟନ୍ତ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇପାରେ ବୋଲି ସଦସ୍ୟମାନେ ମତପୋଷଣ କରୁଛନ୍ତି।




# ନୂତନ ଜଙ୍ଗଲ ସୃଷ୍ଟିରେ ହାତୀର ପ୍ରମୁଖ ଭୂମିକା ରହିଛି: ତଥାଗତ



କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ କୁମୁଣ୍ଡିର ଉପରଜାଗରରେ ଅନୁଷ୍ଠିତ ହାତୀ ସଭାରେ ଅତିଥି ଓ ଉଦ୍ୟୋକ୍ତାଙ୍କ ସହ ଯୋଗଦେଇଥିବା ମହିଳାପୁରୁଷ, ଏଫ୍‌ଇଏସ୍ ଓ ବିକାଶ ସାଥୀ କର୍ମକର୍ତ୍ତା।



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଉଦ୍‌ବୋଧନ ଦେଉଛନ୍ତି।



ସାବିତ୍ରୀ ଦେହୁରୀ ଉଦ୍‌ବୋଧନ ଦେଉଛନ୍ତି।



ହାତୀ ସଭାରେ ଉପସ୍ଥିତ ୨୩ ପଞ୍ଚାୟତର ଗ୍ରାମବାସୀ।

## କେନ୍ଦୁଝର କୁମୁଣ୍ଡିର ଉପରଜାଗରରେ ହାତୀ ସଭା

■ ମତ ରଖିଲେ ୨୧ ପଞ୍ଚାୟତବାସୀ

ଯୋଡ଼ା/କେନ୍ଦୁଝର,୮।୯(ମାନସ ମହାନ୍ତି/ ନରେଶ ପଟ୍ଟନାୟକ/ଦୀପକ ମିଶ୍ର)

ହାତୀ ଭଳି ବନ୍ୟପ୍ରାଣୀ ବଞ୍ଚିବା ଦରକାର। ହାତୀର ନିଜସ୍ୱ ଚଲାପଥ ସେ ନିଜେ ବାଛିଥାଏ। ହାତୀର ମୃତ୍ୟୁ ମଧ୍ୟ ତାର ନିଜସ୍ୱ ଚିହ୍ନିତ ସ୍ଥାନରେ ହୋଇଥାଏ। ହାତୀ ଏକ ବିଶାଳ ବନ୍ୟପ୍ରାଣୀ ହୋଇଥିବାରୁ ସେ ଜଙ୍ଗଲରେ ବିଚରଣ କରି ବଡ଼ ଗଛର ଡାଳକୁ ଭାଙ୍ଗି ଏବଂ ବୃକ୍ଷର ଅତି ଉଚ୍ଚରେ ଥିବା ଫଳକୁ ଖାଇଥାଏ। ଡାଳଗୁଡ଼ିକ ଭାଙ୍ଗୁଥିବାରୁ ତଳେ ଥିବା ଛୋଟ ବୃକ୍ଷ ବଢ଼ିପାରନ୍ତି। ଏଣୁ ନୂତନ ଜଙ୍ଗଲ ସୃଷ୍ଟି କରିବାରେ ହାତୀ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ କୁମୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ଉପର ଜାଗର ଗ୍ରାମରେ ଧରିତ୍ରୀ, ଓଡ଼ିଶା ପୋଷ୍ଟ ଏବଂ ଏଫ୍‌ଇଏସ୍ (ଫାଉଣ୍ଡେଶନ ଫର୍ ଇକୋଲୋଜିକାଲ ସିକ୍ୟୁରିଟି) ଓ ବିକାଶ ସାଥୀ ସହଭାଗିତାରେ ଅନୁଷ୍ଠିତ ହାତୀ ସଭାରେ ଯୋଗଦେଇ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଏଭଳି ମତବ୍ୟକ୍ତ କରିଛନ୍ତି।

ଜିଲାରେ ପ୍ରଶାସନିକ ଓ ଖଣି କମ୍ପାନୀର ଅବହେଳାକୁ ନେଇ ତଥାଗତ କହିଛନ୍ତି, କେନ୍ଦୁଝରବାସୀଙ୍କ ରକ୍ତ, ଝାଳରେ ଏ ମାଟି ଭିଜୁଛି ସତ, ହେଲେ ବିପର୍ଯ୍ୟସ୍ତ ପରିବେଶ, ବେରୋଜଗାର ଜିଲାର ୧୩ ବ୍ଲକ୍‌କୁ କବଳିତ କରି ରଖିଛି। ୧୩ ବ୍ଲକ୍‌ର ଯୁବତୀଯୁବକଙ୍କୁ ସମିତି ମାଧ୍ୟମରେ ବିଭିନ୍ନ ଖଣି କମ୍ପାନୀ ସହିତ ଚୁକ୍ତି କରାଯାଇ ରୋଜଗାରକ୍ଷମ କରାଯାଇପାରନ୍ତା। କେନ୍ଦୁଝର ଅଞ୍ଚଳର ଖଣିଜ ପଥରର ଲାଭରୁ ବିଭିନ୍ନ କମ୍ପାନୀ ଲୁଣଠାରୁ ଚା’ପତି ପର୍ଯ୍ୟନ୍ତ ବ୍ୟବସାୟ କରି ଲାଭବାନ୍ ହେଉଛନ୍ତି। ଓଡ଼ିଶାରୁ ବଡ଼ କମ୍ପାନୀ ଖଣି ବ୍ୟବସାୟରୁ ପୁଞ୍ଜିପତି ହେଉଛନ୍ତି। ପୁଞ୍ଜିକୁ ନେଇ ବାହାର ରାଜ୍ୟରେ କାରଖାନା, ବଡ଼ ଡାକ୍ତରଖାନା, ବିଭିନ୍ନ ଅନୁଷ୍ଠାନରେ ବିନିଯୋଗ କରୁଛନ୍ତି। କେନ୍ଦୁଝର ଜିଲାରେ ସବୁ ଥାଇ ମଧ୍ୟ ଅବହେଳିତ ହୋଇପଡ଼ିଛି। ଖଣି ଖନନରେ ସର୍ବାଧିକ ଜଙ୍ଗଲ ଧ୍ୱଂସ ହେଉଛି, ହେଲେ ଖଣି କମ୍ପାନୀଗୁଡ଼ିକ ନିଜର ସାମାଜିକ ଦାୟିତ୍ୱବୋଧତାକୁ ଭୁଲି ଯାଇଛନ୍ତି। ବନାଞ୍ଚଳରେ ରହୁଥିବା ଅଧିବାସୀଙ୍କୁ ଟର୍ଚ୍ଚ ଲାଇଟ୍ ଭଳି ସାଧାରଣ ଉପକରଣଟିଏ ଦେଇ ପାରୁନାହାନ୍ତି ବୋଲି ମତ ରଖିଥିଲେ। ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ କହିଛନ୍ତି, ହାତୀ ପ୍ରବଣ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପ୍ରଶିକ୍ଷଣର ଆବଶ୍ୟକତା ରହିଛି। ସ୍ଥାନୀୟ ସମସ୍ୟାକୁ ଉପଯୁକ୍ତ ଜାଗାରେ ପହଞ୍ଚାଇବା ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର କର୍ତ୍ତବ୍ୟ। ସରକାରଙ୍କ ଦ୍ୱାରା ହାତୀ ନୀତି ଉପରେ ନୂଆ ପ୍ରସ୍ତାବ ଏବଂ ସଂଶୋଧନର ଆବଶ୍ୟକତା ରହିଛି। ଆବଶ୍ୟକତାକୁ ଗ୍ରାମବାସୀଙ୍କ ଟିପ୍ପଣୀ ଏବଂ ମତାମତ ସାହାଯ୍ୟ କରିବ। ହାତୀ ଦ୍ୱାରା ପ୍ରଭାବିତ ହୋଇ ମଧ୍ୟ ସ୍ଥାନୀୟ ଗ୍ରାମବାସୀଙ୍କ ହାତୀ ପ୍ରତି ଭଲ ପାଇବା କେତେ ରହିଛି ସେମାନଙ୍କ ମତାମତରୁ ଜଣାପଡୁଛି, ଯାହାକି ହାତୀର ଭବିଷ୍ୟତକୁ ସୁରକ୍ଷିତ ରଖିବ ବୋଲି ସେ କହିଛନ୍ତି।

ଭୂୟାଁ ଜୁଆଙ୍ଗପିଢ଼ ରେଞ୍ଜ ଅଧିକାରୀ ନୟନକାନ୍ତ ସାହୁ କହିଛନ୍ତି, ଏବେ ମଧ୍ୟ ନିକଟସ୍ଥ ଜଙ୍ଗଲରେ ୯ ରୁ ୧୦ ହାତୀ ଅଛନ୍ତି। ବନ ବିଭାଗକୁ ସ୍ଥାନୀୟ ଗ୍ରାମବାସୀଙ୍କ ସାହାଯ୍ୟ ଆବଶ୍ୟକ ରହିଛି। ହାତୀ ଉପଦ୍ରବ କରୁଥିବା ଅଞ୍ଚଳ ଅଧିକ ଥିବାରୁ ଅବଶ୍ୟକତା ଅନୁଯାୟୀ ଲାଇଟ୍ ଧୀରେ ଧୀରେ ଆବଣ୍ଟନ କରାଯାଉଛି। ତେବେ ହାତୀ ଦ୍ୱାରା କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କୁ ସରକାର ଅନୁକମ୍ପା ରାଶି ଦ୍ୱିଗୁଣିତ କରିଛନ୍ତି। ଆଗାମୀ ଦିନରେ ଆହୁରି ମଧ୍ୟ ଲାଇଟ୍ ଯୋଗାଇ ଦିଆଯିବ ବୋଲି କହିଥିଲେ। ଏଥିସହ ଧରିତ୍ରୀ, ଓଡ଼ିଶା ପୋଷ୍ଟ ଏବଂ ଏଫ୍‌ଇଏସ୍‌ର ସହଭାଗିତାରେ ଆୟୋଜିତ ହାତୀ ସଭାକୁ ପ୍ରଶଂସା କରିଛନ୍ତି। ହାତୀ ଏବଂ ମଣିଷ ମଧ୍ୟରେ ହାତୀ ସଭା ଏକ ସେତୁର କାମ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ବାଂଶପାଳ ବ୍ଲକ୍ ହାତୀ ପ୍ରଭାବିତ ୨୧ ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ରହି ଆଲୋଚନାଚକ୍ରରେ ନିଜର ମତାମତ ରଖିଥିଲେ। ଏଥିରେ କୁମୁଣ୍ଡି ପଞ୍ଚାୟତର ୱାର୍ଡ ମେମ୍ବର ଗୋପାଳ ପଲେଇ କହିଥିଲେ, ଆବଶ୍ୟକ ପରିମାଣର ଟର୍ଚ୍ଚ ଲାଇଟ ଗ୍ରାମବାସୀଙ୍କୁ ପ୍ରଦାନ କରାଯାଉନାହିଁ। ବନ ବିଭାଗ ଦ୍ୱାରା ପ୍ରଶିକ୍ଷଣ ସଭା ମଧ୍ୟ ଆୟୋଜନ ହେଉନାହିଁ। ବନ ବିଭାଗ କର୍ମଚାରୀମାନେ ସହଯୋଗ କରନ୍ତୁ। ସେହିପରି ସ୍ଥାନୀୟ ପଦାକସଡ଼ା ମହିଳା ସୁଲୋ ଦେହୁରୀ କହିଥିଲେ, ଅନ୍ଧାର ଥିବାରୁ ହାତୀ ଘରେ ପଶି ଚାଉଳ ଖାଇଲା ଏବଂ ଚାଉଳ ଭିତରେ ସଞ୍ଚିତ ଟଙ୍କାକୁ ମଧ୍ୟ ହାତୀ ଖାଇଗଲା। ସଭାରେ ଉପସ୍ଥିତ ଭୂୟାଁ ଜୁଆଙ୍ଗପିଢ଼ ରେଞ୍ଜ ଅଧିକାରୀଙ୍କୁ ହାତୀ ଦାଉରୁ ରକ୍ଷା ପାଇବା ପାଇଁ ଲାଇଟ୍ ପ୍ରଦାନ କରିବା ନିମନ୍ତେ ସେ ଅନୁରୋଧ କରିଥିଲେ। ସ୍ଥାନୀୟ ମହିଳା ସାବିତ୍ରୀ ଦେହୁରୀ କହିଥିଲେ, ମଣିଷର ଆବଶ୍ୟକତା ଅଧିକ ହେବାରୁ ଜଙ୍ଗଲ ପଦା ହେଲା, ଖଣି ଖନନ ହେତୁ ହାତୀ ଗ୍ରାମାଭିମୁଖୀ ହେଲେ। ଗ୍ରାମର ମହିଳା ସୁମିତ୍ରା ପ୍ରଧାନ କହିଥିଲେ, ୩୦ ବର୍ଷ ପୂର୍ବରୁ ହାତୀ, ଜଙ୍ଗଲ ଓ ମଣିଷ ପରସ୍ପର ପରିପୂରକ ଥିଲେ। ଜଙ୍ଗଲରେ ନିଆଁ, ବ୍ୟାପକ ଖଣି ଖନନ ହେତୁ ସୁସମ୍ପର୍କ ତିକ୍ତତା ଓ ସଂଘର୍ଷରେ ପରିଣତ ହୋଇଛି। ସ୍ଥାନୀୟ ମହିଳା ଫୁଲେଶ୍ୱରୀ ସେଠୀ କହିଥିଲେ, ଅତୀତରେ ହାତୀ ଗ୍ରାମକୁ ଆସୁଥିବା ବେଳେ ଗ୍ରାମବାସୀ ହାତୀ ଦେଖୁଥିଲେ। ମାନବୀୟ ଆବଶ୍ୟକତା ପାଇଁ ଜଙ୍ଗଲ ଛାରଖାର ହେଲା, କାଠ ଓ ଖଣି ପାଇଁ ଜଙ୍ଗଲ ଧ୍ୱଂସ ସହିତ ହାତୀର ଚଲାପଥକୁ ନଷ୍ଟ କରାଗଲା, ଫଳରେ ଜଙ୍ଗଲ ଛାଡ଼ି ହାତୀ ଗାଁ ମୁହାଁ ହେଲେ। ସ୍ଥାନୀୟ ଯୁବକ ପ୍ରଶାନ୍ତ କୁମାର ପରିଡ଼ା ମତବ୍ୟକ୍ତ କରିଥିଲେ, ଘରକୁ ଭାଙ୍ଗିଲେ ମଣିଷ ପ୍ରତିକ୍ରିୟାଶୀଳ ହୋଇଯାଉଛି। ତେଣୁ ହାତୀ ଭଳି ଏକ ବିଶାଳ ବନ୍ୟପ୍ରାଣୀର ବାସସ୍ଥାନକୁ ନଷ୍ଟ କରାଗଲେ ସେ ମଧ୍ୟ ପ୍ରତିକ୍ରିୟାଶୀଳ ହୋଇ ହିଂସ୍ର ହେଉଛି। ସ୍ଥାନୀୟ ଯୁବକ ସୁଶାନ୍ତ ପଲେଇ କହିଥିଲେ, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ହାତୀ ସଭାର ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ। ଏ ନେଇ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୁବ୍‌ଶୀଘ୍ର ହାତୀ ସୁରକ୍ଷା ସ୍ୱତନ୍ତ୍ର ନୀତି ପ୍ରଣୟନ କରିବେ। ଏସିଆନ ଏଲିଫ୍ୟାଣ୍ଟ ସ୍ପେଶିସ ସର୍ଭାଇଭାଲ ସେଣ୍ଟର ହେବ ବୋଲି ଘୋଷଣା କରିବା ଏକ ସୁନ୍ଦର ପଦକ୍ଷେପ ବୋଲି କହିଥିଲେ। ହାତୀ ମୁଖ୍ୟତଃ ଗ୍ରାମାଭିମୁଖୀ ହେବାର କାରଣ ମହୁଲ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ମହୁଲିର ବାସ୍ନା, ହାଣ୍ଡିଆର ବାସ୍ନା ହାତୀଙ୍କୁ ଆକୃଷ୍ଟ କରୁଛି। ପଣସ ଓ କଦଳୀ ଖାଇବା ପାଇଁ ଅଧିକାଂଶ ସମୟରେ ହାତୀ ଗ୍ରାମକୁ ପ୍ରବେଶ କରୁଛି ବୋଲି ସେ କହିଥିଲେ।

ସଭାରେ ଅନ୍ୟମାନଙ୍କ ମଧ୍ୟରେ ଏଫ୍‌ଇଏସ୍ ସଂସ୍ଥାର ସ୍ୱସ୍ତିକ ତ୍ରିପାଠୀ, ସଂସ୍ଥାର ପ୍ରକଳ୍ପ ପରିଚାଳକ ଭବାନୀ ଶଙ୍କର ପରିଡ଼ା, ବିକାଶ ସାଥୀ ସଦସ୍ୟ ମାନସ ପଣ୍ଡା, ଅରବିନ୍ଦ ସିଂ, କୁମୁଣ୍ଡି ପଞ୍ଚାୟତର ନାଏବ ସରପଞ୍ଚ ନୀଳାଦ୍ରି ସେନାପତି, ଗ୍ରାମର ବରିଷ୍ଠ ନାଗରିକ ବିରଞ୍ଚି ନାରାୟଣ ଦେହୁରୀ ପ୍ରମୁଖ ଯୋଗଦେଇ ଉପାଦେୟ ମନ୍ତବ୍ୟ ପ୍ରଦାନ କରିଥିଲେ।



ହାତୀ ସଭାରେ ଯୋଗଦେବା ଅବସରରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ଭୂୟାଁ ଜୁଆଙ୍ଗପିଢ଼ ରେଞ୍ଜ ଅଧିକାରୀ ନୟନକାନ୍ତ ସାହୁ, ଏଫ୍‌ଇଏସ୍ ଏବଂ ବିକାଶ ସାଥୀର କର୍ମକର୍ତ୍ତା।

# ଭଦ୍ରକ କଲେଜରେ ଛାତ୍ର ଅଶାନ୍ତି



ପୋଲିସ କଲେଜ ଅଧକ୍ଷ ଡ. ଦୁର୍ଗାଶଙ୍କର ଦାଶଙ୍କ ସହ ଆଲୋଚନା କରୁଛି।

## ମୁଖ୍ୟ ଫାଟକରୁ ବ୍ୟାନର କଢ଼ାଯିବାକୁ ବିରୋଧ

ଭଦ୍ରକ,୮।୯(ସନାତନ ରାଉତ)

ଭଦ୍ରକ କଲେଜ ମୁଖ୍ୟ ଫାଟକରୁ ବ୍ୟାନର କଢ଼ାଯିବାକୁ ନେଇ ସୋମବାର ଛାତ୍ର ଅଶାନ୍ତି ଦେଖାଦେଇଛି। ୨ ଛାତ୍ର ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ସନ୍ଧ୍ୟାରେ ଏସ୍‌ପି ଓ ଟାଉନ ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଘଟଣାସ୍ଥଳରେ ପୋଲିସ ମୁତୟନ କରାଯିବା ସହ ସ୍ଥିତି ଉପରେ କଡ଼ା ନଜର ରଖାଯାଇଛି।

ସୂଚନା ଅନୁଯାୟୀ, ନିକଟରେ କଲେଜ ପଡ଼ିଆରେ ସ୍ଥାନୀୟ ଏକ କ୍ଲବ୍ ପକ୍ଷରୁ ଗଣେଶ ପୂଜା କରାଯାଇଥିଲା। ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା କଲେଜର ମୁଖ୍ୟ ଫାଟକରେ ସେହି କ୍ଲବ୍‌ର ଏକ ବ୍ୟାନର ଲଗାଯାଇଥିଲା। ଏହାକୁ ନେଇ କେତେଜଣ କଲେଜ ଛାତ୍ର ଅସନ୍ତୋଷ ପ୍ରକାଶ କରିଥିଲେ। କଲେଜ ଫାଟକରେ ନିର୍ଦ୍ଦିଷ୍ଟ ଏକ କ୍ଲବ୍‌ର ବ୍ୟାନର ଲଗାଯିବାକୁ ସେମାନେ ବିରୋଧ କରିବା ପରେ ତାହାକୁ ହଟାଇ ଦିଆଯାଇଥିଲା। ସୋମବାର ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଲେଖାଥିବା ଏକ ବ୍ୟାନର ଫାଟକରେ ଲଗାଯାଇଥିଲା। କଲେଜର ଅନ୍ୟ ଏକ ଛାତ୍ର ଗୋଷ୍ଠୀ ଅପରାହ୍ନରେ ଏହି ବ୍ୟାନରକୁ ଖୋଲିଦେବାରୁ ଛାତ୍ର ଅଶାନ୍ତି ସୃଷ୍ଟି ହୋଇଥିଲା। କେତେଜଣ ଛାତ୍ର ବ୍ୟାନର କାହିଁକି ଖୋଲାଗଲା ବୋଲି କହି ହୋହଲ୍ଲା କରିଥିଲେ। ଉତ୍ତେଜନା ଖବରପାଇ ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚି କଲେଜ ଅଧକ୍ଷ ଡ. ଦୁର୍ଗାଶଙ୍କର ଦାଶଙ୍କ ସହ ଆଲୋଚନା କରିଛି। ଛାତ୍ର ଓଁକାର ମହାନ୍ତି କହିଛନ୍ତି, ଗେଟ୍‌ରେ ନିଜ କଲେଜର ନାମ ଲେଖାଥିବା ଏକ ବ୍ୟାନର ଅଧକ୍ଷଙ୍କ ସ୍ୱୀକୃତି ନେଇ ଲଗାଯାଇଥିଲା। ସେମାନଙ୍କୁ ନ ଜଣାଇ ତାହାକୁ ଖୋଲି ଦିଆଯିବା ନିନ୍ଦନୀୟ ଘଟଣା। ସେହି ବ୍ୟାନର ପୁଣିଥରେ ଲଗାଇବା ସହ କଲେଜ ଫାଟକ କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରାଯିବାକୁ ସେ ଦାବି କରିଛନ୍ତି।



“ ତୁମେ ଯେଉଁ ଉର୍ଦ୍ଧ୍ୱ ଆଧ୍ୟାତ୍ମିକ ସ୍ତରକୁ ଯିବାକୁ ଚାହୁଁଛ–ସେଠାରେ ପହଞ୍ଚି ପାରିବା ବିଷୟରେ ତୁମେ ସଂପୂର୍ଣ୍ଣ ନିଶ୍ଚିତ ହେବା ପୂର୍ବରୁ ତୁମ ଭିତରେ ବିଚାର ବୁଦ୍ଧିକୁ ଅବଶ୍ୟ ସଜାଗ ଓ ସକ୍ରିୟ ରଖିବ। ତା’ହେଲେ ଯାଇ ତୁମେ ପଥଚ୍ୟୁତ ବା ପଦସ୍ଖଳନ ହୋଇଯିବାର ଆଶଙ୍କାରୁ ନିଜକୁ ରକ୍ଷା କରିପାରିବ। –ଶ୍ରୀମା



# ଯୁବ ମେଣ୍ଢା

ହିମାଳୟ ଦେଶ ନେପାଳରେ ସରକାର ବିରୋଧୀ ବିକ୍ଷୋଭ ଶୀର୍ଷରେ ପହଞ୍ଚିଛି। କିଛିଦିନ ପୂର୍ବରୁ ସେଠାରେ ରାଜତନ୍ତ୍ର ସପକ୍ଷରେ ଆନ୍ଦୋଳନ ଦେଖାଦେଇଥିଲା। ହେଲେ ଏବର ପ୍ରତିବାଦର ନେତୃତ୍ୱ ନେଇଛନ୍ତି ଜେନ୍ ଜେଡ୍ ବର୍ଗ। ଉଲ୍ଲେଖଯୋଗ୍ୟ ଯେ, ୧୯୯୭ରୁ ୨୦୧୨ ମଧ୍ୟରେ ଜନ୍ମଗ୍ରହଣ କରିଥିବା ଏହି ପିଢ଼ି ଦେଶରେ ଗତ ୪ ତାରିଖରୁ ସେଠାକାର ସରକାରଙ୍କ ଦ୍ୱାରା ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ୟୁ୍ୟଟୁବ୍, ହ୍ୱାଟ୍ସଆପ୍ ଭଳି ୨୬ଟି ସୋସିଆଲ ମିଡିଆକୁ ଅଚଳ କରିଦିଆଯିବା ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଛନ୍ତି। ନାଗରିକର ବାକ୍ ସ୍ୱାଧୀନତା ଓ ଅଭିବ୍ୟକ୍ତି ସ୍ୱାଧୀନତାକୁ ସଙ୍କୁଚିତ କରିଦିଆଯିବାରୁ ‘ହାମି ନେପାଳ’ ଆହ୍ୱାନରେ ଯୁବବର୍ଗ ୮ ସେପ୍ଟେମ୍ବରରେ କାଠମାଣ୍ଡୁସ୍ଥିତ ପାର୍ଲାମେଣ୍ଟ ଭବନ ଆଡ଼କୁ ମାଡ଼ି ଆସିଛନ୍ତି। ବିକ୍ଷୋଭକୁ ପ୍ରତିହତ କରିବା ଲାଗି ଓ.ପି. ଶର୍ମା ଓଲି ସରକାର କଠୋର ହେବାରୁ ୨୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୫୦ରୁ ଅଧିକ ଆହତ ହୋଇଛନ୍ତି। ସୋସିଆଲ ମିଡିଆ ବନ୍ଦ ସପକ୍ଷରେ ସରକାର ସଫେଇ ଦେଇଛନ୍ତି ଯେ, ସମ୍ପୃକ୍ତ କମ୍ପାନୀଗୁଡ଼ିକ ସରକାରୀ ନିୟମାବଳୀକୁ ଉଲ୍ଲଂଘନ କରିବା ସହିତ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରଣାଳୟ ଅଧୀନରେ ପଞ୍ଜୀକୃତ ହେଉ ନ ଥିବାରୁ ଏଭଳି ପଦକ୍ଷେପ ନିଆଯାଇଛି। ହେଲେ ଭିତିରି କଥା ଦେଖିଲେ ଦେଶରୁ ଦୁର୍ନୀତି ହଟାଇବା, ସରକାରଙ୍କ ଏକଚ୍ଛତ୍ରବାଦୀ ଶାସନ ଏବଂ ନେପାଳର ଦୁର୍ବଳ ଗଣତନ୍ତ୍ରରେ ଚାଇନାର ଅଯଥା ହସ୍ତକ୍ଷେପକୁ ବିରୋଧ କରି ଯୁବବର୍ଗ ପ୍ରତିବାଦର ସ୍ୱରକୁ ଦୃଢ଼ କରିଛନ୍ତି। ବର୍ଷ ବର୍ଷ ଧରି ନେପାଳର ରାଜନୈତିକ ଅସ୍ଥିରତା, ଅର୍ଥନୈତିକ ମାନ୍ଦାବସ୍ଥା ଓ ନାଗରିକଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ କରାଯାଉ ନ ଥିବାରୁ ସେଠାକାର ଯୁବବର୍ଗ ସରକାର ବିରୋଧରେ ବିକ୍ଷୋଭ କରିବା ଅନ୍ତର୍ଜାତୀୟ ସମୁଦାୟର ଦୃଷ୍ଟି ଆକର୍ଷଣ କରିଛି।

> **ଭାରତର ଯୁବବର୍ଗ ନୂତନତ୍ୱ ବୁଝିବା ପରିବର୍ତ୍ତେ କେବଳ ତତ୍‌କ୍ଷଣାତ୍ ସୁବିଧା ଖୋଜୁଥିବା ହେତୁ ସେମାନେ ଏହି ଦେଶର ଭବିଷ୍ୟତରେ ପରିବର୍ତ୍ତନ ଆଣିଲା ଭଳି ଦେଖାଯାଉ ନାହିଁ। ମନେରଖିବାକୁ ହେବ ଯେ, ପାଟିଫିଟାଇ ନିଜ ମତବ୍ୟକ୍ତ କରିବାକୁ ଅନିଚ୍ଛୁକ ଯୁବପିଢ଼ି କେବଳ ମେଣ୍ଢା ଭାବେ ପଲରେ ମାତି ଡେଇଁଲେ ଉନ୍ନତ ଜାତି ସୃଷ୍ଟି ହେବ ନାହିଁ।**

ଯୌବନକୁ କେବଳ କ୍ୟାଲେଣ୍ଡର ବର୍ଷରେ ମାପିହୁଏ ନାହିଁ। ଯୌବନକୁ ଚିହ୍ନିବା ପାଇଁ ଦୃଢ଼ ମାନସିକ ଆଭିମୁଖ୍ୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସମସ୍ତେ କହନ୍ତି ଯେ, ଭବିଷ୍ୟତ ନାଗରିକର ହିତ ସକାଶେ ଆଜିର ଦେଶକୁ ଗଠନ କରାଯିବା ଦରକାର। ସେତେବେଳେ ଯୁବପିଢ଼ି ସବୁ କ୍ଷେତ୍ରରେ ଯୋଗ୍ୟ ହେବା ପାଇଁ ଚେଷ୍ଟା କରିବା ଆବଶ୍ୟକ। ଯୁବପିଢ଼ିର କର୍ତ୍ତବ୍ୟ ହେଉଛି ପୁରୁଣା ଢାଞ୍ଚାକୁ ଭାଙ୍ଗି ନୂଆ ସମାଜ ଓ ବ୍ୟବସ୍ଥା ସକାଶେ ପ୍ରଚେଷ୍ଟା କରିବା। ସେଥିରୁ ଓହରି ଗଲେ ଏବଂ କେବଳ ସ୍ୱାର୍ଥପର ହୋଇ ସମୂହ ବିକାଶକୁ ଅଣଦେଖା କରୁଥିଲେ ତାହାକୁ ଯୁବପିଢ଼ି କୁହାଯିବ ନାହିଁ। ଯେମିତି ଅନ୍ୟ ଦେଶଗୁଡ଼ିକରେ ଯୁବପିଢ଼ି ସବୁବେଳେ ଆନ୍ଦୋଳନ ମାଧ୍ୟମରେ ତ୍ରୁଟିପୂର୍ଣ୍ଣ ଆଇନ ବଦଳାଇ ଦେଇଥାଏ, ସେହିଭଳି ସ୍ଥିତି ଆଜି ନେପାଳରେ ଦେଖିବାକୁ ମିଳିଛି। ଭାରତର ପଡ଼ୋଶୀ ନେପାଳର ଯୁବପିଢ଼ି ନିଜର ସ୍ଥାନ ଭିନ୍ନ ସ୍ତରକୁ ନେଇପାରିଛି। ଯେତେବେଳେ ପାକିସ୍ତାନ, ଭାରତ ଓ ବାଂଲାଦେଶ ଭଳି ରାଷ୍ଟ୍ରରେ ଇଣ୍ଟରନେଟ୍ ବନ୍ଦ କରାଯାଉଛି ଓ ସୋସିଆଲ ମିଡିଆକୁ ଅଟକାଇ ଦିଆଯାଉଛି, ସେତେବେଳେ ଯୁବଶକ୍ତିର କୌଣସି ପ୍ରତିବାଦର ସ୍ୱର ଶୁଣିବାକୁ ମିଳୁନାହିଁ। ତାହା ପ୍ରମାଣ କରୁଛି ଯେ ଭାରତ ଭଳି ଦେଶରେ, ଶାରୀରିକ ବା କ୍ୟାଲେଣ୍ଡର ବୟସକୁ ଦେଖିଲେ ଅଧିକ ଯୁବ ଜନସଂଖ୍ୟା ଥିବା ସତ୍ତ୍ୱେ, ଯୁବଶକ୍ତି ସମ୍ପୂର୍ଣ୍ଣ ଭାବେ ଶିଥିଳ ପଡ଼ିଯାଇଛି। ଏହା ପ୍ରମାଣ କରୁଛି ଯେ, ଭାରତର ଯୁବବର୍ଗ ନୂତନତ୍ୱ ବୁଝିବା ପରିବର୍ତ୍ତେ କେବଳ ତତ୍‌କ୍ଷଣାତ୍ ସୁବିଧା ଖୋଜୁଥିବା ହେତୁ ସେମାନେ ଏହି ଦେଶର ଭବିଷ୍ୟତରେ ପରିବର୍ତ୍ତନ ଆଣିଲା ଭଳି ଦେଖାଯାଉ ନାହିଁ। ମନେରଖିବାକୁ ହେବ ଯେ, ପାଟିଫିଟାଇ ନିଜ ମତବ୍ୟକ୍ତ କରିବାକୁ ଅନିଚ୍ଛୁକ ଯୁବପିଢ଼ି କେବଳ ମେଣ୍ଢା ଭାବେ ପଲରେ ମାତି ଡେଇଁଲେ ଉନ୍ନତ ଜାତି ସୃଷ୍ଟି ହେବ ନାହିଁ।

ନେପାଳର ଯୁବପିଢ଼ି ନିଜର ଭିନ୍ନତା ପ୍ରମାଣ କରିପାରିଛି। ଏଭଳି ଧରଣର ବିକ୍ଷୋଭ ପଡ଼ୋଶୀ ଦେଶରେ ଦେଖିବାକୁ ମିଳୁ ନ ଥିଲା। ପ୍ରଥମେ ବାଂଲାଦେଶରେ ଛାତ୍ର ଓ ଯୁବବର୍ଗ ସେଠାକାର ସରକାର ପରିବର୍ତ୍ତନ କରିବାରେ ସଫଳ ହେଲେ। ଏବେ ନେପାଳର ଯୁବଶକ୍ତି ଏକ ନୂତନ ଲଢ଼େଇ ଆରମ୍ଭ କରିଛନ୍ତି। ସେମାନେ ଯଦି ସଫଳ ହୁଅନ୍ତି, ତେବେ ପ୍ରମାଣ ମିଳିବ ଯେ ଯୁବପିଢ଼ି ଯେଉଁଠାରେ ନୂଆ ବାଟ ଖୋଜିବ ସେଠାରେ ସଫଳତା ନିଶ୍ଚୟ ମିଳିବ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | 3 | 8 | | | |
| | | | 7 | | 5 | | | |
| 5 | | 4 | | 6 | | | | |
| 9 | 4 | | | | | | | |
| | | | 6 | | | | 2 | 1 |
| 3 | | | | | | | | 4 |
| | | 8 | | 7 | | | 4 | |
| | | | 5 | 2 | | | 9 | |
| | | 1 | | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 5 | 1 | 2 | 8 | 3 | 6 | 9 |
| 3 | 1 | 6 | 9 | 5 | 4 | 2 | 8 | 7 |
| 9 | 8 | 2 | 7 | 6 | 3 | 1 | 5 | 4 |
| 1 | 5 | 8 | 3 | 4 | 7 | 6 | 9 | 2 |
| 6 | 2 | 9 | 5 | 8 | 1 | 7 | 4 | 3 |
| 7 | 3 | 4 | 6 | 9 | 2 | 8 | 1 | 5 |
| 5 | 4 | 1 | 2 | 7 | 6 | 9 | 3 | 8 |
| 2 | 9 | 3 | 8 | 1 | 5 | 4 | 7 | 6 |
| 8 | 6 | 7 | 4 | 3 | 9 | 5 | 2 | 1 |

ଗତକାଲିର ଉତ୍ତର

# ପାଗଳ ପ୍ରେମିକ ଦଳ




ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଆମ ସମୟର ଜଣେ ପ୍ରଥିତଯଶା ମାନବବାଦୀ କବି ସୂର୍ଯ୍ୟ ମିଶ୍ରଙ୍କର ଏକ କାବ୍ୟଗ୍ରନ୍ଥର ନାମ ‘ପାଗଳ ପ୍ରେମିକ ଦଳ’। ପ୍ରାୟ ୨୦ ବର୍ଷ ପୂର୍ବରୁ ପ୍ରକାଶିତ ଏହି କବିତା ସଂକଳନର ଶୀର୍ଷକ କବିତାର କେତୋଟି ପଂକ୍ତି ଥିଲା ପ୍ରେମୀମାନଙ୍କ ଚରିତ୍ର ଚିତ୍ରଣର ଏକ ଉଦ୍ଦାମ ପରିଭାଷା। ସେ ପୁରୁଷ ହୁଅନ୍ତୁ କି ନାରୀ, ସେମାନଙ୍କ ଉଛୁଳା ପ୍ରେମ ପ୍ରବାହର ଏକ ମନୋରମ ଚିତ୍ର ଆଙ୍କି କବି ଲେଖିଥିଲେ, “ସେମାନେ ନିଆଁରେ ଚାଲିବେ, ପବନକୁ ହାତମୁଠାରେ ରଖିବେ, ଲହୁଣିର କଣ୍ଢେଇକୁ ଶିଖାଇବେ ଦୁଃସାହସ। ମାନ ସମ୍ମାନ, ଭୟଭ୍ରାନ୍ତି ଓ ଲାଜ ସରମକୁ ତୁଚ୍ଛ କରି ସେମାନେ ଲେଖିବେ ଭଲପାଇବାର ଅକ୍ଷର; ଝଲସିବ ଯେଉଁଥିରେ ତ୍ରିକାଳ କପାଳ, ସେମାନେ ପାଗଳ ପ୍ରେମିକ ଦଳ”। ପ୍ରେମିକଙ୍କ ପ୍ରେମ ପ୍ରବଣତାର ଏକ ପ୍ରକାର କାବ୍ୟିକ ପରିଭାଷା ମଧ୍ୟରେ ପ୍ରତିଫଳିତ ହେଉଥିଲା ପ୍ରାଚୀନ କାଳର ରାଧାକୃଷ୍ଣ ପ୍ରେମ। କୃଷ୍ଣଙ୍କ ପ୍ରେମରେ ମତୁଆଲା ହୋଇ ନିଜ ସଂଭ୍ରାନ୍ତ ଆଭିଜାତ୍ୟକୁ ପାସୋରି ପକାଇଥିବା ମୀରାଙ୍କ ପାଗଳ ପ୍ରେମ ମଧ୍ୟ ଏହି ପର୍ଯ୍ୟାୟର। ଆମ ଲୋକକଥାରେ ବର୍ଣ୍ଣିତ ନିଜ ନାୟିକା ସହ ମିଳନର ଇଚ୍ଛା ନେଇ ଭୟଙ୍କର ବର୍ଷଣମୁଖର ରାତିରେ ବିଷଧର ସାପ ପିଠିରେ ନଦୀ ପାର ହୋଇଥିବା ପାଗଳ ପ୍ରେମିକ ବିଲ୍ୱମଙ୍ଗଳଙ୍କ ପାଗଳାମିର ପଟାନ୍ତର ନାହିଁ। କବିଙ୍କ କଳନାରେ ଏଇମାନେ ହିଁ ପାଗଳ ପ୍ରେମିକ ଦଳ, ଦୃଷ୍ଟାନ୍ତନୀୟ ଓ ଆଦର୍ଶସ୍ଥାନୀୟ। ଅଥଚ କଥିତ କବିତାର ଆଉ କେଇପାଦ ଆଗକୁ ପଢ଼ିଲେ ଏମିତି ଥୋକେ ପାଗଳ ପ୍ରେମିକଙ୍କୁ ସାମ୍‌ନା କରିବାକୁ ପଡ଼େ, ଯେଉଁମାନେ ସମ୍ପୂର୍ଣ୍ଣ ଭିନ୍ନ ସମ୍ପ୍ରଦାୟର। ଏମାନଙ୍କ ପ୍ରେମ –ପାଗଳାମିରେ ନା ଥାଏ ଦିବ୍ୟ ପ୍ରେମର ଅନୁଭବ, ନା ଥାଏ ସାନ୍ନିଧ୍ୟ ଓ ସମର୍ପଣର ଆଦର୍ଶବୋଧ। ନା ଥାଏ ଆମ ସଂସ୍କୃତି ଓ ପରମ୍ପରା ପ୍ରତି ସମ୍ମାନବୋଧ ନା ଥାଏ ସାମାଜିକ ସଂସ୍କାର ପାଇଁ ନିମ୍ନତମ ସମ୍ଭ୍ରମବୋଧ। ବାସ୍, କେବଳ କୁତ୍ସିତ ଦେହଭୋଗର ଉତ୍କଟ ଉଦ୍ଦାମତା, ଆଉ ଉଦ୍ଦଣ୍ଡ ଯୌବନର ଉଲଗ୍ନ ଅସଭ୍ୟତା। ସାମ୍ପ୍ରତିକ କାଳରେ ବାରମ୍ବାର ଆଖିରେ ପଡୁଥିବା ଏଇ ପାଗଳ ପ୍ରେମୀଙ୍କ ଚିତ୍ର ଓ ଚରିତ୍ର କୋଡ଼ିଏ ବର୍ଷ ତଳେ କ୍ରାନ୍ତିଦ୍ରଷ୍ଟା କବିଙ୍କ ଚେତନାରେ କେମିତି ପ୍ରତିବିମ୍ବିତ ହୋଇଥିଲା କେଜାଣି, ତାଙ୍କ କବିତାରେ ଚିତ୍ରିତ ହୋଇଥିଲା ଏକ ଭୟଙ୍କର ଚେତାବନୀ। ସେ ଆଙ୍କିଥିଲେ ଆସ୍ତେ ଆସ୍ତେ ଅସୁସ୍ଥ ହୋଇ ପଡୁଥିବା ଗୋଟିଏ ଅସହାୟ ସମାଜର କରୁଣ ଚିତ୍ରପଟ। କବି ଲେଖିଥିଲେ– “ବର୍ଷ କେଇଟାରେ ବଦଳିଗଲା ପ୍ରେମର ପରିଭାଷା। ଉଲଙ୍ଗ ନାଚ ଆରମ୍ଭ କଲା ତା’ର ରୁଦ୍ଧ ଅହଂକାର, ଆଦର୍ଶ ଲୁଚାଇ ରଖିଲା ଆପଣାର ଅର୍ଥ, ପ୍ରେମର ଅନନ୍ତ ଶୋଷ ପିଇଲା ଗରଳ। ପ୍ରେମର ମଞ୍ଚ ଉପରେ ଅଶ୍ଳୀଳ ଅଭିନୟ ଲାଗି ସେଇ ପ୍ରେମିକ ଦଳ ଅତ୍ୟନ୍ତ ପାଗଳ।”

ଅଳ୍ପଦିନ ତଳେ ଆମ ରାଜ୍ୟର ପଟ୍ଟାମୁଣ୍ଡାଇ ଅଞ୍ଚଳର କଲେଜ ଛାତ୍ରୀ ଜଣେ ନିଜ ଦେହରେ ନିଆଁ ଲଗାଇ ମରିବା ମୂଳରେ ହେଲା ପ୍ରେମର ଏହି ପାଗଳପଣ। ପୁଣି କେଇ ମାସ ତଳେ ରାଜଧାନୀର ଏକ ପ୍ରମୁଖ



ଶିକ୍ଷାନୁଷ୍ଠାନର ଦୁଇଜଣ ଛାତ୍ରୀଙ୍କ ଆତ୍ମହତ୍ୟା ପଛରେ ଥିଲା ଏଇ ପ୍ରେମର ବିଷମ ପରିଣାମ। ପ୍ରେମ ନାମରେ କାମନାବାସନା ରାଜ୍ୟରେ ବିଚରଣ କରୁଥିବା ଏଇ ତରୁଣ ବିଦ୍ୟାର୍ଥୀଙ୍କ ସଂଖ୍ୟା ବଢ଼ିବଢ଼ି ଚାଲିଛି। ପାଠ ପଢ଼ିବା ପାଇଁ କଲେଜକୁ ଆସିଥିବା ଛାତ୍ରୀ ବା ଛାତ୍ରଟିଏ ଶିକ୍ଷାୟତନରେ ଆଧୁନିକତା ନାମରେ ଅଙ୍କୁଶବିହୀନ ସମ୍ପର୍କ, ସମ୍ପର୍କରୁ ପ୍ରେମ, ପ୍ରଣୟ ଓ ଆଜୀବନ ସଙ୍ଗୀ ହୋଇ ରହିବାର ପ୍ରତିଶ୍ରୁତି ଓ ପରେ ମୋବାଇଲରେ ଅନ୍ତରଙ୍ଗ ମୁହୂର୍ତ୍ତର ଚିତ୍ରକୁ ସର୍ବଜନବିଦିତ କରିବାର ଧମକ ଦେଇ ଏକ ଅମୂଲ୍ୟ ଜୀବନର ଅକାଳ ଅବସାଦ। ଆଉ ଦିବ୍ୟ ଯୌବନର କି ଦୁର୍ଭାଗ୍ୟପୂର୍ଣ୍ଣ ଯବନିକା ପତନ! କେଇ ଦିନ ତଳେ ସୋସିଆଲ ମିଡିଆରେ ଖେଳି ବୁଲୁଥିବା ଦୃଶ୍ୟଟି ଦେଖି ଦଶବର୍ଷ ତଳୁ ଅବସର ନେଇ ସାରିଥିବା ଏଇ ଅଧ୍ୟାପକ ଜଣକ ଲାଜରେ ମୁହଁ ଲୁଚାଇବାକୁ ଜାଗା ପାଉ ନ ଥିଲା। କୌଣସି କଲେଜର ୟୁନିଫର୍ମପିନ୍ଧା ଛାତ୍ରୀଛାତ୍ର ଦୁହିଁଙ୍କୁ ସହରର ଏକ ନିକାଞ୍ଚନ ସ୍ଥାନରେ ଆପତ୍ତିଜନକ ମୁଦ୍ରାରେ ଆବିଷ୍କାର କରିଥିଲେ କେଇଜଣ ସ୍ଥାନୀୟ ଯୁବକ। ଅସଂଯତ ଅବସ୍ଥାରେ ଥିବା ଛାତ୍ରୀଟି ବିକଳରେ ତା’ ଫଟୋ ନ ଉଠାଇବାକୁ ଅନୁନୟ ହେଉଥିବାର ଦୃଶ୍ୟ ଏ ଲେଖକ ମନରେ ଭାବାନ୍ତର ସୃଷ୍ଟି କରୁଥିଲା। କଲେଜକୁ ପାଠ ପଢ଼ିବାକୁ ଯାଉଛି କହି ଘର ଛାଡ଼ିଥିବା ନିଜ କନ୍ୟାର କୁତ୍ସିତ ରୂପ ଓ କଳଙ୍କିତ କାହାଣୀ ହୁଏତ ପ୍ରତ୍ୟକ୍ଷ କରୁଥିବେ ସମାଜରେ ସଂସ୍କାରସମ୍ପନ୍ନ ଭାବେ ପରିଚିତ ହେଉଥିବା ତା’ର ମାତାପିତା। ଚରମ ଅସ୍ୱସ୍ତି ଓ ଅପମାନରେ ମଳିନ ହୋଇ ଯାଇଥିବ ସେମାନଙ୍କ ହୃଦୟ। ସମପକାର ବିଘଟନର ସମ୍ଭାବନାରେ ଆତଙ୍କିତ ହୋଇ ଉଠିଥିବେ କଲେଜପଢୁଆ କନ୍ୟାମାନଙ୍କର ଅବଶିଷ୍ଟ ମାତାପିତାମାନେ। ନିଜ ପିଲାମାନଙ୍କୁ ଦେଇଥିବା ଶିକ୍ଷା, ଦୀକ୍ଷା ଓ ସଂସ୍କାରର ସମୀକ୍ଷା କରିଥିବେ ସେମାନେ ଏବଂ ନୀରବରେ ନିନ୍ଦୁଥିବେ ନିଜ ଦୁର୍ଭାଗ୍ୟକୁ। ମାତ୍ର ବିଡ଼ମ୍ବନାର ବିଷୟ, ଝିଅପୁଅମାନେ କିନ୍ତୁ ସେମାନଙ୍କ ମା’ବାପା ଦେଇଥିବା ସଂସ୍କାର କେବେ ସମୀକ୍ଷା କରନ୍ତି ନାହିଁ। ସେମାନଙ୍କ ପାଇଁ ମାତାପିତାଙ୍କ ତ୍ୟାଗ ଓ ତପସ୍ୟାକୁ ମନେପକାନ୍ତି ନାହିଁ। ସେମାନଙ୍କ ଶିକ୍ଷା ପାଇଁ ଖର୍ଚ୍ଚ ହୋଇଥିବା ଲକ୍ଷ ଲକ୍ଷ ଟଙ୍କା ବା ସେମାନଙ୍କୁ ନେଇ ଦେଖୁଥିବା ସ୍ୱପ୍ନ ସମ୍ପର୍କରେ ଚିନ୍ତା କରିବାକୁ ସେମାନଙ୍କର ନା ଥାଏ ସ୍ପୃହା ନା ସମୟ! ମୂଳ ଲକ୍ଷ୍ୟଠାରୁ ଦୂରେଇ ଯାଇ ସେମାନେ ଅମଡ଼ାବାଟରେ ପାଦ ଥାପନ୍ତି। ପରିଣାମ ହୁଏ ଅତ୍ୟନ୍ତ ପ୍ରତ୍ୟାଶିତ। କେଉଁଠି ଆଦିମ କ୍ରୀଡ଼ାର ସେଇ ଗୋପନୀୟ ଦୃଶ୍ୟ ସର୍ବଜନବ୍ୟାପ୍ତ ହୁଏ ତ ଅନ୍ୟ କେଉଁଠି ଅବାଞ୍ଛିତ ଗର୍ଭଧାରଣର ଜ୍ୱଳନ ନିଜ ସହିତ ନିଜ ମା’ବାପାଙ୍କୁ ଦଗ୍ଧିଭୂତ କରେ। କେଉଁଠି ଅନୂଢ଼ା କିଶୋରୀଟିଏ ଆତ୍ମହତ୍ୟା କରେ ଅବା ଲୋକଲଜ୍ଜା ସହି ନ ପାରି ତାକୁ ହତ୍ୟା କରନ୍ତି ତା’ର ମାତାପିତା! ନବ୍ୟ ଆଧୁନିକତାର ଉତ୍ତାଳ ତରଙ୍ଗରେ ଭାସିଯାଇ ନିଜ ସତ୍ତା ହରାଇ ବସେ ଏକ ସ୍ୱପ୍ନମୟ ସମ୍ଭାବନା। ପ୍ରେମ ପ୍ରବାହର ମାରାତ୍ମକ ସ୍ରୋତରେ ଭାସିଯାଇ ବିବାହ ବନ୍ଧନରେ ଆବଦ୍ଧ ହୋଇ ସଂସାର କରିଥିବା ବୟସ୍କ ଦମ୍ପତିମାନେ ମଧ୍ୟ ପରକୀୟା ପ୍ରେମରେ ନିଜର ଦିଗ ହରାଇବସନ୍ତି। ନିଜ ସଂସ୍କାର ଓ ସଂସ୍କୃତିକୁ ବିସ୍ମରି ଯାଇ ପତିପତ୍ନୀ ସମ୍ପର୍କରୁ ପବିତ୍ରତାକୁ ପିଠି କରି ପରକୀୟା ସମ୍ପର୍କରେ ପାଗଳ ହୋଇଯା’ନ୍ତି ଏମାନେ। ଏକାଧିକ ସମ୍ପର୍କ ସହ ଦେହଭୋଗର ଲାଳସାକୁ ଚରିତାର୍ଥ କରିବାକୁ ଏମାନେ ଅପରାଧ କରିବାକୁ ପଛାଇ ଯାଆନ୍ତି ନାହିଁ। ପଥହୁଡ଼ା ତାରୁଣ୍ୟର ପାଗଳାମିଠାରୁ ଏମାନଙ୍କ ପାଗଳାମି ଅଧିକ ଉତ୍କଟ। ଏମାନେ ଅନ୍ୟର ଜୀବନ ନେବାକୁ ପଛାନ୍ତି ନାହିଁ। ନିଜ ପ୍ରେମିକାକୁ ପାଇବା ପାଇଁ ପତ୍ନୀକୁ ହତ୍ୟା କରିବା ଅବା ପ୍ରେମିକ ସହ ମିଶି ନିଜ ପତିର ଜୀବନ ନେବା ଭଳି ପାଗଳାମିର ଦୃଷ୍ଟାନ୍ତ ଏବେକାର ସମାଜରେ ଆଦୌ ବିରଳ ନୁହେଁ। ଏଇ କିଛିଦିନ ତଳେ ନବବିବାହିତ ଦମ୍ପତି ଦୁହେଁ ବିବାହର ସପ୍ତାହେ ନ ପୂରୁଣୁ ନିଜ ଦାମ୍ପତ୍ୟକୁ ସ୍ମରଣୀୟ କରିବାକୁ ମଧୁଚନ୍ଦ୍ରିକା ମନାଇବା ପାଇଁ ମଧ୍ୟପ୍ରଦେଶରୁ ଯାଇଥିଲେ ସୁଦୂର ମେଘାଳୟ। ସେଠାରୁ ଏକା ଫେରି ପତ୍ନୀ ଅଭିଯୋଗ କଲେ କି ତାଙ୍କ ପତି କୁଆଡ଼େ ହଜିଗଲେ ଯେ ସେ ଖୋଜି ଖୋଜି ନିରାଶ ହୋଇ ଏକା ଫେରି ଆସିଲେ। ପରେ ଜଣାପଡ଼ିଲା, ତାଙ୍କ ପ୍ରେମିକକୁ ପାଇବା ପାଇଁ ସେ କେଇ ଲକ୍ଷ ଟଙ୍କା ସୁପାରି ଦେଇ ନିଜ ପତିଙ୍କୁ ହତ୍ୟା କରାଇ ସେଠାକାର ଏକ ଜଳାଶୟରେ ଫିଙ୍ଗିଦେଇ ଆସିଛନ୍ତି। ପ୍ରେମରେ ପାଗଳ ନ ହେଲେ ଜଣେ ତରୁଣୀ କ’ଣ ଏମିତି ନିଷ୍ଠୁର ହୁଅନ୍ତା! ଆଉ ଟିକେ ପରିଣତ ବୟସର ପ୍ରେମ ପାଗଳାମି ତ ଆହୁରି ଭୟଙ୍କର। ଦୁଇବର୍ଷ ତଳେ ଫେସ୍‌ବୁକ୍ ମାଧ୍ୟମରେ ସ୍ଥାପିତ ହୋଇଥିବା ପ୍ରେମ ସମ୍ପର୍କର ନାୟକଙ୍କ ସହ ମିଳିତ ହେବାକୁ ଜଣେ ମଧ୍ୟବୟସ୍କା ଭାରତୀୟ ମହିଳା ପାକିସ୍ତାନ ଚାଲିଯାଇଥିଲେ। ଜଣେ ଅଜଣା ବିଧର୍ମୀ, ବିଦେଶୀ ଯୁବକଙ୍କୁ ପାଇବା ପାଇଁ ନିଜ ଦଶବର୍ଷର ବୈବାହିକ ଜୀବନକୁ ପିଠି କରି, ନିଜ ପତି, ଦୁଇଟି ପିଲା, ଏପରିକି ନିଜ ଦେଶକୁ ତୁଚ୍ଛ କରି ଅମଡ଼ା ବାଟରେ ମାଡ଼ିଯିବାର ପାଗଳାମିକୁ କି ନାମ ଦିଆଯାଇପାରେ! ଯେ ତ ପିଲା, ପରିବାର ଓ ଦେଶ ଛାଡ଼ିବାର କୁତ୍ସିତ ଦୃଷ୍ଟାନ୍ତ। ଆମ ରାଜ୍ୟର ଏକ ଗ୍ରାମ୍ୟମଣ୍ଡଳରେ ଜଣକର ପତ୍ନୀ ଅନ୍ୟ ଜଣଙ୍କର ପତିଙ୍କ ପ୍ରେମରେ ଏମିତି ପରକୀୟାରେ ମାତିଲେ ଯେ କଥା ଚାରିଆଡ଼େ ରାଷ୍ଟ୍ର ହୋଇଗଲା। ଦୁଇଟି ପରିବାରର ସମ୍ମାନ ଭୂଲୁଣ୍ଠିତ ହେଲା। ସମସ୍ତେ ଛି ଛାକର କଲେ। ମାତ୍ର ସେମାନଙ୍କ ପରକୀୟା ପ୍ରୀତି ଏତେ ଉତ୍କଟ ଥିଲା ଯେ, କେହି କାହାରିକୁ ଛାଡ଼ିପାରିଲେନି। ସାମାଜିକ ସଂସ୍କାରର ବାଧାବିଘ୍ନ, ଦୁର୍ଗତି ଦୁର୍ନାମକୁ ପାଦରେ ଆଡ଼େଇ ଦୁହେଁଯାକ ଗୋଟିଏ ଗଛଡାଳରେ ଫାଶୀଦେଇ ଆତ୍ମହତ୍ୟା କଲେ। ପାଗଳାମି ଆଉ କାହାକୁ କହନ୍ତି କି!

ପ୍ରଜ୍ଞା ନିଳୟ, ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୭୨୪୧୦୫

# ସାମ୍ପ୍ରତିକ ସମୟର କାଳନେମୀ



ଡ. ମନୋରଞ୍ଜନ ପ୍ରଧାନ

ରାମାୟଣର ଏକ ଚରିତ୍ର କାଳନେମୀ ମାନେ ମାରୀଚ ନନ୍ଦନ ତଥା ଦଶାନନଙ୍କ ପାରିଷଦର ଜଣେ ମନ୍ତ୍ରୀଙ୍କ କାରନାମା ସମ୍ପର୍କରେ ସମସ୍ତେ ଜାଣିଥିବେ। ଏ ଚରିତ୍ର ନିଜର ଅବାଞ୍ଛିତ ଲୋଭ ସମ୍ବରଣ ନିମନ୍ତେ ହନୁମାନଙ୍କ ସମ୍ମୁଖରେ ସାଧୁ ବେଶରେ ଚିକଣିଆ କଥା କହି କ’ଣ କରିବାକୁ ଚାହୁଁଥିଲା! କାଳନେମୀଙ୍କ ସମ୍ବନ୍ଧରେ ଅଧିକ ଚର୍ଚ୍ଚା ନ କରି ସାମ୍ପ୍ରତିକ ସମୟର କାଳନେମୀଙ୍କ ସମ୍ବନ୍ଧରେ ଆଲୋଚନା କରିବା। ପୁରାଣ ଯୁଗରେ ବା ପୁରାତନ କାଳରେ ଜଣେ ଅଧେ କାଳନେମୀଙ୍କ ଦୃଷ୍ଟିଗୋଚର ହେଉଥିଲେ ବୋଲି ବର୍ଣ୍ଣିତ। ହେଲେ ବର୍ତ୍ତମାନ ସମୟରେ ଘରେ ଘରେ, ସାହି ସାହିରେ, ନଗ୍ର ନଗ୍ରରେ ତଥା ଅତ୍ର, ତତ୍ର, ସର୍ବତ୍ର କାଳନେମୀମାନଙ୍କ ସାକ୍ଷାତ ଦର୍ଶନ ପାଇପାରିବେ। ଏମାନେ ବହୁରୂପୀ ଏବଂ ବହୁବର୍ଣ୍ଣୀ। ନିଜର ସ୍ୱାର୍ଥ ହାସଲ ପାଇଁ ଅନ୍ୟକୁ କଳାକନା ବୁଲାଇ ସର୍ବସ୍ୱ ଲୁଟିନେବା କଳାରେ ଏମାନେ ପାରଙ୍ଗମ। ଏମାନଙ୍କ କଥାରେ ଗୋରସରେ ନୁହେଁ ପାଣିରେ ସର ପଡ଼ିଯାଏ। ଏମାନଙ୍କ ବାକଚାତୁରୀ ଓ ଅନ୍ୟକୁ ବଶୀଭୂତ କରିବାରେ କଥାବାଚକ ବା ବଡ଼ ବଡ଼ ପ୍ରାଧ୍ୟାପକମାନେ ମଧ୍ୟ ହାରମାନିବେ। ସେମାନଙ୍କଠାରୁ ଦୂରେଇ ରହିବା ଜରୁରୀ କିନ୍ତୁ ସଂଖ୍ୟା ଏତେ ଅଧିକ ଯେ ସେମାନଙ୍କ କବଳରୁ ବର୍ତ୍ତିବା ଆଜିର ସମୟରେ କଷ୍ଟକର। ସେମାନେ ସର୍ବତ୍ର ବିଦ୍ୟମାନ। ସେମାନେ ଶବକୁ ନିଲାମ କରିପାରନ୍ତି, ରୋଗ ଶଯ୍ୟାରେ ଛଟପଟ ରୋଗୀଙ୍କୁ ସେବା ଯୋଗେଇ ଦେବା ନାମରେ ପରିବାରବର୍ଗଙ୍କ ସର୍ବସ୍ୱ ଲୁଟି ନିଅନ୍ତି, ବେରୋଜଗାର ଯୁବତୀଯୁବକଙ୍କୁ ଚାକିରି ଦେବା ନାଁରେ ଲକ୍ଷାଧିକ ଟଙ୍କା ଲୁଟ କରିପାରନ୍ତି କିମ୍ବା ଚିର ହିତୈଶୀ ଭାବରେ ଛଦ୍ମବେଶୀ ସାଜି ଆପଣଙ୍କୁ କଷ୍ଟାର୍ଜିତ ସମସ୍ତ ଧନ ସମ୍ପତ୍ତିକୁ କେବଳ ଗୋଟିଏ ଓଟିପିରେ ଖାଲି କରିଦେଇପାରନ୍ତି। ଏମାନେ ଗୋଟିଏ ଗୋଟିଏ ସ୍ୱପ୍ନ ବିକାଳି। ରାତାରାତି ଆପଣଙ୍କୁ ବିଶ୍ୱର ସର୍ବୋଚ୍ଚ ଧନୀ ବ୍ୟକ୍ତି କରେଇବାର ପ୍ରତିଶ୍ରୁତି ଦେଇ ସମ୍ପୂର୍ଣ୍ଣ ପ୍ରତାରଣା କରିବାର ସମସ୍ତ ସାମର୍ଥ୍ୟ ରଖନ୍ତି। କେବଳ ସେତିକି ନୁହେଁ ମୂର୍ଖ, ଅପାଠୁଆ ତଥା ଅଶିକ୍ଷିତଙ୍କ କଥା ଛାଡ଼ନ୍ତୁ ବଡ଼ ପାଠୁଆ, ବଡ଼ ଚାକିରିଆ ତଥା ବଡ଼ ବଡ଼ ଶିଳ୍ପପତି, ବ୍ୟବସାୟୀ, ରାଜନେତା, ଅମଲାତନ୍ତ୍ରୀ ତଥା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ନୈପୁଣ୍ୟ ଲାଭ କରିଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ଠକିବାରେ ଏମାନେ ଧୂରୀଣ ଓ ଧୂର୍ତ୍ତ।

କେଇଦିନ ତଳେ ଜଣେ ଭଦ୍ରବ୍ୟକ୍ତି ଫୋନ କଲେ। ପରିଚୟ ଦେଲେ ଏକ ପ୍ରତିଷ୍ଠିତ ଖବରକାଗଜର ସହସମ୍ପାଦକ ବୋଲି। କହିଲେ ଆମ ଖବରକାଗଜର ଜଣେ ବିତରକ ବନ୍ଧୁ ଭୁବନେଶ୍ୱରର ଏକ ଡାକ୍ତରଖାନାରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ଆମେ



ବିଭିନ୍ନ ଉତ୍ସରୁ ଆପଣମାନଙ୍କ ଭଳି ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ କିଡ୍‌ନୀ ପ୍ରତିରୋପଣ ପାଇଁ ସମସ୍ତ ବ୍ୟବସ୍ଥା କରିଛୁ। ତଥାପି ଆହୁରି ଚାରି ପାଞ୍ଚ ଲକ୍ଷ ଟଙ୍କା ଦରକାର ପଡୁଛି। ଲେଖକମାନଙ୍କୁ ଆମେ କହିବା ଠିକ୍ ନ ହେଲେ ମଧ୍ୟ ଜଣଙ୍କ ଜୀବନ ବଞ୍ଚେଇବା ପାଇଁ ପରିସ୍ଥିତି ବାଧ୍ୟ କରିଛି। ବାସ୍, ଆଉ କେଇପଦ କଥାରେ କାଳନେମୀର ଛଳ ଭେଦ କରି ଅଳ୍ପକେ ବର୍ତ୍ତିଯାଇଥିଲି।

ଆଉ ଗୋଟିଏ ଘଟଣା। ମୋର ଜଣେ ବନ୍ଧୁ ଗୋଟିଏ କଲେଜରେ ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରନ୍ତି। ପ୍ରକୃତରେ ତାଙ୍କ କଲେଜରେ ହଷ୍ଟେଲ ସିଟ୍ ସୀମିତ ତାହା ପୁଣି ନାମ ଲେଖାର ଖୁବ୍ କମ୍‌ଦିନ ଭିତରେ ପିଲାଙ୍କୁ ଚୟନ କରି ଦିଆସରିଛି। କିନ୍ତୁ ଅନେକ ପିଲା ହଷ୍ଟେଲ ପାଇବାକୁ ଆଶାବାଦୀ ଥିଲେ। କେହି ଜଣେ କାଳନେମୀ ଠିକ୍ ଜାଣିପାରି କେତେଜଣ ଛାତ୍ରଙ୍କଠାରୁ ପ୍ରିନ୍ସିପାଲଙ୍କ ପରିଚୟ ଦେଇ ପାଞ୍ଚ ହଜାର ଲେଖାଏ ଅନ୍‌ଲାଇନରେ ନେଇଯାଇଛି। ପିଲାମାନେ ତା’ପରଦିନ ନିଜର ଜିନିଷପତ୍ର ଧରି କଲେଜରେ ପହଞ୍ଚିବା ପରେ ଜଣାପଡିଲା କି ସେ ବ୍ୟକ୍ତି ଆଉ କିଏ ଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଟ୍ରୁକଲରରେ ସେହି ନମ୍ବରରୁ ଫୋନ ଆସିଥିବା ନାମ ପ୍ରିନ୍ସିପାଲ ଅମୁକ କଲେଜ ବୋଲି ଦେଖାଉଛି। ସେଥିପାଇଁ ବିଶ୍ୱାସ କରି ଗରିବ ପିଲାମାନେ ଆଶ୍ରୟ ପାଇବା ଆଶାରେ ଟଙ୍କା ପଠେଇ ଦେଇଛନ୍ତି। ଏସବୁ ବାହାର କାଳନେମୀମାନଙ୍କ କାରନାମା। ବର୍ତ୍ତମାନ ଗୋଟିଏ ଘର ଭିଙ୍କି କୁମ୍ଭୀରର କାଳନେମୀ ରୂପ ସମ୍ବନ୍ଧରେ ଜାଣିବା।

ଜୀବନବ୍ୟାପୀ ପରିଶ୍ରମ ପରେ ଜଣେ ବ୍ୟକ୍ତି ଅବସର ଗ୍ରହଣ କରନ୍ତି ସରକାରୀ ଚାକିରିରୁ। ପୁଅ ଉପରେ ସମ୍ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ। ପୁଅ ମଧ୍ୟ ପାଠୁଆ ଓ ଆଧୁନିକ ପ୍ରଯୁକ୍ତିବିଦ୍ୟାରେ ଧୁରନ୍ଧର। ବାପାଙ୍କୁ ଖୁସି କରିବା ପାଇଁ ପୁଅ ଅନେକ କାମ କରିଦିଏ। ତେଣୁ ବାପାଙ୍କ ସବୁ ବ୍ୟାଙ୍କ କାରବାର ପୁଅ ବୁଝେ। ମାଆ ମଧ୍ୟ ବିଶ୍ୱାସ କରି ନିଜର ଗହଣାଗାଣ୍ଠି ଥିବା ଆଲମାରୀ ଚାବି ଏକୋଇରବଳା ବିଶିକେଶନକୁ ଦେଇଥାନ୍ତି। ପୁଅ ସେମାନଙ୍କ ଆଖିରେ ଧୂଳି ଦେଇ ଘରର ସବୁ କିଣାବିକା କରି ଚାଲିଥାଏ। ଦିନେ କୌଣସି ବନ୍ଧୁଘର ଯିବା ପାଇଁ ମାଆ ସୁନା ହାର ମାଗିଲେ। ପୁଅ କହିଲା, ଆଲମାରୀ ଚାବି ହଜିଯାଇଛି। ପରେ ଜଣେ ଲୋକ ଆସି ତୁମ ପୁଅ ତିନି ଲକ୍ଷ ବାକି କରିଥିବା କହିଲେ। ବାପା ବଜାରରୁ ଫେରିବା ପରେ ଅନ୍ୟ ଏକ ଚାବିରେ ଆଲମିରା ଖୋଲିଲା ବେଳକୁ ଗୋଟିଏ ବି ଗହଣା ନାହିଁ। ଅନୁସନ୍ଧାନରୁ ଜଣାପଡିଲା କି ପୁତ୍ରରୂପୀ କାଳନେମୀ ଅନ୍‌ଲାଇନ ଗେମ୍ ବା ଟ୍ରେଡିଂ (ଜୁଆ) ଖେଳି ସବୁ ବିକ୍ରି କରିଦେଇଛି। ସେଥିରେ ବାପାଙ୍କ ସବୁ ବ୍ୟାଙ୍କ ଜମା ମଧ୍ୟ ଅନ୍ତର୍ଭୁକ୍ତ। କାହାକୁ କହିବେ ଦୁଃଖ। ଏଭଳି ଘଟଣା ଓ କାରନାମା ଆଜିକାଲି ବ୍ୟାପକ ଭାବରେ ଦେଖିବାକୁ ମିଳୁଛି।

ସହକାରୀ ପ୍ରଫେସର, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ,
ମୋ:୯୪୩୭୯୧୪୮୧୮

## ଏଇ ଭାରତରେ

ମହାରାଷ୍ଟ୍ର ସତାରା ଜିଲା ପଡାଲି ଗାଁର କୃଷକ ହୃଷୀକେଶ ଜୟସିଂହ ଧାନେ ଏବେ ଘିକୁଆଁରୀ ଚାଷ କରି ବର୍ଷକୁ ୩.୫ କୋଟି ଟଙ୍କାର ବିଜନେସ କରୁଛନ୍ତି ଏବଂ ଏଥିରୁ ୩୦% ଲାଭ ପାଉଛନ୍ତି। ସେ ଘିକୁଆଁରୀରୁ ସାବୁନ, ଶାମ୍ପୁ, ଜୁସ୍ ଓ ଜୈବିକ କୀଟନାଶକ ପ୍ରସ୍ତୁତ କରୁଛନ୍ତି। ହୃଷୀକେଶ ୮ ଏକରରେ ଏହି ଚାଷ କରୁଛନ୍ତି। ସେ ଅର୍ଥାଭାବ ଭିତରେ ଦଶମ ପାସ୍ କରିବା ପରେ ଅଧିକ ପଢ଼ିବା ଏବଂ ପରିବାର ଚଳାଇବା ଲାଗି ଏକ କମ୍ପାନୀରେ ଚାକିରି କରିଥିଲେ। ସେଥିରୁ ଯାହା ପାଉଥିଲେ ତାହା ଯଥେଷ୍ଟ ନ ହେବାରୁ ସେ ଏକ ନର୍ସରି କରିଥିଲେ ଓ ପରେ ସାର ମଧ୍ୟ ବିକ୍ରି କରି ରୋଜଗାର କଲେ। ଏହି କ୍ରମରେ ୨୦୦୭ରେ ତାଙ୍କ ଜୀବନର ମୋଡ଼ ବଦଳିବାକୁ ଲାଗିଲା। ସେ ତାଙ୍କ ଅଞ୍ଚଳରେ ଚାଷୀମାନେ ଫିଙ୍ଗି ଦେଇଥିବା ଘିକୁଆଁରୀ ପ୍ରାୟ ୪୦୦୦ ଗଛ ଆଣି ଲଗାଇଲେ। ଏବେ ହାରାହାରି ୮୦୦୦ ଲିଟର ଘିକୁଆଁରୀ ରସ ସଂଗ୍ରହ କରି ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ବଡ଼ କଥା ହେଉଛି ସେ ସ୍ଥାନୀୟ ଅଞ୍ଚଳର ଅନେକ ଲୋକଙ୍କୁ ଏହି କାର୍ଯ୍ୟରେ ନିଯୁକ୍ତ କରିଛନ୍ତି। ଚାଷରୁ ଲାଭ କରିବା ପରେ ଝଟିମାଟି ଘର ଜାଗାରେ ଦୁଇମହଲା ଘରଟିଏ କରିପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୯ ସେପ୍ଟେମ୍ବର ୧୯୭୬

- ବିଶିଷ୍ଟ ଉର୍ଦ୍ଦୁ କ୍ଷୁଦ୍ରଗଳ୍ପ ଲେଖକ, ଆକଶବାଣୀର ପୂର୍ବତନ ପ୍ରୋଗ୍ରାମ ଡିରେକ୍ଟର ତଥା ଜମ୍ମୁ ଓ କଶ୍ମୀର ମୁଖ୍ୟମନ୍ତ୍ରୀଙ୍କ ଲୋକସମ୍ପର୍କ ପରାମର୍ଶଦାତା ପି.ଏନ୍. ଧରଙ୍କ ୬୧ ବର୍ଷ ବୟସରେ ପରଲୋକ।
- ଚୀନ ଭୂମିକମ୍ପ ବିଧ୍ୱସ୍ତ ଅଞ୍ଚଳକୁ ତାଇୱାନ୍ ପକ୍ଷରୁ ଉଚ୍ଚ ଶକ୍ତିସମ୍ପନ୍ନ ମାନବ ବିହୀନ ବେଲୁନ ସାହାଯ୍ୟରେ ଖାଦ୍ୟ, ବସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରେରଣ।

## ପାଠକ ଶ୍ରେଷ୍ଠ ବିଚାରକ

### ଋଣ ଆଦାୟକାରୀ ଅସୁରକ୍ଷିତ

ମହାଶୟ,

ଓଡ଼ିଶାରେ ଗ୍ରାମୀଣ ବ୍ୟାଙ୍କର ଅନେକ ଶାଖାରେ ବିଚିତ୍ର ପରିସ୍ଥିତି ସବୁ ଦେଖାଯାଉଛି। ଭାତହାଣ୍ଡିରୁ ଗୋଟିଏ ପରି ଢେଙ୍କାନାଳ ଜିଲା ପରଜଙ୍ଗ ନିକଟସ୍ଥ ଶାଖା କଥା ବିଚାର କରାଯାଉ। ଏହି ଶାଖାରେ ବ୍ୟାଙ୍କ ମୁଖ୍ୟ ପରିଚାଳକଙ୍କୁ ମିଶାଇ ମାତ୍ର ପାଞ୍ଚଜଣ କର୍ମଚାରୀ। କିନ୍ତୁ ପାଞ୍ଚଜଣଙ୍କୁ ଅଫିସରେ ନିୟମିତ କେହି ଦେଖିବାକୁ ପାଆନ୍ତି ନାହିଁ। କାରଣ ଜଣେ ଦି’ଜଣ ନିଶ୍ଚିନ୍ତ ଭାବେ ଡେପୁଟେଶନରେ ଯାଇଥିବେ। ସୂଚିତ କରାଯାଇପାରେ କି ରିଜର୍ଭ ବ୍ୟାଙ୍କର ଜରୁରୀ ଅନୁସୂଚୀ ସର୍କୁଲାର ଅନୁଯାୟୀ ବ୍ୟାଙ୍କ ରିକଭରି ଆଦାୟ ନିମିତ୍ତ ବିନା କମିଟି ଦ୍ୱାରା ଏହାକୁ କାର୍ଯ୍ୟକାରୀ କରିପାରିବେ ନାହିଁ। ଆଶ୍ଚର୍ଯ୍ୟର କଥା ଢେଙ୍କାନାଳର ଅନ୍ୟୂନ ୬୦ରୁ ଉର୍ଦ୍ଧ୍ୱ ଶାଖାରେ ଏହି ନିୟମ କିନ୍ତୁ ପାଳନ ହେଉନାହିଁ। ଋଣ ଆଦାୟ ପାଇଁ ଯାଉଥିବା କର୍ମଚାରୀମାନେ ବିନା ପୋଲିସ ସୁରକ୍ଷାରେ ଯାଉଥିବାରୁ ଗତ ମାସରେ କେବଳ ଢେଙ୍କାନାଳ ଜିଲାର ମହୁଲପାଳ ଶାଖା, ବାଟଗାଁ ଶାଖା, ଜିରିଡାମାଳୀ ଶାଖାରେ ଋଣ ଆଦାୟକାରୀ କର୍ମଚାରୀଙ୍କୁ ଆକ୍ରମଣ କରି ମୁଣ୍ଡ ଜାମିନ ରଖିଥିବାର ଖବର ଚର୍ଚ୍ଚିତ ହୋଇଥିଲା। ଆଶ୍ଚର୍ଯ୍ୟକଥା ହେଉଛି କୋଟି କୋଟି ଟଙ୍କା ଋଣ ପଡ଼ି ରହୁଥିବାବେଳେ ସ୍ୱୟଂ ସହାୟକ ସଂଗଠନକୁ ଡାକିହାକି ଋଣ ପ୍ରଦାନ କରିବାପାଇଁ ପ୍ରଲୋଭିତ କରାଯାଉଛି। ବ୍ୟାଙ୍କ ଲୋକଙ୍କର ହେଉ, ସରକାରୀ ଯୋଜନା ସହ ଲୋକଙ୍କୁ ଯୋଡ଼ୁ।

–ଡ. ଦିଲ୍ଲୀଶାନ୍ ମହାମଲ୍ଲ, ତାଳଚେର, ଢେଙ୍କାନାଳ

## ଚିରନ୍ତନୀ

ହଳିଆ ଲେଉଟେ ସୁଖେ, ଶୁଭେ ତା’ର ଗାନ
ପ୍ରେୟସୀ ସଜାଡ଼ି ବସିଥିବ ଜଳପାନ,
ପୁତ୍ର କନ୍ୟା ତା’ର
ଫେରିବା ପଥକୁ ଚାହିଁ ଜଗିଥିବେ ଦ୍ୱାର !
–(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ୨୧ରେ ମୋଦି ଯୁବ ମାରାଥନ୍ କରିବ ଯୁବମୋର୍ଚ୍ଚା

**ଭୁବନେଶ୍ୱର, ୮।୯(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଯୁବବର୍ଗର ଉନ୍ନତି ପାଇଁ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ଯୁବକମାନଙ୍କ ଦକ୍ଷତା ବୃଦ୍ଧି ସହ ସେମାନଙ୍କୁ ଆତ୍ମନିର୍ଭର କରିବା ପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ତାଙ୍କ ପ୍ରୟାସ ଯୋଗୁ ସାରା ବିଶ୍ୱରେ ଭାରତର ଯୁବବର୍ଗ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। କେବଳ ଯୁବବର୍ଗ ନୁହେଁ, ସମାଜର ପ୍ରତ୍ୟେକ କ୍ଷେତ୍ରରେ ମୋଦିଙ୍କ ଉଲ୍ଲେଖନୀୟ ଅବଦାନ ରହିଛି। ସମାଜର ଗରିବ ଓ ଶୋଷିତ ବର୍ଗର ଉତ୍ଥାନ ପାଇଁ କାର୍ଯ୍ୟକରି ସେ ଅନ୍ୟମାନଙ୍କ ଲାଗି ଉଦାହରଣ ସୃଷ୍ଟି କରିଛନ୍ତି। ସମସ୍ତେ ମୋଦିଙ୍କ ଭଳି ସାମାଜିକ କାର୍ଯ୍ୟରେ ନିଜକୁ ସାମିଲ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନକୁ ସେବା ଦିବସ ଭାବେ ପାଳନ କରାଯାଉଛି। ତାଙ୍କ ଜନ୍ମଦିନ ଆସନ୍ତା ୧୭ରୁ ଅକ୍ଟୋବର ୨ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପର୍ଯ୍ୟନ୍ତ ସେବା ପକ୍ଷ ଭାବେ ପାଳନ କରାଯାଏ। ଚଳିତ ବର୍ଷ ମୋଦିଙ୍କ ୭୫ ତମ ଜନ୍ମଦିବସ ପଡୁଥିବାରୁ ଏହାକୁ ସ୍ମରଣୀୟ ରଖିବା ଉଦ୍ଦେଶ୍ୟରେ ଚାରାରୋପଣଠାରୁ ଆରମ୍ଭକରି ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ ଶିବିର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଆୟୋଜନ କରାଯିବ। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୧ରେ ମୋଦି ଯୁବ ମାରାଥନ୍ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା ସୂଚନା ଦେଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଲାଷ କହିଛନ୍ତି ଯେ, ଭାରତର ୭୫ଟି ସ୍ଥାନରେ ମୋଦି ଯୁବ ମାରାଥନ ଆୟୋଜନ କରାଯିବ। ୨୧ ତାରିଖ ସକାଳ ୬ଟା ୧୫ରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରୁ ଜନତା ମଇଦାନ ପର୍ଯ୍ୟନ୍ତ ଗଣଦୌଡ଼ ଅନୁଷ୍ଠିତ ହେବ। ଏଥିରେ ସାରା ରାଜ୍ୟରୁ ୧୦ ହଜାରରୁ ଉର୍ଦ୍ଧ୍ୱ ଯୁବବର୍ଗ ସାମିଲ ହେବେ। ଏନେଇ ୭ ସେପ୍ଟେମ୍ବରରୁ ସାରା ଦେଶରେ କ୍ୟାମ୍ପେନ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି।

# ପରୀକ୍ଷାର୍ଥୀଙ୍କ ସାକ୍ଷାତ୍କାର ମାର୍କ ଜାଣିବାର ଅଧିକାର ରହିଛି: ମୁଖ୍ୟ ସୂଚନା ଆୟୁକ୍ତ

## ମାର୍କ ପ୍ରଦାନ ଲାଗି ଓପିଏସ୍‌ସିକୁ ଓଆଇସିଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୮।୯(ରବିନାରାୟଣ ଜେନା)**

ପରୀକ୍ଷାର୍ଥୀମାନେ ସେମାନଙ୍କ ସାକ୍ଷାତ୍କାର ମାର୍କ ସମ୍ପର୍କରେ ଜାଣିବାର ଅଧିକାର ରହିଛି ବୋଲି ଏକ ମାମଲାର ବିଚାର ବେଳେ ରାଜ୍ୟ ମୁଖ୍ୟ ସୂଚନା କମିଶନର ମନୋଜ ପରିଡ଼ା କହିଛନ୍ତି। ଏହାକୁ ନେଇ ସୋମବାର ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି)ଙ୍କୁ ସୂଚନା ଆୟୋଗଙ୍କ ପକ୍ଷରୁ ମୁଖ୍ୟ ଆୟୁକ୍ତ ମନୋଜ ପରିଡ଼ା ପରୀକ୍ଷାର୍ଥୀ ମିନତୀ ରାଣୀ ମହାପାତ୍ରଙ୍କୁ ତାଙ୍କର ସାକ୍ଷାତ୍କାର ମାର୍କ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଦୀର୍ଘ ୨୩ବର୍ଷ ପରେ ସୂଚନା ଆୟୋଗଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଏଭଳି ନିର୍ଦ୍ଦେଶନାମାକୁ ନେଇ ଏବେ ଚହଳ ପଡ଼ିଛି।

ସୂଚନା ଆୟୋଗଙ୍କ ପକ୍ଷରୁ ପ୍ରଦତ୍ତ ତଥ୍ୟ ଅନୁଯାୟୀ, ଭଦ୍ରକ ଜିଲାର ମିନତୀ ରାଣୀ ମହାପାତ୍ର ୨୦୦୨ରେ ସହକାରୀ ଶିକ୍ଷକ ପଦବୀ ପାଇଁ ଆବେଦନ କରିଥିଲେ। ବିଜ୍ଞାପନ ଅନୁଯାୟୀ କ୍ୟାରିୟର ମାର୍କ ଏବଂ ସାକ୍ଷାତ୍କାର ମାର୍କ ଉପରେ ଆଧାରିତ ଥିଲା। ଜୁନ୍ ୨୦୦୨ରେ ଓଡ଼ିଶା ଲୋକସେବା କମିଶନ ଦ୍ୱାରା ପ୍ରକାଶିତ ମନୋନୀତ ପ୍ରାର୍ଥୀଙ୍କ ତାଲିକାରେ ମିନତୀଙ୍କ ନାମ ନ ଥିଲା। ଓପିଏସ୍‌ସି ଫଳାଫଳରେ ଅସନ୍ତୁଷ୍ଟ ହୋଇ ମିନତୀ ଡିସେମ୍ବର ୨୦୦୨ରେ ଆର୍‌ଟିଆଇରେ ଆବେଦନ ପୂର୍ବକ ଲୋକସେବା କମିଶନଙ୍କ ନିକଟରେ କ୍ୟାରିୟର ମୂଲ୍ୟାୟନ ଏବଂ ସାକ୍ଷାତ୍କାରରେ ତାଙ୍କୁ ମିଳିଥିବା ମାର୍କର ବିବରଣୀ ମାଗିଥିଲେ। ଓଡ଼ିଶା ଲୋକସେବା ଆୟୋଗ ତାଙ୍କୁ କ୍ୟାରିୟରର ମାର୍କ ପ୍ରଦାନ କରିଥିଲା। କିନ୍ତୁ ଡିସେମ୍ବର ୨୦୦୨ରେ ପ୍ରାର୍ଥୀମାନଙ୍କୁ ସାକ୍ଷାତ୍କାର ମାର୍କ ପ୍ରଦାନ ନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଆଧାରରେ ତାଙ୍କର ସାକ୍ଷାତ୍କାର ମାର୍କ ପ୍ରଦାନ କରିବାକୁ ମନାକରି ଦେଇଥିଲା।

ସୂଚନା କମିଶନଙ୍କ ସମ୍ମୁଖରେ ଶୁଣାଣି ସମୟରେ ଓଡ଼ିଶା ଲୋକସେବା ଆୟୋଗର ପ୍ରତିନିଧି ଯୁକ୍ତି ବାଢ଼ିଥିଲେ, ଉକ୍ତ ପଦବୀରେ ପ୍ରାର୍ଥୀଙ୍କ ଚୟନ ପାଇଁ କୌଣସି ସାକ୍ଷାତ୍କାର ମାର୍କ ରେକର୍ଡ କରାଯାଏ ନାହିଁ କିମ୍ବା କୌଣସି ସର୍ବନିମ୍ନ ମାର୍କ ସ୍ଥିର କରାଯାଏ ନାହିଁ। ଏହି ସମୟରେ ଓଡ଼ିଶା ଲୋକସେବା ଆୟୋଗର ପ୍ରତିନିଧି ଯୁକ୍ତି ଦେଇଥିଲେ, ସାକ୍ଷାତ୍କାର ହେଉଛି ସେମାନଙ୍କର ବ୍ୟକ୍ତିତ୍ୱ ଓ କଥନ ଶୈଳୀ ଦକ୍ଷତା ଇତ୍ୟାଦିର ଏକ ପରୀକ୍ଷା ଏବଂ ସାକ୍ଷାତ୍କାରରେ କେବଳ ଯୋଗ୍ୟତା ନିର୍ଣ୍ଣୟ କରାଯାଏ। ପ୍ରାର୍ଥୀମାନଙ୍କୁ କେବଳ ସେମାନେ ଉପଯୁକ୍ତ କି ଅନୁପଯୁକ୍ତ ବୋଲି ସୂଚନା ଦିଆଯାଏ। ପ୍ରାର୍ଥୀମାନଙ୍କୁ ନିର୍ଦ୍ଦିଷ୍ଟ ମାର୍କ ଦିଆଯାଏ ନାହିଁ କିମ୍ବା କୌଣସି ଯୋଗ୍ୟ ତାଲିକା ପ୍ରକାଶ କରାଯାଏ ନାହିଁ।

ମୁଖ୍ୟ ସୂଚନା କମିଶନର ମନୋଜ ପରିଡ଼ା ତାଙ୍କ ଐତିହାସିକ ରାୟରେ କହିଛନ୍ତି, ଓଡ଼ିଶା ଲୋକସେବା ଆୟୋଗର ଏପରି ନିଷ୍ପତ୍ତି ସୂଚନା ଅଧିକାର ଆଇନ ବ୍ୟବସ୍ଥାର ପରୀପନ୍ଥୀ। ପ୍ରାର୍ଥୀଙ୍କର ସାକ୍ଷାତ୍କାରରେ ପାଇଥିବା ମାର୍କ ଜାଣିବାର ପୂର୍ଣ୍ଣ ଅଧିକାର ରହିଛି। ଏହାଦ୍ୱାରା ସେ ପରବର୍ତ୍ତୀ ପ୍ରୟାସରେ ତାଙ୍କର ପ୍ରଦର୍ଶନକୁ ଉନ୍ନତ କରିପାରିବେ। ପ୍ରତ୍ୟେକ ପ୍ରାର୍ଥୀ ବିଶେଷ କରି, ପରୀକ୍ଷାରେ ବିଫଳ ହୋଇଥିବା ପ୍ରାର୍ଥୀଙ୍କର ଜାଣିବାର ଅଧିକାର ଅଛି ଯେ, ସେମାନେ କେଉଁ ଆଧାରରେ ସଫଳ ହୋଇପାରିଲେ ନାହିଁ। ଏ ସମ୍ବନ୍ଧରେ ଓଡ଼ିଶା ଲୋକସେବା ଆୟୋଗ ପ୍ରାର୍ଥୀମାନଙ୍କୁ ଅନ୍ଧାରରେ ରଖିପାରିବ ନାହିଁ। ସୂଚନା ଅଧିକାର ଆଇନ-୨୦୦୫ର ଧାରା ୨୨ରେ ଆବେଦନକାରୀଙ୍କୁ ସୂଚନା ପ୍ରଦାନ କରିବାରେ ଅନ୍ୟ ସମସ୍ତ ଆଇନ ଏବଂ ନିୟମକୁ ସମର୍ଥନ କରୁଛି। ତେଣୁ ଓଡ଼ିଶା ଲୋକସେବା ଆୟୋଗ ତାଙ୍କର ପ୍ରକ୍ରିୟାରେ ପରିବର୍ତ୍ତନ କରିବା ସହିତ ପ୍ରାର୍ଥୀମାନଙ୍କୁ ମିଳିଥିବା ମାର୍କ ସମ୍ପର୍କରେ ବିବରଣୀ ପ୍ରଦାନ କରିବାକୁ ମୁଖ୍ୟ ଆୟୁକ୍ତ ପରିଡ଼ା ପରାମର୍ଶ ଦେଇଛନ୍ତି।

# ମତଦାନକୁ ବିଜେଡିର ଭୟ: ଭକ୍ତ

**ଭୁବନେଶ୍ୱର,୮।୯(ରବିନାରାୟଣ ଜେନା)**

**୨ରୁ କଂଗ୍ରେସର ପଦଯାତ୍ରା**

**ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡିର ସମଦୂରତା ପ୍ରସଙ୍ଗ**



ଭକ୍ତ ଚରଣ ଦାସ

ଉପରାଷ୍ଟ୍ରପତି ନିର୍ବାଚନରେ କଂଗ୍ରେସ ସମର୍ଥିତ (ଇଣ୍ଡି)ପ୍ରାର୍ଥୀ ସୁଦର୍ଶନ ରେଡ୍ଡୀ ଯୋଗ୍ୟତମ ବ୍ୟକ୍ତି। ହେଲେ ବିଜେଡି ଏଥର ଭୋଟ ନ ଦେଇ ସମଦୂରତା ବଜାୟ ରଖିବ ବୋଲି କହିଛି। ଏହା କେବଳ ବିଜେଡିର ଭୟ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ସୋମବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭକ୍ତ କହିଛନ୍ତି, ଦେଶର ହିତ ପାଇଁ ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡି ଭୋଟ ଦେବା ଉଚିତ୍ ଥିଲା। ହେଲେ ବିଜେଡି କହୁଛି, ରାଜ୍ୟର ହିତ ପାଇଁ ଏଥର ସେ କାହାକୁ ଭୋଟ ଦେବେନାହିଁ, ହେଲେ ଏହା ଏନ୍‌ଡିଏ ପାଇଁ ଲାଭବାନ ହେବ। କିନ୍ତୁ ଓଡ଼ିଶା ପାଇଁ କ'ଣ ଲାଭ ହେବ ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି। ଭୋଟଦାନରୁ ବିରତ ରହିବା ନିଷ୍ପତ୍ତି ଦ୍ୱାରା ବିଜେଡି ଓଡିଶାବାସୀଙ୍କୁ ଲଜ୍ଜିତ କରିଛି। ଭାଜପା-ବିଜେଡି ଏକ ଅଘୋଷିତ ମେଣ୍ଟ ରାଜନୀତିରେ ଅଛନ୍ତି ବୋଲି ଏଥିରୁ ସ୍ପଷ୍ଟ ଜଣାପଡୁଛି। ଏଥର ଏନ୍‌ଡିଏ ପ୍ରାର୍ଥୀଙ୍କୁ ବିରୋଧ କରି ରାଜ୍ୟର ପ୍ରକୃତ ପ୍ରମୁଖ ବିରୋଧୀ ଦଳ ବୋଲି ବିଜେଡି ପୁଣି ଆସ୍ଥାଭାଜନ ହେବାର ସୁଯୋଗ ଥିଲା। କିନ୍ତୁ ଯାହା ଆଶଙ୍କା କରାଯାଉଥିଲା, ତାହାହିଁ ହେଲା। ପୂର୍ବଭଳି ସିବିଆଇ-ଇଡି ଭୟରେ ଏଥର ମଧ୍ୟ ଭାଜପା ପାଇଁ ପରୋକ୍ଷରେ ବିଜେଡି କାମ କଲା।

ସେ କହିଛନ୍ତି, ଅତୀତରେ ବିଜେଡି ଯେତେସବୁ ପ୍ରସଙ୍ଗରେ ଏନ୍‌ଡିଏକୁ ଭୋଟ ଦେଇଛି, ସେତେବେଳେ ରାଜ୍ୟ ହିତ ଦେଖି ନ ଥିଲା। ଏବେ ବି ସମାନ କଥା ଦୋହରାଉଛି। ଅନ୍ୟ ଦୃଷ୍ଟିରେ ଦେଖିଲେ ବିଜେଡି ତା'ର ଗରିମା ହରାଉଛି। ସମଦୂରତା ଏକ ଦ୍ୱନ୍ଦ୍ୱ, ଭୋଟ ନ ଦେଲେ ବି କିଛି ଭୋଟ୍ ଏନ୍‌ଡିଏକୁ ଯିବ। ବିଜେଡି ସାହସର ସହ ଭୋଟ ଦେଇଥିଲେ ବିଜେଡି ତଥା ସଭାପତି ନବୀନ ପଟ୍ଟନାୟକଙ୍କୁ ରାଜ୍ୟବାସୀ ଭଲ ପାଇଥାନ୍ତେ। ତେବେ ରାଜ୍ୟରେ କଂଗ୍ରେସ ଏବେ ବି ମୁଖ୍ୟ ବିରୋଧୀ ଭାବେ କାର୍ଯ୍ୟ କରୁଛି। ଆସନ୍ତା ଗାନ୍ଧୀ ଜୟନ୍ତୀ ତଥା ଅକ୍ଟୋବର ୨ରୁ କଂଗ୍ରେସ ପକ୍ଷରୁ ପଦଯାତ୍ରା ହେବ। ଦିନକୁ ୨୦ କିଲୋମିଟର ଚାଲିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ଏହି ସମୟରେ ପ୍ରତି ବ୍ଲକରେ ଗୋଟେ ଦିନ ଚାଲିବୁ। ଗୋଟେ ବିଧାନସଭାରେ ଦୁଇଦିନ କରି ପ୍ରାୟ ୩୦୦ ଦିନର ପଦ ଯାତ୍ରା କରିବୁ। ଆଗାମୀ ବିଧାନସଭାରେ କଂଗ୍ରେସ ଅନାସ୍ଥା ଆଣିବ। ବିଜେଡି ଏହାକୁ ସମର୍ଥନ ଦେଉଛି କି ନାହିଁ ସେତେବେଳେ ରାଜ୍ୟବାସୀ ଜାଣିବେ ବୋଲି ଭକ୍ତ କହିଛନ୍ତି।

# ପୂର୍ବ ବର୍ଷ ତୁଳନାରେ ୨୯% ଚାଷୀ ପଞ୍ଜୀକରଣ ବୃଦ୍ଧି ଘଟିଛି

**ଭୁବନେଶ୍ୱର,୮।୯(ସୁନିତ୍ ମିଶ୍ର)**

## ଖରିଫ ଫସଲ କ୍ରୟ ଲାଗି ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ବୈଠକ ଅନୁଷ୍ଠିତ

ଖରିଫ ୨୦୨୫-୨୬ ଋତୁରେ ଫସଲ କ୍ରୟ ନିମନ୍ତେ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟିର ପ୍ରଥମ ବୈଠକ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଛି। ବୈଠକରେ ଚାଷୀଙ୍କ ସୁବିଧାକୁ ପ୍ରାଥମିକତା ଦେବାକୁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଏବେଠାରୁ ଆନ୍ତଃ ବିଭାଗୀୟ ସମନ୍ୱୟରେ ସ୍ଥାୟୀ ମଡେଲ ମଣ୍ଡି ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ହୋଇଛି। ଆସନ୍ତା ନଭେମ୍ବର ଶେଷ ଆଡକୁ ଖରିଫ ଫସଲର ପ୍ରୋକ୍ୟୁରମେଣ୍ଟ କରିବାକୁ ସରକାର ଯୋଜନା କରିଛନ୍ତି। ତଦନୁଯାୟୀ, ରୋଡ଼ମ୍ୟାପ ପ୍ରସ୍ତୁତି ଚାଲିଛି। ସରକାରଙ୍କ ଦ୍ୱାରା ୮୦୦ ଟଙ୍କା ଅତିରିକ୍ତ ଇନ୍‌ପୁଟ ସହାୟତା ଭାବେ ମିଳିବା କାରଣରୁ ବହୁ ଅଣଧାନ ଚାଷୀ ମଧ୍ୟ ଧାନ ଫସଲ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ପୂର୍ବବର୍ଷ ତୁଳନାରେ ନୂଆ ଚାଷୀଙ୍କ ପଞ୍ଜୀକରଣରେ ୨୯% ବୃଦ୍ଧି ଘଟିଛି। ଏହାବ୍ୟତୀତ ଧାନ କ୍ରୟ ପରବର୍ତ୍ତୀ ପରିଚାଳନା ପାଇଁ ଅଧିକ ସଂଖ୍ୟକ ଗୋଦାମ ନିର୍ମାଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏସବୁ ଏଫ୍‌ସିଆଇ, ସମବାୟ ବିଭାଗ, ୱେର ହାଉସିଂ କର୍ପୋରେଶନ ଦ୍ୱାରା କରାଯିବ। ସେହିଭଳି ଏଫ୍‌ସିଆଇ ଦ୍ୱାରା ନିର୍ଦ୍ଦିଷ୍ଟ ପରିମାଣର ଚାଉଳ ପ୍ରୋକ୍ୟୁରମେଣ୍ଟ କରାଯିବା ବାଦ ବଳକା ଚାଉଳର ସୁପରିଚାଳନା ପାଇଁ ସରକାରଙ୍କ ତରଫରୁ ଇଥାନଲ ପ୍ଲାଣ୍ଟକୁ ଯୋଗାଣ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରକୁ ବିଭିନ୍ନ ଯୋଜନା ମାଧ୍ୟମରେ ମାଗଣାରେ ଚାଉଳ ବଣ୍ଟନ, ଅନ୍ୟ ଦେଶକୁ ରପ୍ତାନି ଭଳି ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରାଯାଇଛି। ଏହାସହ ଅଧିକ ସଂଖ୍ୟକ ରାଇସ୍ ମିଲ ଖୋଲିବା, ପୂର୍ବରୁ ଥିବା ମିଲ୍‌ଗୁଡ଼ିକୁ ଅପଗ୍ରେଡ କରି ହାଇବ୍ରିଡ ମିଲ୍‌ରେ ପରିଣତ କରିବା ଉପରେ ମଧ୍ୟ ଆଲୋଚନା କରାଯାଇଛି।

# ୧୨ରୁ କମିବ ବର୍ଷା

**ଭୁବନେଶ୍ୱର,୮।୯(ବନ୍ଦନା ସେଠୀ)**

ବଙ୍ଗୋପସାଗର ଉପରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ୫ ଜିଲାରେ ଅତିପ୍ରବଳ ବର୍ଷା ହୋଇଥିବାବେଳେ ୨ ଜିଲାରେ ପ୍ରବଳ, ୬ ଜିଲାରେ ସ୍ୱାଭାବିକ, ୪ ଜିଲାରେ ଅଭାବୀ, ୧୧ ଜିଲାରେ ଅତିଅଭାବୀ ଏବଂ ବାକି ୨ ଜିଲାରେ ବର୍ଷା ହୋଇନାହିଁ। ଝାରସୁଗୁଡ଼ା ଜିଲା ଲଇକେରା ଅଞ୍ଚଳରେ ସର୍ବାଧିକ ୧୨.୨୪ ସେ.ମି ଓ ବରଗଡ଼ ଜିଲା ଝରବନ୍ଧ ଅଞ୍ଚଳରେ ଦ୍ୱିତୀୟ ସର୍ବାଧିକ ୭.୮ ସେ.ମି ବର୍ଷା ହୋଇଛି। ତେବେ ଆଉ ୪ଦିନ ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ସତର୍କତା ଜାରି ହୋଇଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶକ ମନୋରମା ମହାନ୍ତି କହିଛନ୍ତି। ଅପରପକ୍ଷରେ ୧୨ ତାରିଖ ଶୁକ୍ରବାରଠାରୁ ରାଜ୍ୟରେ ବର୍ଷା ପରିମାଣ ହ୍ରାସ ପାଇବ। ୧୩ ତାରିଖଠାରୁ ନୂଆପଡ଼ା ଓ ନବରଙ୍ଗପୁର ଜିଲା ବ୍ୟତୀତ ବାକି ସବୁଠି ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ମନୋରମା କହିଛନ୍ତି। ତାଙ୍କ ସୂଚନାନୁସାରେ, ମଙ୍ଗଳବାର ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ କୌଣସି ଜିଲାକୁ ସତର୍କତା ଜାରି ହୋଇ ନ ଥିବାବେଳେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନେଇ ସମସ୍ତ ଜିଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ବୁଧବାର କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ଗଜପତି, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲାକୁ ପ୍ରବଳ ବର୍ଷା ଓ ବାକି ରାଜ୍ୟର ସମସ୍ତ ଜିଲାକୁ ବିଜୁଳି ଘଡ଼ଘଡ଼ି ସହ ପବନ ବହିବା ନେଇ ସତର୍କତା ଜାରି ହୋଇଛି।

# ବ୍ୟବସାୟୀଙ୍କ ପୁଅଙ୍କୁ ଅପହରଣ, ୨୦ଲକ୍ଷ ଟଙ୍କାରେ ମୁଣ୍ଡ ଜାମିନ

**ସୋନପୁର,୮।୯(ମୃତ୍ୟୁଞ୍ଜୟ ଶତପଥୀ)**

**ବିହାର ଯୁବକଙ୍କ ସମ୍ପୃକ୍ତି ସନ୍ଦେହ**

ସୁବର୍ଣ୍ଣପୁର ସହର ପଟାଭାଡ଼ି ଅଞ୍ଚଳର ବ୍ୟବସାୟୀ ଶ୍ରଦ୍ଧାକର ନାୟକଙ୍କ ୯ ବର୍ଷର ପୁଅଙ୍କୁ ଅପହରଣ କରାଯାଇଛି। ପିଲାଟି ପଟାଭାଡ଼ିର ଏକ ଫାଷ୍ଟଫୁଡ ଦୋକାନକୁ ମଞ୍ଚୁରିନ ଖାଇବାକୁ ଯାଇଥିଲେ। ଏହି ସୁଯୋଗରେ ଫାଷ୍ଟଫୁଡ ଦୋକାନରେ କାମ କରୁଥିବା ଜଣେ ବିହାରୀ ଯୁବକ ତାଙ୍କୁ ପ୍ରଲୋଭିତ କରି ଅପହରଣ କରିନେଇଛନ୍ତି। ପିଲା ନ ଫେରିବାରୁ ମା' ବାପା ତାଙ୍କୁ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ତେବେ ରାତି ୯ଟାରେ ଅପହରଣକାରୀ ଏକ ଅଜଣା ଫୋନ ନମ୍ବରରୁ ଶ୍ରଦ୍ଧାକରଙ୍କୁ ଫୋନ କରି ପୁଅ ତାଙ୍କ ନିକଟରେ ଅଛି ଓ ପୁଅକୁ ପାଇବା ପାଇଁ ୨୦ ଲକ୍ଷ ଦାବି କରିଥିଲେ। ଏନେଇ ବିଳମ୍ବିତ ରାତିରେ ଶ୍ରଦ୍ଧାକର ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୋନପୁର ଆଇଆଇସି ତାପସ କୁମାର ଭୋଇଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ବାଳକଙ୍କୁ ଉଦ୍ଧାର କରିବା ପାଇଁ ତନାଘନା ଜାରି ରଖିଥିଲେ ମଧ୍ୟ ସଫଳତା ମିଳିନି। ଅପହରଣକାରୀ ଯୁବକ ଓ ଶ୍ରଦ୍ଧାକରଙ୍କ ସମ୍ପର୍କରେ ପୂର୍ବରୁ ପରିଚୟ ଥିବା ଜଣାପଡିଛି।

# ଇତିହାସ ଅଯୋଗ୍ୟ ରାଜାଙ୍କୁ କ୍ଷମା କରେ ନାହିଁ: ଶ୍ରୀମୟୀ

**ଭୁବନେଶ୍ୱର,୮।୯(ସୁନିତ୍ ମିଶ୍ର)**

ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ରଙ୍କ ଅନ୍ଧ ଧୃତରାଷ୍ଟ୍ର ନିଶାନାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ଦୀର୍ଘଦିନର ନୀରବତା ପରେ ନିଜ ଏକ୍ସ ଆକାଉଣ୍ଟରେ ଏକ ପୋଷ୍ଟ କରି ଶ୍ରୀମୟୀ ଚର୍ଚ୍ଚାକୁ ଆସିଛନ୍ତି। ସେ ପରୋକ୍ଷରେ ନିଜର ଅସନ୍ତୋଷ ଝାଡ଼ିଥିବା କୁହାଯାଇଛି। ଶ୍ରୀମୟୀ ତାଙ୍କ ପୋଷ୍ଟରେ ଲେଖିଛନ୍ତି, ଧୃତରାଷ୍ଟ୍ର ହସ୍ତିନାପୁରର ରାଜା ଭାବେ ଦ୍ରୌପଦୀଙ୍କ ଅପମାନ ହେଉଥିବା ସଭାରେ ଅଧ୍ୟକ୍ଷତା କରୁଥିଲେ। ଅନ୍ୟାୟ ବିଷୟରେ ଜାଣି ମଧ୍ୟ ସେ ଏହି ଅପମାନ ରୋକିବାକୁ ଚେଷ୍ଟା କରି ନ ଥିଲେ। ଧୃତରାଷ୍ଟ୍ରଙ୍କର ତାଙ୍କ ପୁତ୍ରମାନଙ୍କ ବିଶେଷତଃ ଦୁର୍ଯ୍ୟୋଧନ ପ୍ରତି ଅନ୍ଧ ପ୍ରୀତି ତାଙ୍କୁ ନୀରବ ରହିବାକୁ ପ୍ରଭାବିତ କରିଥିଲା। କିଛି ଲୋକ ଧୃତରାଷ୍ଟ୍ର ପରି ଅନ୍ଧ ଯେଉଁମାନେ ଅନ୍ୟାୟ ରୋକିବାକୁ ପ୍ରକୃତ ପ୍ରୟାସ କରନ୍ତି ନାହିଁ। ଇତିହାସ ଏପରି ଅଯୋଗ୍ୟ ରାଜାଙ୍କୁ କେବେ କ୍ଷମା କରେ ନାହିଁ, କାରଣ ସେମାନଙ୍କର ନୀରବତା ଦୁଃଖଦ ପରିଣାମ ଆଣିଥାଏ। ଶ୍ରୀମୟୀଙ୍କ ଏହି ପୋଷ୍ଟ ନବୀନଙ୍କୁ ନିଶାନା ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ନିକଟରେ ବିଜେଡି ପକ୍ଷରୁ ମହିଳା ସଭାପତି ଚୟନ ସହିତ ଏକ ମହିଳା ବ୍ୟାପାର କମିଟି ଗଠନ ହୋଇଛି। ସେଥିରେ ଶ୍ରୀମୟୀଙ୍କୁ ସାଧାରଣ ସମ୍ପାଦକ ଭାବେ ନୂଆ ନିଯୁକ୍ତି ମିଳିଛି। ଅନ୍ୟପଟେ ଶ୍ରୀମୟୀଙ୍କ ଧୃତରାଷ୍ଟ୍ର ନିଶାନା ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି, ଶ୍ରୀମୟୀ ମିଶ୍ର ଆମ ସହିତ ଅଛନ୍ତି। ନବୀନ ତାଙ୍କୁ ଗୁରୁଦାୟିତ୍ୱ ଦେଇଛନ୍ତି। ସୋସିଆଲ ମିଡିଆରେ ଆମେ ଆମ ଭାବନାକୁ ବ୍ୟକ୍ତ କରୁ। ଏଥିରେ ଦଳ ସହିତ କୌଣସି ସମ୍ପର୍କ ନାହିଁ ବୋଲି ସେ କହିଛନ୍ତି।

# ପ୍ରକୃତି, ସଂସ୍କୃତି ସୁରକ୍ଷା ପାଇଁ ସମର୍ପିତ: ତ୍ରିଲୋଚନ

**ଆନନ୍ଦପୁର,୮।୯(ସୁଶାନ୍ତ ସାହୁ)**



ପରିବେଶବିତ୍ ତ୍ରିଲୋଚନ ସାହୁ

ଜଳବାୟୁ ପରିବର୍ତ୍ତନ ଏବେ ଏକ ପ୍ରମୁଖ ସମସ୍ୟା ହୋଇଥିବାରୁ ସେହି ଦିଗରେ ଗଭୀର ଭାବେ ଚିନ୍ତା କରିବାର ସମୟ ଆସିଥିବା ପରିବେଶବିତ୍ ତ୍ରିଲୋଚନ ସାହୁ କହିଛନ୍ତି। କେନ୍ଦୁଝର ଜିଲା ଆନନ୍ଦପୁର ପୌର ପରିଷଦ ଫକୀରପୁର ସିଟି ସ୍କୁଲ ପରିସରରେ ତାଙ୍କ ଦ୍ୱାରା ଆୟୋଜିତ ପ୍ରଥମ ଓଡ଼ିଶା କ୍ଲାଇମେଟ୍ କନ୍‌କ୍ଲେଭ୍ ଅବସରରେ ପ୍ରକୃତି ଓ ସଂସ୍କୃତି ସୁରକ୍ଷା ଦିଗରେ ସେ ସମର୍ପିତ ବୋଲି କହିଛନ୍ତି। ତାଙ୍କ ଭାଷାରେ ବିଭିନ୍ନ ସମୟରେ ଆମେ ପରିବେଶ ପାଇଁ ଯେତିକି ଚିନ୍ତିତ, ପ୍ରକୃତରେ ଆମେ ସେତିକି ଚିନ୍ତା କରି ନ ଥାଉ। ତେଣୁ ଛାତ୍ରୀଛାତ୍ର, ଯୁବପିଢ଼ି ସମେତ ଅନ୍ୟ ବର୍ଗର ବ୍ୟକ୍ତିବିଶେଷଙ୍କ ମନରେ ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମ୍ବନ୍ଧରେ ଏକ ଜାଗରଣ ସୃଷ୍ଟି କରିବା ଲାଗି ଏଭଳି କନ୍‌କ୍ଲେଭ୍ ଆରମ୍ଭ କରିଥିବା ସେ କହିଛନ୍ତି। ତ୍ରିଲୋଚନ ଆହୁରି କହିଛନ୍ତି, ରାଜ୍ୟର ପ୍ରତି ଗ୍ରାମାଞ୍ଚଳରେ କିଭଳି ପରିବେଶ ସୁରକ୍ଷା ପାଇଁ ଏକ ପ୍ରଗତିଶୀଳ ପାଠ ସୃଷ୍ଟି ହେବ, ସେ ଦିଗରେ ଉଦ୍ୟମ କରିବେ। ପ୍ରତିବନ୍ଧକ ଆଉ ସମାଲୋଚନା ସବୁ ସମୟରେ ରହିଛି ଓ ରହିବ। ସେ ସବୁକୁ ପଛରେ ପକାଇ ଏ ସମାଜ, ଏ ମାଟି ଓ ପରିବେଶ ପାଇଁ କିଛି ନା କିଛି କରିବାକୁ ହେବ ବୋଲି କହିଛନ୍ତି। ତାଙ୍କୁ ସର୍ବଦା ପରିବାର ସହ ସାଙ୍ଗସାଥୀ, ଶୁଭେଚ୍ଛୁ ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କର ସହଯୋଗ ମିଳିଆସିଛି ବୋଲି କହିଛନ୍ତି।

ଅଭିନବ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇ ସେ କହିଛନ୍ତି, 'ମୁଁ ଗଛ କହୁଛି' ଅଭିଯାନ ମାଧ୍ୟମରେ ନିଜର ଜନ୍ମ ଦିନରେ ଅତି କମ୍‌ରେ ଗୋଟିଏ ଗଛ ଲଗାଇବା ଓ ତାହାର ଯତ୍ନ ନେବା ହେଉ, 'ଗାଁ ପାଇଁ ଦିନେ' କାର୍ଯ୍ୟକ୍ରମ ମାଧ୍ୟମରେ ନିଜ ଗାଁକୁ ସବୁଜ ସୁନ୍ଦର କରିବା ଏବଂ ଗାଁ ପାଇଁ ଅତି କମ୍‌ରେ ଦିନେ ସମୟ ଦେବା କିମ୍ବା 'ବୈତରଣୀ ସଫେଇ ଅଭିଯାନ' ପ୍ରତ୍ୟେକଟି ତାଙ୍କୁ ଅଧିକ ପରିଚୟ ଦେଇଛି। 'ଧରିତ୍ରୀ କ୍ଲାଇମେଟ ଆୱାର୍ଡ଼ ୨୦୨୪' ତାଙ୍କୁ ରାଜ୍ୟ ତଥା ଜାତୀୟ ସ୍ତରରେ ପରିଚୟ ଦେଇପାରିଛି ବୋଲି ତ୍ରିଲୋଚନ କହିଛନ୍ତି।

# ବସ୍ତୁବାଦୀ ମଣିଷଙ୍କ ବିନାଶକାରୀ ପ୍ରକୃତିର ଚିତ୍ର

**ଭୁବନେଶ୍ୱର,୮।୯(ସୌମ୍ୟରଞ୍ଜନ ରାଉତ)**



ନ୍ୟୁକ୍ଲେଷ୍ଟ ରେପର୍‌ଟୋରିର କଳାକାରମାନେ ନାଟକ 'ବ୍ୟାଘ୍ର ରୋହନ'କୁ ପରିବେଷଣ କରୁଛନ୍ତି।

**୩୧ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବର ଚତୁର୍ଥ ଦିବସ**

ସୃଜନ-ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୩୧ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବର ସୋମବାର ଥିଲା ଚତୁର୍ଥ ସନ୍ଧ୍ୟା। ଅତିଥି ଭାବେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଚନ୍ଦ୍ର ଶେଖର ହୋତା, ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଳିତ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ପୂର୍ବତନ ସଚିବ ପ୍ରବୋଧ ରଥ, ବୀଣା ବାଦକ ଗୁରୁ କେ. ରାମାରାଓ ପାତ୍ର, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଅଧିକାରୀ ଅନୁଜା ତାରିଣୀ ମିଶ୍ର ଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସନ୍ଧ୍ୟାର ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରେ ନାଟ୍ୟ ନିର୍ଦ୍ଦେଶକ ତଥା ଅଭିନେତା ନଳିନୀ ନିହାର ନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ ନାଟ୍ୟ ଦଳ ନ୍ୟୁକ୍ଲେଷ୍ଟ ରେପର୍‌ଟୋରିର କଳାକାରମାନେ ନାଟକ 'ବ୍ୟାଘ୍ର ରୋହନ'କୁ ପରିବେଷଣ କରିଥିଲେ। ମାନବ ଭାବନା ଓ ମନସ୍ତାତ୍ତ୍ୱିକ ଜଟିଳତାର ଗଭୀରତାକୁ ଅନୁସନ୍ଧାନ କରି ଏହି ସ୍ୱତନ୍ତ୍ର ନାଟ୍ୟ ଅଭିଜ୍ଞତାକୁ ପ୍ରସ୍ତୁତ କରାଯାଇଥିଲା। ଏହା ଏକ ବ୍ୟଙ୍ଗାତ୍ମକ ନାଟକ, ଯାହା ଫସି ରହିଥିବା ବାଘକୁ ନିୟନ୍ତ୍ରଣ କରିବାକୁ ଚାହୁଁଥିବା ବସ୍ତୁବାଦୀ ମଣିଷଙ୍କ ବିନାଶକାରୀ ପ୍ରକୃତିକୁ ଚିତ୍ରଣ କରିଥିଲା। ଦର୍ଶକମାନେ ମଞ୍ଚ ଉପରେ ଏକ ଆକର୍ଷଣୀୟ କାହାଣୀ ପ୍ରକାଶିତ ହେବାର ଦେଖିଥିଲେ ଯେଉଁଥିରେ, ଏକ ରାଜ୍ୟର ବ୍ୟକ୍ତିବିଶେଷ, ମାଳୀଠାରୁ ମନ୍ତ୍ରୀ ପର୍ଯ୍ୟନ୍ତ ନିଜ ପରାକ୍ରମ ପ୍ରଦର୍ଶନ ପାଇଁ ପରସ୍ପର ମଧ୍ୟରେ ଲଢ଼ିଥିଲେ। ଅନିଚ୍ଛୁକ ରାଜକୁମାରଙ୍କ ଏପରି ପ୍ରଦର୍ଶନ ପ୍ରତି ଦାର୍ଶନିକ ଆପତ୍ତି ସତ୍ତ୍ୱେ ରାଜାଙ୍କ ଆଦେଶନାମା 'ବ୍ୟାଘ୍ର ରୋହଣ'ର ବିପଦପୂର୍ଣ୍ଣ କାର୍ଯ୍ୟରେ ପରିଣତ ହେଲା। କଳାକାରଙ୍କ ଚିତ୍ତାକର୍ଷକ ପ୍ରଦର୍ଶନ ମାଧ୍ୟମରେ କ୍ଷମତାଗତ ଗତିଶୀଳତା ଏବଂ ନୈତିକ ଦୁର୍ନୀତି ଉପରେ ଶକ୍ତିଶାଳୀ ତଥା ମର୍ମସ୍ପର୍ଶୀ ମନ୍ତବ୍ୟ ଦର୍ଶକଙ୍କ ଉପରେ ଏକ ମନସ୍ତାତ୍ତ୍ୱିକ ପ୍ରଭାବ ପକାଇଥିଲା। ଦେବୀପ୍ରସାଦ ମିଶ୍ର ଉତ୍ସବକୁ କାର୍ଯ୍ୟକାରୀ କରିଥିବାବେଳେ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ଉତ୍ସବର ମିଡିଆ ପାର୍ଟନର ରହିଥିବାବେଳେ ମଙ୍ଗଳବାର ଏହା ଶେଷ ହେବ।

## ପୋଖରୀରେ ବୁଡ଼ି ଜଣଙ୍କ ମୃତ୍ୟୁ

ଭଞ୍ଜନଗର,(ବାବୁଲା ପ୍ରଧାନ): ତାରସିଂ ଥାନା ଅନ୍ତର୍ଗତ ଭୁରୁଡୁପଲ୍ଲୀରେ ସୋମବାର ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭୁରୁଡୁପଲ୍ଲୀର ପ୍ରକାଶ ଚନ୍ଦ୍ର ମହାନ୍ତି (୫୫) । ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଛି। ଏ ନେଇ ନଂ.୧୬/୨୫ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସକାଳେ ପ୍ରକାଶ ଗ୍ରାମ ପୋଖରୀକୁ ଗାଧୋଇ ଯାଇଥିଲେ। ବର୍ଷା ହୋଇଥିବାରୁ ପୋଖରୀ ଆଡ଼ି କାଦୁଅ ଥିବା ଯୋଗୁ ପ୍ରକାଶଙ୍କ ଗୋଡ଼ ଖସିଯାଇ ପାଣିରେ ବୁଡ଼ି ଯାଇଥିଲେ।

**ସଂକ୍ଷେପରେ**

## ଶିକ୍ଷା ଯୋଜନା ସମ୍ପର୍କିତ କ୍ଲଷ୍ଟରସ୍ତରୀୟ ବୈଠକ

ବାଲିପଦର,୮।୯(ବିଶିକେଶନ ସ୍ୱାଇଁ)

ବୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ମହୁଲପଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାଲିପଦର କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ସିଆର୍‌ସିସି ବିଶ୍ୱଜୀତ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ରୂପେ ଶିକ୍ଷାବିତ୍ କୈବଲ୍ୟ ସ୍ୱାଇଁ ସମେତ ଏବିଇଓ ଅମିତା ପାଢ଼ୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବ୍ରହ୍ମାନନ୍ଦ ପାତ୍ର ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଗୁଣାତ୍ମକ ଶିକ୍ଷା ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷତଃ ବୈଠକରେ ବହୁ ଶ୍ରେଣୀ ପରିଚାଳନା, ବିଦ୍ୟାଳୟ ପରିଦର୍ଶନ, ଶିକ୍ଷଣ ସୋପାନ ରେଜିଷ୍ଟର ପ୍ରସ୍ତୁତ, ନିପୁଣ ସପ୍ତାହ ପାଳନ, ସାକ୍ଷରତା ଦିବସ ପାଳନ ଓ ବିଦ୍ୟାଳୟସ୍ତରୀୟ କାର୍ଯ୍ୟାନ୍ୱୟନ ଯୋଜନା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ସେଠୀ ଓ ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉକ୍ତ ବୈଠକରେ ବାଲିପଦର କ୍ଲଷ୍ଟରର ସମସ୍ତ ପ୍ରଧାନ ଶିକ୍ଷକ ଏବଂ ଏଫ୍ଏଲ୍ଏନ୍ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।

## କଂଗ୍ରେସର ସାଙ୍ଗଠନିକ ସୃଜନ ଅଭିଯାନ

ରମ୍ଭା,୮।୯(ବନବାସୀ ସେଠୀ)

ରମ୍ଭାରେ କଂଗ୍ରେସର ସାଙ୍ଗଠନିକ ସୃଜନ ଅଭିଯାନ କାର୍ଯ୍ୟକ୍ରମ ମହିଳା ନେତ୍ରୀ ସୁଜ୍ଞାନୀ ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ରୂପେ ଏଆଇସିସି ପ୍ରଭାରୀ ରାମଲାଲ ଜାକ, ସମ୍ମାନିତ ଅତିଥି ରୂପେ ପୂର୍ବତନ ବିଧାୟକ ଜାଖବ ପ୍ରଧାନ, ପିସିସି ସଭ୍ୟ ବିଜନ ନାୟକ, ଜଳେଶ୍ୱର ନାୟକ, କୋର୍ଡିନେଟର ତ୍ରିନାଥ ବେହେରା, ସହକୋର୍ଡିନେଟର ରଶ୍ମି ପଟ୍ଟନାୟକ, ଗଞ୍ଜାମ ଜିଲ୍ଲା ପୂର୍ବ ଭାଗ ଦିଗପହଣ୍ଡି ମହିଳା ସଭାପତି ବନଜା ପଣ୍ଡା, ବରିଷ୍ଠ କଂଗ୍ରେସ ନେତା ବୃନ୍ଦାବନ ଖଟେଇ ଉପସ୍ଥିତ ରହିଥିଲେ। ନୂତନ ଜିଲ୍ଲା ସଭାପତି ଚୟନ ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଚକ୍ରଧର ବେହେରା, ଦିବାକର ବେହେରା, କୁମୁଦ ପ୍ରଧାନ, ଅଭିମନ୍ୟୁ ନାୟକ, ସୋମନାଥ ବେହେରା, ଦାଶରଥି ବେହେରା, ମନୋଜ ବେହେରା, ଅହଲ୍ୟା ବେହେରା, ଗୁନି ପଟ୍ଟନାୟକ, ବସନ୍ତ ପଲେଇ, ରମାକାନ୍ତ ବେହେରା, ଅନନ୍ତ ବେହେରାଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଗଞ୍ଜାମ,୮।୯(ଅଖିଳ ତରାଇ)

ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ପାଲଙ୍ଗ ପଞ୍ଚାୟତରେ ସୋମବାର ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଯୋଗଦେଇ ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପାଣି ଯୋଗାଣ, ରାସ୍ତା ନିର୍ମାଣ, ବିଦ୍ୟୁତ୍ ସମସ୍ୟା ଓ ସ୍ୱାସ୍ଥ୍ୟସେବା ଆଦି ବିଷୟରେ ଅଭିଯୋଗ ଶୁଣି କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକଙ୍କ ସହ ତହସିଲଦାର ସୁକାନ୍ତ ମିଶ୍ର, ବିଡ଼ିଓ ଅଚ୍ୟୁତାନନ୍ଦ ଜାନୀ ଏବଂ ପଞ୍ଚାୟତ ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ଶିକୁଳିପଦରରେ ନୋଡାଲସ୍ତରୀୟ ଖେଳକୁଦ ପ୍ରତିଯୋଗିତା

ଚାନ୍ଦିପୁଟ,୮।୯(କେ ପ୍ରମୋଦ କୁମାର ଦୋରା)

ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତର୍ଗତ ଶିକୁଳିପଦରସ୍ଥିତ ସରକାରୀ ନୋଡାଲ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ସୋମବାର ନୋଡାଲସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଭଦ୍ରା ଦେବୀ ଅଧ୍ୟକ୍ଷତା କରିଥିଲେ। ପ୍ରତିଯୋଗିତାକୁ ଶିକୁଳିପଦର ସରପଞ୍ଚ ସତ୍ୟ ନାରାୟଣ ଦଣ୍ଡସେନା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟ ପରିଚାଳନା କମିଟିସଭାପତିନିରଞ୍ଜନ ସାହୁ ଉପସ୍ଥିତ ଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କ୍ରୀଡ଼ା ଶିକ୍ଷକ ଏମ. ରାଜେନ୍ଦ୍ର ଦୋରା, ବିକାଶ ପାଣିଗ୍ରାହୀ, ରମେଶ ପ୍ରଧାନ, ପୁରୁଷୋତ୍ତମ ସେଠୀ, ଜିସାୟ ମଣ୍ଡଳ, ରବି ନାରାୟଣ ରଣା କ୍ରୀଡା ପରିଚାଳନା କରିଥିଲେ। ଦୌଡ଼କୁଦ, ଉଚ୍ଚଡିଆଁ, ଲମ୍ବ ଡିଆଁ, ଖୋ ଖୋ, କବାଡି, ଡିସକସ୍ ଥ୍ରୋ, ଶଟପୁଟ, ଭଲିବଲ, ଫୁଟବଲ, କ୍ରିକେଟ, ବ୍ୟାଡମିଣ୍ଟନ ଆଦିଇଭେଣ୍ଟରେ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ବିଜ୍ଞାନ ଶିକ୍ଷକ ବାଳକୃଷ୍ଣ ବାଗସିଂ ମଞ୍ଚ ପରିଚାଳନା, ଶିକ୍ଷକ ଲିଙ୍ଗରାଜ ବଡ଼ମୁଣ୍ଡି, ରଞ୍ଜନ ମଣ୍ଡଳ, ଜୟରାମ ପ୍ରଧାନ ସହଯୋଗ କରିଥିଲେ।

# ତାରାତାରିଣୀଙ୍କ ପୀଠରେ ଆରମ୍ଭ ହେଲା ଅନ୍ନପ୍ରସାଦ ବ୍ୟବସ୍ଥା

ପୁରୁଷୋତ୍ତମପୁର,୮।୯(ସୀମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲାର ପ୍ରସିଦ୍ଧ ଇଷ୍ଟଦେବୀ ମା’ ତାରାତାରିଣୀଙ୍କ ପୀଠରୁ ଏଣିକି ଶ୍ରଦ୍ଧାଳୁମାନେ ଆଉ ଭୋକିଲା ଫେରିବେନି। ଏଥିନେଇ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ପ୍ରସ୍ତାବକୁ ସୋମବାର ଜିଲା ପ୍ରଶାସନ କାର୍ଯ୍ୟକାରୀ କରିଛି। ପ୍ରସାଦ ଯୋଗାଣର ବ୍ୟବସ୍ଥାକୁ ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତିଭାସନ ଶୁଭାରମ୍ଭ କରିଛନ୍ତି। ଜିଲାପାଳ ନିଜେ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବାଣ୍ଟିଛନ୍ତି। ମା’ଙ୍କ ପ୍ରସାଦ ପାଇ ନିଜକୁ ଧନ୍ୟ ମନେ କରିଛନ୍ତି ସୋମବାର ପୀଠକୁ ଆସିଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ। ଏହି କାର୍ଯ୍ୟକ୍ରମରେ ଛତ୍ରପୁର ଉପଜିଲାପାଳ ଡ. ଶିବାଶିଷ ବରାଳ, ପୁରୁଷୋତ୍ତମପୁର ତହସିଲଦାର ବିନୋଦ ବେହେରା, ବିଡିଓ ଶରତ ପାତ୍ର,



ଜିଲାପାଳ ପ୍ରସାଦ ପରଷୁଛନ୍ତି

ଆଇଆଇସି ରାଜେଶ ନାୟକ, ଏନ୍ଏସି ନିର୍ବାହୀ ଅଧିକାରୀ ଗୋବିନ୍ଦ ଡନସେନା, ମନ୍ଦିର ନିର୍ବାହୀ ଅଧିକାରୀ ଟି.କେ. ରେଡ୍ଡୀ, ମନ୍ଦିର ଉନ୍ନୟନ କମିଟି ସମ୍ପାଦକ ପ୍ରମୋଦ ପଣ୍ଡା, ସେବାୟତ ସଂଘ ସଭାପତି ତପନ ରଣା, ବାପୁଜୀ ରଣା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ମା’ଙ୍କ ପୀଠରେ ପ୍ରାୟ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ପ୍ରତିଷ୍ଠା କରାଯାଇଥିବା ଅତ୍ୟାଧୁନିକ ସ୍ୱୟଂଚାଳିତ ରନ୍ଧନ ମେଶିନରେ ପ୍ରସାଦ ପ୍ରସ୍ତୁତ କରାଯାଉଛି। ଏହି ମେଶିନରେ ୩୦ ମିନିଟରେ ୩ ହଜାର ଶ୍ରଦ୍ଧାଳୁଙ୍କ ଲାଗି ପ୍ରସାଦ ରନ୍ଧନ ହୋଇପାରୁଛି। କୌଣସି ବ୍ୟକ୍ତି ତାଙ୍କ ଆବଶ୍ୟକତା ଅନୁସାରେ ଯଦି ପ୍ରସାଦ ନେବାକୁ ଚାହିଁବେ ତେବେ ଏନେଇ ଆଗୁଆ ବରାଦ କଲେ ତାଙ୍କୁ ପ୍ରସାଦ ପ୍ରଦାନ ବ୍ୟବସ୍ଥା କରାଯାଇଛି ବୋଲି ଏହି ଅବସରରେ ଜିଲାପାଳ କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ମା’ ତାରାତାରିଣୀଙ୍କ ପୀଠରେ ଶ୍ରଦ୍ଧାଳୁମାନେ ମା’ଙ୍କ ପ୍ରସାଦ ପାଇବାକୁ ଇଚ୍ଛା କରି ପାଇପାରୁ ନ ଥିଲେ। ଏହାକୁ ଗୁରୁତ୍ୱ ଦେଇ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇ ମା’ଙ୍କ ପୀଠକୁ ଆସୁଥିବା ସମସ୍ତେ ଯେପରି ପ୍ରସାଦ ପାଇପାରିବେ ବ୍ୟବସ୍ଥା କରାଯାଇଛି।

# କାର୍‌ରେ ନାବାଳିକାଙ୍କୁ ବଳାତ୍କାର ଘଟଣା
# ମାମଲା ରୁଜୁ ହେଲା ପରେ ବି ପୋଲିସ ହାତ ଖାଲି

ଦାରିଙ୍ଗବାଡ଼ି, ୮।୯ (ଅରୁଣ ସାହୁ

ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ୫ ତାରିଖ ଶୁକ୍ରବାର ଗଣେଶ ଭସାଣି ଦେଖିବାକୁ ଯାଇଥିବା ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଘଟଣାକୁ ଇତି ମଧ୍ୟରେ ୭୨ ଘଣ୍ଟା ବିତିଛି। ଏନେଇ ପରିବାର ଲୋକେ ଥାନାରେ ଏତଲା ଦେବାର ୪୮ଘଣ୍ଟା ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ଫଳରେ ପୋଲିସ କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନ ଉଠିଛି। ପୋଲିସ ବିଭିନ୍ନ ଦିଗ ଅନୁଧ୍ୟାନ କରି ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଜାରି ରଖିଛି। ପ୍ରକାଶ ଯେ, ଶୁକ୍ରବାର ଦାରିଙ୍ଗବାଡ଼ି ଅଞ୍ଚଳରେ ଗଣେଶ ଭସାଣି ଦେଖିବାକୁ ଜଣେ ନାବାଳିକା ଯାଇଥିଲେ। ଭସାଣି ପରେ ପ୍ରସାଦ ସେବନ ସାରି ପୂର୍ବରୁ ତାଙ୍କ ସମ୍ପର୍କୀୟଙ୍କ ଘରେ ରଖିଥିବା ଡ୍ରେସ ଜ୍ୟାକେଟ ନେଇଆସି ଘରକୁ ଯିବା ବେଳେ ଜଣେ ଯୁବକ ଏକ କାରରେ ଆସି ନାବାଳିକାଙ୍କୁ ଉଠାଇ ନେଇ ତାଙ୍କୁ ବଳାତ୍କାର କରିଥିବା ସେ କହିଛନ୍ତି। ପ୍ରତିବାଦ କରିବାରୁ ତାଙ୍କୁ ଆକ୍ରମଣ କରାଯାଇଥିବା ନାବାଳିକାଙ୍କ ସମ୍ପର୍କୀୟ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

# ମେଘମହ୍ଲାର ଉତ୍ସବ, ଶିକ୍ଷକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



ଫୁଲବାଣୀ,୮।୯(ରାକେଶ କୁମାର ରାଉତ) ଫୁଲବାଣୀ ଗାନ୍ଧୀ ସ୍ମୃତି ଭବନ ସଭାଗୃହରେ ସାହିତ୍ୟ ଅନୁଷ୍ଠାନ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦ ପକ୍ଷରୁ ମେଘମହ୍ଲାର ଉତ୍ସବ ଓ ଜିଲ୍ଲାସ୍ତରୀୟ ଶିକ୍ଷକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଥମ ଦିବସରେ ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ସନ୍ତୋଷ କୁମାର ପାଢ଼ୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆଗ୍ରହ ମୁତାବକ ଶିକ୍ଷା ଦାନ ହିଁ ସଫଳତା ଆଣି ଦିଏ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ପାତ୍ର ଯୋଗଦେଇ ଶିକ୍ଷକମାନେ ସମାଜର ମଣିଷ ତିଆରି କରିବାର ଜଣେଜଣେ ନିପୁଣ କାରିଗର ବୋଲି କହିଥିଲେ। ସଭାପତି ପ୍ରଶାନ୍ତ କୁମାର ବେହେରା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ ଯୋଗଦେଇ ପିଲାମାନେ କିପରି ଭଲରେ ପାଠ ପଢିବେ ସେ ଦିଗରେ ଶିକ୍ଷକମାନେ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୩୭ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ମାନଙ୍କୁ ସେମାନଙ୍କ ଉତ୍ତମ ଶିକ୍ଷା ଦାନ, ସେମାନଙ୍କ ଶୃଙ୍ଖଳା ଆଦି ଆଧାରରେ ମାନପତ୍ର ଓ ସ୍ମୃତି ଫଳକ ଆଦି ପ୍ରଦାନ କରାଯାଇଥିଲା। ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ସମ୍ପାଦକ ଡା. କାହ୍ନୁ ଚରଣ ଶତପଥୀ ଧନ୍ୟବାଦ ଦେଇଥିଲେ।

# ସାର ଚଢ଼ା ଦରରେ ବିକ୍ରି, ପ୍ରତିବାଦରେ ଚାଷୀଙ୍କ ଧାରଣା

ପାତ୍ରପୁର,୮।୯(ଉମା ଚରଣ ନେପାକ)

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକରେ ସାର ଚଢା ଦରରେ ବିକ୍ରିକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ସୋମବାର ଚାଷୀ ଧାରଣାରେ ବସିଛନ୍ତି। ସେମାନଙ୍କ ସହ କଂଗ୍ରେସ ସାମିଲ ହୋଇଛି। କେତେ ଜଣ ଲାଇସେନ୍ସପ୍ରାପ୍ତ ଡିଲର ସାର କଳାବଜାର କରି ଚଢ଼ା ଦରରେ ବିକ୍ରି କରିବା ସହ ଆନ୍ଧ୍ର ପ୍ରଦେଶକୁ ଚୋରା ଚାଲାଣ କରୁଥିବା ଚାଷୀ ଅଭିଯୋଗ କରିଛନ୍ତି। ସୋମବାର ପାତ୍ରପୁର ବ୍ଲକ ସଦରସ୍ଥିତ ତଳ ବସ୍‌ଷ୍ଟାଣ୍ଡଠାରେ କଂଗ୍ରେସ ନେତା ରବୀନ୍ଦ୍ର ଦ୍ୟାନସାମନ୍ତରାଙ୍କ ନେତୃତ୍ୱରେ ବହୁ ଚାଷୀ ଚାଷୀ ଗଣଧାରଣାରେ ବସିଥିଲେ। ଖବର ପାଇ କୃଷିବିଭାଗର ବ୍ଲକ ଅତିରିକ୍ତ କୃଷି ଅଧିକାରୀ ଶ୍ରଦ୍ଧା ସିଂଙ୍କ ସମେତ କୃଷି କର୍ମଚାରୀମାନେ ଚାଷୀଙ୍କ ପାଖରେ ପହଞ୍ଚି ଆଲୋଚନା କରିଥିଲେ। ସେମାନଙ୍କ ସମସ୍ୟା ପଚାରି ବୁଝିବା ସହ




ସାରର କଳାବଜାର ପ୍ରତିବାଦରେ ଧାରଣାରେ ବସିଥିବା ଚାଷୀ।

ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ପାତ୍ରପୁର ଗ୍ରାମର କେତେ ଜଣ ଡିଲରଙ୍କ ଗୋଦାମ ଯାଞ୍ଚ କରାଯାଇଥିଲା। ତେବେ ଚାଷୀଙ୍କୁ ପର୍ଯ୍ୟାପ୍ତ ପରିମାଣରେ ସାର ଯୋଗାଇ ଦେବା, କଳାବଜାର ରୋକା ନ ଗଲେ ଆଗାମୀ ଦିନରେ ହଜାର ହଜାର ଚାଷୀ ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିବେ ବୋଲି ଦ୍ୟାନ ସାମନ୍ତରା କହିଛନ୍ତି।

## ପୂର୍ବତନ ସରପଞ୍ଚଙ୍କୁ ଆକ୍ରମଣ ଘଟଣା, ଥାନାରେ ଏତଲା

ଦାରିଙ୍ଗବାଡ଼ି, ୮।୯ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ଥାନା କିରିକୁଟି ପଞ୍ଚାୟତର ପୂର୍ବତନ ସରପଞ୍ଚ ତ୍ରିଲୋଚନ ପ୍ରଧାନ ଓରଫ ଟିଟୁଙ୍କୁ ରବିବାର ରାତିରେ କେହି ଦୁର୍ବୃତ୍ତ ଆକ୍ରମଣ କରିଥିଲେ। ସୋମବାର ତାଙ୍କ ମାମୁଙ୍କ ପୁଅ ଜୟଚନ୍ଦ୍ର ପ୍ରଧାନ ଥାନାରେ ଏତଲା ଦେଇଛନ୍ତି। ଏନେଇ ସନ୍ଧ୍ୟା ସୁଦ୍ଧା ମାମଲା ରୁଜୁ ହୋଇ ନ ଥିବା ପୋଲିସ କହିଛି। ପ୍ରକାଶ ଯେ, ଟିଟୁଙ୍କ ସ୍ତ୍ରୀ କିମ୍ବା କୌଣସି ସନ୍ତାନ ନ ଥିବାରୁ ସେ ଏକା ରହୁଥିଲେ। ସେ କିରିକୁଟିରେ ପୂର୍ବରୁ ବସବାସ କରିଥିଲେ। ସ୍ତ୍ରୀ ଆରପାରିକୁ ଗଲାପରେ ସେ ଦୂରସମ୍ପର୍କୀୟଙ୍କ ଘର ପାଟାଙ୍ଗିରେ ରହୁଥିଲେ। ଟିଟୁଙ୍କ ରାଜପଥ ଜମିକୁ ଦୂର ସମ୍ପର୍କୀୟମାନେ ହଡ଼ପ କରିବା ପାଇଁ ଉଦ୍ୟମ କରୁଥିବାରୁ ଆକ୍ରମଣ ହୋଇଥାଇ ପାରେ ବୋଲି ଥାନାରେ ଅଭିଯୋଗ ହୋଇଛି। ଚଳିତ ବର୍ଷ ଅଗଷ୍ଟ ୫ରେ ଏହି ବିବାଦ ନେଇ ଥାନାରେ ଉଭୟ ପକ୍ଷ ଅପୋସ ବୁଝାମଣା ହୋଇଥିଲା। ତେବେ ଯେଉଁ ମାନେ ଜମି ହଡପ ଉଦ୍ୟମ କରୁଛନ୍ତି ସେମାନେ ହତ୍ୟା ଉଦ୍ୟମ କରିଥାଇ ପାରନ୍ତି ବୋଲି ଏତଲାରେ ଦର୍ଶାଯାଇଛି। ଖବର ଲେଖିବା ସୁଦ୍ଧା ପୂର୍ବତନ ସରପଞ୍ଚ ଟିଟୁ ଏମ୍‌କେସିଜିରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ଏହି ଘଟଣାରେ କେହି ଗିରଫ ହୋଇ ନ ଥିବା ଜଣାପଡ଼ିଛି।

## ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ

କବିସୂର୍ଯ୍ୟନଗର,୮।୯(କୃପାସିନ୍ଧୁ ସ୍ୱାଇଁ): ସ୍ଥାନୀୟ ଦିବ୍ୟଜୀବନ ଶାଖା ପକ୍ଷରୁ ୫୫ତମ ବାର୍ଷିକ ଉତ୍ସବ ତଥା ସ୍ୱାମୀ ଶିବାନନ୍ଦ ସରସ୍ୱତୀ ମହାରାଜାଙ୍କ ୧୩୮ତମ ଜୟନ୍ତୀ ଅବସରରେ ସୋମବାର ସନ୍ଧ୍ୟାରେ ଏକ ଶୋଭାଯାତ୍ରା ନଗର ପରିକ୍ରମା କରିଛି । ପ୍ରାତଃରେ ପ୍ରାର୍ଥନା, ପ୍ରଭାତଫେରି, କର୍ମଯୋଗ, ସକାଳେ ଭଜନ ଓ ପାଦୁକା ପୂଜା, ଅପରାହ୍ନରେ ବାଚନିକ ସେବା, ପୂଜା, ଆରତୀ, ସ୍ୱସ୍ତିବାଚନ ହୋଇଥିଲା। ମୁଖ୍ୟ ପ୍ରବକ୍ତା ସ୍ଥାନୀୟ ଭାଗବତ ମଠ ମହନ୍ତ ବ୍ରଜବନ୍ଧୁ ଦାସଜୀ ମହାରାଜାଙ୍କ ଦ୍ୱାରା ପ୍ରବଚନ ହୋଇଛି। ଦିବ୍ୟଜୀବନ ସଂଘ ସଭାପତି ବନମାଳୀ ସ୍ୱାଇଁ, ଉପସଭାପତି ଗଙ୍ଗାଧର ମହାପାତ୍ର, ସମ୍ପାଦକ ବଂଶୀଧର ପ୍ରଧାନ, କୋଷାଦକ୍ଷ ଶଙ୍କର ପ୍ରସାଦ ଡାକୁଆ, ସଞ୍ଚାଳକ ଗୌରୀ ନାରାୟଣ ପାତ୍ର, ସଦାନନ୍ଦ ମାଝୀ, ଭିକାରି ସ୍ୱାଇଁ, ବାଉରୀବନ୍ଧୁ ସ୍ୱାଇଁ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହେବା ସହ ସହଯୋଗ କରିଥିଲେ।

### ଦଳିତଙ୍କୁ ଆକ୍ରମଣ ମାମଲାରେ ପୋଲିସ ହାତ ଖାଲି
# ଜିଲ୍ଲାପାଳ,ଏସ୍‌ପିଙ୍କୁ ଦଳିତ ମହାସଭାର ଦାବିପତ୍ର

ଛତ୍ରପୁର,୮।୯(ସନ୍ତୋଷ ପାଢ଼ୀ):

ପାଟପୁର ଥାନା ଅଞ୍ଚଳରେ ଦଳିତଙ୍କୁ ଆକ୍ରମଣ ଘଟଣାରେ ପୋଲିସ କାହାରିକୁ ଗିରଫ କରିନାହିଁ। ଗଞ୍ଜାମ ଜିଲ୍ଲା ଦଳିତ ମହାସଭା ଏଥିରେ ପ୍ରତିକ୍ରିୟା ପ୍ରକାଶ କରିବା ସହ ସୋମବାର ଛତ୍ରପୁର ଆସି ବିକ୍ଷୋଭ ପ୍ରଦର୍ଶନ କରିଛି। ପରେ ଜିଲ୍ଲାପାଳ ଓ ଗଞ୍ଜାମ ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଓ ଅତିରିକ୍ତ ଏସପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ସୁମନ୍ତପୁର ଗାଁରେ ଗତ ୨ ତାରିଖରେ ଦଳିତମାନେ ବରଯାତ୍ରୀ ପ୍ରୋସେଶନ ନେଇ ସବର୍ଣ୍ଣ ସାହିର ଏକ ରାଧାକୃଷ୍ଣ ମନ୍ଦିରକୁ ଦର୍ଶନ କରିବା ପାଇଁ ଯାଉଥିଲେ। ତେବେ ସବର୍ଣ୍ଣମାନେ ସଂଘବଦ୍ଧ ଭାବେ ସେମାନଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ପାଟପୁର ଥାନାରେ ଏତଲା ଦିଆଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି। ଅନ୍ୟପଟେ ପାଟପୁର ଥାନା ଅଧିକାରୀ ଅଭିଯୋଗ କରିଥିବା ଲୋକଙ୍କୁ ଥାନାକୁ ଡାକି ଆଣି ମାଡ଼ ମାରୁଥିବା ଅଭିଯୋଗ କରିଛନ୍ତି । ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ।

## କଂଗ୍ରେସର ସୃଜନ କାର୍ଯ୍ୟକ୍ରମରେ ଯୋଗଦେଲେ ବିଧାୟକ

ଶେରଗଡ଼, ୮।୯(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ସ୍ଥିତ ଦକ୍ଷିଣକାଳୀ ପୀଠରେ କଂଗ୍ରେସର ଅନୁଷ୍ଠିତ ସୃଜନ କାର୍ଯ୍ୟକ୍ରମରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଓ ରାଜ୍ୟ ପ୍ରଭାରୀ ସଚିନ ନାୟକ ରବିବାର ଯୋଗ ଦେଇଥିଲେ। ଲୋକଙ୍କଠାରୁ ତଥ୍ୟ ସଂଗ୍ରହ କରି ପରବର୍ତ୍ତୀ ସମୟରେ ଜିଲାସ୍ତରରେ କର୍ମକର୍ତ୍ତା ଚୟନ କରାଯିବା ଏବଂ ପଲ୍ଲୀରୁ ଦିଲ୍ଲୀ ଯାଏ ଏହି କାର୍ଯ୍ୟକ୍ରମ କରାଯାଇ ଦଳକୁ ସୁଦୃଢ଼ କରାଯିବାକୁ କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି। ଜିଲା ସଭାପତି ଦାୟିତ୍ୱରେ ଥିବା ଆଇନଜୀବୀ ଦେବକାନ୍ତ ଶର୍ମା ସଂଯୋଜନା କରିଥିଲେ। ଏହି ଅବସରରେ ବିଧାୟକ ଜେନା ଭାଜପା ସରକାରକୁ ସମାଲୋଚନା କରିଥିଲେ। କୁନା ବିଷୋୟୀ, ରଜେଇ ବିଷୋୟୀ, ଜଞ୍ଜାଳ ରାଓ, ପ୍ରଭାକର ପାଣିଗ୍ରାହୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଭୁବନୀରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି/ଗୁମ୍ମା, ୮।୯(ଗିରିଧାରୀ ପରିଚ୍ଛା/ପ୍ରବୀଣ କୁମାର ଲିମା)

ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଭୁବନୀ ପଞ୍ଚାୟତ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ଫାଲଗୁନୀ ମାଝୀ, ଏସ୍‌ପି ଯତୀନ୍ଦ୍ର ପଣ୍ଡା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେରକେଟା ଓ ଉପଜିଲାପାଳ ଅନୁପ ପଣ୍ଡା ଉପସ୍ଥିତ ରହି ଭୁବନୀ ପଞ୍ଚାୟତ ସମେତ ତୁମୁଳ, ସେରଙ୍ଗ ଓ ଅଜୟଗଡ଼ ପଞ୍ଚାୟତରୁ ଆସିଥିବା ୬୧ଟି ଅଭିଯୋଗ ପତ୍ର ଗ୍ରହଣ କରି ଶୁଣାଣି କରିଥିଲେ। ସେଥିରୁ ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଅଭିଯୋଗ ୧୮ଟି ଓ ଗ୍ରାମଭିତ୍ତିକ ସମସ୍ୟାସମସ୍ୟା




ସମ୍ବଳିତ ୪୩ଟି ଅଭିଯୋଗ ଥିଲା। ଅଭିଯୋଗଗୁଡିକର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ହୋଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସାମାଜିକ ସୁରକ୍ଷା, ଜମିପଟ୍ଟା, ଏମ୍‌ଜିଏନ୍‌ଆରଇଏସ୍ଏସ୍, ଗୃହ ନିର୍ମାଣ, ରାଶନ କାର୍ଡ, ଶିକ୍ଷା, ସାସ୍ଥ୍ୟସେବା, ଜଳ ସେଚନ, ରାସ୍ତା ସମ୍ପର୍କିତ ଅଭିଯୋଗ ଥିଲା। ଶୁଣାଣି ବେଳେ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଗୁମ୍ମା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନେମୀ ମଣ୍ଡଳ, ବିଡିଓ ଦୁଲାରାମ ମାର୍ଣ୍ଡି ,ତହସିଲଦାର ଶରତ ଶବର, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ମୁବାରକ ଅଲ୍ଲୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ହୁମା ଫାଣ୍ଡି ଅଧିକାରୀଙ୍କୁ ଭେଟିଲେ ପ୍ରତିନିଧି ଦଳ
### ବଟେଶ୍ୱର ବାଲିଯାତ୍ରା ପାଇଁ କଲେ ଆଲୋଚନା

ଗଞ୍ଜାମ,୮।୯(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ୍ ପାଳିବନ୍ଧ ପଞ୍ଚାୟତ କଣ୍ଟିଆଗଡ଼ଠାରେ ପ୍ରସିଦ୍ଧ ବଟେଶ୍ୱର ଶୈବ ପୀଠ ରହିଛି। କାର୍ତ୍ତିକ ମାସରେ ଏଠାରେ ଭକ୍ତମାନଙ୍କ ଭିଡ଼ ଜମିବ। ଏହାସହ ନଭେମ୍ବରରେ ବଟେଶ୍ୱର ବାଲିଯାତ୍ରାରେ ଲକ୍ଷାଧିକ ଲୋକଙ୍କ ସମାଗମ ହେବ। ଏନେଇ ସୋମବାର ବଟେଶ୍ୱର ଐତିହ୍ୟ ସଂରକ୍ଷଣ କମିଟିର ଏକ ପ୍ରତିନିଧି ଦଳ ହୁମା ଫାଣ୍ଡି ଅଧିକାରୀ ସତ୍ୟଜିତ ବେଣୀଙ୍କୁ ଭେଟି ଆଇନ ଶୃଙ୍ଖଳା ଓ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ପୂର୍ବତନ ସରପଞ୍ଚ ଦିଲ୍ଲୀପ ଛୋଟରାଏ, କାର୍ଯ୍ୟକାରୀ ସଭାପତି ଶିବ ପ୍ରସାଦ ସ୍ୱାଇଁ, ଉପସଭାପତି ଶବର ତରାଇ, ସମ୍ପାଦକ ରଞ୍ଜିତ ପଲାଇ, ବରିଷ୍ଠ ସଭ୍ୟ ବୃନ୍ଦାବନ ପ୍ରଧାନ, ପବିତ୍ର ସ୍ୱାଇଁ, ଶିବରାମ ପଲାଇ, ନିରାକାର ଜେନା, କ୍ରିଷ୍ଣା ରେଡି ଏବଂ ତ୍ରିନାଥ ରେଡି ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିର ପରିଚାଳନା କମିଟି ଓ ପ୍ରଶାସନ ମଧ୍ୟରେ ଏକ ପ୍ରସ୍ତୁତି ବୈଠକ କରାଯିବ ବୋଲି ଆଲୋଚନା ହୋଇଥିଲା। ବଟେଶ୍ୱର ପୀଠକୁ ଗୋଟିଏ ରାସ୍ତା ତାହା ସଂକୀର୍ଣ୍ଣ। ପ୍ରତିବର୍ଷ ଯାତ୍ରା ସମୟରେ ଶହ ଶହ ଗାଡି ମୋଟର ଯାତାୟାତ ବେଳେ ଟ୍ରାଫିକ ସମସ୍ୟା ଦେଖାଦିଏ। ପରବର୍ତ୍ତୀ ସମୟରେ ତହସିଲଦାର ଏବଂ ବିଡ଼ିଓଙ୍କୁ ପରିଚାଳନା କମିଟି ପକ୍ଷରୁ ଭେଟି ସମାଧାନ ପାଇଁ ଆଲୋଚନା କରାଯିବ ବୋଲି ଐତିହ୍ୟ ସରାଂକ୍ଷଣ କମିଟି କାର୍ଯ୍ୟକାରୀ ସଭାପତି ଶିବ ପ୍ରସାଦ ସ୍ୱାଇଁ ସୂଚନା ଦେଇଛନ୍ତି।

## ବୁଲା ଗୋରୁଙ୍କ ପାଇଁ ଦୁର୍ଘଟଣା ବଢୁଛି



ରାସ୍ତାରେ ଶୋଇ ରହିଥିବା ଏବଂ ବୁଲୁଥିବା ଗୋରୁଗାଈ।

ଭଞ୍ଜନଗର,୮।୯(ବାବୁଲା ପ୍ରଧାନ): ଭଞ୍ଜନଗର ସହର ରାସ୍ତାରେ ଦିନରାତି ଅବାଧରେ ଗୋରୁଗାଈ ବୁଲୁଛନ୍ତି। ଗୃହପାଳିତ ପ୍ରାଣୀ ରାସ୍ତାରେ ଶୋଇରହି ବିଭିନ୍ନ ସମୟରେ ଲୋକଙ୍କ ପାଇଁ ବିପଦ ସାଜୁଛନ୍ତି। ଫଳରେ ପ୍ରତ୍ୟେହ ଛୋଟ ବଡ ଦୁର୍ଘଟଣାମାନ ଘଟୁଛି। ବୁଲା ଗୋରୁଙ୍କୁ ରାସ୍ତାରୁ ହଟାଇବାକୁ ଦାବି ହେଉଛି। ଗୋରୁଗାଈ ମାଲିକମାନେ ଗାଈଠାରୁକ୍ଷୀର ପାଇସାରିବା ପରେ ବଜାରକୁ ଛାଡ଼ି ଦେଉଛନ୍ତି। ଏମାନେ ସହରରେ ବୁଲିବା ସହ ମୁଖ୍ୟ ରାସ୍ତାରେ ଶୋଇ ରହୁଛନ୍ତି। ରାସ୍ତାରେ ଗୃହପାଳିତ ପ୍ରାଣୀ ଯେଭଳିସମସ୍ୟା ସୃଷ୍ଟି ନ କରନ୍ତି ସେଥିପାଇଁ ପ୍ରଶାସନ ବ୍ୟବସ୍ଥା କରିବାକୁ ପରିବେଶପ୍ରେମୀ ରମେଶ ପାତ୍ର ଦାବି କରିଛନ୍ତି। ଏନେଇ ଏନଏସି ନିର୍ବାହୀ ଅଧିକାରୀ ମୁରଲୀ କୃଷ୍ଣ ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ, ଏଦିଗରେ ଖୁବ ଶୀଘ୍ର ପଦକ୍ଷେପ ନିଆଯିବ ।

## ଚାରା ବଣ୍ଟନ ଅଭିଯାନ

ଫୁଲବାଣୀ,୮।୯(ରାକେଶ କୁମାର ରାଉତ) ସ୍ଥାନୀୟ ମେଗା ନର୍ସରୀଠାରେ ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ଥ ଚାରାରୋପଣ କାର୍ଯ୍ୟକ୍ରମ ଓ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ପାଇଁ ସମସ୍ତେ ଚାରାରୋପଣ କରିବାକୁ ପନ୍ଥ ପରାମର୍ଶ ଦେଇଥିଲେ। କନ୍ଧମାଳ ଜିଲାରେ ୨ ଲକ୍ଷରୁ ଅଧିକ ଚାରା ରୋପଣ କରାଯିବ। ପ୍ରତ୍ୟେକ ପଞ୍ଚାୟତକୁ ୫ ଶହ ଚାରା ପ୍ରଦାନ କରାଯିବ। ବିଭିନ୍ନ ସରକାରୀ ବିଭାଗ ଓ ଅନୁଷ୍ଠାନ ନିଜ ସ୍ଥାନରେ ଚାରାରୋପଣ କରି ତା'ର ରକ୍ଷଣା ବେକ୍ଷଣ ବ୍ୟବସ୍ଥା କରିବେ ବୋଲି ସେ କହିଛନ୍ତି। ଆର୍‌ସିସିଏଫ୍ ପି.ନୀଳାମ୍ବମ, ଏସିଏଫ୍ ଶ୍ୱେତଲୀନା ସାହୁ, ଫୁଲବାଣୀ ରେଞ୍ଜର ଶିବାନନ୍ଦ ଲେଙ୍କା, ଫରେଷ୍ଟର ସରୋଜ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜୋନାଲସ୍ତରୀୟ କ୍ରୀଡ଼ା: ଭାଗ ନେଇଛନ୍ତି ୧୮୦ରୁ ଉର୍ଦ୍ଧ୍ୱ ଖେଳାଳି

ପାରଳାଖେମୁଣ୍ଡି, ୮।୯(ଗିରିଧାରୀ ପରିଚ୍ଛା)

ଶ୍ରୀକୃଷ୍ଣ ଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖେଳ ପଡିଆରେ ସୋମବାର ଜୋନାଲସ୍ତରୀୟ ବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପାରଳାଖେମୁଣ୍ଡି ଜୋନ ଅନ୍ତର୍ଗତ ୧୨ଟି ବିଦ୍ୟାଳୟ ତଥା ମହାବିଦ୍ୟାଳୟର ୧୪ ବର୍ଷରୁ କମ ଓ ୧୭ ବର୍ଷରୁ କମ ଉଭୟ ବାଳକ ଓ ବାଳିକାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥିରେ ୧୮୦ରୁ ଉର୍ଦ୍ଧ୍ୱ ଖେଳାଳି ଭାଗ ନେଇଥିଲେ। କବାଡ଼ି ଏବଂ ଭଲିବଲ, ଖୋଖୋ, ଆଥ୍‌ଲେଟିକ୍ସ ସହ ଅନ୍ୟାନ୍ୟ ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଏହି ଜୋନାଲସ୍ତରୀୟ କ୍ରୀଡାରେ ସଫଳତା ପାଇଥିବା ଖେଳାଳିମାନେ ଆଗାମୀ ଦିନରେ ଗରାବନ୍ଧରେ ହେବାକୁ ଥିବା ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଭାଗ ନେବାକୁ



ମନୋନୀତ ହୋଇଛନ୍ତି । ଜିଲା ଶିକ୍ଷାଧିକାରୀ ଡ. ମାୟାଧର ସାହୁଙ୍କ ତତ୍ତ୍ୱାବଧାନରେ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଡି. ଶ୍ରୀରାମ ମୂର୍ତ୍ତି ପତାକା ଉତ୍ତୋଳନ କରି କ୍ରୀଡା ପ୍ରତିଯୋଗିତା ଆରମ୍ଭ କରିଥିଲେ। ଜିଲା ଭାରପ୍ରାପ୍ତ ଶାରୀରିକ ଶିକ୍ଷା କ୍ରୀଡା ଅଧିକାରୀ ସୁରେନ୍ଦ୍ରନାଥ ପାତ୍ର ଖେଳାଳିମାନଙ୍କୁ ଶପଥ ପାଠ କରାଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଜଗନ୍ନାଥ ପଟ୍ଟନାୟକ, ଜିକୋରିଆ ଶବର ଓ କ୍ରୀଡ଼ା ଶିକ୍ଷକ ଧୀରେନ୍ଦ୍ର ସାମଲ, ଦିଲେଶ୍ୱର ତୃଣ, ସନ୍ତୋଷ କଲ୍ୟାଣୀ, ଶିବରାମ ଭୂୟାଁ କ୍ରୀଡା ପ୍ରତିଯୋଗିତା ପରିଚାଳନା କରିଥିଲେ।

## ୧୪ରୁ ରାମଚଣ୍ଡୀଙ୍କ ଶାରଦୀୟ ପୂଜା

ଛତ୍ରପୁର/ଗଞ୍ଜାମ,(ସନ୍ତୋଷ ପାଢ଼ୀ/ବିଦ୍ୟାଧର ସାହୁ): କରପଡା ପଞ୍ଚାୟତ ନୀଳାଦ୍ରିପୁର ଗ୍ରାମ ପର୍ବତ ଶିଖରେ ବିରାଜିତ ମା' ରାମଚଣ୍ଡୀଙ୍କ ପୀଠରେ ଆସନ୍ତା ୧୪ ତାରିଖ ମୂଳାଷ୍ଟମୀରୁ ଷୋଡଶ ଦିନାତ୍ମକ ଶାରଦୀୟ ପୂଜା ଆରମ୍ଭ ହୋଇ ୨୯ ତାରିଖ ମହାଷ୍ଟମୀ ପର୍ଯ୍ୟନ୍ତ ଚାଲିବ। ପୂଜା ପାଇଁ ମା' ରାମଚଣ୍ଡୀ ମନ୍ଦିର ଟ୍ରଷ୍ଟ, ପୂଜା କମିଟି ଓ ପରିଚାଳନା କମିଟି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପୂଜା ବେଳେ ଆଇନ ଶୃଙ୍ଖଳା ଓ ଭକ୍ତମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ନିୟୋଜିତ କରିବା ଲାଗି ଗଞ୍ଜାମ ଥାନା ଆଇଆଇସି ସୁମିତ୍ରା ପାତ୍ର ଏବଂ ଛତ୍ରପୁର ଆଇଆଇସିଙ୍କୁ ଅବଗତ କରାଯାଇଛି।

# ସମସ୍ୟା ନେଇ ବିଡିଓଙ୍କୁ ଭେଟିଲେ ସରପଞ୍ଚ, ଯୁବଗୋଷ୍ଠୀ



ଜି.ଉଦୟଗିରି,୮।୯(ବିଜୟ କୁମାର ସେଠୀ)

ଜି.ଉଦୟଗିରି ବ୍ଲକ ମାଳିକାପଡ଼ି ପଞ୍ଚାୟତର ଯୁବଗୋଷ୍ଠୀ ଏକାଠି ହୋଇ ପଞ୍ଚାୟତରେ ଦୀର୍ଘଦିନ ଧରି ଉନ୍ନୟନ କାମ ପଡ଼ି ରହିଥିବା ଓ ମୌଳିକ ସମସ୍ୟା ସମ୍ପର୍କରେ ପୂର୍ବରୁ ସରପଞ୍ଚ ଓରଣା ପ୍ରଧାନଙ୍କୁ ଜଣାଇଥିଲେ। ସ୍ଥାନୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି କାମ ହେଉ ନ ଥିବା ଯୁବକମାନଙ୍କୁ ସରପଞ୍ଚ କହିଥିଲେ। ସୋମବାର ଯୁବଗୋଷ୍ଠୀଙ୍କ ସହ ସରପଞ୍ଚ, ନାଏବ ସରପଞ୍ଚ ଚନ୍ଦ୍ରକାନ୍ତ ପ୍ରଧାନ ନିଜ ଅଞ୍ଚଳର ମୌଳିକ ସମସ୍ୟା ନେଇ ବିଡିଓ ଶରତ ଚନ୍ଦ୍ର ମଲ୍ଲିକଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ୨ ପଞ୍ଚାୟତକୁ ସଂଯୋଗ କରୁଥିବା ମୁଖ୍ୟ ସଡ଼କ ଜି.ଉଦୟଗିରି ଇଲେକ୍ଟ୍ରି ଅଫିସ ଛକଠାରୁ ରାଇପଦା ପର୍ଯ୍ୟନ୍ତ ପିଚୁ ରାସ୍ତା ନିର୍ମାଣ, ବାଡ଼େନାଞ୍ଜୁ ଛକରୁ ଗୁଡ୍ରିପଡ଼ି ଛକ ପର୍ଯ୍ୟନ୍ତ ପିଚୁ ରାସ୍ତା ନିର୍ମାଣ, ଷ୍ଟ୍ରିଟ୍ ଲାଇଟ୍ ମରାମତି, ପାନୀୟଜଳ ଯୋଗାଣ ପାଇପ୍‌ଗୁଡ଼ିକ ବଦଳାଇବାକୁ ବିଡିଓ ମଲ୍ଲିକଙ୍କ ନିକଟରେ ଦାବି କରିଥିଲେ। ମୁଖ୍ୟ ସଡ଼କର ମରାମତି ନୁହେଁ, ବର୍ଷା ପରେ ନୂଆ ରାସ୍ତା ନିର୍ମାଣ ହେବ। ପାଇପ ଲିକେଜ୍ ସମସ୍ୟା ଆସନ୍ତା ୧୦ ତାରିଖ ମଧ୍ୟରେ ସମାଧାନ କରାଯିବ। ଷ୍ଟ୍ରିଟ୍ ଲାଇଟ ମରାମତି ଓ ନୂଆ ସ୍ଥାପନ କାମ ଶୀଘ୍ର ଆରମ୍ଭ ହେବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି। ଦାବିପୂରଣ ନ ହେଲେ ଆନ୍ଦୋଳନ ହେବ ବୋଲି ସରପଞ୍ଚ କହିଛନ୍ତି।

# କଂଗ୍ରେସର ସଂଗଠନ ସୃଜନ ଅଭିଯାନ

ବେଲଗୁଣ୍ଠା/ ହିଞ୍ଜିଳିକାଟୁ,୮।୯( କୃଷ୍ଣ ଚନ୍ଦ୍ର ପଟ୍ଟନାୟକ/ ତ୍ରିଦିବ କୃଷ୍ଣ ପଣ୍ଡା) ସୋରଡା ନିର୍ବାଚନ ମଣ୍ଡଳୀ ପକ୍ଷରୁ ବେଲଗୁଣ୍ଠା ମା' ବ୍ରାହ୍ମଣ ଦେବୀ ମନ୍ଦିର ପରିସରରେ ସୋମବାର କଂଗ୍ରେସର ସଂଗଠନ ସୃଜନ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବେଲଗୁଣ୍ଠା ଦେବକାନ୍ତ ଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଏଆଇସିସି ସମ୍ପାଦକ ସଚିନ୍ ନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ତଥା ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ସୋରଡା ବିଧାୟକ ପ୍ରାର୍ଥୀ ହରିକୃଷ୍ଣ ରଥ, ପୂର୍ବତନ ଚେୟାରମ୍ୟାନ୍ ସୁଜାତା ମହାନ୍ତି, ବେଲଗୁଣ୍ଠା ବ୍ଲକ୍ ପର୍ଯ୍ୟବେକ୍ଷକ ବିଦ୍ୟାଧର ପ୍ରଧାନ, ବେଲଗୁଣ୍ଠା ସହରର ବରିଷ୍ଠ କଂଗ୍ରେସ ନେତା ବାବୁଲି ବିଷ୍ଣୋଇ, ଏ.ତ୍ରିପତି ପାତ୍ର ପ୍ରମୁଖ ଉପସ୍ଥିତ ରହି କଂଗ୍ରେସ ସଂଗଠନକୁ ତୃଣମୂଳ ସ୍ତରରୁ ସଜାଡ଼ିବା ସହିତ କଂଗ୍ରେସର ବିଭିନ୍ନ କ୍ଷେତ୍ରର ସଭାପତି ଚୟନ ଉପରେ ଆଲୋଚନା କରିଥିଲେ। ବୈଠକରେ ଉଭୟ ବେଲଗୁଣ୍ଠା ଏବଂ ସୋରଡା ବ୍ଲକ୍‌ର ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ସେହିପରି ହିଞ୍ଜିଳିକାଟୁ ବ୍ଲକ ଶ୍ୟାମଳେଇ ମନ୍ଦିର ପରିସରରେ ହିଞ୍ଜିଳି ବ୍ଲକ ଓ ନଗର କଂଗ୍ରେସ କମିଟି ପକ୍ଷରୁ ସଂଗଠନ ସୃଜନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ହିଞ୍ଜିଳିକାଟୁ ବ୍ଲକ କଂଗ୍ରେସ ପୂର୍ବତନ ସଭାପତି ଶିବରାମ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ପ୍ରଦେଶ କଂଗ୍ରେସ କମିଟିର ଗଞ୍ଜାମ ଜିଲା (ପଶ୍ଚିମ) ପ୍ରଭାରୀ ସଚିନ ନାୟକ, କୋ-ଅର୍ଡିନେଟର ଦେବକାନ୍ତ ଶର୍ମା, ରାଜ୍ୟ ଉପସଭାପତି ତଥା ବିଧାୟକ ରମେଶ ଜେନା, ସାନଖେମୁଣ୍ଡି ବ୍ଲକ ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ପାତ୍ର, ହିଞ୍ଜିଳିକାଟୁ ବ୍ଲକ ଛାତ୍ର କଂଗ୍ରେସ ସଭାପତି ସଞ୍ଜୟ କୁମାର ସ୍ୱାଇଁଙ୍କ ସମେତ କଂଗ୍ରେସ ନେତା ରଜନୀକାନ୍ତ ପାଢ଼ୀ, ରାମନାରାୟଣ ବିଶ୍ୱାସରାୟ, ଜଗନ୍ନାଥ ଗୌଡ଼ ପ୍ରମୁଖ ଏହି ସଭାରେ ଯୋଗ ଦେଇଥିଲେ। ଏଥିରେ ଦଳର ସାଙ୍ଗଠନିକ ଅଭିବୃଦ୍ଧି ଓ ଡବଲ ଇଞ୍ଜିନ ସରକାରରେ ଲୋକଙ୍କ ସାମ୍ବିଧାନିକ ଅଧିକାର ଉଲଂଘନ ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ବ ଛାତ୍ର ବିଜେଡି ନେତା ସବିର କୁମାର ପଣ୍ଡା କଂଗ୍ରେସରେ ଯୋଗ ଦେଇଥିଲେ।

# ଜିଲା କଂଗ୍ରେସ ସଭାପତି ଦୌଡ଼ରେ ୧୬ ଆଶାୟୀ

ଫୁଲବାଣୀ,୮।୯ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଗସ୍ତରେ ଆସିଥିବା ଏଆଇସିସି ପର୍ଯ୍ୟବେକ୍ଷକ ପ୍ରକାଶ ଯୋଶୀ ସୋମବାର ତାଙ୍କ ଗସ୍ତ ସାରି ଫେରି ଯାଇଛନ୍ତି। ଜିଲାର ସମସ୍ତ ବ୍ଲକ୍‌କୁ ଯାଇ କର୍ମୀ ଓ ନେତାଙ୍କ ସହିତ ଆଲୋଚନା କରି ମତାମତ ସଂଗ୍ରହ କରିଛନ୍ତି। ସଂଗୃହିତ ତଥ୍ୟ ଓ ମତାମତ ରାଷ୍ଟ୍ରୀୟ କଂଗ୍ରେସ ନିକଟରେ ଉପସ୍ଥାପନ କରାଯିବ ବୋଲି ପ୍ରକାଶ ଯୋଶୀ କହିଛନ୍ତି। ରବିବାର ଓ ସୋମବାର ୨ ଦିନ ସ୍ଥାନୀୟ ସର୍କିଟ ହାଉସଠାରେ ଜିଲା ସଭାପତି ଦୌଡ଼ରେ ଥିବା ଆଶାୟୀମାନଙ୍କ ସହିତ ସେ ଆଲୋଚନା କରିଥିଲେ। ଜିଲା କଂଗ୍ରେସ ସଭାପତି ପାଇଁ ସମୁଦାୟ ୧୬ ଜଣ ଆଶାୟୀ ରହିଛନ୍ତି। ବର୍ତ୍ତମାନର ଜିଲା ସଂଯୋଜକ ଚନ୍ଦ୍ର ଶେଖର ପରିଡ଼ା, ପୂର୍ବତନ ଏମ୍‌ପି ନକୁଳ ନାୟକ, ପୂର୍ବତନ ଜିଲା ସଭାପତି ଅନାମ ନାୟକ, ଯୁବନେତା ଘନ ଶବର, ଅମରଚାନ୍ଦ ନାୟକ, ସନ୍ତୋଷ ପଟ୍ଟନାୟକ ପ୍ରମୁଖ ସଭାପତି ଦୌଡ଼ରେ ସାମିଲ ଅଛନ୍ତି। ତେବେ ଆଶାୟୀଙ୍କ ଦକ୍ଷତା ଓ କର୍ମୀଙ୍କ ମତାମତ ଆଧାରରେ ଏଆଇସିସି ଜିଲା ସଭାପତି ଚୟନ କରିବ ବୋଲି ପର୍ଯ୍ୟବେକ୍ଷକ ସୂଚନା ଦେଇଛନ୍ତି। ଏଥିରେ କାହା ସୁପାରିଶ କାମ କରିବ ନାହିଁ ବୋଲି ସେ କହିଛନ୍ତି। ଏହି ପ୍ରକ୍ରିୟାରେ ଏଆଇସିସି ପର୍ଯ୍ୟବେକ୍ଷକଙ୍କ ସହିତ ପିସିସି ପର୍ଯ୍ୟବେକ୍ଷକ ପ୍ରଶାନ୍ତ ବିଷୋୟୀ ଏବଂ ଭୋଳାନାଥ ସେଠୀ ସାମିଲ ଥିଲେ। ଚୂଡ଼ାନ୍ତ ନିଷ୍ପତ୍ତି ଏଆଇସିସି ନେବ ବୋଲି ସେ କହିଛନ୍ତି।

## ୨ ଅତିରିକ୍ତ ଶ୍ରେଣୀଗୃହ ଉଦ୍‌ଘାଟନ କଲେ ମନ୍ତ୍ରୀ

କୁସୁପୁର,୮।୯(କାଳିଚରଣ ଦାଶ): ସ୍ଥାନୀୟ ପିପୁଲି ହାଇସ୍କୁଲର ଏକ ଅତିରିକ୍ତ ଶ୍ରେଣୀ ଗୃହ ଏବଂ ଗୋଲିଆ ଗ୍ରାମସ୍ଥ ଶ୍ରୀକାନ୍ତ ସ୍ୱାମୀ ତପୋବନ ନୋଡାଲ ଉଚ୍ଚ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ କକ୍ଷକୁ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦ୍‌ଘାଟନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ପ୍ରତିନିଧ କେ.ନୀଳମାଧବ ଆଚାରୀ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟପକ୍ଷରେ ଗୋଲିଆ ପଞ୍ଚାୟତ ଅନ୍ତର୍ଗତ ବାଦୁଆ ଗ୍ରାମରେ ନିଖିଳ ଉତ୍କଳ ଦୋରା ସମାଜ କୋଠଘର ଏବଂ ଖଦାଳ ସାହି କୋଠଘର ପାଇଁ ମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

# ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ

ମୋହନା,୮।୯(ମନ୍ମଥ ମିଶ୍ର)

ନବଭାରତ ସାକ୍ଷରତା ଦିବସ ସୋମବାର ବିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ପାଳିତ ହୋଇଛି। ସମସ୍ତଙ୍କ ପାଇଁଶିକ୍ଷା, ୧୫ ବର୍ଷରୁ ଉର୍ଦ୍ଧ୍ୱସମସ୍ତ ବୟସର ସମସ୍ତ ନିରକ୍ଷର ବ୍ୟକ୍ତିଙ୍କୁ ଚିହ୍ନଟ କରିବା, ସେମାନଙ୍କୁ ଏନ୍‌ଆଇଏଲ୍‌ପି ମାଧ୍ୟମରେ ସାକ୍ଷର କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ବାହାରି ପ୍ରତ୍ୟେକ ସାହିପରିକ୍ରମା କରିଥିଲେ। ବିଇଓ ନରେନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସରପଞ୍ଚ ସୁନୀତା ମଳିକ, ଏବିଇଓ ମଦନ କଅଁର, ସଂଯୋଜକ ସିଦ୍ଧାର୍ଥ ଚରଣ ପାତ୍ର, ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଶୀଳ ମଳିକ ଉପସ୍ଥିତ ଥିଲେ।


## OFFICE OF THE PRINCIPAL CHIEF CONSERVATOR OF FORESTS, KENDU LEAVES, ODISHA

Plot No- GD 2/12, 5th FLOOR, ARANYA BHAWAN, CHANDRASEKHARPUR, BHUBANESWAR, PIN-751023,
Tel. Phone No. 0674-2300916, E-mail Id:- pccfkldak@gmail.com
Notice No. 60 / 3KL (AC) 08/2023
Dated, Bhubaneswar the 08th September, 2025

**ABRIDGED TENDER CALL NOTICE FOR HIRING OF PRIVATE VEHICLE**

Sealed Tenders are invited from interested Travel Agencies for providing **2 Nos. of Swift Dzire (Petrol)** for official use on Hiring in the Office of the Principal Chief Conservator of Forests, Kendu Leaves, Odisha on terms & conditions mentioned in the Standard Bidding Document. Detailed terms & conditions can be collected from the O/o- the Principal Chief Conservator of Forest, (KL), Odisha. The last date of submission of the Tender is 16.09.2025 up to 1.30 P.M., and to be opened on **17.09.2025** at 4.00 P.M.

**Sd./- Dy. Conservator of Forests-cum-DDO (KL)**
**O/o. The P.C.C.F.(KL), Odisha, BBSR**



## ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ

### ସାମଗ୍ରୀ ପ୍ରବନ୍ଧନ ବିଭାଗ

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍‌ଆଇଟି/୧୪/୨୫/୩୯, ତାରିଖ: ୦୨-ସେପ୍ଟେମ୍ବର-୨୦୨୫**

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ସମାପ୍ତି/ ଖୋଲାଯିବା ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୩୨୫୨୩୧୦ | ବିଓଏକ୍ସଏନ୍ ଏଚ୍‌ଏଲ୍ ୱାଗନ ପାଇଁ ବଗି ସେଣ୍ଟର ପାଇଭଟ୍ ବଟମ୍ ଆରଡିଏସ୍‌ଓ ଡ୍ରଇଂ. ନଂ. ଡବ୍ଲ୍ୟୁଡି-୯୭୦୪୯-ଏସ୍-୦୩, ସାମଗ୍ରୀ ନଂ.୦୧, ଅଲ୍ଟ ୧୧ ଅନୁରୂପ। | ୧୯।୦୯।୨୦୨୫ ୧୦.୩୦ ଘଣ୍ଟିକାରେ | ୧୨୪୬ ଗୋଟି |
| ୨ | ୦୩୨୫୨୬୮୩ଏ | ଡ୍ରାଫ୍ଟ ଗିୟର ସମେତ ଡ୍ରାଫ୍ଟ ଗିୟର ଫଲୋଅର, ଆରଡିଏସ୍‌ଓ ଡ୍ରଇଂ ନଂ. ଡବ୍ଲ୍ୟୁଡି-୮୧୦୧୦-ଏସ୍-୦୩, ଅଲ୍ଟ ୧୩ ଅନୁଯାୟୀ। | ୧୯।୦୯।୨୦୨୫ ୧୦.୩୦ ଘଣ୍ଟିକାରେ | ୪୩୫୦ ଗୋଟି |
| ୩ | ୦୨୨୫୧୭୪୧ | ୩ ଫେଜ୍ ଲୋକୋ ପାଇଁ ୭୦ ବ୍ରେକ୍ ସିଷ୍ଟମର ଇମର୍ଜେନ୍ସି ଏକ୍‌ଜଷ୍ଟ ଭାଲଭ ନିମନ୍ତେ ମେଣ୍ଟେନାନ୍ସ କିଟ୍ ସେଟ୍ | ୨୬।୦୯।୨୦୨୫ ୧୦.୩୦ ଘଣ୍ଟିକାରେ | ୩୩୧ ସେଟ୍ |
| ୪ | ୦୨୨୫୪୨୭୬ | ଏମ୍‌ଡିଏଲ୍ ପିଡବ୍ଲ୍ୟୁଆର୍ ୬୮୧୭ ସିଆରଆଇଏଏ- ଅକ୍‌ଜିଲାରୀ କନ୍‌ଭର୍ଟର ପାଇଁ ରେକ୍ଟିଫାୟାର୍ | ୨୬।୦୯।୨୦୨୫ ୧୦.୩୦ ଘଣ୍ଟିକାରେ | ୦୫ ଗୋଟି |
| ୫ | ୦୨୨୫୪୨୫୨ | ଡିସିୟୁ୨/ଏଚ୍‌ପିପି ୧୧୦ ଭି ଆଇସି୨୧ ପାଇଁ ପାୱାର ସପ୍ଲାଏ ପିଏସ୍‌ୟୁ | ୨୨।୦୯।୨୦୨୫ ୧୦.୩୦ ଘଣ୍ଟିକାରେ | ୪୪ ଗୋଟି |
| ୬ | ୦୩୨୫୩୧୬୫ଏ | ବିଓଏକ୍ସଏନ୍‌ଏସ୍ ୱାଗନଗୁଡ଼ିକର ଏଲଡବ୍ଲ୍ୟୁଏଲ୍‌ଏଚ୍ ୨୫ ଟନ୍ ବଗି ପାଇଁ ନେଷ୍ଟେଡ୍ ସ୍ନବର ସ୍ପ୍ରିଙ୍ଗ ଆଉଟର୍ ଓ ଇନର ସେଟ୍ | ୨୬।୦୯।୨୦୨୫ ୧୦.୩୦ ଘଣ୍ଟିକାରେ | ୯୭୯ ସେଟ୍ |
| ୭ | ୦୬୨୫୦୧୦୯ସି | ୬୦ କିଗ୍ରା ରେଲ୍ ୧ ଇନ୍ ୮.୫ ପାଇଁ ଫ୍ୟାନ୍ ଶେପ୍‌ଡ ଟର୍ନଆଉଟ୍ ନିମନ୍ତେ ୬ ମିମି ମୋଟା ନାଇଲନ୍ କର୍ଡ ରିଇନ୍‌ଫୋର୍ସଡ୍ ଗ୍ରୁଭ୍‌ଡ ରବର ସୋଲ ପ୍ଲେଟ୍‌ର ବିନିର୍ମାଣ ଓ ଯୋଗାଣ | ୨୯।୦୯।୨୦୨୫ ୧୦.୩୦ ଘଣ୍ଟିକାରେ | ୧୪୮୨ ସେଟ୍ |
| ୮ | ୦୨୨୫୩୮୭୭ | ଡିଫରେନ୍ସିଆଲ୍ ଗେଜ୍ ପାଇଁ ଗେଜ୍ (ଏୟାର ଫ୍ଲୋ ଇଣ୍ଡିକେଟର) | ୨୬।୦୯।୨୦୨୫ ୧୦.୩୦ ଘଣ୍ଟିକାରେ | ୩୩୭ ଗୋଟି |
| ୯ | ୦୨୨୫୧୭୯୪ | ''ଏୟାର ଲାଇନ ସିଭ୍ ପାଇଁ ମେଣ୍ଟେନାନ୍ସ କିଟ୍ ସେଟ୍'' | ୨୨।୦୯।୨୦୨୫ ୧୦.୩୦ ଘଣ୍ଟିକାରେ | ୧୨୫ ସେଟ୍ |
| ୧୦ | ୦୩୨୫୨୦୨୧ | କ୍ୟାସନବ୍ ବଗି ପାଇଁ ବ୍ରେକ୍ ୱେର ପ୍ଲେଟ୍ (ପକେଟ୍ ଲାଇନର) | ୨୯।୦୯।୨୦୨୫ ୧୦.୩୦ ଘଣ୍ଟିକାରେ | ୨୯୮୧୫ ଗୋଟି |
| ୧୧ | ୦୨୨୫୧୭୮୪ବି | ୨୧ ଟିଥ୍ ଶାଫ୍ଟ ପିନିୟନ୍'' | ୨୨।୦୯।୨୦୨୫ ୧୦.୩୦ ଘଣ୍ଟିକାରେ | ୩୧୩ ଗୋଟି |
| ୧୨ | ୦୬୨୫୫୦୮୨ | ୦୫ (ପାଞ୍ଚ) ଟନ କ୍ଷମତାର ଡିଜେଲ ହାଇଡ୍ରୋଲିକ୍ ରେଲ କ୍ରେନ୍‌ର ଡିଜାଇନ୍, ବିନିର୍ମାଣ, ଯୋଗାଣ ଓ ଉତ୍ଥାନ, ତାହାକୁ ରେଳବାଇ ଦ୍ୱାରା ଯୋଗାଣ କରାଯାଇଥିବା ବ୍ରଡ୍ ଗେଜ୍ ୱାଗନରେ ମାଉଣ୍ଟିଂ। | ୨୯।୦୯।୨୦୨୫ ୧୦.୩୦ ଘଣ୍ଟିକାରେ | ୦୨ ଗୋଟି |
| ୧୩ | ୦୫୨୫୫୧୯୫ | ସିଗ୍ନାଲିଂ ଓ ଟେଲିକମ୍ ସ୍ଥାପନା ପାଇଁ ଅଣ୍ଡରଗ୍ରାଉଣ୍ଡ କେଲି ଫିଲ୍ଡ କ୍ୱାଡ୍ କେବୁଲ, ଆକାର: ୬ କ୍ୱାଡ୍ x ୦.୯ ମିମି ବ୍ୟାସ, ଆରଡିଏସ୍‌ଓ ବିନିର୍ଦ୍ଦିଷ୍ଟତା ସଂ. ଆଇଆରଏସ୍:ଟିସି-୩୦/୨୦୦୫ (ସଂସ୍କରଣ ୧) ସଂଶୋଧନ ନଂ. ୧ରୁ ୫ କିମ୍ବା ସର୍ବଶେଷ ସଂଶୋଧନ। | ୨୩।୦୯।୨୦୨୫ ୧୦.୩୦ ଘଣ୍ଟିକାରେ | ୧୫୯୪ କେଏମ୍‌ଏସ୍ |
| ୧୪ | ୦୬୨୫୧୦୩୯ବି | ୬ ମିଟର ୩୨ ମିମି ଏନ୍‌ବି x ହେଭି ଡ୍ୟୁଟି ବାହ୍ୟ ବ୍ୟାସ ଦୈର୍ଘ୍ୟରେ ଏଏସ୍‌ଟିଏମ୍-ଏ ୩୧୨ ସିଡ୍ୟୁଲ୍ ୪୦ଏସ୍ ଜିଆର୍.ଟିପି ୩୦୪ (ସିମ୍‌ଲେସ୍) ଅନୁଯାୟୀ ଷ୍ଟେନଲେସ୍ ଷ୍ଟିଲ୍ ସିମ୍‌ଲେସ୍ ପାଇପର ସଂଗ୍ରହଣ। | ୨୯।୦୯।୨୦୨୫ ୧୦.୩୦ ଘଣ୍ଟିକାରେ | ୧୪୭୫୦ ମିଟର |
| ୧୫ | ୦୬୨୫୦୦୮୨ | ''୧୦୧୨୫ ମିମି ମୋଟା ୱେଭ୍ ସୁଇଚ୍-୬୦ କିଗ୍ରା ୧ ଇନ୍ ୧୨''ର ଯୋଗାଣ ପାଇଁ ରନିଂ ଠିକା। | ୨୩।୦୯।୨୦୨୫ ୧୦.୩୦ ଘଣ୍ଟିକାରେ | ୮୨୦ ସେଟ୍ |

ଟେଣ୍ଡରଗୁଡ଼ିକ ପାଇଁ କୌଣସି ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ସଂରକ୍ଷିତ ରଖିଛି। ଶୁଦ୍ଧିପତ୍ର ଏବଂ ବିକ୍ରେତାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୋଟିସ ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ।

ଏମ୍‌ଏମ୍/II

CPR/10/AM/302 ପିସିଏମ୍‌ଏମ୍, ଦ.ପୂ.ମ. ରେଳପଥ, ବିଳାସପୁରଙ୍କ ପାଇଁ

South East Central Railway @secrail



## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BALASORE

No.O-705

E_mail ID : serw_balasore@yahoo.in, Ph No - 06782/260318, Balia, Balasore

**"e"-Procurement Notice for Road Work**

**Identification No. - Online Tender - Road N.C.B. No. 28 for 2025-26**

**Letter No. : 3075 Dt. : 02.09.2025**

1. Name of the work : **(MMSY-Improvement to existing RD road)**, 2. Total No. of work : **06 Nos. of work**, 3. Estimated Cost : As per annexure, 4. Eligible Class of Contractor : As per annexure, 5. Period of Completion : As per annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of Opening of Tender in O/o S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| **Chief Construction Engineer, Rural Works Circle, Balasore** | **NCB No. 28 of 2025-26** | 10.09.2025 at 11.00 A.M. | 25.09..2025 up to 5.00 P.M. | 24.09.2025 up to 5.00 P.M. | 26.09.2025 at 11.00 A.M. | **Will be intimated later** |

● **Further details can be seen from the website : www.tendersodisha.gov.in**

**Sd./- Chief Construction Engineer, R.W. Circle, Balasore**

**OIPR-25105/11/0079/2526**



## ପୂର୍ବ ତଟ ରେଳପଥ

ଫାଇଲ ସଂ. DRM/Engg/KUR/25-26/ E-Tender/68, ତା.03.09.2025ରିଖ

**(1) ଟେଣ୍ଡର ସଂ. e-tenderNorthKUR 235-2025, ତା.28.08.2025ରିଖ**

**ବିବରଣୀ :** ନୟାଗଡ଼ ଏବଂ ଟାଙ୍ଗିରିଆ ପାଳ ମଧ୍ୟରେ ଥିବା ବିଭିନ୍ନ ଷ୍ଟେସନରେ କଲୋନି ରାସ୍ତା, ଷ୍ଟେସନ ଆପ୍ରୋଚ୍ ରାସ୍ତା ଏବଂ ସର୍କୁଲେଟିଂ ଅଞ୍ଚଳଗୁଡ଼ିକର ମରାମତି, ଏବଂ ସହାୟକ ମଣ୍ଡଳ ଯନ୍ତ୍ରୀ/ କେନ୍ଦୁଝରଗଡ଼ ସେକ୍ସନ ଅଧୀନରେ ଗୋଆଲଡିହ ଷ୍ଟେସନ ଠାରେ ଏକ ଲନ୍‌ର ବିକାଶ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 204.44 ଲକ୍ଷ, **EMD :** ₹ 2,52,200.00

**(2) ଟେଣ୍ଡର ସଂ. eTender-EastKUR 237-2025, ତା.29.08.2025ରିଖ**

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳ ନିମନ୍ତେ ହରିଦାସପୁରା ଡିପୋ ଠାରେ ମେସିନ୍ ଦ୍ୱାରା ଭଙ୍ଗା ଯାଇ ଥିବା 50 MM ଆକାରର 50,000 ଘନ ମିଟର କଠିନ ପଥର ବାଲାଷ୍ଟର ଯୋଗାଣ ଏବଂ ତାହାକୁ କୌଣସି ପ୍ରକାରର ରେଳବାଇ ୱାଗନରେ ବୋଝେଇ କରିବା କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 865.66 ଲକ୍ଷ, **EMD :** ₹ 5,82,800.00

**(3) ଟେଣ୍ଡର ସଂ. eTender-NorthKUR 233-2025, ତା.29.08.2025ରିଖ**

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଷ୍ଟିଲ୍ ଗିର୍ଡର ବ୍ରିଜ୍ ଉପରେ ହୁକ୍ ବୋଲ୍ଟ ପାଇଁ ସିଙ୍ଗଲ୍ ପିସ୍ ସ୍ପ୍ରିଂ ସନ୍ନିବେଶିତ ପୁନଃବ୍ୟବହାରଯୋଗ୍ୟ ସେଲ୍ଫ ନଟ୍ (28 MM) M-27 ଯୋଗାଇବା ଏବଂ ଲଗାଇବା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 151.14 ଲକ୍ଷ, **EMD :** ₹ 2,25,600.00

**(4) ଟେଣ୍ଡର ସଂ. eTender-SouthKUR 236-2025, ତା.29.08.2025ରିଖ**

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ଦକ୍ଷିଣ)ଙ୍କ ଅଧିକାରକ୍ଷେତ୍ର ଅଧୀନରେ ଥିବା ଖୋର୍ଦ୍ଧା ରୋଡ଼ - ପଲାସା ସେକ୍ସନ ମଧ୍ୟରେ ଫିଟିଂ ନବୀକରଣ ମାଧ୍ୟମରେ (TFR) ଏବଂ ଟର୍ଣ୍ଣଆଉଟ୍ ମାଧ୍ୟମରେ ଫିଟିଂ ନବୀକରଣ (TFRTO), 12ଟିରୁ ୧ଟି ଫ୍ୟାନ୍ ଆକୃତିର ଲେଆଉଟ୍‌ର ନବୀକରଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 159.61 ଲକ୍ଷ, **EMD :** ₹ 2,29,800.00

**ଶେଷ ହେବା ଅବଧି : 08 (ଆଠ) ମାସ (କ୍ରମ ସଂ. 1 ପାଇଁ), 15 (ପନ୍ଦର) ମାସ (କ୍ରମ ସଂ. 2 ପାଇଁ), 06 (ଛଅ) ମାସ (କ୍ରମ ସଂ. 3 ପାଇଁ) ଏବଂ 12 (ବାର) ମାସ (କ୍ରମ ସଂ. 4 ପାଇଁ)।**

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.19.09.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।**

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କେରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-566/Q/25-26



## INTEGRATED TRIBAL DEVELOPMENT AGENCY, PARALAKHEMUNDI, GAJAPATI, PARALAKHEMUNDI, DIST. : GAJAPATI, ODISHA

Phone/Fax : 06815-222207, Email Id : itdapla@gmail.com

No.CAD-1686 **E-Procurement Notice No - ITDAPKD/04/2025-26**

1. Type of Work : Civil Work (Buildings) 57 Nos.
2. Form of Contract : Percentage Rate
3. Class of Contractor : As mentioned in DTCN
4. Bid Cost : As mentioned in DTCN
5. Time for completion : As per DTCN

| Procurement Officer | E-Procurement Notice No. | Availability of Tender on-line for bidding | | Date & Time of Opening of Tender |
|---|---|---|---|---|
| | | From | To | |
| Project Administrator, ITDA, Paralakhemundi | ITDAPKD/04/2025-26 | **12.09.2025** (10.00 Hours) | **22.09.2025** (17.30 Hours) | **23.09.2025** At 11.00 hours |

Further details can be seen from the website : www.tendersorissa.gov.in. The authority reserves the right to reject any or all the tenders without assigning any reason thereof.

**Sd./- Project Administrator, ITDA, Paralakhemundi**

**OIPR-26078/11/0004/2526**



## GOVERNMENT OF ODISHA OFFICE OF THE SUPERINTENDING ENGINEER, MINOR IRRIGATION DIVISION, RAYAGADA

(E-mail ID : eemirgd@ymail.com)

**NOTICE INVITING TENDER**

e-Procurement Notice

e-Procurement Notice No. **SEMIDRGD-02/2025-26**

**Letter No.2924 Dated. 06.09.2025**

**No.A-590** : The Superintending Engineer, Minor Irrigation Division, Rayagada on behalf of Governor of Odisha invites **Percentage rate** bids in **Single cover** system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal **https://tendersodisha.gov.in**

1. Name of the work : Improvement to 2 Nos. of MIPs under ERM, 01 No. of MIP under DPIW in Bissamcuttack Block of Rayagada District and construction of 01 No. of new Check Dam in Rayagada Block of Rayagada District under MATY for the year 2025-26.
2. Total Number of works : 04 (Four) Nos.
3. Estimated cost : Approximately varies from Rs.16.78 lakh to Rs.44.75 lakh
4. Period of completion : Varies from 90 (Ninety) to 150 (One Hundred Fifty Days)
5. Class of Contractor : "D", "C" & "B" Class Contractor
6. Date and time of availability of bid documents in the portal : From 10.00 A.M. of 11.09.2025 to 5.00 P.M. of 20.09.2025
7. Last date/time for receipt of bids in the portal : 5.00 P.M. on 20.09.2025
8. Date of opening of bid : At 11.00 A.M. on 22.09.2025 in website (www.tendersorissa.gov.in)
9. Submission of Bids : Online mode
10. Name of the Officer inviting Bid : Superintending Engineer, Minor Irrigation Division, Rayagada
11. Further details can be seen from the Government of Odisha Website : www.tendersorissa.gov.in

**Sd./- Superintending Engineer M.I. Division, Rayagada**

**OIPR-32524/11/0025/2526**



## वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर

**लापताः आवश्यक सूचना**



गुमशुदा मंगल अब्राहम पूर्ति उम्र–73 वर्ष

सर्व साधारण को सूचित किया जाता है कि आवेदन सैमसन पूर्ति के द्वारा अपने पिता मंगल अब्राहम पूर्ति उम्र–73 वर्ष की गुमशुदगी के संबंध में संबंधित थाना सिदगोड़ा में लिखित आवेदन दिये हैं। आवेदन में इनके द्वारा बताया गया कि गुमशुदा मंगल अब्राहम पूर्ति उम्र–73 वर्ष, पिता–स्व0 सनातन पूर्ति, सा0–म0सं0–बी/79, आजाद पथ, जोन नं0–10, बिरसानगर, पो0–बारीडीह, थाना–सिदगोड़ा, जिला–पूर्वी सिंहभूम, जमशेदपुर जो दिनांक–29.08.2025 की दोपहर समय–करीब 04:00 बजे घर से अयंत्र कहीं चले गये हैं और आज तक वापस नहीं आये हैं। अधिक उम्र की वजह से उन्हे सोचने समझने में दिक्कत और सुनने में लाचार होने की समस्या है। परिवारवालों ने अपने स्तर से काफी खोजबीन किया परन्तु कुछ पता नहीं चल सका। गुमशुदा का हुलिया निम्न प्रकार है :–ऊचाई–करीब 05 फीट, रंग–सांवला, बाल–सफेद, पहनावा–सफेद में नीला धारी वाली हाफ सर्ट, काला पैंट, पैर में चप्पल पहने हुए।

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक नगर, पूर्वी सिंहभूम, जमशेदपुर : 9471190203
पुलिस उपाधीक्षक, (मु0–01) : 9431706481
थाना प्रभारी, सिदगोड़ा : 9431706508

वरीय पुलिस अधीक्षक
पूर्वी सिंहभूम, जमशेदपुर

PR 361288 Police (25-26)_D

POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108



## ଭାରତୀୟ ବିମାନବନ୍ଦର ଆର୍ଥିକ ନିୟାମକ ପ୍ରାଧିକରଣ
## Airports Economic Regulatory Authority of India (AERA)

ଭାରତ ସରକାର/Government of India

୩ୟ ମହଲା, ଉଡ଼ାଣ ଭବନ, ସଫଦରଜଙ୍ଗ ବିମାନବନ୍ଦର, ନୂଆଦିଲ୍ଲୀ - ୧୧୦୦୦୩

ଫୋନ୍: ୦୧୧-୨୪୬୯୫୦୪୪

**ସର୍ବସାଧାରଣ ବିଜ୍ଞପ୍ତି**

**ପ୍ରମୁଖ ବିମାନବନ୍ଦରଗୁଡ଼ିକରେ ସେବା ଓ ତତ୍‌ସମ୍ବନ୍ଧୀୟ ଗତିବିଧିଗୁଡ଼ିକର ଗୁଣବତ୍ତା, ନିରନ୍ତରତା ଏବଂ ବିଶ୍ୱସନୀୟତାର ପ୍ରଦର୍ଶନ ମାନକ ପ୍ରସ୍ତୁତି ନିମନ୍ତେ ଅଂଶଧାରକଙ୍କ ପରାମର୍ଶ ବୈଠକ**

ଏଇଆର୍‌ଏ ଅଧିନିୟମ, ୨୦୦୮ର ଧାରା ୫୧(୨)(ଚ)ର ବ୍ୟବସ୍ଥା ଅନୁଯାୟୀ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପ୍ରମୁଖ ବିମାନବନ୍ଦରଗୁଡ଼ିକରେ ସେବା ଓ ତତ୍‌ସମ୍ବନ୍ଧୀୟ ଗତିବିଧିଗୁଡ଼ିକର ଗୁଣବତ୍ତା, ନିରନ୍ତରତା ଏବଂ ବିଶ୍ୱସନୀୟତାର ପ୍ରଦର୍ଶନ ମାନକ ପ୍ରସ୍ତୁତି ନିମନ୍ତେ ନିୟମାବଳୀ ପ୍ରସ୍ତୁତି ପ୍ରକ୍ରିୟାରେ ଅଛନ୍ତି। ଏ ସଂକ୍ରାନ୍ତରେ ଭାରତୀୟ ବିମାନବନ୍ଦର ଆର୍ଥିକ ନିୟାମକ ପ୍ରାଧିକରଣ (ଏଇଆର୍‌ଏ) ତା୧୮।୦୮।୨୦୨୫ରିଖରେ ଏକ ପରାମର୍ଶ ପତ୍ର ସଂ. ୦୩/୨୦୨୫-୨୬ ଜାରି କରିଛନ୍ତି, ଯେଉଁଥିରେ ପ୍ରସ୍ତାବିତ ପ୍ରଦର୍ଶନ ମାନକ ସମେତ ତାହାର ତତ୍ତ୍ୱାବଧାନ ପ୍ରଣାଳୀ ରହିଛି (ଯାହା ଏଇଆର୍‌ଏ ୱେବ୍‌ସାଇଟ୍‌ରେ ୟୁଆର୍‌ଏଲ୍ https://aera.gov.in ରେ ଉପଲବ୍ଧ)।

ପରାମର୍ଶ ପତ୍ରରେ ସମ୍ବଳିତ ରହିଥିବା ବିଭିନ୍ନ ପ୍ରସ୍ତାବଗୁଡ଼ିକୁ ଅଂଶଧାରକଙ୍କ ବିଚାର ପାଇଁ ଉପସ୍ଥାପନ କରାଯାଇଛି। ଏ ସଂକ୍ରାନ୍ତରେ ୧୦ ସେପ୍ଟେମ୍ବର, ୨୦୨୫ ଅପରାହ୍ନ ୦୧.୩୦ ଘଟିକାରେ ହାଇବ୍ରିଡ୍ ପଦ୍ଧତି (ଫିଜିକାଲ/ଅନଲାଇନ୍)ରେ ଏକ ଅଂଶଧାରକ ବୈଠକ ନିମ୍ନଲିଖିତ ସ୍ଥାନରେ ଅନୁଷ୍ଠିତ ହେବା ପାଇଁ ଧାର୍ଯ୍ୟ ହୋଇଛି:

**ଇଣ୍ଡିଆନ୍ ଆଭିଏଶନ୍ ଏକାଡେମୀ, ବସନ୍ତ କୁଞ୍ଜ, ନୂଆଦିଲ୍ଲୀ -୧୧୦୦୭୦।**

ବିମାନବନ୍ଦର ପରିଚାଳକ, ଏୟାରଲାଇନ୍ସ, ଯାତ୍ରୀ/ଯାତ୍ରୀ ସଂଘ, ସର୍ବସାଧାରଣ, ଶିଳ୍ପ ସଂଘ/ନିକାୟ, କାର୍ଗୋ, ଗ୍ରାଉଣ୍ଡ ହ୍ୟାଣ୍ଡଲିଂ, ଫୁଏଲ୍ ଫାର୍ମ ପାଇଁ ସ୍ୱାଧୀନ ସେବା ପ୍ରଦାନକାରୀ ଭଳି ସମସ୍ତ ଅଂଶଧାରକଙ୍କୁ ଉକ୍ତ ବୈଠକରେ ଯୋଗ ଦେଇ ପ୍ରମୁଖ ବିମାନବନ୍ଦରଗୁଡ଼ିକରେ ସେବା ଓ ତତ୍‌ସମ୍ବନ୍ଧୀୟ ଗତିବିଧିଗୁଡ଼ିକର ଗୁଣବତ୍ତା, ନିରନ୍ତରତା ଏବଂ ବିଶ୍ୱସନୀୟତାର ପ୍ରଦର୍ଶନ ମାନକ ପ୍ରସ୍ତୁତି ନିମନ୍ତେ ଉପରୋକ୍ତ ପରାମର୍ଶ ପତ୍ର ଉପରେ ସେମାନଙ୍କର ମୂଲ୍ୟବାନ ମତାମତ/ମନ୍ତବ୍ୟ/ଦୃଷ୍ଟିକୋଣ ପ୍ରଦାନ କରିବା ପାଇଁ ଅନୁରୋଧ କରାଯାଉଛି।

ଅନଲାଇନରେ ଯୋଗ ଦେବା ପାଇଁ ଇଚ୍ଛୁକ ଅଂଶଗ୍ରହଣକାରୀଙ୍କ ପାଇଁ ଅଂଶଧାରକ ବୈଠକ ପୂର୍ବରୁ ଏଇଆର୍‌ଏ ୱେବ୍‌ସାଇଟ୍ (https://aera.gov.in)ରେ ''ନ୍ୟୁଜ୍ ଆଣ୍ଡ ଆନାଉନ୍ସମେଣ୍ଟ୍ସ'' ଟ୍ୟାବ୍ ଅଧୀନରେ ଲିଙ୍କ୍ ଉପଲବ୍ଧ ହେବ।

**CBC 03112/12/0008/2526 ସ୍ୱା./- ସଚିବ, ଏଇଆର୍‌ଏ**



## NATIONAL COMPETITIVE BIDDING THROUGH E-PROCUREMENT

Tel. No. 06752222092, e-mail id : eerwpuri@gmail.com

**TCN NO. TENDER ONLINE - 08 OF 2025-26**

**No.7556 /Dt. 01.09.2025**

**No.O-687** : The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 2 Nos. of work for the year 2025-26 in the District of Puri.

1. Total No. of works : **2 Nos.**, 2. Tender cost of packages : Amount varies from **Rs.57.47 lakh to Rs.58.74**, 3. Class of contractor : **As per DTCN**, 4. Period of completion : **6 (Six) Calendar months**, 5. Period of availability of tenders on-line/Date & time of bidding on-line/last date of seeking calrification/Date of opening of tender papers.

| Procurement Officer | Bid identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Puri | Online-08 | 10.09.2025 at 11.00 A.M. | 24.09.2025 up to 5.00 P.M. | 23.09.2025 up to 01.30 P.M. | 25.09.2025 at 12.00 Noon Office of the S.E., R.W. Division, Puri | Will be intimated to qualified bidders through the website later |

6. Other details can be seen in the bidding documents, which is available in website "**https://tendersodisha.gov.in**".

**Sd./- Superintending Engineer, R.W. Division, Puri**

**OIPR-25065/11/0028/2526**



## यूनियन बैंक ऑफ इंडिया Union Bank of India

भारत सरकार का उपक्रम — A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର**
୩/୧ଏ, ସିଭିକ୍ ସେଣ୍ଟର, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ଯେହେତୁ ନିମ୍ନସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ବିଶେଷ କରି ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।** ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/ନିର୍ଦ୍ଦେଶକ/ ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ପଟିଆ ଶାଖା /** **ଋଣଗ୍ରହୀତା: ମେସର୍ସ କେବିବି ଫୁଡ୍ ପ୍ରଡକ୍ଟସ୍ ପ୍ରା. ଲି.,** **ନିର୍ଦ୍ଦେଶକ: ଶେଖ୍ ମହମ୍ମଦ ସାଦିକ୍,** ପିତା: ଶେଖ୍ ଅବ୍‌ଦୁଲ ରଉଫ୍, **ଠିକଣା-୧:** ସା: ପ୍ଲଟ୍ ନଂ.: ୪୧୪/୪୩୬୬, ବଜରଙ୍ଗ ବିହାର, ପଟିଆ, ପୋ: କିଟ୍ କ୍ୟାମ୍ପସ୍, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା - ୭୫୧୦୨୪, **ଠିକଣା-୨:** ସା: ପ୍ଲଟ୍ ନଂ.: ୨୫, ଖାତା ନଂ.: ୩୧/୬୩, ମୌଜା: ରାମେଶ୍ୱର, ତହସିଲ: ଟାଙ୍ଗି, ଜିଲ୍ଲା: ଖୋର୍ଦ୍ଧା / **ନିର୍ଦ୍ଦେଶକ/ବନ୍ଧକଦାତା/ ଗ୍ୟାରେଣ୍ଟିଦାତାମାନେ: ୧) ଶେଖ୍ ମହମ୍ମଦ ସାଦିକ୍,** ପିତା: ଶେଖ୍ ଅବ୍‌ଦୁଲ ରଉଫ୍, **୨) ସାଇରା ବିବି,** ସ୍ୱାମୀ: ଶେଖ୍ ଅବ୍‌ଦୁଲ ରଉଫ୍, **୩) ଶେଖ୍ ଅବ୍‌ଦୁଲ ରଉଫ୍,** ସମସ୍ତଙ୍କ ଠିକଣା- ସା: ପ୍ଲଟ୍ ନଂ.: ୪୧୪/୪୩୬୬, ବଜରଙ୍ଗ ବିହାର, ପଟିଆ, ପୋ: କିଟ୍ କ୍ୟାମ୍ପସ୍, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା - ୭୫୧୦୨୪ | ଟ.୮୨,୨୯,୦୮୨.୬୩ + ସେବାବଦ ସୁଧ | ୨୬.୦୫.୨୦୨୫ / ୦୬.୦୯.୨୦୨୫ | **ସମ୍ପତ୍ତି-୧: ସାଇରା ବିବିଙ୍କ ନାମରେ** ଥିବା ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୧/୬୩, ପ୍ଲଟ୍ ନଂ.: ୨୫, **ମୋଟ ଜମିର କ୍ଷେତ୍ର: ଏକର ୦.୧୭୯ ଡିସିମିଲି (୭୭୯୭ ବର୍ଗଫୁଟ),** ମୌଜା: ରାମେଶ୍ୱର, ଥାନା: ଟାଙ୍ଗି (ନଂ.: ୧୪୭), ତହସିଲ: ଟାଙ୍ଗି, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା - ୭୫୨୦୨୦, ସମ୍ପତ୍ତିର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୩୯ ଏବଂ ୩୮, ଦକ୍ଷିଣ: ପ୍ଲଟ୍ ନଂ.: ୨୬ ଏବଂ ୨୦/୨୦୧ (ଶେଖ୍ ଅବ୍‌ଦୁଲ ରଉଫ୍), ପୂର୍ବ: ପ୍ଲଟ୍ ନଂ.: ୩୮, ପଶ୍ଚିମ: ପ୍ଲଟ୍ ନଂ.: ୨୦/୨୦୧ ଏବଂ ପ୍ଲଟ୍ ନଂ.: ୨୪ ଓ ୨୦/୨୦୧ ଉପରେ ଥିବା ରାସ୍ତା, **ସମ୍ପତ୍ତି-୨: ସାଇରା ବିବିଙ୍କ ନାମରେ** ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ମ୍ୟୁଟେସନ୍ ଖାତା ନଂ.: ୩୧/୧୬, ପ୍ଲଟ୍ ନଂ.: ୨୦/୨୦୧, କ୍ଷେତ୍ର: ଏକର ୦.୦୪୨ ଡିସିମିଲି, ଅନୁରୂପ ଖାତା ନଂ.: ୪, ପ୍ଲଟ୍ ନଂ.: ୨୦, ମୌଜା: ରାମେଶ୍ୱର, ତହସିଲ/ଥାନା: ଟାଙ୍ଗି, ଜିଲ୍ଲା: ଖୋର୍ଦ୍ଧା |
| **ଶହୀଦ ନଗର ଶାଖା /** **ଋଣଗ୍ରହୀତା/ବନ୍ଧକଦାତାମାନେ: ୧) ଶ୍ରୀମତୀ ସସ୍ମିତା ପରିଜା, ୨) ଶ୍ରୀ ଓମ୍‌ପ୍ରକାଶ ଭବାନୀଶଙ୍କର ପରିଜା,** ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ଏଲ୍/୧୨୫, ପୋ: ଭିଏସ୍‌ଏସ୍ ନଗର, ବାଣୀ ବିହାର, ଭୁବନେଶ୍ୱର, ଖୋର୍ଦ୍ଧା-୭୫୧୦୦୭ / **ଗ୍ୟାରେଣ୍ଟିଦାତା: ଶ୍ରୀ ରବି ନାରାୟଣ ଆଚାର୍ଯ୍ୟ, ଠିକଣା-୧:** କ୍ୱାର୍ଟର ନଂ.: ଏଚ୍‌ସି ୩୪, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀ ବିହାର, ଭୁବନେଶ୍ୱର-୭୫୧୦୦୭, **ଠିକଣା-୨:** ସା/ପୋ: ପିପଳମାଧବ, ଭାୟା: ତିରଣ, ପୋ: ତିର୍ତୋଲ, ଜିଲ୍ଲା: ଜଗତ୍‌ସିଂହପୁର, ପିନ୍-୭୫୪୧୩୭ | ଟ.୧୨,୩୫,୫୬୦.୮୮ + ସେବାବଦ ସୁଧ | ୦୫.୦୪.୨୦୨୫/ ୦୬.୦୯.୨୦୨୫ | ବାସୋପଯୋଗୀ ଗୃହର ସମସ୍ତ ଅଂଶବିଶେଷ ଯାହାର ଇଡବ୍ଲ୍ୟୁଏସ୍ ଓଏସ୍‌ଏଚ୍‌ବି ନଂ.: ଏଲ୍/୧୨୫, ହାଉସିଂ ସ୍କିମ୍ ଫେଜ୍-୨, ଭିଏସ୍‌ଏସ୍ ନଗର, ମୌଜା: ଗାଡକଣ, ତହସିଲ: ଭୁବନେଶ୍ୱର, ଡିଏସ୍‌ଆର୍: ଭୁବନେଶ୍ୱର ଅଧିନ, ଥାନା: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଡ୍ରଇଂ ନଂ.: ବିଏସ୍/୧-୦୧/ପିସି, କ୍ଷେତ୍ର: ୬୦୦ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଖୋଲା ସ୍ଥାନ, ପୂର୍ବ: ହାଉସ୍ ନଂ.: ଏଲ୍/୧୨୪, ପଶ୍ଚିମ: ହାଉସ୍ ନଂ.: ଏଲ୍/୧୨୬ |

ସ୍ଥାନ: ଭୁବନେଶ୍ୱର
ତାରିଖ: ୦୮.୦୯.୨୦୨୫

ସ୍ୱା/- ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



## ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ରେଳପଥ ପ୍ରବନ୍ଧକ/ଇଏନ୍‌ଜି, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଇଷ୍ଟ-୨୫-୨୬-୧୨, ତାରିଖ: ୦୪।୦୯।୨୦୨୫। କାର୍ଯ୍ୟର ନାମ:** ରାଜଖରସୁଆଁ–ସୋଙ୍ଗାରି–ଗମ୍ହାରିଆ–ଟାଟାନଗର ସେକ୍ସନ ମଧ୍ୟସ୍ଥ ଫିଡର ରୁଟ୍/୨୫ଟି ଏକ୍ସିଲ ରୁଟ୍ କିଲୋ୍/କିଡି ରୁଟ୍‌ରେ ପୁଶିଂ ପଦ୍ଧତି ଜରିଆରେ ଆର୍‌ସିସି ବକ୍ସ ଦ୍ୱାରା ପଥର ପୋଲ (୩୦ ଗୋଟି)ଗୁଡ଼ିକୁ ପୁନଃ ନିର୍ମାଣ କରିବା। **ଟେଣ୍ଡର ମୂଲ୍ୟ:** ₹୩୬,୯୫,୯୭,୯୧୮.୧୧। **ଇଏମ୍‌ଡି:** ₹୧୯,୯୮,୦୦୦। **ଟେଣ୍ଡର ଫର୍ମ ମୂଲ୍ୟ:** ₹୦। **ଖୋଲାଯିବା ତାରିଖ:** ତା୦୬।୧୦।୨୦୨୫ରିଖ। ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍–III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ। **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ–ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ। (କର୍ତ୍ତୃପକ୍ଷ – ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ–I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦)। **(PR-599)**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ମଣ୍ଡଳ ସିଗ୍ନାଲ ଓ ଟେଲିକମ୍ ଯନ୍ତ୍ରୀ/ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ ଟେଣ୍ଡର ନଂ. ବାବଦରେ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି ଯେଉଁଗୁଡ଼ିକ **ତା୨୬।୦୯।୨୦୨୫ରିଖ ୧୫.୦୦** ଘଟିକାରେ ଖୋଲିବା ପାଇଁ ଧାର୍ଯ୍ୟ। ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫରଗୁଡ଼ିକ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କ୍ର.ସଂ.-୧। ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ସିକେପି-ଓଟି-୨୫-୨୬-୬୧, ତାରିଖ: ୦୪।୦୯।୨୦୨୫। କାର୍ଯ୍ୟର ନାମ:** (i) ୧୦ଟି ଷ୍ଟେଶନଠାରେ ଗୁଡ୍‌ସ ଶେଡ୍ କିମ୍ବା ପବ୍ଲିକ୍ ସାଇଡିଂରେ ଆଇପି ଭିତ୍ତିକ ସିସିଟିଭି କ୍ୟାମେରାର ବ୍ୟବସ୍ଥା କରିବା। (ii) ବିରାଜପୁରଠାରେ ବିଦ୍ୟମାନ ଗୁଡ୍‌ସ ଶେଡ୍‌ର ଭିତ୍ତିଭୂମିର ଉନ୍ନୟନ/ଆଧୁନିକୀକରଣ। **ଟେଣ୍ଡର ମୂଲ୍ୟ:** ₹୭୦,୧୧,୬୨୭.୪୦। **ଅମାନତ ରାଶି:** ₹୧,୪୦,୨୦୦। **ସମାପ୍ତି ଅବଧି:** ୦୬ (ଛଅ) ମାସ। **କ୍ର.ସଂ.-୨। ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ସିକେପି-ଓଟି-୨୫-୨୬-୬୨, ତାରିଖ: ୦୪।୦୯।୨୦୨୫। କାର୍ଯ୍ୟର ନାମ:** ଏସ୍‌ଏସ୍‌ଇ/ଟେଲି/ଡାଙ୍ଗୋଆପୋଷୀ ଅଧୀନରେ ପରିଚାଳନା ପାଇଁ ୧ ଗୋଟି ୧ ଟନ କ୍ଷମତା ବିଶିଷ୍ଟ ଟ୍ରକ୍‌ର ନିୟୋଜନ ପାଇଁ ଅବଶିଷ୍ଟ କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ₹୧୧,୮୭,୧୫୫.୭୦। **ଅମାନତ ରାଶି:** ₹୨୩,୮୦୦। **ସମାପ୍ତି ଅବଧି:** ୨୪ (ଚବିଶ) ମାସ। **କ୍ର.ସଂ.-୩। ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ସିକେପି-ଓଟି-୨୫-୨୬-୬୩, ତାରିଖ: ୦୪।୦୯।୨୦୨୫। କାର୍ଯ୍ୟର ନାମ:** ଚକ୍ରଧରପୁର ମଣ୍ଡଳରେ ଏଲ୍‌ଭିସିଡି ଓ ଏମ୍‌ଏସ୍‌ଡିଏସି ଲାଗି କପର୍ ପ୍ଲେଟ୍ ଆର୍ଥିଂର ବ୍ୟବସ୍ଥା କରିବା। **ଟେଣ୍ଡର ମୂଲ୍ୟ:** ₹୨,୭୮,୫୬,୩୬୮.୫୦। **ଅମାନତ ରାଶି:** ₹୨,୮୯,୩୦୦। **ସମାପ୍ତି ଅବଧି:** ୦୯ (ନଅ) ମାସ। ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍–III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ–ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ। **(PR-604)**

ଭୁବନେଶ୍ୱର,ମଙ୍ଗଳବାର, ୯ ସେପ୍ଟେମ୍ବର, ୨୦୨୫

## ଯୁବକଙ୍କୁ ବନ୍ଧୁକ ଦେଖାଇ ଧମକ

ବ୍ରହ୍ମପୁର,(ସୁବାସ ଚନ୍ଦ୍ର ପାଢ଼ୀ) ଜଣେ ଯୁବକଙ୍କୁ ହତ୍ୟା ଧମକ ଦିଆଯାଇଥିବା ନେଇ ବ୍ରହ୍ମପୁର ଟାଉନ ଥାନାରେ ଅଭିଯୋଗ ହୋଇଛି। ପୁରୁଷୋତ୍ତମପୁର ଅଞ୍ଚଳର ସାଗର ମୁନି ଏକ କମ୍ପାନୀରେ କାମ କରୁଛନ୍ତି। କିଛି ଦିନ ତଳେ ୨ ଯୁବକ ତାଙ୍କୁ ବିଜିପୁରକୁ ଡାକିଥିଲେ । ସେଠାରୁ ସାର୍ କଥା ହେବେ ବୋଲି କହି ତାଙ୍କୁ ଗୋପାଳପୁର ନିକଟ ଧବଳେଶ୍ୱରକୁ ଡାକି ନେଇଥିଲେ। ସେଠାରେ ଆଉ ଜଣେ ଯୁବକ ତାଙ୍କ ସହ କଥା ହୋଇଥିଲେ। ପରେ ତାଙ୍କୁ ମଦ ପିଇବାକୁ ଦେଇଥିଲେ। ସେମାନେ ଯେଉଁ କାମ କରୁଛନ୍ତି ସେ ବିଷୟରେ କମ୍ପାନୀକୁ ନ ଜଣାଇବାକୁ କହିଥିଲେ। ବନ୍ଧୁକ ଦେଖାଇ ଧମକ ଦେଇ ବ୍ରହ୍ମପୁରରେ ଛାଡି ଦେଇଥିଲେ।



### ସଂକ୍ଷେପରେ

## ବେଆଇନ ମଦ ବିକ୍ରି ବନ୍ଦ ଦାବି କଲେ ସିନ୍ଧିଗାଁବାସୀ

ଛତ୍ରପୁର, ୮।୯(ସନ୍ତୋଷ ପାଢ଼ୀ)

ଛତ୍ରପୁର ବ୍ଲକ ଉପକଣ୍ଠ ସିନ୍ଧିଗ୍ରାମ, ଟାଟା କଲୋନୀ ଅଞ୍ଚଳରେ କିଛିଦିନ ହେଲା ବିଭିନ୍ନ ମାଦକ ଦ୍ରବ୍ୟ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଏନେଇ ପାଖ ପଡୋଶୀଙ୍କ ଘରେ ପିଲାମାନଙ୍କ ପାଠପଢା ବାଧାପ୍ରାପ୍ତ ହେଉଛି। ମଦ ପିଇବାକୁ ଆସୁଥିବା କେତେ ଜଣ ଲୋକ ରାସ୍ତା ମଝିରେ ଗାଡିମୋଟର ରଖି ଅନ୍ୟର ଯାତାୟାତରେ ବାଧାସୃଷ୍ଟି କରୁଥିଲେ। ଏହାକୁ ନେଇ ଅଞ୍ଚଳର କେତେ ଜଣ ଭଦ୍ରବ୍ୟକ୍ତି ଏବଂ ଅଞ୍ଚଳବାସୀ ପ୍ରତିବାଦ କରି ମଦ ବିକ୍ରି ବନ୍ଦ ପାଇଁ ଦାବି କରୁଥିଲେ ମଧ୍ୟ ମଦ ବିକ୍ରି କରୁଥିବା ଲୋକେ ସେମାନଙ୍କୁ ବିଭିନ୍ନ ଧମକଚମକ ଦେଉଥିଲେ। ନିକଟରେ ସେମାନେ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରି ହତ୍ୟା ଉଦ୍ୟମ କରିଥିଲେ। ମଦ ବିକ୍ରି କରୁଥିବା ବ୍ୟକ୍ତି ଏଥିପ୍ରତି ଭ୍ରୂକ୍ଷେପ ନ କରି ତମର ଯାହା କରିବାର ଅଛି, କର ମୁଁ ମଦ ବିକ୍ରି ବନ୍ଦ କରିବିନି ବୋଲି କହୁଛନ୍ତି। ଏନେଇ ଜିଲାପାଳ, ଏସ୍‌ପି, ଅବକାରୀ ଅଧୀକ୍ଷକ, ଥାନା ଅଧିକାରୀଙ୍କୁଅବଗତ କରାଯାଇଛି। ଜିଲାପାଳ ଦୃଷ୍ଟିଦେବାକୁ ଲୋକେ ଦାବିକରିଛନ୍ତି।

# ଟାଟା ବେଞ୍ଚୀରୁ କମାପଲୀ ଜବରଦଖଲ ଉଚ୍ଛେଦ

ବ୍ରହ୍ମପୁର,୮।୯(ସ୍ମୃତି ରଞ୍ଜନ ମହାଲିକ)

ପାର୍ବଣ ଆରମ୍ଭ ହୋଇଥିବା ବେଳେ ସହରରେ ଟ୍ରାଫିକ ସମସ୍ୟା ବଢ଼ିଛି। ଗତ ଗଣେଶ ପୂଜା ସମୟରେ ସହରର କମାପଲୀ, ଟାଟାବେଞ୍ଚ ଛକ, ସୁବାରାଓ ଛକ ଓ ପୁରୁଣା ବସ ଷ୍ଟାଣ୍ଡରେ ରାସ୍ତା ଜାମ ଯୋଗୁ ଯାନବାହନ ଫସି ରହୁଛି। ବିଶେଷକରି ସହରର ସିଂହ ଭାଗ କୁହାଯାଉଥିବା କମାପଲୀଠାରୁ ଟାଟାବେଞ୍ଚ ଛକ ଯାଏଁ ସହରବାସୀ ଜାମରେ ଫସି ରହିଥିଲେ। ଏହି ଅଂଚଳରେ ପୂଜା ସାମଗ୍ରୀ କିଣିବା ପାଇଁ ଲୋକଙ୍କ ଭିଡ ଜମିଥିଲା। କିନ୍ତୁ ଉକ୍ତ ରାସ୍ତାରେ ପାର୍କିଂ ଜାଗା ନ ଥିବା ହେତୁ ସହରବାସୀ ମନମୁଖୀ ଭାବେ ରାସ୍ତା ପାର୍ଶ୍ୱରେ ଯାନବାହାନକୁ ପାର୍କିଂ କରିଥିଲେ। ଅନ୍ୟପଟେ ବହୁ ଦୋକାନୀ ରାସ୍ତାକୁ ଜବର ଦଖଲ କରି ରହିଥିବାରୁ ଜାମ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଥିଲା। ଏହି ରାସ୍ତାଟି ଦୁଇ ଭାଗ ହୋଇଥିବା ବେଳେ ଜବରଦଖଲ କାରଣରୁ ୨ ପାର୍ଶ୍ୱ ରାସ୍ତା ସମ୍ପୂର୍ଣ୍ଣ ସଂକୀର୍ଣ୍ଣ ହୋଇପଡିଛି। ସେହିପରି ଉକ୍ତ ରାସ୍ତାରେ ଏକ ଘରୋଇ ସ୍କୁଲ ରହିଥିବା କାରଣରୁ



ଜବରଦଖଲ ସ୍ଥଳରେ ମାଜିଷ୍ଟ୍ରେଟଙ୍କ ସମେତ ଏନଫୋର୍ସମେଣ୍ଟ ଅଧିକାରୀମାନେ।

ସ୍କୁଲ ଛୁଟି ହେବା ସମୟରେ ଯାତାୟତ ସମ୍ପୂର୍ଣ୍ଣ ବନ୍ଦ ହେଉଥିବା ଅଭିଯୋଗ ହୋଇଛି। ଆଜକୁ ଦୀର୍ଘ ବର୍ଷ ଧରି ଉକ୍ତ ରାସ୍ତାର ଜବରଦଖଲ ହୋଇପାରି ନାହିଁ। ପାର୍ବଣ ଋତୁ ବ୍ୟତୀତ ଅନ୍ୟ ଦିନରେ ମଧ୍ୟ ଏହି ରାସ୍ତା ଦେଇ ସହରବାସୀ ଯାତାୟାତ କରିବା କଷ୍ଟକର ହୋଇପଡୁଛି। ଆଗାମୀ ଦିନରେ ଶାରଦୀୟ ଦୁର୍ଗା ପୂଜା ରହିଥିବା ବେଳେ ଯାତାୟାତ ବାଧାପ୍ରାପ୍ତ ହେବ। ଏହାକୁ ଦୃଷ୍ଟିରେ ରଖି ଟ୍ରାଫିକ ସମସ୍ୟାକୁ ଏଡାଇବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏ ନେଇ ଗତ ଶନିବାର ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର ବ୍ରହ୍ମପୁର ମହାନଗର ନିଗମ (ବିଏମସି) କମିଶନର ପ୍ରଥମେଶ ଅରବିନ୍ଦଙ୍କ ସହ ଆଲୋଚନା କରିଥିଲେ। ଏହାପରେ ସୋମବାର ବିଏମସି ଏନଫୋର୍ସମେଣ୍ଟ ବିଭାଗ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଏଥିପୂର୍ବରୁ ପ୍ରଶାସନ ପକ୍ଷରୁ ଘରୋଇ ଓ ସରକାରୀ ଜାଗା ଚିହ୍ନଟ କରାଯାଇଥିଲା। ଏ ନେଇ ଉପଜିଲାପାଳଙ୍କୁ ଅବଗତ ପରେ ବିଏମସି ପକ୍ଷରୁ ଉଚ୍ଛେଦ କାମ ଆରମ୍ଭ ହୋଇଥିଲା। ଆଜି ବ୍ରହ୍ମପୁର ଉପଜିଲାପାଳଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଦୋକାନ ଘର ସମ୍ମୁଖ ନିର୍ମାଣକୁ ପୋଲିସ ଉପସ୍ଥିତିରେ ଭଙ୍ଗାଯାଇଥିଲା। ଆଗାମୀ ଦିନରେ ସହରର ମୁଖ୍ୟ ରାସ୍ତାରେ ଜବରଦଖଲ କରି ରହିଥିବା ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯିବ ବୋଲି ବିଏମସି ପକ୍ଷରୁ ସୂଚନା ମିଳିଛି। ଉଚ୍ଛେଦ ସମୟରେ ବିଏମସି ସହକାରୀ କମିଶନର ରୋନିତ କୁମାର, ମାଜିଷ୍ଟ୍ରେଟ ଭାବେ ବ୍ରହ୍ମପୁର ରାଜସ୍ୱ ସର୍କଲର ଅତିରିକ୍ତ ତହସିଲଦାର ହରିକୃଷ୍ଣ ପଣ୍ଡା, ଗୋଇଲୁଣ୍ଡି ଆରଆଇ ସ୍ମିତାରାଣୀ ନାୟକଙ୍କ ସମେତ ବିଏମସି ଏନଫୋର୍ସମେଣ୍ଟ ଅଧିକାରୀ ଉପସ୍ଥିତ ଥିଲେ।

## ନାବାଳକଙ୍କୁ ଆକ୍ରମଣ କରି ୩ ଗିରଫ, ମାରଣାସ୍ତ୍ର ଜବତ

ବ୍ରହ୍ମପୁର,୮।୯(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ନାବାଳକଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଟାଉନ ଥାନା ପୋଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖାଜା ସାହିର ଏସଏମ ସାହୀଦ ଅଲ୍ଲୀ(୨୫),ଏସଏମ ଶାବାଜ ଅଲ୍ଲୀ(୨୩) ଓରଫ ଗୋଲୁ ଓ ସେକ ଜୀବ୍ରାହିମ(୧୯) । ଅଭିଯୁକ୍ତଙ୍କ ଠାରୁ ପୋଲିସ ୪ ଖଣ୍ଡା, ଗାଟିଏ କ୍ରିକେଟ ୱିକେଟ ଜବତ କରିଛି। ସାହୀଦ ଓ ଶାବାଜ ନାଁ ରେ ଏକାଧିକ ମାମଲା ରହିଛି ବୋଲି ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି । ମାମଲା ନଂ. ୩୭୯/୨୫ରେ ଉକ୍ତ ତିନି ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ସୋମନାଥ ନଗର ଅଞ୍ଚଳର ୧୭ ବର୍ଷର ନାବାଳକ ରବିବାର ଅପରାହ୍ନ ସମୟରେ କୌଣସି କାମରେ ସ୍ଥାନୀୟ ଭିମାରାଓ ପେଟା ପାର୍କ ନିକଟକୁ ଯାଇଥିଲେ । ସେଠାରେ ଶାବାଜ ସମ୍ପୃକ୍ତ ନାବାଳକକୁ ଧକ୍କା ମାରିଥିଲେ । ସେଠାରୁ ନାବାଳକ ଜଣକ ଘରକୁ ଫେରିବା ବେଳେ ସୋମନାଥ ନଗର ଛକ ଠାରେ ସାହୀଦ ଓ ତାଙ୍କ ଭାଇ ଗୋଲୁ, ଜୀବ୍ରାହିମ ସମ୍ପୃକ୍ତ ନାବାଳକକୁ ମାରପିଟ କରିଥିଲେ। ପରେ ଖଣ୍ଡାରେ ଆକ୍ରମଣ ମଧ୍ୟ କରିଥିଲେ। ଫଳରେ ସେ ଆହତ ହୋଇଥିଲେ। ପରେ ଘଟଣାକୁ ନେଇ ସେ ଥାନାରେ ଅଭିଯୋଗ କରିଥିଲେ।



ଗିରଫ ଅଭିଯୁକ୍ତ।

## ଗାଈ ପେଟରୁ ବାହାରିଲା ୫୦ କିଲୋ ପଲିଥିନ

ବ୍ରହ୍ମପୁର,୮।୯(ସ୍ମୃତି ରଞ୍ଜନ ମହାଲିକ)


ପଲିଥିନକୁ ନିଷିଦ୍ଧ କରାଯାଇଥିବା ବେଳେ ସହରରେ ଏହି କଟକଣାକୁ କେହି ମାନୁନାହାନ୍ତି। ଚା, ପାନ ଦୋକାନଠାରୁ ଆରମ୍ଭ କରି ବଡ ବଡ ହୋଟେଲ ଓ ରେଷ୍ଟୁରାଣ୍ଟ ଗୁଡିକରେ ପଲିଥିନର ବହୁଳ ବ୍ୟବହାର ହେଉଛି। ଉଠା ଦୋକାନୀ ମଧ୍ୟ ଖାଦ୍ୟ ସାମଗ୍ରୀକୁ ପଲିଥିନ ମାଧ୍ୟମରେ ଗ୍ରାହକଙ୍କୁ ବିକ୍ରି କରୁଛନ୍ତି। କିନ୍ତୁ ଏହି ପଲିଥିନ ନିରୀହ ପଶୁଙ୍କୁ ପାଇଁ ମୃତ୍ୟୁର କାରଣ ପାଲଟିଛି। ଏଭଳି ଭାବେ ସୋମବାର ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ଏକ ଗୋରୁ ପେଟରୁ ଅପରେସନ କରାଯାଇ ପଲିଥିନ ବାହାର କରାଯାଇଛି। ହିଲପାଟଣା ବଡ ସାହିରେ ଏକ ଗାଈ ରାସ୍ତାରେ ପଡି ଯନ୍ତ୍ରଣାରେ ଛଟପଟ ହେଉଥିବା ସ୍ଥାନୀୟ ଲୋକ ଦେଖିଥିଲେ। ଏ ନେଇ ସେମାନେ ପ୍ରାଣୀ ଆମ୍ବୁଲାନ୍ସକୁ ଡାକିଥିଲେ। ପରେ ପ୍ରାଣୀ ଚିକିତ୍ସାଧିକାରୀ ଅଞ୍ଜନ କୁମାର ଦାସଙ୍କ ପରାମର୍ଶ କ୍ରମେ ଗାଇକୁ ପ୍ରାଣୀ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଡା. ସତ୍ୟ ନାରାୟଣ କରସ୍ତ୍ରୋପଚାର କରି ଗୋରୁ ପେଟରୁ ୫୦ କିଲୋ ଓଜନର ପଲିଥିନ ବାହାର କରାଯାଇଥିଲା। ଅସ୍ତ୍ରୋପଚାର ପରେ ଗାଇଟି ସୁସ୍ଥ ରହିଛି। ସହରରେ ପଲିଥିନ ନିଷିଦ୍ଧ କଟକଣାକୁ କଡାକଡି କରିବାକୁ ପଶୁପ୍ରେମୀ ଲଲାଟେନ୍ଦୁ ଚୌଧୁରୀ ପ୍ରମୁଖ ଦାବି କରିଛନ୍ତି।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଏଆଇ ଓ ମେଶିନ ଲର୍ନିଂ ଉପରେ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ

ବ୍ରହ୍ମପୁର,୮।୯(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ କୃତ୍ରିମ ବୁଦ୍ଧିମତା(ଏଆଇ) ଓ ମେଶିନ ଲର୍ନିଂ ଇନ ଫାଇନାନସିଆଲ ଆନାଲେଟିସ,ମାର୍କେଟ ଡାଇନାମିକ୍ସ ଆଣ୍ଡ ମ୍ୟାନେଜିରିଆଲ ଡେସିସନ ମେକିଙ୍ଗ ବିଷୟରେ ୧୩ତମ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ ସୋମବାର ଉଦଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଯୋଗ ଦେଇ ଅଧ୍ୟାପକ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ଭୂମିକା ଉପରେ ଆଲୋକପାତ କରିବା ସହ ଶିକ୍ଷା ଓ ଗବେଷଣାରେ ସମ୍ମିଳିତ କରିବାରେ ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତାକୁ ଉଲ୍ଲେଖ କରିଥିଲେ। ଏଆଇୟୁ ଏବଂ ଏଏଡ଼ିସି,ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓ କମ୍ପ୍ୟୁଟର ସାଇନ୍ସ ବିଭାଗ ମିଳିତ ଆୟୋଜନରେ ଆସୋସିଏସନ ଅଫ ଇଣ୍ଡିଆନ ୟୁନିଭରସିଟି ନୂଆଦିଲ୍ଲୀ ସହ କାର୍ଯ୍ୟ ସାଧନ ହୋଇଛି। ଏହି ଅଧ୍ୟାପକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆଜି ଠାରୁ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଏଏଡ଼ିସିର ନୋଡାଲ ଅଫିସର ତଥା କାର୍ଯ୍ୟକ୍ରମର ଆବାହକ ଡ଼.ମୃତ୍ୟୁଞ୍ଜୟ ସ୍ୱାଇଁ, କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ପିଜି କାଉସିଲର ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ଯୋଗ ଦେଇ ଏଆଇ ଓ ମେସିନ ଲର୍ଣ୍ଣିଂର ଆବଶ୍ୟକତା ଉଲ୍ଲେଖ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ କମ୍ପ୍ୟୁଟର ସାଇନ୍ସ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ଡ଼. ଦେବାଷିଶ ମହାପାତ୍ର ଯୋଗ ଦେଇ ଏଆଇ ଆଧାରିତ ସିଦ୍ଧାନ୍ତଗତ ପ୍ରକ୍ରିୟାର ପରିବର୍ତ୍ତନ ବିଷୟରେ କହିଥିଲେ। ନୂଆଦିଲ୍ଲୀ ଏଆଇୟୁର ଯୁଗ୍ମ ନିର୍ଦ୍ଦେଶକ ଡ଼.ରମା ଦେବୀ ପାଣି ଅନ ଲାଇନ ମାଧ୍ୟମରେ ଏଆଇ ଶିକ୍ଷା ଓ ଗବେଷଣାରେ ପ୍ରଭାବ ଉପରେ କହିଥିଲେ। ପ୍ରଫେସର ମାନସ ରଞ୍ଜନ ପାତ୍ର ଗବେଷଣାକୁ ଶକ୍ତି ଶାଳି କରିବାକୁ ପରାମର୍ଶ ଦେଇଥିଲେ। ଏଆଇୟୁ ଓ ଏଏଡ଼ିସିର ଯୁଗ୍ମ ସଂଯୋଜକ ଡ଼.ବନମାଳୀ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

## ଚକ୍ଷୁଦାନ ପାଇଁ ସଚେତନତାର ବାର୍ତ୍ତା ବାଣ୍ଟିଲେ




ଚକ୍ଷୁଦାନ ପାଇଁ ସଚେତନତା ପଦଯାତ୍ରା।

ବ୍ରହ୍ମପୁର,୮।୯(ସୁବାସ ଚନ୍ଦ୍ର ପାଢ଼ୀ)

ଫ୍ରେଣ୍ଡସ ହେଲପିଙ୍ଗ କ୍ଲବ, ବ୍ରହ୍ମପୁର, ରୁବି ଆଇ ହସ୍ପିଟାଲ, ଏମ.କେ.ସି.ଜି. ହସ୍ପିଟାଲର ଚକ୍ଷୁବିଭାଗର ମିଳିତ ଉଦ୍ୟମରେ ପାଳିତ ଚକ୍ଷୁଦାନ ପକ୍ଷ ସୋମବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଏକ ସଚେତନତା ପଦଯାତ୍ରା କରାଯାଇ ଚକ୍ଷୁଦାନ ସମ୍ପର୍କରେ ବାର୍ତ୍ତା ବଣ୍ଟନ କରାଯାଇଥିଲା। ରୁବି ଚକ୍ଷୁ ହସ୍ପିଟାଲର ମୁଖ୍ୟ ପ୍ରଫେସର ବି.ନାଗେଶ୍ୱର ରାଓ ସୁବୁଦ୍ଧି ଏହାର ଶୁଭାରମ୍ଭ କରିଥିଲେ । ୩ବର୍ଷର ଶିଶୁ ଠାରୁ ଯେ କୌଣସି ବୟସର ବ୍ୟକ୍ତିଙ୍କ ମୃତ୍ୟୁର ୬ ଘଣ୍ଟା ମଧ୍ୟରେ ଚକ୍ଷୁଦାନ ହୋଇପାରିବ। ଫ୍ରେଣ୍ଡସ ହେଲପିଙ୍ଗ କ୍ଲବର ସଭାପତି ସତ୍ୟକାମ ପାତ୍ର କହିଲେ ଯେ, ଗତମାସ ୨୫ ତାରିଖରୁ ବିଭିନ୍ନ ଅନୁଷ୍ଠାନ, ପାଠାଗାର, ବଜାର, ବିଦ୍ୟାଳୟ ଗୁଡିକରେ ଏନେଇ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଚକ୍ଷୁଦାନ ପ୍ରୋଜେକ୍ଟର ଅଧ୍ୟକ୍ଷ ଜମ୍ମୁଲା ସୁରେଶ ଚକ୍ଷୁଦାନ ସମ୍ପର୍କରେ କହିଥିଲେ। ସଚେତନତା ପଦଯାତ୍ରା ହରିଡାଖଣ୍ଡି ଛକଠାରୁ ବାହାରି ଚକ୍ଷୁଦାନ ପାଇଁ ବିଭିନ୍ନ ସ୍ଲୋଗାନ ଦେଇ ଚନ୍ଦ୍ରମାସହି, ବଡବଜାର, ସାନବଜାର, ଗିରିମାର୍କେଟଦେଇ କ୍ଲବର ନିଜସ୍ୱ କାର୍ଯ୍ୟାଳୟ ସ୍ନେହମ ଠାରେ ସମାପ୍ତ କରାଯାଇଥିଲା। ଏହି ପଦଯାତ୍ରାରେ ରୋଟାରୀ କ୍ଲବର ସଭାପତି ଏ.ଭେଙ୍କଟ ଆନନ୍ଦ, ସମ୍ପାଦକ ଟାଙ୍ଗୁଡୁ ରାହୁଲ, ସନ୍ତୋଷ ରଥ, ପ୍ରଦୀପ କୁମାର ପଣ୍ଡା, ମାନବବାଦୀ ହେତୁବାଦୀ ସଂଗଠନର ଉପ ସଭାପତି କିଶୋର ଚନ୍ଦ୍ର ମିଶ୍ର, ସମ୍ପାଦକ କେ.ନନ୍ଦେଶୁ ସେନାପତି, କେ.ବାସାବରାଜୁ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ଯୁବ ରେଡକ୍ରସ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଶିବିରରେ ଉପସ୍ଥିତ ରେଡକ୍ରସ ତାଲିମ ନେଇଥିବା ଅଧିକାରୀ।

ବ୍ରହ୍ମପୁର,୮।୯(ସୁବାସ ଚନ୍ଦ୍ର ପାଢ଼ୀ)

ଗୋପାଳପୁର କଲେଜରେ ଚାଲିଥିବା ରାଜ୍ୟସ୍ତରୀୟ ଯୁବ ରେଡକ୍ରସର ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଛି। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଡ଼.ସିଦ୍ଧାର୍ଥ ଶଙ୍କର ପାଢ଼ୀ ଯୋଗ ଦେଇ ଚରିତ୍ର ଗଠନ ଉପରେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ବ୍ରହ୍ମପୁର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପ୍ରାକ୍ତନ ଉପ ନିର୍ଦ୍ଦେଶକ ଡ଼ ସୁଷାନ୍ତ ଦାସ, ପ୍ରାକ୍ତନ ଗଞ୍ଜାମ ଜିଲା ସଂଯୋଜକ ବି.ଗୋବିନ୍ଦ ରାଓ, ସଂଯୋଜକ ଡ଼.ଜଗଦୀଶ ଚନ୍ଦ୍ର ପାଲ, ପରିବହନ ମନ୍ତ୍ରୀଙ୍କ ପ୍ରତିନିଧି ପଞ୍ଚୁ ବେହେରା ପ୍ରମୁଖ ଯୋଗ ଦେଇ ଶିବିରାର୍ଥୀଙ୍କୁ ଉତ୍ସାହିତ କରିଥିଲେ। କଲେଜ ଅଧ୍ୟକ୍ଷ ଡ଼ ରାମ ପ୍ରସାଦ ପଣ୍ଡା ସଭାପତିତ୍ୱ କରିଥିଲେ। ସମ୍ପାଦିକା ଡ଼ ମିଲିମିତା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। ଯୁବ ରେଡକ୍ରସର କାଉନସିଲର ଡ଼. ରାମ ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ। ପ୍ରାଥମିକ ଉପଚାର, ସଡ଼କ ସୁରକ୍ଷା, ଏଡସର ଭୟାବହତା ଓ ନିରାକରଣ, ବିପର୍ଯ୍ୟୟ ପରିଚାଳନା, ସ୍ୱେଚ୍ଛାସେବୀଙ୍କ ଭୂମିକା ଓ ରକ୍ତଦାନ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଲୋକନାଥ ମିଶ୍ର, ଡ଼ ଆଦିତ୍ୟ ମିଶ୍ର, ଗୋପାଳ ଚନ୍ଦ୍ର ମିଶ୍ର, ବି. ଗୋବିନ୍ଦ ରାଓ, ଡ଼ ଅଜୟ କୁମାର ତ୍ରିପାଠୀ ପ୍ରମୁଖ ପ୍ରଶିକ୍ଷଣ ଦେଇଥବଲେ। ୬ ଜିଲାରୁ ୪୩ ଅଣତାଲିମ ଯୁବ ରେଡକ୍ରସ ଅଧିକାରୀଙ୍କୁ ତାଲିମ ଦିଆଯିବା ସହିତ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଶିବିରକୁ ରବୀନ୍ଦ୍ର କୁମାର ନାୟକ, ଏସ. ରୂପ ଲକ୍ଷ୍ମୀ, ଚଞ୍ଚଳା ଜେନା, ଅପରାଜିତା ପାଣ୍ଡେ, ମନୋରମା କୁମ୍ଭାର, ବ୍ରଜ ପିଡିକାକା, ଜି.ଗଣେଶ ପ୍ରମୁଖ ସହଯୋଗ କରିଥିଲେ।

## ଜଙ୍ଗଲ ଜମି ପଟ୍ଟା ନ ମିଳିବାରୁ କର୍ମଚାରୀଙ୍କୁ ଅଟକ ରଖିଲେ ଆଦିବାସୀ

ଖଲ୍ଲିକୋଟ,୮।୯(ପ୍ରଶାନ୍ତ କୁମାର ମିଶ୍ର)

ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ଯୋଗାଇ ଦେବାକୁ ବାରମ୍ବାର ଦାବି ହେଇ ଆସୁଥିଲେ ସୁଦ୍ଧା ପ୍ରଶାସନ ଏହାକୁ ଗୁରୁତ୍ୱ ଦେଉନାହିଁ। ରବିବାର ସନ୍ଧ୍ୟାରେ କେତେ ଜଣ ବନ କର୍ମଚାରୀ ଖଲ୍ଲିକୋଟ ବନବିଭାଗ ଅନ୍ତର୍ଗତ ବାଦପଲ୍ଲୀ ବନାଞ୍ଚଳକୁ ବନ୍ୟଜନ୍ତୁଙ୍କ ସମ୍ପର୍କରେ ଜାଣିବାକୁ ଯାଇଥିବା ବେଳେ ଆଦିବାସୀମାନେ ସେମାନଙ୍କୁ ଦୀର୍ଘ ସମୟ ଧରି ଅଟକ ରଖିଥିଲେ। ରାତିରେ ଖଲ୍ଲିକୋଟ ରେଞ୍ଜର ଦିବ୍ୟଶଙ୍କର ବେହେରା ଯାଇ ଲୋକଙ୍କୁ ବୁଝାଶୁଝା କରିବାରୁ ସେମାନେ ଅଟକ ରଖିଥିବା କର୍ମଚାରୀଙ୍କୁ ଛାଡିଥିଲେ। ବାଦପଲ୍ଲୀ ପଞ୍ଚାୟତର ୧୧ ଖଣ୍ଡ ଗ୍ରାମବାସୀଙ୍କୁ ଏଯାଏ ୨୦୦୬ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଜମି ଚିହ୍ନଟ କରି ଜମି ପ୍ରଦାନ କରାଯାଇନାହିଁ। ଗ୍ରାମବାସୀ ଜଙ୍ଗଲ ଜମି ପଟ୍ଟା ପାଇଁ କାର୍ଯ୍ୟାଳୟକୁ ଯାଉଥିଲେ ମଧ୍ୟ ବନ ବିଭାଗ ଜାଗା ମାପ କରି ସ୍କେଚ ମ୍ୟାପ ଦେଉ ନ ଥିବାରୁ ପଟ୍ଟା ହୋଇପାରୁନି। ଏହାର ପ୍ରତିବାଦରେ ଗ୍ରାମ ନିକଟକୁ ଯାଇଥିବା ବନ କର୍ମଚାରୀଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ। ଖବର ପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ୨ ଡିଜେ ଧକ୍କାରୁ ଝଗଡ଼ା

### ବାଲିପଡାର ଡିଜେ ସିଲ

ବ୍ରହ୍ମପୁର,୮।୯ (ସୁବାସ ଚନ୍ଦ୍ର ପାଢ଼ୀ): ନିମଖଣ୍ଡି ଥାନା ଅନ୍ତର୍ଗତ ଫୁଲଟା ଗ୍ରାମରେ ଗଣେଶ ପୂଜା ବିସର୍ଜନ ବେଳେ ୨ଟି ଡିଜେ ଗାଡି ମଧ୍ୟରେ ଝଗଡା ମାଲିକଙ୍କ ପାଇଁ ମହଙ୍ଗା ପଡିଛି। ସୋମବାର ବ୍ରହ୍ମପୁର ଉପଜିଲାପାଳ ଓ ପୋଲିସ ବାଲିପଡାରେ ପହଞ୍ଚି ଉକ୍ତ ଡିଜେକୁ ଜବତ କରିବା ସହ ମାଲିକଙ୍କ କାର୍ଯ୍ୟାଳୟକୁ ସିଲ କରିଛନ୍ତି।

୨ ଦିନ ତଳେ ଗଣେଶ ପୂଜା ଭସାଣି ବେଳେ ଗ୍ରାମରେ ଦୁଇଟି ମେଢ଼ର ୨ ଡିଜେ ଗାଡି ପରସ୍ପର ମଧ୍ୟରେ ବାରମ୍ବାର ଧକ୍କା ହୋଇଥିଲେ। ଏପରିକି ଜାଣିଶୁଣି ଧକ୍କା ଦେବା ସମୟରେ ଡିଜେ ଉପରେ ଏକାଧିକ ଯୁବକ ବସିଥିଲେ। ଡିଜେ ଗାଡି ଧକ୍କା ଯୋଗୁ ପଛରେ ଲାଗିଥିବା ଲାଇଟ ଓ ସାଉଣ୍ଡ ବକ୍ସ ଭାଙ୍ଗିରୁଜି ଚୁରମାର ହୋଇଯାଇଥିଲା । ତେବେ ଏହା ଗ୍ରାମରେ ଆଇନଶୃଙ୍ଖଳା ପରିସ୍ଥିତିକୁ ଉସୁକାଇଥିଲା । ଏହି ସମୟରେ ଉତ୍ତୋଳନ ହୋଇଥିବା ଭିଡିଓ ବିଭିନ୍ନ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଏ ନେଇ ଅଭିଯୋଗ ପରେ ସୋମବାର ବ୍ରହ୍ମପୁର ଉପଜିଲାପାଳ, କୁକୁଡାଖଣ୍ଡି ତହସିଲଦାର ଓ ସଦର ଥାନା ପୋଲିସ ପକ୍ଷରୁ ଘଟଣାର ତଦନ୍ତ କରାଯିବା ସହ ଉକ୍ତ ଝଗଡାରେ ସାମିଲ ଥିବା ବାଲିପଡାର ଡିଜେକୁ ଜବତ କରିଥିବା ସୂଚନା ମିଳିଛି ।

## ଜଙ୍ଗଲରୁ ମିଳିଲା ୫ କୁଇଣ୍ଟାଲ ଗଞ୍ଜେଇ

ମୋହନା,୮।୯(ମନ୍ମଥ ମିଶ୍ର)

ଅଡବା ଥାନା ଗୁଲୁବା ଗାଁନିକଟସ୍ଥ ଜଙ୍ଗଲରେ ଚଢାଉ କରି ପୋଲିସ ୫ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି। ଏହାର ବଜାର ମୂଲ୍ୟ ୫୦ ଲକ୍ଷ ଟଙ୍କା ହେବ। ସୋମବାର ଭୋର ସମୟରେ ଏସ୍‌ଆଇ ପ୍ରସନ୍ନ ପରିଡାଙ୍କ ନେତୃତ୍ୱରେ ଗୁଲୁବା ଅଞ୍ଚଳରେ ପେଟ୍ରୋଲିଂ ବେଳେ ନିକଟସ୍ଥ ଜଙ୍ଗଲରେ କିଛି ବସ୍ତା ପଡ଼ିଥିବା ଦେଖି ପୋଲିସ ସନ୍ଦେହ କରିଥିଲା। ଜଙ୍ଗଲ ଭିତରେ ଯାଞ୍ଚ କରିବାକୁ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା ବୋଲି ଅଡବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା କହିଛନ୍ତି।

## ସିଆରସିସିଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ବ୍ରହ୍ମପୁର,୮।୯(ସୁବାସ ଚନ୍ଦ୍ର ପାଢ଼ୀ)

ଜିଲ୍ଲାସ୍ତରୀୟ ଗୁରୁଦିବସ କାର୍ଯ୍ୟକ୍ରମରେ ବ୍ରହ୍ମପୁର ସବଡିଭିଜନ ପକ୍ଷରୁ ରଙ୍ଗେଇଲୁଣ୍ଡା ବ୍ଲକ ଅଧିନ ଫୁଲଟା କ୍ଲଷ୍ଟର ସିଆରସିସି ବିବେକାନନ୍ଦ ସାମନ୍ତରାଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଶିକ୍ଷାବିଭାଗର ମାର୍ଗଦର୍ଶିକା ଅନୁଯାୟୀ ଶିଶୁ ବାଟିକା ଠାରୁ ଆରମ୍ଭ କରି ୟୁଡାଇସ, ରୂପାନ୍ତରୀକରଣ କାର୍ଯ୍ୟକ୍ରମ, ନାମଲେଖା ପ୍ରକ୍ରିୟାକୁ ସଫଳତାରର ସହ ସେ ତୁଲାଇଛନ୍ତି। କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା, ପରିଶ୍ରମ କାରଣରୁ ମର୍ଯ୍ୟାଦାଜନକ ପୁରସ୍କାର ହାସଲ କରିଥିବା ଶିକ୍ଷାପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏହି ପୁରସ୍କାର ମୋର କ୍ଲଷ୍ଟର ଅଧିନସ୍ଥ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଉତ୍ସର୍ଗୀକୃତ ବୋଲି ନିଜ ମତାମତରେସାମନ୍ତରା କହିଛନ୍ତି।



## ପୋଲିସକୁ ଦେଖି ଫେରାର ହୋଇଯାଉଥିଲା ଅଟୋ

# ଗଜପତିରୁ ଗଞ୍ଜେଇ ଯାଉଥିଲା ପୁରୀ

ଦିଗପହଣ୍ଡି,୮।୯(ଅଶେଷ ନାଥ ମିଶ୍ର)– ଦିଗପହଣ୍ଡି ପୋଲିସ ସୋମବାର ପୁରୀ ସହର ବାସେଳୀସାହି ଥାନା ଅନ୍ତର୍ଗତ ମାଟିତୋଟା ସାହିରେ ରହୁଥିବା ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ଭୂଷଣ୍ଡପୁର ଗ୍ରାମର ସୁକାନ୍ତ ମଲ୍ଲିକ ଓରଫ ଟିମାଙ୍କୁ ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ଗିରଫ କରଛି। ତାଙ୍କୁ ବ୍ରହ୍ମପୁର ଜିଲା ଦୌରା ଜଜକୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ବ୍ରହ୍ମପୁର ବିଚାର ବିଭାଗୀୟ ଜେଲ ହାଜତକୁ ପଠାଯାଇଛି। ପଚରାଉଚରା ବେଳେ ଏହି ଗଞ୍ଜେଇ ଗଜପତିରୁ ଆସି ପୁରୀ ଯାଉଥିଲା ବୋଲି ସୁକାନ୍ତ କହିଛନ୍ତି। ଘୋଡ଼ାହାଡ଼ ଡ୍ୟାମ ରାସ୍ତାର ନିମପଲ୍ଲୀ ଶ୍ରୀହନୁମାନ ଛକ ଠାରେ ରବିବାର ଗାଡିମୋଟର ଯାଞ୍ଚ ହେଉଥିଲା। ଏହି ସମୟରେ ଅଟୋ (ନଂ. ଓଡ଼ି ୦୨ ଏଏକ୍ସ –୧୪୩୦) ଡ୍ୟାମ ରାସ୍ତାରେ ଦିଗପହଣ୍ଡି ଅଭିମୁଖେ ଆସୁଥିଲା। ପୋଲିସ ଦେଖି ଅଟୋ ଚାଳକ ପଳାଉଥିବା ବେଳେ ପୋଲିସ ଟିମ କାବୁ କରିଥିଲା। ଅଟୋକୁ ଧରି ଯାଞ୍ଚ କରିବାରୁ ସେଥିରେ ୫ଟି ଜରି ଅଖାରେ ଗଞ୍ଜେଇ ଥିବା ଜଣାପଡିଥିଲା। ଦିଗପହଣ୍ଡି ତହସିଲଦାର ତଥା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ସନ୍ତୋଷ ସାହୁଙ୍କ ଉପସ୍ଥିତିରେ ଗଞ୍ଜେଇ, ଅଭିଯୁକ୍ତ ସୁକାନ୍ତଙ୍କ ମୋବାଇଲ ଫୋନ, ଅଟୋ ଜବତ କରାଯାଇଥିଲା। ଜବତ ଗଞ୍ଜେଇର ପରିମାଣ ୫୬ କେଜି ୨୨୦ ଗ୍ରାମ।

## ଲାଠି ପଞ୍ଚାୟତରେ ଜନ ଶୁଣାଣି



ଲାଠି ପଞ୍ଚାୟତରେ ଆବେଦନକାରୀମାନେ।

ବ୍ରହ୍ମପୁର,୮।୯(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ନିକଟ ତଥା କୁକୁଡାଖଣ୍ଡି ବ୍ଲକର ଲାଠି ପଞ୍ଚାୟତ ସଭାଗୃହରେ ସୋମବାର ଜନ ଅଭିଯୋଗ ଶୁଣାଣି ହୋଇଛି। ଶିବିରରେ ୭୪ ଆବେଦନର ଶୁଣାଣି ପାଇଁ ଆସିଥିଲା। ବିଡିଓ ପଲ୍ଲବୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଅତିରିକ୍ତ ତହସିଲଦାର ଶୁଭସ୍ମିତା ରଥ, ବିଏସଏସଓ ମନୋଜ କୁମାର ପ୍ରଧାନ, ଏବିଡିଓ ସୁପ୍ରଭା ସାହୁ, ଏଇଇ ଅନୁରାଗ ରଥ, ପିଇଓ ଅଶୋକ କୁମାର ପଟ୍ଟନାୟକ, ସମାଜ କଲ୍ୟାଣ ଅଧିକାରୀ ମିନତି ବେହେରା, ଏଡିଇଓ ତୁଷାର କୁମାର ପଟ୍ଟନାୟକ, ଯୋଗାଣ ସହାୟକ ପ୍ରମିଳା ସେଠୀ, ସରପଞ୍ଚ ରାଧମୋହନ ସେଠୀ, ନାଏବ ସରପଞ୍ଚ ରୁବି ଦାସ, ୱାର୍ଡ ସଭ୍ୟାସଭ୍ୟ ଜଗନ୍ନାଥ ଗୌଡ, ଜିଷ୍ଣୁ ଗୌଡ, ଝୁନୁ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଏଥି ସହିତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବିଶେଷ କରି ରାସ୍ତା ପ୍ରଶସ୍ତିକରଣ ଅଭିଯୋଗ ଅଧିକ ଥିଲା। ଝିଲି ପଢ଼ିଆଳି ନାମ୍ନୀ ଜଣେ ବିଧବା ତାଙ୍କର ଭତ୍ତା ହୋଇନାହିଁ ବୋଲି କରିଥିବା ଅଭିଯୋଗ ଉପରେ ତାଙ୍କର ଭତ୍ତା ହୋଇଯାଇଛି ତୁରନ୍ତ ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ସେହିପରି ଅନେକ ସଭ୍ୟ ରାସନକାର୍ଡରେ ନାମ ଯୋଡିବା ପାଇଁ ଅଭିଯୋଗ କରିଥିଲେ। ବେଦାଳିଆରେ ଏକ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ବି ଦାବି ହୋଇଥିଲା। ଅନେକ ଅଭିଯୋଗର ଶୁଣାଣି ହୋଇଥିଲା।

# ଜମାକାରୀଙ୍କୁ ବ୍ୟାଙ୍କରୁ ମିଳୁନି ଟଙ୍କା

### ଥାନାଧିକାରୀଙ୍କୁ ସ୍ମାରକପତ୍ର

ଦିଗପହଣ୍ଡି,୮।୯(ଅଶେଷ ନାଥ ମିଶ୍ର): ଦିଗପହଣ୍ଡି ପୁରୁଣା ବସଷ୍ଟାଣ୍ଡ ମୁଖ୍ୟରାସ୍ତା କଡ଼ରେ ଥିବା ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରେ ବହୁ ସଂଖ୍ୟକ ଜମାକାରୀଙ୍କ ଟଙ୍କା ମିଳୁ ନ ଥିବା ଅଭିଯୋଗ ହୋଇଛି। ଅନେକଙ୍କ ଫିକ୍ସଡ ଡିପୋଜିଟ ମ୍ୟାଚ୍ୟୁରିଟି ହୋଇସାରିଥିଲେ ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷ ପ୍ରାପ୍ୟ ଅର୍ଥରାଶି ପ୍ରଦାନ କରୁନାହାନ୍ତି। ଏ ନେଇ ସୋମବାର ଭାଜପା ରାଜ୍ୟ ପରିଷଦ ସଦସ୍ୟ ପରେଶ ଚନ୍ଦ୍ର ରଥଙ୍କ ନେତୃତ୍ୱରେ ବହୁସଂଖ୍ୟକ ଜମାକାରୀ ଦିଗପହଣ୍ଡିଥାନାରେ ପହଞ୍ଚି ଭାରପ୍ରାପ୍ତ ଆଇଆଇସି ପ୍ରଶାନ୍ତ କୁମାର ପାତ୍ରଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ମଙ୍ଗଳବାର ସୁଦ୍ଧା ଜମା ଟଙ୍କା ନ ମିଳିଲେ ଜମାକାରୀମାନେ ସମ୍ପୃକ୍ତ ବ୍ୟାଙ୍କ ଶାଖା ସମ୍ମୁଖରେ ଧାରଣା ଦେବେ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ବ୍ୟାଙ୍କର ବହୁସଂଖ୍ୟକ ଜମାକାରୀଙ୍କ ଜମାଖାତାରୁ ୭୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରାଯାଇଥିବା ଜମାକାରୀ ଅଭିଯୋଗ କରିଥିଲେ। ବ୍ୟାଙ୍କ ଶାଖା ପରିଚାଳକ ପି. ପ୍ରଦୀପ କୁମାରଙ୍କ ଏତଲା କ୍ରମେ ଦିଗପହଣ୍ଡି ଥାନା ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର ଗତ ଜୁନ ୨୪ରେ ମାମଲା ନଂ.୨୩୨/୨୫ ଅନୁଯାୟୀ ମକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ପରେ ଏହି ବ୍ୟାଙ୍କ ଠକେଇର ମାଷ୍ଟର ମାଇଣ୍ଡ ବ୍ୟାଙ୍କ କିରାଣି ଏସ. ପ୍ରୀୟମ ପ୍ରଥମ ସାବତଙ୍କୁ ଗିରଫ କରାଯାଇଛି। ଟଙ୍କା ମିଳୁ ନ ଥିବା ନେଇ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ବ୍ୟାଙ୍କ ମୁଖ୍ୟାଳୟ ଏବଂ ଆଞ୍ଚଳିକ କାର୍ଯ୍ୟାଳୟକୁ ଜଣାଇ ଦିଆଯାଇଛି। ସେଠାରୁ ନିର୍ଦ୍ଦେଶ ଆସିଲେ ସମସ୍ତ ଜମାକାରୀଙ୍କ ଅର୍ଥରାଶି ଫେରସ୍ତ କରାଯିବ ବୋଲି କହିଛନ୍ତି।



ଜମାକାରୀ ବୃନ୍ଦ ଥାନାରେ ସ୍ମାରକପତ୍ର ଦେବାକୁ ଯାଉଛନ୍ତି ।

## ସୋସାଇଟି ସମ୍ପାଦକଙ୍କ ସହ ମନ୍ତ୍ରୀଙ୍କ ଆଲୋଚନା

ବୁଗୁଡ଼ା,୮।୯(କାଳିଚରଣ ଦାଶ)

ବର୍ତ୍ତମାନ ସମୟରେ ଚାଷୀଙ୍କୁ ସାରର ଆବଶ୍ୟକତା ଥିବା ବେଳେ ସୋସାଇଟି ଗୁଡ଼ିକୁ ଆବଶ୍ୟକ ପରିମାଣ ସାର ଆସୁ ନ ବେଳେ ବ୍ୟବସାୟୀମାନେ ଚଢ଼ା ଦରରେ ସାର ବିକ୍ରୟ କରୁଛନ୍ତି। ଏନେଇ ସୋମବାର ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳା ନନ୍ଦ ମଲିକ ବୁଗୁଡ଼ା ସ୍ଥିତ ବାସ ଭବନରେ ପୋଲସରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ ସମବାୟ ସୋସାଇଟିର ସଭାପତି ଓ ସମ୍ପାଦକଙ୍କୁ ଡାକି ସମସ୍ୟାର କିପରି ସମାଧାନ ହୋଇ ପାରିବ ସେନେଇ ଆଲୋଚନା କରିଥିଲେ। ସବୁ ସୋସାଇଟିରେ ପର୍ଯ୍ୟାପ୍ତ ସାର ଯୋଗାଣ ପାଇଁ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଅଞ୍ଚଳର ସମସ୍ତ ଚାଷୀ କିପରି ସରକାରୀ ସହାୟତା ପାଇବେ ସେନେଇ ନିର୍ଦ୍ଦେଶ ଦେବା ସହ ଜୈବିକ ପ୍ରଣାଳୀରେ ଚାଷ କରିବା ପାଇଁ ଆହ୍ୱାନ ଦେଇଥିଲେ। ବୈଠକରେ ପୋଲସରା ବ୍ଲକ୍‌ର ୧୬ଟି ଓ ବୁଗୁଡ଼ା ବ୍ଲକ୍‌ର ୧୪ଟି ସମବାୟ ସମିତିରେ ସମ୍ପାଦକ ଓ ସଭାପତି ଉପସ୍ଥିତ ଥିଲେ।

# ପାସେଞ୍ଜର ବର୍ଗରେ ୦.୯୩%, ଦୁଇ ଚକିଆ ବର୍ଗରେ ୨.୧୮% ବୃଦ୍ଧି

ଭୁବନେଶ୍ୱର,୮।୯(ଅନୁରାଧା ମହାରଣା)



ଭାରତର ଅଟୋମୋବାଇଲ ବଜାର ୨୦୨୫ ଅଗଷ୍ଟରେ ସାମାନ୍ୟ ବୃଦ୍ଧି ହାସଲ କରିଛି। ଫେଡେରେଶନ ଅଫ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ (ଫାଡା) ତଥ୍ୟ ଅନୁଯାୟୀ, ଅଗଷ୍ଟରେ ଯାନବାହନ ରିଟେଲ ବିକ୍ରି ୨.୮୪% ବୃଦ୍ଧି ପାଇ ୧୯,୬୪,୫୪୭ ୟୁନିଟରେ ପହଞ୍ଚିଛି। ୨୦୨୪ ଏହି ସମୟରେ ଏହା ୧୯,୧୦,୩୧୨ ୟୁନିଟ ଥିଲା। ପାସେଞ୍ଜର ଯାନ ବର୍ଗରେ ମାତ୍ର ୦.୯୩% ବୃଦ୍ଧି ଦେଖାଯାଇଛି। ଅଗଷ୍ଟରେ ଏହି ବର୍ଗରେ ୩,୨୩,୨୫୬ ୟୁନିଟ ବିକ୍ରି ହୋଇଛି, ଯାହା ଗତବର୍ଷ ୩,୨୦,୨୯୧ ୟୁନିଟ ତୁଳନାରେ ଅଳ୍ପ ଅଧିକ। ମାସ ଆରମ୍ଭରେ ଅନେକ ଲୋକ ବୁକିଂ କରିଥିବାବେଳେ ଜିଏସ୍‌ଟି ସଂସ୍କାର ଘୋଷଣା ପରେ ଅନେକ ଗ୍ରାହକ ମୂଲ୍ୟ ହ୍ରାସର ଆଶାରେ ସେପ୍ଟେମ୍ବର ପର୍ଯ୍ୟନ୍ତ କିଣାକିଣି ସ୍ଥଗିତ ରଖିଛନ୍ତି। ଦୁଇଚକିଆ ଯାନ ବିକ୍ରି ଅଗଷ୍ଟରେ ୧୩,୭୩,୬୭୫ ୟୁନିଟରେ ପହଞ୍ଚିଛି। ଏହା ଗତ ବର୍ଷର ୧୩,୪୪,୩୮୦ ୟୁନିଟ ତୁଳନାରେ ୨.୧୮% ଅଧିକ। ଓନାମ ଓ ଗଣେଶ ଚତୁର୍ଥୀ ଆଦିରେ ବିକ୍ରି ବଢ଼ିଥିଲା। ମାତ୍ର ଉତ୍ତର ଭାରତରେ ପ୍ରବଳ ବର୍ଷା ଓ ବନ୍ୟା ଗ୍ରାମାଞ୍ଚଳରେ ବ୍ୟବସାୟକୁ ପ୍ରଭାବିତ କରିଛି। ଏହା ସହ ଲୋକପ୍ରିୟ ସ୍କୁଟର ମଡେଲର ସୀମିତ ଯୋଗାଣ ମଧ୍ୟ ବିକ୍ରିକୁ ହ୍ରାସ କରିଛି। ବାଣିଜ୍ୟିକ ଯାନ ବର୍ଗରେ ୮.୫୫% ବୃଦ୍ଧି ସହ ୭୫,୫୯୨ ୟୁନିଟ ବିକ୍ରି ହୋଇଛି। ଏହା ଗତବର୍ଷ ୬୯,୬୩୫ ୟୁନିଟ ଥିଲା। ମାତ୍ର ତିନି ଚକିଆ ଯାନ ବିକ୍ରି ୨.୨୬% ହ୍ରାସ ପାଇ ୧,୦୩,୧୦୫ ୟୁନିଟରେ ପହଞ୍ଚିଛି। ଏହା ଗତବର୍ଷ ୧,୦୫,୪୯୩ ୟୁନିଟ ଥିଲା। ଏ ଅବସରରେ ଫାଡା ଅଧ୍ୟକ୍ଷ ସି.ଏସ. ବିଗ୍ନେଶ୍ୱର କହିଛନ୍ତି, ଅଗଷ୍ଟରୁ ପାର୍ବଣ ଋତୁର ଆରମ୍ଭ ହୋଇଛି। ପୂର୍ବବର୍ଷଗୁଡ଼ିକ ଭଳି ଏଥର ମଧ୍ୟ ଗ୍ରାହକମାନେ ଉତ୍ସାହ ଦେଖାଇ ବହୁ ସଂଖ୍ୟାରେ ବୁକିଂ କରିଛନ୍ତି। ମାତ୍ର ଜିଏସ୍‌ଟି ୨.୦ ସଂସ୍କାର ଯୋଗୁ ଗ୍ରାହକଙ୍କ କିଣାକିଣି ଧିମା ପଡ଼ିଛି, କାରଣ ସେମାନେ ସେପ୍ଟେମ୍ବର ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଚାହୁଁଛନ୍ତି। ସେ ଜିଏସ୍‌ଟି ୨.୦ ସଂସ୍କାରକୁ ପ୍ରଶଂସା କରି କହିଛନ୍ତି, ଏହା ଜନସାଧାରଣଙ୍କୁ ପ୍ରାଧାନ୍ୟ ଦେଇ ଦୁଇଟି ସ୍ଲାବ ସହ ଟିକସ ବ୍ୟବସ୍ଥାକୁ ସରଳ ଓ ସ୍ୱଚ୍ଛ କରିବ। ଫାଡା ଅନୁମାନ କରିଛି, ସେପ୍ଟେମ୍ବରର ପ୍ରଥମ ପର୍ଯ୍ୟାୟରେ ଶ୍ରାଦ୍ଧ ପକ୍ଷ ଓ ଜିଏସ୍‌ଟି ସଂସ୍କାର ଯୋଗୁ ଗ୍ରାହକମାନେ କିଣାକିଣି ସ୍ଥଗିତ ରଖିପାରନ୍ତି। ମାତ୍ର ନବରାତ୍ରି ଓ ଦୁର୍ଗାପୂଜା ସମୟରେ କମ୍ପାନୀଗୁଡ଼ିକର ଯୋଜନା ଓ ନୂଆ ଟିକସ ହାରର ଲାଭ ମିଳିଲେ ବିକ୍ରିରେ ଉଲ୍ଲେଖନୀୟ ବୃଦ୍ଧି ଦେଖାଯିବ।

## ସୁନା ଦର ସାମାନ୍ୟ କମିଲା



ଭୁବନେଶ୍ୱର,୮।୯(ଅନୁରାଧା ମହାରଣା)

ସୁନାଦରରେ ସୋମବାର ସାମାନ୍ୟ ହ୍ରାସ ପରେ ୨୪ କ୍ୟାରେଟ ୧୦ ଗ୍ରାମ ସୁନା ଦର ୧,୦୮,୩୮୦ ଟଙ୍କା ରହିଛି । ରବିବାର ଏହା ୧,୦୮,୪୯୦ ଟଙ୍କା ଥିଲା। ଏଥିରେ ୧୧୦ ଟଙ୍କା ହ୍ରାସ ହୋଇଛି । ସେହିପରି ୨୨ କ୍ୟାରେଟ ୧୦ ଗ୍ରାମ ସୁନା ଦାମ ୯୯,୩୫୦ ଟଙ୍କା ରହିଛି। ଗତକାଲି ୯୯,୪୫୦ ଟଙ୍କା ଥିଲା। ଏଥିରେ ୧୦୦ ଟଙ୍କା ହ୍ରାସ ହୋଇଛି । ୧୮ କ୍ୟାରେଟ ୧୦ ଗ୍ରାମ ସୁନା ଦାମ ୮୧,୨୯୦ ଟଙ୍କା ରହିଛି। ଗତକାଲି ୮୧,୩୭୦ ଟଙ୍କା ଥିଲା। ଏଥିରେ ୮୦ ଟଙ୍କା ହ୍ରାସ ହୋଇଛି। ଅନ୍ୟପଟେ ୧୦୦ ଗ୍ରାମ ରୁପା ଦର ୧୩,୭୦୦ ଟଙ୍କା ରହିଛି। ରବିବାର ଏହା ୧୩,୮୦୦ ଟଙ୍କା ଥିଲା। ଏଥିରେ ୧୦୦ ଟଙ୍କା ହ୍ରାସ ହୋଇଛି।

## ସ୍ୱାସ୍ଥ୍ୟ ବୀମାରେ ବଢ଼ିପାରେ ବେସ୍ ପ୍ରିମିୟମ

ଭୁବନେଶ୍ୱର,୮।୯

ସ୍ୱାସ୍ଥ୍ୟ ବୀମା ଓ ଜୀବନ ବୀମା ପଲିସି ଉପରେ ଜିଏସଟି କାଉନସିଲ ଏକ ବଡ଼ ନିଷ୍ପତ୍ତି ନେଇଛି। ସେପ୍ଟେମ୍ବର ୨୨ଠାରୁ ବ୍ୟକ୍ତିଗତ ବୀମା ପଲିସି ଉପରୁ ୧୮% ଜିଏସଟି ସମ୍ପୂର୍ଣ୍ଣ ରୂପେ ହଟାଇ ଦିଆଯିବ। ମାତ୍ର ଏହା ପଛରେ ଅନେକ ଜଟିଳତା ରହିଛି। ବୀମା କମ୍ପାନୀଗୁଡ଼ିକ ଏଜେଣ୍ଟ କମିଶନ, ଅଫିସ ବିଦ୍ୟୁତ ବିଲ, ପ୍ରଶାସନିକ ଖର୍ଚ୍ଚ, ରି-ଇନସ୍ୟୁରାନ୍ସ ଓ ଆଉଟସୋର୍ସିଂ ଖରଚ ଉପରେ ଇନପୁଟ ଟ୍ୟାକ୍ସ କ୍ରେଡିଟ (ଆଇଟିସି) ପାଉଥିଲେ। ଏହା ସେମାନଙ୍କ ଖର୍ଚ୍ଚ ହ୍ରାସ କରୁଥିଲା। ଏବେ ଜିଏସଟି ହଟିବା ପରେ ଏହି ସୁବିଧା ମଧ୍ୟ ବନ୍ଦ ହେବ, ଫଳରେ କମ୍ପାନୀଗୁଡ଼ିକୁ ନିଜ ଖର୍ଚ୍ଚ ନିଜେ ବହନ କରିବାକୁ ପଡ଼ିବ। ଜିଏସଟି ଶୂନ୍ୟ ହେବା ପରେ ବୀମା କମ୍ପାନୀଗୁଡ଼ିକ ପାଖରେ ଦୁଇଟି ବିକଳ୍ପ ରହିଛି। ପ୍ରଥମତଃ ସେମାନେ ନିଜ ଲାଭ ହ୍ରାସ କରି ଗ୍ରାହକଙ୍କୁ ୧୮% ରିହାତି ଦେଇପାରନ୍ତି। ଦ୍ୱିତୀୟତଃ ସେମାନେ ବେସ ପ୍ରିମିୟମ କିଛି ବୃଦ୍ଧି କରି ଖର୍ଚ୍ଚ ପୂରଣ କରିପାରନ୍ତି। କମ୍ପାନୀଗୁଡ଼ିକ ଦ୍ୱିତୀୟ ବିକଳ୍ପ ବାଛିବାର ସମ୍ଭାବନା ଅଧିକ ରହିଛି। ଫଳରେ, ପ୍ରିମିୟମ ହ୍ରାସ ନହୋଇ ପ୍ରାୟ ୧୨-୧୫% ରିହାତି ଦେଇ ହେବ। ବାକି ୩-୫% କମ୍ପାନୀଗୁଡ଼ିକ ନିଜ ଖର୍ଚ୍ଚ ଭରଣା ପାଇଁ ରଖିବେ। ଟର୍ମ ଇନସ୍ୟୁରାନ୍ସରେ ଅଳ୍ପ ମୂଲ୍ୟ ବୃଦ୍ଧି ଗ୍ରାହକଙ୍କୁ ଅନ୍ୟ କମ୍ପାନୀ ଆଡ଼କୁ ଆକର୍ଷିତ କରିପାରେ। ତେଣୁ ଏହି ବର୍ଗରେ ଗ୍ରାହକଙ୍କୁ ପୂରା ରିହାତି ମିଳିବାର ସମ୍ଭାବନା ରହିଛି। ଯଦି କମ୍ପାନୀଗୁଡ଼ିକ ଏକଜୁଟ ହୋଇ ପ୍ରିମିୟମ ବୃଦ୍ଧି କରନ୍ତି, ତେବେ ଗ୍ରାହକଙ୍କୁ ପୂର୍ଣ୍ଣ ଲାଭ ନ ମିଳିପାରେ। ଆଜିର ସମୟରେ ସ୍ୱାସ୍ଥ୍ୟ ବୀମାର ଆବଶ୍ୟକତା ଅଧିକ ଅନୁଭୂତ ହେଉଛି। ଚିକିତ୍ସା ଖର୍ଚ୍ଚ ପ୍ରତିବର୍ଷ ଦୁଇ ଅଙ୍କରେ ବୃଦ୍ଧି ପାଉଛି। ଯଦି ପଲିସି ଶସ୍ତା ହୁଏ, ତେବେ ଅଧିକ ଲୋକ ବୀମା କଭରେଜ ନେବେ। ବୀମା କମ୍ପାନୀଗୁଡ଼ିକର ବ୍ୟବସାୟ ରିସ୍କ ପୁଲିଂ ଉପରେ ନିର୍ଭର କରେ। ଅଧିକ ଲୋକ ପଲିସି କିଣିଲେ ରିସ୍କ ସନ୍ତୁଳିତ ହେବ। ବର୍ତ୍ତମାନ ବୀମା କିଣୁଥିବା ଅଧିକାଂଶ ଲୋକ ବୟସ୍କ ଓ ରୋଗ ପ୍ରତି ଅଧିକ ସମ୍ଭାବନା ଥିବା ବ୍ୟକ୍ତି। ଏହା କମ୍ପାନୀଗୁଡ଼ିକୁ ଅଧିକ କ୍ଲେମ ଦେବାକୁ ବାଧ୍ୟ କରୁଛି। ଯଦି ଯୁବ ଓ ସୁସ୍ଥ ଲୋକେ ମଧ୍ୟ ବୀମା କିଣନ୍ତି, ତେବେ ରିସ୍କ ସନ୍ତୁଳିତ ହେବ ଏବଂ କ୍ଲେମ ସେଟଲମେଣ୍ଟ ସହଜ ଓ ଦ୍ରୁତ ହେବ।

## ବ୍ୟାଟେରି ଖଣିଜ ମୂଲ୍ୟ ଶୃଙ୍ଖଳାରେ କ୍ଷମତା ନିର୍ମାଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭୁବନେଶ୍ୱର, ୮।୯ (ବନ୍ଦନା ସେଠୀ)



ସିଏସ୍‌ଆଇଆର୍-ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି (ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି) ପକ୍ଷରୁ ଇଣ୍ଡିଆନ୍ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍)ର ଅଧିକାରୀଙ୍କ ପାଇଁ 'ବ୍ୟାଟେରି ଖଣିଜ ମୂଲ୍ୟ ଶୃଙ୍ଖଳାରେ କ୍ଷମତା ନିର୍ମାଣ' ଉପରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ସୋମବାରଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୩ସପ୍ତାହ ଧରି ସେପ୍ଟେମ୍ବର୨୬ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମକୁ ଆଇଆଇଟି ଖଡଗପୁରର ପୂର୍ବତନ ପ୍ରଫେସର ପି.କେ. ସେନ ଏବଂ ଆଇଓସିଏଲ୍‌ର ମୁଖ୍ୟ ମହାପ୍ରବନ୍ଧକ ଗୌତମ ଦତ୍ତ ଉଦ୍‌ଘାଟନ କରିଥିଲେ। ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକ ତଥା କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ଡ. ରାମାନୁଜ ନାରାୟଣଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶକ୍ତି ସଂରକ୍ଷଣ ପ୍ରଯୁକ୍ତିବିଦ୍ୟାରେ ପ୍ରମୁଖ କଞ୍ଚାମାଲ, ତମ୍ବା, ନିକେଲ, କୋବାଲ୍ଟ ଏବଂ ଲିଥିୟମ୍ ଭଳି ବ୍ୟାଟେରି ଖଣିଜ ପଦାର୍ଥର ପ୍ରକ୍ରିୟାକରଣରେ ଜାତୀୟ କ୍ଷମତାକୁ ସୁଦୃଢ଼ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏଥିରେ ଅଂଶଗ୍ରହଣକାରୀମାନଙ୍କୁ ଖଣିଜ ବିଭାଗୀକରଣ, ଖଣିଜ ପ୍ରକ୍ରିୟାକରଣ, ନିଷ୍କାସନ ଧାତୁ ବିଜ୍ଞାନ ଏବଂ ବ୍ୟାଟେରି ଖଣିଜ ପାଇଁ ନିର୍ଦ୍ଦିଷ୍ଟ ପରିବେଶଗତ ଏବଂ ଇଞ୍ଜିନିୟରିଂ ଦିଗଗୁଡ଼ିକ ବିଷୟରେ ବିଭିନ୍ନ ଉପାଦେୟ ତଥ୍ୟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସିଏସ୍‌ଆଇଆର୍ - ଆଇଏମ୍‌ଏମ୍‌ଟି ମୁଖ୍ୟ ବୈଜ୍ଞାନିକ ଏବଂ ବ୍ୟବସାୟ ବିକାଶ ମୁଖ୍ୟ ଡ. କାଳୀ ସଞ୍ଜୟ ଏବଂ ବରିଷ୍ଠ ପ୍ରମୁଖ ବୈଜ୍ଞାନିକ ଡ. ଚିନ୍ମୟ କୁମାର ଷଡ଼ଙ୍ଗୀ ସଂଯୋଜନା କରିଥିଲେ।

## ବିଦ୍ୟୁତ୍ ବିତରଣରେ ଟେକ୍ନୋଲୋଜିକୁ ଗୁରୁତ୍ୱ

### ସ୍ମାର୍ଟ ଡିଭାଇସ୍ ଓ ଡିଜିଟାଲ୍ ଟୁଲ୍‌ର ବ୍ୟବହାର

ଭୁବନେଶ୍ୱର,୮।୯(ଅନୁରାଧା ମହାରଣା)



ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍‌କମ୍‌ଗୁଡ଼ିକ ଅଟୋମେଶନ୍, ସ୍ମାର୍ଟ ଡିଭାଇସ୍ ଓ ଡିଜିଟାଲ୍ ଟୁଲ୍‌କୁ ସମନ୍ୱିତ କରି ବିଦ୍ୟୁତ୍ ବିତରଣରେ ଟେକ୍ନୋଲୋଜିର ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି। ଏହି ପଦକ୍ଷେପଗୁଡ଼ିକ ଦ୍ୱାରା ତୁରନ୍ତ ତ୍ରୁଟି ଚିହ୍ନଟ, ପ୍ରତିଷେଧମୂଳକ ରକ୍ଷଣାବେକ୍ଷଣ ଓ ସାରା ରାଜ୍ୟରେ ପ୍ରାୟ ୧୦ ନିୟୁତ ଗ୍ରାହକଙ୍କ ପାଇଁ ଅଧିକ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣକୁ ସୁନିଶ୍ଚିତ କରିଛି। ସବ୍‌ଷ୍ଟେଶନ୍ ଓ ରିଙ୍ଗ ମେନ୍ ୟୁନିଟ୍ (ଆର୍‌ଏମ୍‌ୟୁ)ର ଅଟୋମେଶନ୍ ଉପରେ ଗୁରୁତ୍ୱ ଦିଆଯାଇଥିବାବେଳେ ରିମୋଟ୍ ତ୍ରୁଟି ଚିହ୍ନଟ, ଆଇସୋଲେଶନ୍ (ପୃଥକୀକରଣ), ବିଦ୍ୟୁତ୍ ଯୋଗାଣକୁ ଶୀଘ୍ର ସ୍ୱାଭାବିକ କରିବାକୁ ସକ୍ଷମ କରିଛି। ସହରାଞ୍ଚଳରେ ବିଦ୍ୟୁତ୍ ସରବରାହରେ ବିଭ୍ରାଟ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥିବା ଦର୍ଶାଯାଇଛି। ଫଲ୍‌ଟ ପାସେଜ୍ ଇଣ୍ଡିକେଟର, ଅଟୋ ରିକ୍ଲୋଜର୍ ଭଳି ଡିଭାଇସ୍ ରିକ୍ଲୋଜିଂ ଚକ୍ରକୁ ଶୀଘ୍ର ଓ ବିଳମ୍ବ ଜରିଆରେ ସାମୟିକ ତ୍ରୁଟିକୁ ସୁଧାରିବା ପାଇଁ ସ୍ୱୟଂକ୍ରିୟ ଭାବେ ସର୍କିଟ୍‌କୁ ଟ୍ରିପ୍ ଓ ରିକ୍ଲୋଜ୍ କରୁଛି ଏବଂ ରିମୋଟ କଣ୍ଟ୍ରୋଲ୍ ବ୍ରେକର୍ ବିଭ୍ରାଟ ସମୟରେ ସେବାକୁ ଶୀଘ୍ର ସ୍ୱାଭାବିକ କରିବା କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛି। ଡିସ୍‌କମ୍‌ଗୁଡ଼ିକ ଅତ୍ୟାଧୁନିକ ନିରୀକ୍ଷଣ ଟୁଲ୍ ମଧ୍ୟ ମୁତୟନ କରୁଛନ୍ତି। ଡ୍ରୋନ୍ ଆଧାରିତ ନେଟ୍‌ୱର୍କ ଅଡିଟ୍, ଥର୍ମୋସ୍କାନିଂ ଓ ଅଲଟ୍ରାସ୍କାନିଂ କୌଣସି ସମସ୍ୟା ଦେଖାଦେବା ପୂର୍ବରୁ ସେଥିରେ ରହିଥିବା ଦୁର୍ବଳ ସ୍ଥାନକୁ ଚିହ୍ନଟ କରିବାରେ ସହାୟକ ହେଉଛି, ଯାହା ଫଳରେ ତ୍ରୁଟିର ପ୍ରତ୍ୟକ୍ଷ ପ୍ରତିଷେଧକ ସକ୍ଷମ ହୋଇପାରିଛି। ଏହି ପ୍ରଯୁକ୍ତିଗୁଡ଼ିକ ପାରମ୍ପରିକ ଓ ପ୍ରତିକ୍ରିୟାତ୍ମକ ରକ୍ଷଣାବେକ୍ଷଣକୁ ପ୍ରତିଷେଧମୂଳକ ଓ ଡାଟା ପରିଚାଳିତ ମଡେଲ୍‌ରେ ରୂପାନ୍ତିତ କରିଛି। ଓଡ଼ିଶାର ଡିସ୍‌କମ୍‌ଗୁଡ଼ିକ ହଜାର ହଜାର କିଲୋମିଟରରେ ଡ୍ରୋନ୍ ସର୍ଭେ କରିବା, ହଟ୍‌ସ୍ପଟ୍ ଚିହ୍ନଟ କରିବା ପାଇଁ ଥର୍ମୋଭିଜନ କ୍ୟାମେରା ବ୍ୟବହାର କରିବା ଏବଂ ଟ୍ରାନ୍ସଫର୍ମର ସ୍ୱାସ୍ଥ୍ୟ ନିରୀକ୍ଷଣ କରିବା ଲାଗି ନିଦାନ ପରୀକ୍ଷଣ ଆଦି ଅତ୍ୟାଧୁନିକ ପ୍ରଯୁକ୍ତି ବ୍ୟବହାର କରୁଛନ୍ତି। ସେହିପରି ଡିସ୍‌କମ୍‌ଗୁଡ଼ିକ ଦୃଢ଼ ଖୁଣ୍ଟ, ନିବୁଜ କଣ୍ଡକ୍ଟର, ସମ୍ବେଦନଶୀଳ ସହରାଞ୍ଚଳରେ ଭୂତଳ କେବୁଲ ବିଛାଇବା ଏବଂ ଦ୍ରୁତ ଗତିରେ ବିଦ୍ୟୁତ୍ ସେବା ସ୍ୱାଭାବିକ କରୁଥିବା ଅଟୋମେଶନ ବ୍ୟବସ୍ଥା ସହ ଏକ ବାତ୍ୟା ସହନଶୀଳ ବଣ୍ଟନ ବ୍ୟବସ୍ଥା ମୁତୟନ କରିବା ଦିଗରେ କାର୍ଯ୍ୟ କରୁଛନ୍ତି। ନିୟମିତ କାଳବୈଶାଖୀ ଓ ବାତ୍ୟାକୁ ସାମ୍ନା କରୁଥିବା ଏକ ରାଜ୍ୟ ଭାବେ ଏଭଳି ସ୍ଥାୟୀ ନେଟ୍‌ୱର୍କ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଚରମ ଜଳବାୟୁ ଘଟଣା ଭଳି ସ୍ଥିତିରେ ଯୋଗାଣ ବଜାୟ ରଖିବା ଏବଂ ଦ୍ରୁତ ସୁଧାର ସକ୍ଷମ କରୁଛି।

**ରାଜ୍ୟ ଖବର**


# ଦୁଇବର୍ଷ ହେଲା ମିଳିନି ଏସ୍‌ଡିସି ପାଣ୍ଠି

ଭୁବନେଶ୍ୱର, ୮।୯(ରବିନାରାୟଣ ଜେନା)

ଆଦିବାସୀଙ୍କ ବିକାଶ ଲାଗି ସରକାରଙ୍କ ପକ୍ଷରୁ ଗଠନ ହୋଇଥିବା ସ୍ୱତନ୍ତ୍ର ଉନ୍ନୟନ ପରିଷଦ(ଏସ୍‌ଡିସି) ପକ୍ଷରୁ ୨୦୨୪-୨୫ ଏବଂ ୨୦୨୫-୨୬ ଆର୍ଥିକବର୍ଷ ଲାଗି କୌଣସି ପାଣ୍ଠି ପ୍ରଦାନ କରାଯାଇନାହିଁ, ଯାହା ୨୦୨୩-୨୪ ଆର୍ଥିକବର୍ଷରେ ଅନୁମୋଦନ ହୋଇଥିଲା ତାହା ଏବେ କାର୍ଯ୍ୟାନ୍ୱୟନ ହେଉଛି ବୋଲି ଚଳିତମାସ ୪ରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଥିବା ମାସିକିଆ ରିପୋର୍ଟରୁ ଜଣାଯାଇଛି।

ତଥ୍ୟ ଅନୁଯାୟୀ, ଆଦିବାସୀଙ୍କ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ସରକାର ଏସ୍‌ଡିସି ଗଠନ କରିଛନ୍ତି। ଏଥିରେ ଆଦିବାସୀମାନଙ୍କୁ ଅଧିକରୁ ଅଧିକ ସାମିଲ କରି ଉନ୍ନତି ପ୍ରକ୍ରିୟାରେ ଭାଗୀଦାରି କରିବାକୁ ଲକ୍ଷ୍ୟ ରହିଛି; ଯାହାଦ୍ୱାରା ଅନୁନ୍ନତ ଅଞ୍ଚଳଗୁଡ଼ିକ ଠିକଣା ଭାବେ ଚିହ୍ନଟ ହେବା ସହିତ ସେମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କରିବା, କାର୍ଯ୍ୟାନ୍ୱୟନ କରିବା ଏବଂ ତଦାରଖକୁ ବ୍ୟାପକ କରାଯାଇପାରିବ। ଏହାକୁ ନେଇ ରାଜ୍ୟ ସରକାର ୨୦୧୭ରେ ୯ଟି ଆଦିବାସୀ ଅଧ୍ୟୁଷିତ ଜିଲା ଯଥା ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି ଓ କନ୍ଧମାଳକୁ ନେଇ ସ୍ୱତନ୍ତ୍ର ଉନ୍ନୟନ ପରିଷଦ(ଏସ୍‌ଡିସି) ଗଠନ କରିଥିଲେ। ମାତ୍ର ୨୦୨୩ରେ ଏଥିରେ ଅତିରିକ୍ତ ୧୪ଟି ଜିଲା, ଯଥା ଅନୁଗୋଳ, ବାଲେଶ୍ୱର, ବରଗଡ଼, ବଲାଙ୍ଗୀର, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, ବୌଦ୍ଧ, ଦେବଗଡ଼, ଢେଙ୍କାନାଳ, ଗଞ୍ଜାମ, ନୟାଗଡ଼, ନୂଆପଡ଼ା ଓ ସମ୍ବଲପୁରର ୬୦ଟି ବ୍ଲକ୍ ସାମିଲ କରାଯାଇଥିଲା। ଫଳରେ ଏସ୍‌ଡିସି ଜିଲାଗୁଡ଼ିକର ସଂଖ୍ୟା ୨୩ରେ ପହଞ୍ଚିଥିଲା ଓ ସମୁଦାୟ ବ୍ଲକ୍ ୧୭୭ ହୋଇଥିଲା। ଏହି ପରିଷଦଗୁଡ଼ିକ ବିଶେଷକରି ଆଦିବାସୀ ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ପ୍ରତ୍ୟେକ ଜାତିର ବିଶିଷ୍ଟ ପରିଚୟର ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥାଏ । ତେବେ ୧୭୭ଟି ବ୍ଲକ ମଧ୍ୟରୁ ୧୧୯ଟି ବ୍ଲକ୍ ସିଡ୍ୟୁଲ୍‌ଡ ଅଞ୍ଚଳରେ ରହିଛି।

ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୩ରୁ ପ୍ରତ୍ୟେକ ଏସ୍‌ଡିସି ପାଇଁ ଅନୁଦାନ ଦେବାର ବ୍ୟବସ୍ଥା କରାଯାଇଥିଲା। ଏହାକୁ ସେହି ଜିଲାର ବ୍ଲକ୍ ସଂଖ୍ୟା ଆଧାରରେ ନିର୍ଣ୍ଣୟ କରାଯିବ ଓ ପ୍ରତ୍ୟେକ ଏସ୍‌ଡିସି ବ୍ଲକ୍ ପାଇଁ ୧.୫୦ କୋଟି ଟଙ୍କା ଅନୁଦାନ ମିଳିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ତେବେ ନୂଆ ଏସ୍‌ଡିସି ଜିଲାରେ ୫୦ହଜାରରୁ ଅଧିକ ଆଦିବାସୀ ଜନସଂଖ୍ୟା ଥିବା ବ୍ଲକକୁ ୧.୫୦ କୋଟି ଓ ୫୦ହଜାରରୁ କମ୍ ଆଦିବାସୀ ଜନସଂଖ୍ୟା ଥିବା ବ୍ଲକକୁ ୭୫ ଲକ୍ଷ ଟଙ୍କା ଲେଖାଏ ଦିଆଯିବାକୁ ସ୍ଥିର ହୋଇଛି। ଏହାକୁ ନେଇ ୨୦୨୩-୨୪ ଆର୍ଥିକ ବର୍ଷରେ ୯ଟି ପୁରୁଣା ଏସ୍‌ଡିସି ଜିଲାର ପ୍ରତ୍ୟେକ ବ୍ଲକ୍ ପାଇଁ ୩ କୋଟି ଅନୁଦାନ ଦିଆଯାଇଥିବାବେଳେ ୧୪ଟି ନୂଆ ଏସ୍‌ଡିସି ଜିଲାକୁ ଆଦିବାସୀ ଜନସଂଖ୍ୟା ଅନୁପାତରେ ୧.୫୦ କୋଟି ଓ ୭୫ ଲକ୍ଷ ଟଙ୍କା ଲେଖାଏ ଅନୁଦାନ ଦିଆଯାଇଛି। ହେଲେ ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ କୌଣସି ଟଙ୍କା ସମ୍ପୃକ୍ତ ଏସ୍‌ଡିସି ଜିଲା ତଥା ବ୍ଲକ ପାଇଁ ଆବଣ୍ଟନ କରାଯାଇ ନ ଥିବା ରିପୋର୍ଟରୁ ଜଣାଯାଇଛି।



By Spl. Messenger/E-mail

GOVERNMENT OF ODISHA
S.T & S.C DEVELOPMENT, M&BCW DEPARTMENT
********

No. STSCD-TPR-REP-0002-2025/21497/SSD, Dated, Bhubaneswar the, 4th September, 2025

From
Shri Prabir Kumar Khilar, OAS(S),
Additional Secretary to Govt.

To
The Personal Secretary to the Governor,
Governor's Secretariat, Raj Bhavan, Odisha,
Bhubaneswar-751008.

Sub:- Submission of Monthly Progress Report (MPR) on the Development initiatives & welfare measures being undertaken in the Scheduled Areas of the State for the month of August, 2025.

Sir,

In inviting a reference on the subject cited above, I am directed to send herewith the monthly progress report (MPR) on the welfare measures and development initiatives being undertaken in the Scheduled Areas of the State for the month of August, 2025 (enclosed as Annexure-A ) for your kind information and necessary action at your end.

Yours faithfully,
Additional Secretary to Govt.

Memo No.21500 /SSD; Dated 04.09.25
Copy forwarded to the OSD to Commissioner-cum-Secretary to Govt., ST & SC Development, M & BCW Department for kind information of the Commissioner-cum-Secretary to Govt.

Additional Secretary to Govt.

Memo No.21501 /SSD; Dated 04.09.25
Copy forwarded to the JEA to Director, ST, ST & SC Development, M & BCW Department for kind information of Director, ST.

Additional Secretary to Govt.

ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଥିବା ମାସିକିଆ ରିପୋର୍ଟ।

# କେନ୍ଦ୍ର ସରକାରଙ୍କୁ ରିପୋର୍ଟ ତଲବ

**ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୨ରେ**

### ଭଦ୍ରକ ଆର୍‌ଏମ୍‌ଏସ୍‌କୁ ବାଲେଶ୍ୱର ସହ ମିଶ୍ରଣ ବିରୋଧରେ ହାଇକୋର୍ଟରେ ମାମଲା

କଟକ,୮।୯(କାର୍ତ୍ତିକ ସାହୁ)

ଭଦ୍ରକଠାରେ କାର୍ଯ୍ୟ କରୁଥିବା ରେଲୱେ ମେଲ୍ ସର୍ଭିସ୍ (ଆର୍‌ଏମ୍‌ଏସ୍)କୁ ବାଲେଶ୍ୱର ଆର୍‌ଏମ୍‌ଏସ୍ ସହ ମିଶାଇ ଦେବା ନିଷ୍ପତ୍ତି ବିରୋଧରେ ଭଦ୍ରକରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ ଚାଲିଛି। ଅପରପକ୍ଷରେ ଡାକ ବିଭାଗର ଏପରି ନିଷ୍ପତ୍ତିକୁ ବିରୋଧ କରି ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମବାର ମାମଲାର ପ୍ରାଥମିକ ଶୁଣାଣିରେ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ତଲବ କରିଛନ୍ତି। ପରବର୍ତ୍ତୀ ଶୁଣାଣି ନିମନ୍ତେ ସେପ୍ଟେମ୍ବର ୨୨କୁ ଧାର୍ଯ୍ୟ ହୋଇଛି।

ମାମଲାର ବିବରଣୀ ଅନୁସାରେ, ଭଦ୍ରକ ଜିଲା ସମେତ ନିକଟବର୍ତ୍ତି ଜିଲାର ଜନସାଧାରଣ ୪୪ଟି ଉପଡାକଘର ଜରିଆରେ ତୁରନ୍ତ ଡାକ ସେବା ପାଇ ଆସୁଛନ୍ତି। ସେଥିପାଇଁ ଭଦ୍ରକ ରେଳଷ୍ଟେଶନ ପାଖରେ ଆର୍‌ଏମ୍‌ଏସ୍ ଦୀର୍ଘ ୪୫ ବର୍ଷ ଧରି ନିରନ୍ତର ଚିଠିପତ୍ର ଆଦାନପ୍ରଦାନ ସେବା ଯୋଗାଇ ଆସୁଛି। ମାତ୍ର ଚିଫ୍ ପୋଷ୍ଟ ମାଷ୍ଟର ଜେନେରାଲ, ଓଡ଼ିଶାଙ୍କ ୨୦୨୫ ଅଗଷ୍ଟ ୨୫ରେ ନିର୍ଦ୍ଦେଶ ଅନୁସାରେ ଭଦ୍ରକ ଆର୍‌ଏମ୍‌ଏସ୍‌କୁ ବାଲେଶ୍ୱର ଆର୍‌ଏମ୍‌ଏସ୍ ସହ ମିଶ୍ରଣ ପାଇଁ ଚିଠି ହୋଇସାରିଛି। ଭଦ୍ରକରୁ ବାଲେଶ୍ୱର ୬୫ କି.ମି. ଓ ଯାଜପୁର ରୋଡ୍ ୪୫ କି.ମି.ଦୂର। ଭଦ୍ରକରେ ଦୈନିକ ୩୫୦୦ରୁ ଅଧିକ ସ୍ପିଡ୍ ପୋଷ୍ଟ ଓ ରେଜିଷ୍ଟ୍ରାର୍ଡ ସାମଗ୍ରୀ ଆଦାନପ୍ରଦାନ ହେଉଛି। ଭଦ୍ରକରେ ଆରଏମଏସ୍ ଚାଲିବା ପାଇଁ ସମସ୍ତ ପ୍ରକାର ମାନଦଣ୍ଡ ପୂରଣ କରୁଛି। ଏପରିସ୍ଥଳେ ତାହାକୁ ବନ୍ଦ କରି ବାଲେଶ୍ୱର ସହ ମିଶାଇବା ଅସାମ୍ବିଧାନିକ ବୋଲି ଦର୍ଶାଯାଇଛି। ହାଇକୋର୍ଟ ଡାକ ବିଭାଗର ନିର୍ଦ୍ଦେଶନାମାକୁ ରଦ୍ଦ କରିବା ନିମନ୍ତେ ଆଦେଶ ଦେବାକୁ ଆବେଦନରେ ପ୍ରାର୍ଥନା କରାଯାଇଛି। ଏଥିରେ କେନ୍ଦ୍ର ସରକାରଙ୍କ ଯୋଗାଯୋଗ ମନ୍ତ୍ରଣାଳୟର ଡାକ ସଚିବ, ଓଡ଼ିଶା ସର୍କଲର ଚିଫ ପୋଷ୍ଟ ମାଷ୍ଟର ଜେନେରାଲ, ରେଲୱେ ମେଲ୍ ସର୍ଭିସର କଟକ ଡିଭିଜନ ସିନିୟର ସୁପରିଣ୍ଟେଣ୍ଡେଣ୍ଟ ଓ ଭଦ୍ରକ ଆରଏମ୍‌ଏସ୍‌ର ଏସ୍‌ଆର୍‌ଓଙ୍କୁ ପକ୍ଷଭୁକ୍ତ କରାଯାଇଛି। ଭଦ୍ରକ ଆରଏମ୍‌ଏସ୍‌ର ପୂର୍ବତନ କର୍ମଚାରୀ ତଥା ଭଦ୍ରକ ଚରମ୍ପା ଅରେଇଁ ବାସିନ୍ଦା ମାଧବାନନ୍ଦ ଓଝାଙ୍କ ପକ୍ଷରୁ ରୁଜୁ ମାମଲାକୁ ଆଇନଜୀବୀ ଶିବଶଙ୍କର ମହାନ୍ତି ପରିଚାଳନା କରୁଛନ୍ତି।



# ଗାଡ଼ି ଯାଞ୍ଚ ସମୟରେ ପୋଲିସ ଉପରେ ବୋଲେରୋ ମାଡ଼ିଗଲା

### ସବ୍‌ଇନ୍ସପେକ୍ଟର ଗୁରୁତର

ସୋହେଲା, ୮।୯
(ଅଶ୍ୱିନୀ କୁମାର ପାତ୍ର)

ବରଗଡ଼ ଜିଲା ସୋହେଲାରେ ଗାଡ଼ି ଯାଞ୍ଚ ସମୟରେ ପୋଲିସ ଉପରେ ବୋଲେରୋ ମାଡ଼ିଯାଇଛି। ଫଳରେ ଅମିତ ଧଳ (୨୮) ନାମକ ଜଣେ ସବ୍‌ଇନ୍ସପେକ୍ଟର ଗୁରୁତର ହୋଇଛନ୍ତି। ତାଙ୍କୁ ବରଗଡ଼ସ୍ଥିତ ବିକାଶ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସୋହେଲା ଥାନା ପୋଲିସ ରବିବାର ରାତିରେ ଦଶମାଇଲ ନିକଟସ୍ଥ ଲେବିଡ଼ି ଛକରେ ବିଭିନ୍ନ ଯାନବାହନର ହାଇସିକ୍ୟୁରିଟି ନମ୍ବର ପ୍ଲେଟ ଯାଞ୍ଚ କରୁଥିଲେ। ଏହି ସମୟରେ ଏକ ବୋଲେରୋ ଗାଡ଼ି ଓଡି୧୭ଜି ୩୭୧୯ ଦ୍ରୁତ ଗତିରେ ଆସି ସବ୍‌ଇନ୍ସପେକ୍ଟର ଅମିତଙ୍କୁ ଧକ୍କା ଦେଇଥିଲା। ସେ ପଡ଼ିଯାଇ ଗୁରୁତର ହୋଇଥିବାବେଳେ ତାଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲ ନିଆଯାଇଥିଲା। ଘଟଣା ପରେ ଗାଡ଼ି ଡ୍ରାଇଭର ଫେରାର ହୋଇଯାଇଥିଲେ। ପରେ ତାଙ୍କୁ କଳାହାଣ୍ଡିର କେସିଙ୍ଗା ଅଞ୍ଚଳରୁ ପୋଲିସ କାବୁ କରିଛି। ଦୁର୍ଘଟଣା ଘଟାଇଥିବା ଗାଡିକୁ ପୋଲିସ ଜବତ କରି ଥାନାରେ ରଖିଛି। ଏ ନେଇ ସୋହେଲା ଥାନାରେ ଏକ ମାମଲା (ନଂ. ୨୬୭/୨୦୨୫) ରୁଜୁ ହୋଇଛି।



ଜବତ ହୋଇଥିବା ବୋଲେରୋ ଗାଡ଼ି।

# ପ୍ରତାପଙ୍କ ଘରେ ବସିଲା ବୈଠକ

### ମୁଖ୍ୟମନ୍ତ୍ରୀଙ୍କ ସମେତ ସବୁ ଏମ୍‌ପି ଯୋଗଦେଲେ

ଭୁବନେଶ୍ୱର, ୮।୯(ସୁନିତ୍ ମିଶ୍ର)

ଉପରାଷ୍ଟ୍ରପତି ନିର୍ବାଚନ ମଙ୍ଗଳବାର ଅନୁଷ୍ଠିତ ହେବାକୁ ଥିବାବେଳେ ଭାଜପାର ସମସ୍ତ ୨୦ ଲୋକ ସଭା ଏମ୍‌ପି ଏବଂ ୨ ରାଜ୍ୟ ସଭା ସଦସ୍ୟ ନୂଆଦିଲ୍ଲୀରେ ପହଞ୍ଚିସାରିଛନ୍ତି। ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଦଳର ରାଜ୍ୟ ସଭାପତି ମନମୋହନ ସାମଲ ମଧ୍ୟ ଗସ୍ତ କରିସାରିଛନ୍ତି। ଉପରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଭାଜପା ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କ ଘରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମନମୋହନ ସାମଲ, ପ୍ରଭାରୀ ବିଜୟ ପାଲ ସିଂ ତୋମାର ପ୍ରମୁଖ ଉପସ୍ଥିତ ଥିଲେ। ଉପରାଷ୍ଟ୍ରପତି ନିର୍ବାଚନର ଭୋଟିଂ ଉପରେ ବୈଠକରେ ଆଲୋଚନା ହୋଇଛି। ଏହାସହ ଦଳର ଅନ୍ୟ କିଛି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଚର୍ଚ୍ଚା ହୋଇଥିବା ଜାଣିବାକୁ ମିଳିଛି। ନୂଆଦିଲ୍ଲୀ ଗସ୍ତ ପରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଦିଲ୍ଲୀରେ ଦଳର ଏମ୍‌ପିମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଲିଛି। ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରଶିକ୍ଷଣ ଦିଆଯାଉଛି। ସେ ବିଷୟରେ ଆଲୋଚନା କରିବା ଏବଂ ଦଳର ଏମ୍‌ପିମାନଙ୍କୁ ପୂର୍ବରୁ କହିଥିଲେ ସେମାନେ ଯେତେବେଳେ ଏକାଠି ଥିବେ ସେତେବେଳେ କହିଲେ ଆସିବେ। ସେଥିଲାଗି ସେମାନଙ୍କ ସହ ଆଲୋଚନା କରିବାକୁ ଆସିଛନ୍ତି। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ କିପରି ଅଧିକ ସମନ୍ୱୟ ରହିପାରିବ ସେ ବିଷୟରେ ଆଲୋଚନା କରାଯିବ। ଆଗକୁ ବିଧାନସଭା ଅଧିବେଶନ ଥିବାରୁ ଏମ୍‌ପିମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବାର ଅଛି। ଉପରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ସଂଖ୍ୟା ଅଧିକ ରହିଛି। ତେଣୁ ଯାହାର ଅଧିକ ସଂଖ୍ୟା ତାଙ୍କ ପ୍ରାର୍ଥୀ ନିଶ୍ଚୟ ଜିତିବ ବୋଲି ସେ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପ୍ଲେୟର ଅଫ୍ ଦି ମନ୍ଥ୍ ଦୌଡ଼ରେ ସିରାଜ

**ଦୁବାଇ, ୮।୯ (ପି.ଟି.)**



ଇଂଲଣ୍ଡ ବିପକ୍ଷ ୫ମ ତଥା ଅନ୍ତିମ ଟେଷ୍ଟ ମ୍ୟାଚରେ ପ୍ରଭାବୀ ପ୍ରଦର୍ଶନ ପାଇଁ ଭାରତୀୟ ପେସ୍ ବୋଲର ମହମ୍ମଦ ସିରାଜଙ୍କ ନାମ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପ୍ଲେୟର ଅଫ୍ ଦି ମନ୍ଥ୍ ପୁରସ୍କାର ସକାଶେ ସୁପାରିସ କରାଯାଇଛି। ପୁରସ୍କାର ଦୌଡ଼ରେ ରହିଥିବା ଅନ୍ୟ ଦୁଇ ଖେଳାଳି ହେଲେ ନ୍ୟୁଜିଲାଣ୍ଡର ମ୍ୟାଟ୍ ହେନ୍‌ରୀ ଓ ୱେଷ୍ଟଇଣ୍ଡିଜର ଜେଡେନ୍ ସିଲେସ। ସିରିଜରେ ଉଭୟ ଦଳର ବହୁ ଖେଳାଳି ଆଘାତପ୍ରାପ୍ତ ହୋଇଥିଲେ। ସିରାଜ କିନ୍ତୁ ଫିଟ୍‌ନେସ୍ ବଜାୟ ରଖି ସମସ୍ତ ୫ଟି ଯାକ ମ୍ୟାଚ ଖେଳି ୨୩ ଉଇକେଟ ଅକ୍ତିଆର କରିଥିଲେ। ଏଥିସହିତ କୌଣସି ରବରରେ ସର୍ବାଧିକ ଉଇକେଟ ନେଇଥିବା ବୋଲର ହେବାର ଗୌରବ ଅର୍ଜନ କରିଛନ୍ତି। ଏହି ସିରିଜ ଜୁନ୍‌ରେ ଆରମ୍ଭ ହୋଇ ଅଗଷ୍ଟ ପ୍ରଥମ ଭାଗରେ ଶେଷ ହୋଇଥିଲା। ୫ଟି ଟେଷ୍ଟ ମ୍ୟାଚରେ ସିରାଜ ୧୮୫.୩ ଓଭର ବୋଲିଂ କରିଥିଲେ। ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ଭାରତୀୟ ଦଳ ସିରିଜକୁ ୨-୨ରେ ଡ୍ର ରଖିଥିଲା।

VIKRAMA SIMHAPURI UNIVERSITY, Andra Pradesh
YOGI VEMANA UNIVERSITY, Andra Pradesh
Equivalent to Utkal & FM University
**B.Ed.** Regular (2025-27)
₹80,000/-
Total Course Fee
Counselling Centre - Odisha
Khan Nagar, Badambadi, Cuttack-12
7749063161
9439857522

# 'ଯୁବ ଫିଜିଓମାନେ ଗବେଷଣା, ପ୍ରଯୁକ୍ତିରେ ଅପ୍‌ଡେଟ୍ ରୁହନ୍ତୁ'

**ସେପ୍ଟେମ୍ବର ୮କୁ ପ୍ରତିବର୍ଷ ବିଶ୍ୱ ଫିଜିଓଥେରାପି ଦିବସଭାବେ ପାଳନ କରାଯାଉଛି। କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ପାଇଁ ଫିଜିଓଥେରାପିଷ୍ଟଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ। ପ୍ରତି ଖେଳାଳିଙ୍କ ସଫଳତା ପଛରେ ଫିଜିଓଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। ସମୟ ବଦଳିବା ସହ ଫିଜିଓମାନଙ୍କର ଦାୟିତ୍ୱ ମଧ୍ୟ ବଢ଼ିଛି। ଏ ସମ୍ପର୍କରେ ଭାରତ ଏବଂ ଓଡ଼ିଶାର ଅନ୍ୟତମ ପ୍ରତିଷ୍ଠିତ କ୍ରୀଡ଼ା ବିଜ୍ଞାନ ବିଶେଷଜ୍ଞ ଓ ସ୍ପୋର୍ଟ୍ସ ଫିଜିଓଥେରାପିଷ୍ଟ ମୁକ୍ତି ପ୍ରସାଦ ଦାଶଙ୍କ ସହ ସାକ୍ଷାତ୍‌କାର...**

**-ତପନ ସ୍ୱାଇଁ**

**▶▶ ବିଶ୍ୱ ଫିଜିଓଥେରାପି ଦିବସ ପ୍ରତିବର୍ଷ ବିଶ୍ୱରେ ପାଳିତ ହୁଏ। ନିଜସ୍ୱ ଓ ପେସାଗତ ଭାବରେ ଏହି ଦିନର ମହତ୍ତ୍ୱ ଆପଣଙ୍କ ପାଇଁ କ'ଣ?**

● ମୋ ପାଇଁ ବିଶ୍ୱ ଫିଜିଓଥେରାପି ଦିବସ ହେଉଛି ଗର୍ବ ଓ ସମର୍ପଣର ଦିନ। ବ୍ୟକ୍ତିଗତଭାବେ ଏହା ମୋର ଯାତ୍ରାକୁ ସ୍ମରଣ କରାଇଥାଏ ଓ ମୋର ଗୁରୁଜନ, ସହକର୍ମୀ ଓ ରୋଗୀମାନଙ୍କୁ କୃତଜ୍ଞତା ଜଣେଇବାର ସୁଯୋଗ ଦେଇଥାଏ। ପେସାଗତ ଭାବେ ଏହିଦିନ ଫିଜିଓଥେରାପିର ମହତ୍ତ୍ୱକୁ ସମାଜରେ ପ୍ରଚାର କରିବାର ଅବସର। ଏହା ମାନବ ସେବା ପ୍ରତି ପୁନଃନବୀକୃତ ସମର୍ପଣ।

**▶▶ ଆଜିକାଲି ଖେଳାଳିମାନଙ୍କ ମଧ୍ୟରେ ଇଞ୍ଜୁରି ସାଧାରଣ ହୋଇପାରୁଛି। ପୁଣିଥରେ ରି-ଇଞ୍ଜୁରି ରୋକିବା ପାଇଁ ଯୁବ ଖେଳାଳିମାନଙ୍କୁ ଆପଣଙ୍କ ପରାମର୍ଶ କ'ଣ?**

● ଯୁବ ଖେଳାଳିମାନେ ନିୟମିତଭାବେ ୱାର୍ମ୍-ଅପ୍ ଓ କୁଲ୍-ଡାଉନ କରିବା, ପର୍ଯ୍ୟାପ୍ତ ବିଶ୍ରାମ ନେବା, ଠିକ ପୋଷଣ ଓ ପାନୀୟ ଆହାର କରିବା ଆବଶ୍ୟକ। ଷ୍ଟ୍ରେନ୍ଥ, ନମନୀୟତା ଓ ବାୟୋମେକାନିକ୍ସ ସୁଧାର ଅତ୍ୟନ୍ତ ଜରୁରୀ। ସାଧାରଣ ବେଦନାକୁ ଅବହେଳା ନ କରି, ଶୀଘ୍ର ଫିଜିଓଥେରାପିଷ୍ଟଙ୍କୁ ପରାମର୍ଶ କରିବା ହିଁ ଭବିଷ୍ୟତ ଇଞ୍ଜୁରି ରୋକିପାରିବ।

**▶▶ ପ୍ରଯୁକ୍ତି ଓ ଫିଜିଓଥେରାପି ଏବେ ସହଚର। ଏଆଇ, ୱେରେବଲ୍ସ, ଟେଲି-ରିହାବ ପରି ଅଗ୍ରଗତିକୁ ଆପଣ କିପରି ଦେଖୁଛନ୍ତି?**

● ଆସନ୍ତା ଦିନରେ ପ୍ରଯୁକ୍ତି ଫିଜିଓଥେରାପିକୁ ଅଧିକ ଶକ୍ତିଶାଳୀ କରିବ। ଏଆଇ ଦ୍ୱାରା ଶୀଘ୍ର ରୋଗଚିହ୍ନଟ ଓ ବ୍ୟକ୍ତିଗତ ଚିକିତ୍ସା ସମ୍ଭବ। ୱେରେବଲ୍ସ ଦେହର ପରିବର୍ତ୍ତନକୁ ଟ୍ରାକ୍ କରି ଆଘାତକୁ ପ୍ରତିରୋଧ କରିପାରିବ। ଟେଲି-ରିହାବ ଗ୍ରାମୀଣ ଅଞ୍ଚଳକୁ ସେବା ଯୋଗାଇବାରେ ସାହାଯ୍ୟ କରିବ। କିନ୍ତୁ ପ୍ରଯୁକ୍ତି କେବଳ ସହାୟକ, ମାନବୀୟ ସ୍ପର୍ଶକୁ ପରିବର୍ତ୍ତନ କରିପାରିବ ନାହିଁ।



ଡ. ମୁକ୍ତି ପ୍ରସାଦ ଦାଶ

**▶▶ ଅନେକେ ପ୍ରାରମ୍ଭିକ ଶାରୀରିକ ସମସ୍ୟାକୁ ଅବହେଳା କରନ୍ତି। କେଉଁ ସଙ୍କେତ (ରେଡ୍ ଫ୍ଲାଗ୍) ଦେଖାଦେଲେ ତୁରନ୍ତ ଫିଜିଓଥେରାପିଷ୍ଟଙ୍କୁ ପରାମର୍ଶ କରିବା ଉଚିତ?**

● ଯଦି କୌଣସି ବେଦନା କିଛି ଦିନଠାରୁ ଅଧିକ ସମୟ ରହେ, ଯଦି ପୁଣି SWELLING, STIFFNESS କିମ୍ବା ଗତି କମିଯାଏ, ଯଦି ହାତ କିମ୍ବା ପାଦ ଝିମ୍‌ଝିମ୍ (FEET TINGLING), ପାଦ ବଧିରା (NUMBNESS ) କିମ୍ବା ଦୁର୍ବଳତା ଦେଖାଦେଏ, ତା' ହେଲେ ତୁରନ୍ତ ଫିଜିଓଥେରାପିଷ୍ଟଙ୍କୁ ଦେଖାଇବା ଉଚିତ। ଏମିତି ଲକ୍ଷଣକୁ ଅବହେଳା କଲେ ଏହା ଦୀର୍ଘକାଳୀନ ସମସ୍ୟାରେ ପରିଣତ ହୋଇପାରେ।

**▶▶ ଆପଣ ସ୍ପୋର୍ଟସାଇନ୍ସ ସହିତ ଜଡ଼ିତ। ଆଧୁନିକ ଖେଳରେ ମଲ୍ଟି-ଡିସିପ୍ଲିନାରୀ ଆପ୍ରୋଚ୍ (ଡାକ୍ତର, ଟ୍ରେନର, ସାଇକୋଲଜିଷ୍ଟ, ଫିଜିଓଥେରାପିଷ୍ଟ) କେତେ ଗୁରୁତ୍ୱପୂର୍ଣ୍ଣ?**

● ଆଧୁନିକ ଖେଳରେ ଏକାକୀ ପ୍ରୟାସ ପର୍ଯ୍ୟାପ୍ତ ନୁହେଁ। ଖେଳାଳିମାନଙ୍କୁ ଶାରୀରିକ, ମାନସିକ, ପୋଷଣ ଓ ଚିକିତ୍ସାଗତ ଭାବରେ ୩୬୦ ଡିଗ୍ରୀ ଓ ଯତ୍ନ ଆବଶ୍ୟକ। ଫିଜିଓଥେରାପିଷ୍ଟ, ଡାକ୍ତର, ଟ୍ରେନର୍ ଓ ସାଇକୋଲଜିଷ୍ଟଙ୍କ ସହିତ ମିଶି କାମ କରିଲେ ଖେଳାଳି ଶୀଘ୍ର ସୁସ୍ଥ ହେବେ। ପୁଣିଥରେ ଆଘାତରୁ ବଞ୍ଚିବେ ଓ ସର୍ବୋଚ୍ଚ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିପାରିବେ। ଏ କ୍ଷେତ୍ରରେ 'ମିଟ୍ ଇୟୋର ଏକ୍ସପର୍ଟ' ଆପ୍ ବହୁ ସମସ୍ୟାର ସମାଧାନ କରିପାରିବ।

**▶▶ ଅଳସୁଆ ପରାୟଣ ଜୀବନଶୈଳୀରୁ ପିଠିବେଦନା ଓ ଅଙ୍ଗଭଙ୍ଗୀ ସମସ୍ୟା ବୃଦ୍ଧିପାଉଛି। ସାଧାରଣ ଲୋକେ ପ୍ରତିଦିନ କେଉଁ ସହଜ ପଦକ୍ଷେପ ନେଇ ମେରୁଦଣ୍ଡ (ସ୍ପାଇନ୍) ଓ ଗଣ୍ଠି (ଜଏଣ୍ଟ) କୁ ସୁରକ୍ଷା କରିପାରିବେ?**

● ପିଠି ଓ ସନ୍ଧି ସୁରକ୍ଷା ପାଇଁ ପ୍ରଥମେ ଠିକ୍ ଅଙ୍ଗଭଙ୍ଗୀ ରଖିବା ଆବଶ୍ୟକ। ଦୀର୍ଘ ସମୟ ବସି ରହିବାରୁ ଦେହରେ ଚାପପଡ଼େ। ସେଥିପାଇଁ ପ୍ରତି ୩୦-୪୦ ମିନିଟରେ ଉଠି ଚାଲିବା କିମ୍ବା ଷ୍ଟ୍ରେଚିଂ କରିବା ଦରକାର। ନିୟମିତ ବ୍ୟାୟାମ (କୋର୍ ଏକ୍ସରସାଇଜ୍) ଅଭ୍ୟାସ ପିଠିକୁ ଶକ୍ତିଶାଳୀ କରେ। ଲ୍ୟାପଟପ୍ ଓ ମୋବାଇଲ ବ୍ୟବହାର ସମୟରେ ଠିକ୍ ଅଙ୍ଗଭଙ୍ଗୀ ରଖିବା ଏବଂ ଶରୀରର ଓଜନ ସମ୍ଭାଳିବା ବହୁତ ଆବଶ୍ୟକ।

**▶▶ ଭାରତରେ ଫିଜିଓଥେରାପିଷ୍ଟଙ୍କ ସଂଖ୍ୟା ବଢ଼ୁଛି। ଏହି ପେସାକୁ ପ୍ରବେଶ କରୁଥିବା ଯୁବ ପେସାଜୀବୀମାନଙ୍କୁ ଆପଣଙ୍କ ବାର୍ତ୍ତା କ'ଣ?**

● ମୋ ବାର୍ତ୍ତା ହେଉଛି ଯୁବ ଫିଜିଓଥେରାପିଷ୍ଟମାନେ ସବୁବେଳେ ନୂଆ ଗବେଷଣା ଓ ପ୍ରଯୁକ୍ତିରେ ଅପଡେଟ୍ ରୁହନ୍ତୁ। ରୋଗୀ ସହିତ ଠିକ୍ ସଂଯୋଗ ଓ ସହାନୁଭୂତିଶୀଳ ଆଚରଣରେ ଗୁରୁତ୍ୱ ଦିଅନ୍ତୁ। କ୍ଲିନିକ ସୀମିତ ନୁହେଁ - ସ୍ପୋର୍ଟ୍ସ, କମ୍ୟୁନିଟି ହେଲ୍‌ଥ, ରିସର୍ଚ୍ଚ ଓ କର୍ପୋରେଟ୍ ୱେଲ୍‌ନେସରେ ମଧ୍ୟ ବିଶାଳ ସୁଯୋଗ ଅଛି। ସେବା ଭାବ ସହିତ କାମକଲେ ଏହି ପେସା ଜୀବନକୁ ଅର୍ଥପୂର୍ଣ୍ଣ କରିଦେବ।

**▶▶ ଆଗାମୀ ୧୦ ବର୍ଷରେ ଭାରତରେ ଫିଜିଓଥେରାପି ପ୍ରତି ଭବିଷ୍ୟତ କ'ଣ? ସମଗ୍ର ହେଲ୍‌ଥ କେୟାରରେ କିପରି ପ୍ରଭାବ ପକାଇବ?**

● ମୋ ଦୃଷ୍ଟିରେ ଆଗାମୀ ୧୦ ବର୍ଷରେ ଫିଜିଓଥେରାପି ଭାରତର ହେଲ୍‌ଥ କେୟାରର ମୁଖ୍ୟ ଅଂଶ ହେବ। ଏହାକୁ ହସ୍ପିଟାଲ୍, ସ୍କୁଲ୍, କର୍ପୋରେଟ୍ ଓ ସ୍ପୋର୍ଟ୍ସ ସେଣ୍ଟରରେ ବ୍ୟାପକଭାବେ ସମାବେଶ କରାଯିବ।

# ପଞ୍ଜାବ ବନ୍ୟା ପ୍ରଭାବିତଙ୍କୁ ଟ୍ରଫି ଉତ୍ସର୍ଗ କଲେ ମନପ୍ରୀତ

**ରାଜଗିର, ୮।୯:** ଭେଟେରାନ ମିଡ୍‌ଫିଲ୍ଡର ମନପ୍ରୀତ ସିଂ ଭାରତୀୟ ପୁରୁଷ ହକି ଦଳର ଏସିଆ କପ୍ ସଫଳତାକୁ ନିଜ ରାଜ୍ୟ ପଞ୍ଜାବରେ ହୋଇଥିବା ବନ୍ୟା ପ୍ରଭାବିତଙ୍କ ଲାଗି ଉତ୍ସର୍ଗ କରିଛନ୍ତି। ସୋମବାର ଭାରତୀୟ ଦଳ ୪-୧ ଗୋଲରେ କୋରିଆକୁ ହରାଇ ଚତୁର୍ଥ ଥର ପାଇଁ ହକି ଏସିଆ କପ୍ ଟାଇଟଲ ହାସଲ କରିଛି। ''ମୁଁ ଏହି ବିଜୟ ପଞ୍ଜାବର ଲୋକଙ୍କ ପାଇଁ ଉତ୍ସର୍ଗ କରିବାକୁ ଚାହୁଁଛି, ଯେଉଁମାନେ ବିନାଶକାରୀ ବନ୍ୟାରେ ସେମାନଙ୍କର ଦୃଢ଼ତା ଓ ସାହସ ଦେଖାଉଛନ୍ତି। ନିଜ ଜୀବନକୁ ପୁଣି ଥରେ ସଜାଡ଼ିବାକୁ ଚେଷ୍ଟା କରୁଥିବା ପ୍ରତ୍ୟେକ ବନ୍ୟା ପ୍ରଭାବିତ ଏବଂ ଉଦ୍ଧାର କାର୍ଯ୍ୟରେ ଦିନ ଓ ରାତି କାମ କରୁଥିବା ନିଃସ୍ୱାର୍ଥପର ଭଲ୍ୟୁଣ୍ଟିୟର୍ସଙ୍କ ଲାଗି ଏହି ବିଜୟ'' ବୋଲି ୩୩ ବର୍ଷୀୟ ମନପ୍ରୀତ କହିଛନ୍ତି।

# ଭାରତକୁ ୩ୟ ସ୍ଥାନ

**ନୂଆଦିଲ୍ଲୀ, ୮।୯:** ଭାରତୀୟ ପୁରୁଷ ଫୁଟବଲ ଦଳ ସୋମବାର ପେନାଲ୍ଟି ଜରିଆରେ ଓମାନକୁ ହରାଇ କାଫା ନେଶନ୍ସ କପ୍‌ରେ ତୃତୀୟ ସ୍ଥାନ ଅଧିକାର କରିଛି। ମ୍ୟାଚ୍‌ଟି ନିର୍ଦ୍ଧାରିତ ସମୟ ସୁଦ୍ଧା ୧-୧ ଗୋଲରେ ବରାବର ରହିଥିଲା। ମ୍ୟାଚ୍‌ର ୫୫ତମ ମିନିଟ୍‌ରେ ଓମାନ ପାଇଁ ୟେମାଦି ଗୋଲ କରିଥିଲେ। ଜବାବରେ ଭାରତ ପାଇଁ ଉଡନ୍ତା ସିଂ ୮୦ତମ ମିନିଟ୍‌ରେ ଗୋଲ ଦେଇ ମ୍ୟାଚ୍‌କୁ ସମାନ ସ୍ତରକୁ ଆଣିଥିଲେ। ପେନାଲ୍ଟି ଶୁଟ୍-ଆଉଟ୍‌ରେ ଭାରତୀୟ ଗୋଲକିପର ଗୁରପ୍ରୀତ ସିଂ ସାନ୍ଧୁ ଅନ୍ତିମ ପେନାଲ୍ଟି ବଞ୍ଚାଇ ଭାରତକୁ ୩-୨ ବ୍ୟବଧାନରେ ମ୍ୟାଚ୍ ଜିତାଇଥିଲେ। ଅନ୍ତର୍ଜାତୀୟ ଫୁଟବଲ ଇତିହାସରେ ଓମାନ ବିପକ୍ଷରେ ଏହା ଭାରତର ପ୍ରଥମ ବିଜୟ।

**Classified Everyday**
**0674-2580101, 9692975378**



**REAL ESTATE**
**SALE**

ସିନ୍ଧିଆ High School ନିକଟ ଆଙ୍ଗୁଳାରେ Farmhouse, Cultivation, Business ପାଇଁ ଉପଯୁକ୍ତ land ସୁଲଭ ମୂଲ୍ୟରେ ଉପଲବ୍ଧ, ଯାହା ବାଲେଶ୍ୱର Railway Station ଠାରୁ 10 K.M. Direct owner. Contact- 7978551614, 9439049194. D-1873

**2047sqft. commercial (NH-57) boundarywall land sale at Pitapalli, Bhubaneswar-7008634668.** D-1877

ଉତ୍ତରା ନିକଟ ଗୁଡ଼ିଆପୋଖରୀ ଛକ ଠାରୁ 1.5KM ଓ 2.5.KM ଦୂରତାରେ 1750sqft. ବାଉଣ୍ଡରୀ ସହ ଘରବାଡ଼ି plot ବିକ୍ରୟ ହେବ। 1460/- ଓ 1660/-. 7978551614. D-1872

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **9692276835, 7077632085.** D-1698

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, **2BHK/3BHK Flat/ Duplex** ଅଛି। **8327785834.** D-1781

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open health benefits spa by experts therapist con 8658088274. D-1866

**AFFIDAVIT**

By virtue of an affidavit sworn before Aswini Kumar Pradhan, Notary Public, Bhubaneswar, dated 06.09.2025, I, SYAMAGHANA SETHI, Son of Late Uchhab Sethi, Address: LIV-95, Ph-IV, Dumuduma Housing Board Colony, P.O.- Dumuduma, P.S.- Khandagiri, Bhubaneswar, Dist.- Khordha, Odisha-751019 declare that I have changed my name from SHAMA GHANA SETHI (Old Name) to SYAMAGHANA SETHI (New Name). Henceforth, I shall be known as SYAMAGHANA SETHI for all purposes.
SYAMAGHANA SETHI
D-76591

I, Ashok Kumar Agrawal, S/o- Late Madan Lal Agrawalla, resident of At- Flat No.- 205, Parvati Villa, Nageswar Tangi, P.S.- Shree Lingaraj, Bhubaneswar, Dist.- Khurda, PIN- 751002 Odisha declare by this affidavit No.- 106, dtd. 06.09.2025 that now onwards I shall be known as Ashok Kumar Agrawalla for all purposes. D-76938

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

I, Shyama Sundar Mohanty, S/o- Bajendra Nath Mohanty, Resident of Plot No.- 323/052/01, Kaliashani Temple, Kapilaprasad, Sundarpada, Bhubaneswar, P.S.- Air Field, Dist.- Khurdha, Odisha, Pin- 751002 declare by this affidavit No.- Vol.-II, Sl. No.- 1685, dated 06.09.2025 that now onwards I shall be known as **SHYAM SUNDAR MOHANTY** for all future purposes. D-1908

I, Sashikala Agarwal, W/o- Ashok Kumar Agrawalla, resident of At- Flat No.- 205, Parvati Villa, Nageswar Tangi, P.S.- Shree Lingaraj, Bhubaneswar, Dist.- Khurda, PIN- 751002, Odisha declare by this affidavit No.- 107, dtd. 06.09.2025 that now onwards I shall be known as Sashikala Agrawal for all future purposes. D-76937

ମୁଁ ସ୍ମିତ ସ୍ମରଣ ବେହେରା, ପିତା- ସମ୍ପଦ କୁମାର ବେହେରା, ମାତା ସସ୍ମିତା ବେହେରା, ଜନ୍ମ ତାରିଖ ୧୨।୧୨।୨୦୧୦, ଗ୍ରାମ- କୁସୁପୁର, ଗୋପ, ଜିଲ୍ଲା- ପୁରୀ ନିବାସୀ ଏକ କୋର୍ଟ ସତ୍ୟପାଠ ସଂଖ୍ୟା ୧୪ଏଏ- ୫୨୨୪୬୧, ତା ୨୧।୦୭।୨୦୨୫ ଅନୁସାରେ ମୋର ନାମ ପରିବର୍ତ୍ତନ କରୁଅଛି। ଆଜି ଦିନଠାରୁ ମୁଁ ମୋର ନୂତନ ନାମ ''ସ୍ମିତ ସ୍ମରଣ'' ନାମରେ ପରିଚିତ ହେବି। ଧ-୧୯୦୮

By virtue of an affidavit sworn before the Executive Magistrate, Tangi- Choudwar, dated 08.09.2025, I, SK Abdul Sidik, S/o- SK Abdul Gafur, Village/P.O.- Jaripada, P.S.- Tangi, Dist.- Cuttack- 754201, Odisha, declare that I, SK Abdul Sidik and SK. Abdul Siddik is one and same person. Henceforth, I shall be known as SK Abdul Sidik for all purposes.
SK Abdul Sidik
D-1911

By virtue of an affidavit sworn before the Executive Magistrate, Angul, dated 8th day of September, 2025, I, Pramila Bagha, aged about 31 years, Wife of Hemanta Bagha, permanent resident of Dhanurjaypur, P.O.- Rageda, P.S./ SD- Narasinghpur, Dist.- Cuttack, PIN- 754032 Odisha bearing Aadhaar No.- xxxx xxxx 9695 declare that I have changed the name of my son from Janarddan Bagh to DANARDDAN AGHA. Henceforth, he shall be known as DANARDDAN AGHA for all purposes.
Pramila Bagha
D-1912

By virtue of an affidavit sworn before the Executive Magistrate, Nimapara, Puri on dtd 6th September, I, Mrs "Baijayanti Swain", Address: At- Terahal, P.O.- Nuagopalpur, P.S.- Balanga, Dist.- Puri, Odisha, PIN- 752105, Odisha have been changed my name from "Baijanti Swain to "Baijayanti Swain". Henceforth, I shall be known as Baijayanti Swain for all purpose. D-1913

By virtue of an affidavit in the Notary Angul, I declare that my name is recorded as Vikaree Behera. S/o- Laxmidhara Behera, At/P.O.- Kandasar. P.S.- Nalco, Dist.- Angul. PIN- 759145. After 15 days of this publication any one complain about the in this advertisement. D-1910

I, Sanjeeb Kumar Sethi, S/o- Sarat Sethi, At- Aparna Nagar, Chauliaganj, Shantivihar, Cuttack, Dist.- Cuttack, PIN- 753004, Odisha declare by this affidavit No.- 77AA 135675, dated- 04.09.2025, that now onwards I shall be known as Sanjeep Kumar Sethi for all future purpose. D-1914

**LEGAL NOTICE**

Letter No.-1697,
dt. 06.09.2025

ନୋଟିସ୍

ମାନ୍ୟବର ଅତିରିକ୍ତ ଆୟୁକ୍ତ (ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଆଇ.ଏ.ଏସ୍.)ଙ୍କ ଅଦାଲତ ନଂ. ୪ମ୍ବର, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା,
ଓ.ଏସ୍.ଏସ୍. କେସ୍ ନମ୍ବର- ୧୫୦୦/୨୦୨୨

ନୋଟିସ୍
(ସି.ପି.ସି. ଅର୍ଡର ୫, ରୁଲ୍-୨୦ ମୁତାବକ)

୧. ସୁଧାଂସୁ ଶେଖର ମିଶ୍ର, ବୟସ ୫୨ ବର୍ଷ, ୨. ଅମରେନ୍ଦ୍ର ଶେଖର ମିଶ୍ର, ବୟସ ୩୬ ବର୍ଷ,
ଏ ଦୁଇ ଜଣଙ୍କ ପିତା ପ୍ରତାପ ଚନ୍ଦ୍ର ମିଶ୍ର, ଠିକଣା ସା/ପୋଷ୍ଟ- ଗୁଡ଼ିଆ, ଥାନା/ଜିଲ୍ଲା- ଯାଜପୁର, ଓଡ଼ିଶା .... ବାଦୀ

ବନାମ

ଲକ୍ଷ୍ମୀଧର ପୃଷ୍ଟି ଓଗେର ....ପ୍ରତିବାଦୀମାନେ
ପ୍ରାପ୍ତେଷୁ,
ପ୍ରତିବାଦୀ ନଂ୧ମ୍ବର: ଲକ୍ଷ୍ମୀଧର ପୃଷ୍ଟି,
ନଂ୨ମ୍ବର: ମନୋରଞ୍ଜନ ପୃଷ୍ଟି,
ଏ ଦୁଇ ଜଣଙ୍କ ପିତା ହାଡୁ ପୃଷ୍ଟି, ଠିକଣା: ସା/ପୋଷ୍ଟ/ଥାନା-ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ନଂ୩ମ୍ବର: ଘନ ବେହେରା, ନଂ୪ମ୍ବର: ଲିଙ୍ଗରାଜ ବେହେରା, ନଂ୫ମ୍ବର: ନାଥ ବେହେରା
ଏହି ତିନି ଜଣଙ୍କ ପିତା: କହ୍ନେଇ ବେହେରା, ନଂ୬ (A)ମ୍ବର : ହରେକୃଷ୍ଣ ଛୋଟରାୟ, ନଂ୬ (B)ମ୍ବର: ନିତ୍ୟାନନ୍ଦ ଛୋଟରାୟ, ନଂ୬ (C)ମ୍ବର : ନିମାଇଁ ଚରଣ ଜଗଦେବ
ଏହି ତିନି ଜଣଙ୍କ ପିତା- ସାଧୁ ଚରଣ ଜଗଦେବ।
ନଂ ୭ମ୍ବର: ନୀଳକଣ୍ଠ ବେହେରା, ପିତା- ଉଦି ବେହେରା, ନଂ୮ମ୍ବର: ମହନ ବେହେରା, ପିତା-ରଘୁ ବେହେରା, ନଂ୯ମ୍ବର: ଚୈତନ୍ୟ ବେହେରା, ପିତା- କୁଞ୍ଜ ବେହେରା, ନଂ୧୦ମ୍ବର: ନରେନ୍ଦ୍ର ବେହେରା, ପିତା ଗୋବିନ୍ଦ ବେହେରା, ନଂ୧୧ମ୍ବର: ଲକ୍ଷ୍ମୀଧର ବେହେରା, ନଂ.୧୨ମ୍ବର: ସୁରେନ୍ଦ୍ର ବେହେରା,
ଏ ଦୁଇ ଜଣଙ୍କ ପିତା- ଗୋପାଳ ବେହେରା
ନଂ୧୩ମ୍ବର: ବୁଲା ବେହେରା, ମଦନ ବେହେରା
ପ୍ରତିବାଦୀ ନମ୍ବର-୩ ଲଗାୟତ କ୍ରମିକ ସଂଖ୍ୟା ୧୩ ପର୍ଯ୍ୟନ୍ତ ସମସ୍ତଙ୍କ ଠିକଣା: ସା/ପୋଷ୍ଟ- ଅନ୍ଧାରୁଆ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା।
ନଂ୧୪ମ୍ବର: ବିଜୟଲକ୍ଷ୍ମୀ ପ୍ରଧାନ, ସ୍ୱାମୀ- ଦୁଖବନ୍ଧୁ ବେହେରା, ଠିକଣା: ସା- ବାରବଙ୍କା, ଥାନା- ରାଇରାଖୋଲ, ଜିଲ୍ଲା- ସମ୍ବଲପୁର
ନଂ୧୫ମ୍ବର: ସ୍ନେହଲତା ପଟ୍ଟନାୟକ, ସ୍ୱାମୀ- ଭୁବନବିହାରୀ ପଟ୍ଟନାୟକ, ସା/ପୋଷ୍ଟ/ଥାନା- ଆଠଗଡ଼, ଜିଲ୍ଲା- କଟକ।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କୁ ଏହି ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ, ବାଦୀ ନିମ୍ନୋକ୍ତ ଜମିକୁ ଦଲିଲ ଓ ଦଖଲ ଦୃଷ୍ଟେ ରେକର୍ଡ କରିବା ପାଇଁ ଉକ୍ତ ରିଭିଜନ କେସ୍ ଦାଖଲ କରିଅଛନ୍ତି। ସମସ୍ତ ପ୍ରତିବାଦୀମାନଙ୍କୁ ପଞ୍ଜୀକୃତ ଡାକଦ୍ୱାରା ନୋଟିସ୍ ପଠାଯାଇଥିଲେ ହେଁ ଉପରୋକ୍ତ ପ୍ରତିବାଦୀମାନଙ୍କୁ ନୋଟିସ୍ ଜାରି ନ ହୋଇ ବିଭିନ୍ନ କାରଣ ଦର୍ଶାଯାଇ ଫେରିଆସିଅଛି। ଇତ୍ୟବସରରେ ଉକ୍ତ କେସ୍‌ର ଶୁଣାଣି ତା୧୩।୧୦।୨୦୨୫ରିଖ ଦିବା ୧୧.୩୦ ଘଟିକାକୁ ସ୍ଥିର କରାଯାଇଅଛି।

ଜମିଜମାର ବିବରଣୀ ନିମ୍ନରେ ଦିଆଗଲା:
ଜମିର ବିବରଣୀ

ମୌଜା: ଅନ୍ଧାରୁଆ, ତହସିଲ-ଭୁବନେଶ୍ୱର, ଥାନା- ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା
ସାବିକ ଖାତା ନଂ.- ୧୭୯, ସାବିକ ପ୍ଲଟ୍ ନଂ.- ୧୮୩୭ (ଅଂଶ), ସାବିକ ରକବା- ଏ୦.୧୧୫ଡି., ହାଲ୍ ଖାତା ନଂ.- ୫୬୩, ହାଲ୍ ପ୍ଲଟ୍ ନଂ.- ୪୦୫୭/୮୧୫୫, ରକବା- ଏ୦.୧୧୫ଡି.।
ସାବିକ ମିୟୁଟେସନ ଖାତା ନଂ.- ୬୨୧/୬୭୮ମ୍ବର, ପ୍ଲଟ୍: ୧୮୩୭/୩୯୦୦, ଏ୦.୧୧୫ଡି.।

ଏଣୁ ଉପରୋକ୍ତ ପ୍ରତିବାଦୀମାନଙ୍କୁ ଓ ମୃତ ଥିବା ପ୍ରତିବାଦୀମାନଙ୍କର ଉତ୍ତରାଧିକାରୀମାନେ ନିଜେ କିମ୍ବା ନିଜର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ, ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ କୋର୍ଟ ନଂ୪ମ୍ବରରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୧୯୦୪

## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**ଦ୍ୱାଦଶାହ ଅବସରରେ**



**୰ ଶକୁନ୍ତଳା ନାୟକ**
ନିଗମ ନଗର ୫ମ ଲାଇନ, ଆଙ୍କୁଲି, ବ୍ରହ୍ମପୁର
ଆବିର୍ଭାବ - ୨୭.୦୧.୧୯୪୫ / ତିରୋଧାନ : ୨୯.୦୮.୨୦୨୫

ଏବେ ମଧ୍ୟ ଆପଣଙ୍କ ହସ ହସ ମୁହଁ ସମସ୍ତେ ଭୁଲିପାରି ନାହାନ୍ତି। ଆମକୁ ବଞ୍ଚିବାର ରାସ୍ତା ଦେଖାଇ କେଉଁ ଅଫେରା ରାଇଜକୁ ଚାଲିଗଲ। ତୁମର ଆଦର୍ଶ, ଭଲପାଇବା, ସାଧୁତା ଆମ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ପ୍ରାର୍ଥନା

ଶ୍ରଦ୍ଧାଞ୍ଜଳି ସହ :
ନାୟକ ପରିବାର ବର୍ଗ
ଧ-୧୯୧୧

ଫ୍ୟାଶନ

# ଫେଷ୍ଟିଭ ଜୁଏଲେରି



**ଆଉ କିଛି ଦିନ ପରେ ଦୁର୍ଗାପୂଜା ଏବଂ ଏହା ପରେ ବିବାହ ସିଜିନ୍ ଆସିଯିବ। ଏହି ସବୁ ସମୟରେ ଆପଣ କେଉଁ ଡିଜାଇନ୍‌ର ଜୁଏଲାରୀ ପିନ୍ଧିଲେ ଆପଣଙ୍କୁ ଭଲ ମାନିବ ଜାଣନ୍ତୁ ସେ ସମ୍ପର୍କରେ....**

ଆସେସରିଜ୍ ଏବଂ ଜୁଏଲେରି ବିନା ପୂଜା ପାର୍ବଣ ଫିକାଫିକା ଲାଗେ। ଏହି ମଉକାରେ ମହିଳା ନିଜର ଡ୍ରେସ୍‌ଅପ୍ ସହ ଜୁଏଲେରିରେ ଟ୍ରାଡିସ୍‌ନାଲ୍ ଟଚ୍ ପସନ୍ଦ କରିଥାନ୍ତି।

-ହେଭି ନେକ୍‌ଲେସ୍ ପିନ୍ଧିଲେ ଏହା ଆପଣଙ୍କୁ ଫେଷ୍ଟିଭ୍ ଟଚ୍ ଦେଇଥାଏ, ଏଥିପାଇଁ ମହିଳାମାନେ କୌଣସି ପର୍ବପର୍ବାଣିରେ ନେକ୍‌ପିସ୍ ପିନ୍ଧିବାକୁ ପସନ୍ଦ କରିଥାନ୍ତି। ଏବେ କୁନ୍ଦନ ୱାର୍କରେ ହେଭି ନେକ୍‌ଲେସ୍ ଟ୍ରେଣ୍ଡରେ ଚାଲୁଛି।

-ବିଙ୍ଗ୍ସ ଷ୍ଟାଇଲ୍‌ର ଇୟରରିଂ ବି ଟ୍ରେଣ୍ଡରେ ଚାଲିଛି। ଏହା ବ୍ୟତୀତ ଝୁମୁକା ,ଘୁଙ୍ଗୁର ଥିବା ଇୟର ରିଙ୍ଗ୍ସ ପିନ୍ଧିପାରିବେ।

-ପାଦରେ ବିଛା ପାଉଁଜି ପିନ୍ଧିପାରିବେ। ଏହା ପାଦକୁ ଭଲ ମାନିଥାଏ।

- କୌଣସି ଫେଷ୍ଟିଭ୍‌ରେ ମୟୂର ଡିଜାଇନ୍‌ର ଜୁଏଲେରିକୁ ଅଧିକ ଧ୍ୟାନ ଦିଆଯାଉଛି।

ଏହି ଡିଜାଇନ୍‌ରେ ମୁଦି, ଇୟର ରିଙ୍ଗ୍ସ ଏବଂ ନେକ୍‌ଲେସ୍ ବହୁତ ସୁନ୍ଦର ମାନିଥାଏ।

# ଘରେ ସୁଖ ସମୃଦ୍ଧି ପାଇଁ ...

**ଘରେ ସୁଖ ସମୃଦ୍ଧି ବଢ଼ିବାକୁ ସମସ୍ତେ ଚାହାନ୍ତି। ନିଜ ଘରେ ଏକ ଶାନ୍ତିର ପରିବେଶ ପାଇଁ କେତେକ ବାସ୍ତୁ ଶାସ୍ତ୍ରରେ ଉଲ୍ଲେଖ କରାଯାଇଥିବା ନିୟମ ପାଳନ କରିପାରନ୍ତି। ଜାଣନ୍ତୁ କେତୋଟି ଟିପ୍ସ...**

**ମୁଖ୍ୟ ଦ୍ୱାର ଉପରେ ଧ୍ୟାନ ଦିଅନ୍ତୁ**
ଘରର ମୁଖ୍ୟ ଦ୍ୱାର ସବୁବେଳେ ସଫାସୁତୁରା ରଖନ୍ତୁ। ମୁଖ୍ୟ ଦ୍ୱାରରେ ଓମ୍ କିମ୍ବା ସ୍ୱସ୍ତିକ ଚିତ୍ର ବନାନ୍ତୁ। ଏହାଦ୍ୱାରା ଘରେ ସକାରାତ୍ମକ ଭାବନା ପ୍ରବେଶ କରିଥାଏ। ସନ୍ଧ୍ୟା ସମୟରେ ମୁଖ୍ୟ ଦ୍ୱାରରେ ଦୀପ ଜଳାନ୍ତୁ। ଏହାଦ୍ୱାରା ଲକ୍ଷ୍ମୀ ମା' ପ୍ରସନ୍ନ ହୁଅନ୍ତି।

**ପୂଜାଘରର ଠିକ୍ ଦିଗ**
ପୂଜାଘରକୁ ସବୁବେଳେ ଉତ୍ତର-ପୂର୍ବ ଦିଗରେ କରନ୍ତୁ। ଏହି ଦିଗରେ ପୂଜାଘର ରଖିବା ଦ୍ୱାରା ଦେବତାମାନେ ପ୍ରସନ୍ନ ହୋଇଥାନ୍ତି।

**ଝାଡୁକୁ ଲୁଚାଇ ରଖନ୍ତୁ**
ଝାଡୁକୁ ଲକ୍ଷ୍ମୀଙ୍କ ପ୍ରତୀକ ବୋଲି ବୁଝାଯାଏ। ଏହାକୁ ସବୁବେଳେ ଏପରି ସ୍ଥାନରେ ରଖନ୍ତୁ ଏହା ଯେପରି ବାହାର ଲୋକଙ୍କ ନଜରରେ ନ ଆସେ। ଝାଡୁ କେବେ ବି ଠିଆକରି ରଖନ୍ତୁ ନାହିଁ କି କେବେ ଏଥିରେ ଗୋଡ଼ ଲଗାନ୍ତୁ ନାହିଁ।

**ପାଣି ଟ୍ୟାପ୍ ଠିକ୍ ରଖନ୍ତୁ**
ଘରେ ପାଣିର ଲିକେଜ୍ କେଉଁଠାରେ ହେବାକୁ ଦିଅନ୍ତୁ ନାହିଁ। ଏହାଦ୍ୱାରା ଧନହାନି ହୁଏ ବୋଲି କୁହାଯାଏ। ସୁନିଶ୍ଚିତ କରନ୍ତୁ ଯେ ଘରେ ଯେପରି କୌଣସି ବି ନଳ ଲିକ୍ ନ ରହୁ।

**ଲୁଣପାଣିରେ ଘର ପୋଛନ୍ତୁ**





ସପ୍ତାହରେ ଥରେ ଘରେ ଲୁଣପାଣିରେ ପୋଛା ଲଗାନ୍ତୁ। ଏହାଦ୍ୱାରା ଘରେ ନକାରାତ୍ମକ ଉର୍ଜା ଦୂରହୋଇଥାଏ ଏବଂ ସକାରାତ୍ମକ ଭାବନା ପ୍ରବେଶ କରିଥାଏ।

**ତୁଳସୀ ବୃକ୍ଷ**
ଘର ଦୁଆରମୁହଁରେ କିମ୍ବା ବାଲ୍‌କୋନିରେ ତୁଳସୀ ବୃକ୍ଷ ଲଗାନ୍ତୁ। ଏହାକୁ ନିୟମିତ ଜଳ ଦେବା ସହ ଦୀପ ଦେଇ ପୂଜାକରନ୍ତୁ।

**ବାସିଖାଦ୍ୟ ରଖନ୍ତୁ ନାହିଁ**
ରାତିରେ ବଳିପଡ଼ିଥିବା ଖାଦ୍ୟକୁ ରଖନ୍ତୁ ନାହିଁ। ଏପରି କରିବା ଦ୍ୱାରା ଘରେ ନକାରାତ୍ମକ ଭାବନା ବଢ଼ିଥାଏ।

**ଧନ ବାକ୍ସକୁ ଠିକ୍ ସ୍ଥାନରେ ରଖନ୍ତୁ**
ଧନ ରଖାଯାଉଥିବା ତିଜୋରିକୁ ସବୁବେଳେ ଘରର ଉତ୍ତର ଦିଗରେ ରଖନ୍ତୁ। କାରଣ ଏହି ଦିଗ କୁବେରଙ୍କ ସ୍ଥାନ ହୋଇଥାଏ।

**କାନ୍ଥରେ ଲଗାନ୍ତୁ ପରିବାରର ଫଟୋ**
କାନ୍ଥରେ ପରିବାରର ହସୁଥିବାର ଫଟୋ ଲଗାନ୍ତୁ। ଏହାକୁ ଲଗାଇବା ସମୟରେ ପୂର୍ବ ଏବଂ ଉତ୍ତର ଦିଗରେ ଲଗାନ୍ତୁ। ଏହାଦ୍ୱାରା ପରସ୍ପର ମଧ୍ୟରେ ସ୍ନେହ ପ୍ରେମ ବଢ଼ିଥାଏ।



# ଅଫିସ୍ ମ୍ୟାନରସ୍

**ଆଜିକାଲି ଅନେକ ମହିଳା କର୍ମଜୀବୀ। ତେଣୁ ନିଜର କର୍ମଭୂମିରେ ନିଜର ଦାୟିତ୍ୱ ସହ ଆଉ କେତେକ ବିଷୟ ପ୍ରତି ସେମାନେ ସଚେତନ ରହିବା ନିହାତି ଆବଶ୍ୟକ। ତନ୍ମଧ୍ୟରୁ ଅଫିସ୍‌ର ମ୍ୟାନରସ୍ ଅନ୍ୟତମ। ସେ ବିଷୟରେ ସୂଚନା....**

"ଅଫିସ୍‌ର ପରିବେଶରେ ନୀରବତା ହେଉଛି ସବୁଠାରୁ ବଡ଼ କଥା। ଯଦି ଏହା କୋଳାହଳପୂର୍ଣ୍ଣ ହୁଏ ତେବେ ତାହାର ପ୍ରଭାବ କାର୍ଯ୍ୟଧାରା ଉପରେ ପଡ଼ିଥାଏ। ତେଣୁ ଅଫିସ୍ ଭିତରେ କିପରି ଶାନ୍ତ ପରିବେଶ ରହିବ ସେ ନେଇ ଧ୍ୟାନ ଦିଅନ୍ତୁ। ନିଜେ ମଧ୍ୟ ଅଫିସ୍ ଭିତରେ ଶାନ୍ତ ରୁହନ୍ତୁ ଏବଂ ଏଭଳି ପରିବେଶ ସୃଷ୍ଟିକରନ୍ତୁ ନାହିଁ ଯାହାଦ୍ୱାରା ଅନ୍ୟମାନେ ଆପଣଙ୍କ ଆଡ଼କୁ ଆଙ୍ଗୁଠି ଉଠାଇବେ। ଅଫିସ୍‌ରେ କଥାହେବା ସମୟରେ ଧୀରେ କଥା ହୁଅନ୍ତୁ।"

**ଅନୁଶାସନ:** ଆପଣଙ୍କ ପାଇଁ ଅଫିସ୍‌ର ଡିସିପ୍ଲିନ୍ ବା ଅନୁଶାସନ ଖରାପ ନ ହେଉ ଏଥିପାଇଁ ଆପଣ ବି ଅଫିସ୍ ମ୍ୟାନରସ୍ ଜାଣିବା ନିହାତି ଜରୁରୀ। ଅଫିସ୍‌ରେ ସମସ୍ତେ ଚାହାନ୍ତି ନିଜ ପାଇଁ ଏକ ପ୍ରାଇଭେଟ୍ ସ୍ପେସ୍। ଫଳରେ ସେମାନେ କୌଣସି ପ୍ରତିବନ୍ଧକ ଦ୍ୱାରା କାମ ସହଜରେ କରିପାରିବେ। ଆମେରିକାରେ ହୋଇଥିବା ଏକ ସର୍ଭେରେ ଦେଖାଯାଇଛି ପ୍ରାୟ ୭୦ ପ୍ରତିଶତ ଲୋକଙ୍କର ଅଫିସ୍ କାମରେ ହୋହାଲ୍ଲା ବାତାବରଣ କାରଣରୁ କାମ କରିବାରେ ବାଧା ଉପୁଜିଥାଏ। ତେଣୁ ଅଫିସ୍‌ରେ ଡିସିପ୍ଲିନ୍‌ର ଆବଶ୍ୟକତା ରହିଛି। ଅଫିସ ପରିବେଶ ଯେପରି ଆପଣଙ୍କ ଦ୍ୱାରା ପ୍ରଭାବିତ ନ ହୁଏ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ଆବଶ୍ୟକତା ନ ଥିଲେ କାହା ସହ କଥା ନ ହେବା ଭଲ। ଅଯଥାରେ ନିଜ କାମକୁ ପଛରେ ପକାଇ ଅନ୍ୟମାନଙ୍କ ସହ ଗପିବା ଠିକ୍ ନୁହେଁ।

**ସମୟାନୁବର୍ତ୍ତିତା:** ଆଉ ଏକ କଥା ହେଲା ସମୟାନୁବର୍ତ୍ତିତା। ଅଫିସରେ ସବୁବେଳେ ଠିକ୍ ସମୟରେ ପହଞ୍ଚନ୍ତୁ। ଯଦି ବିଳମ୍ବରେ ଯିବା ଏକ ଅଭ୍ୟାସରେ





ପରିଣତ ହୋଇଗଲା ତେବେ ସମୟ ଆସିବ ଏଥିପାଇଁ ତୁମକୁ ଦିନେ ନିନ୍ଦିତ ହେବାକୁ ପଡ଼ିପାରେ। ତେଣୁ ନିଜର ଅଫିସ୍ ଟାଇମିଂ ନେଇ ସବୁବେଳେ ସଚେତନ ରୁହନ୍ତୁ।

**ଅଫିସ୍ ନିୟମ ମାନନ୍ତୁ:** ନିଜ ସ୍ଥାନରେ ଠିଆହୋଇ ଅନ୍ୟକୁ ଲକ୍ଷ୍ୟ କରିବା। ଅନ୍ୟ ଜଣକ ଅଫିସ୍ ସମ୍ବନ୍ଧୀୟ କାଗଜପତ୍ର କିମ୍ବା ଫାଇଲ୍ ପତ୍ର ଫୋପାଡ଼ିଦେବା ଆଦି ଏହା ଅଫିସ୍ ନିୟମ ବିରୁଦ୍ଧରେ ଯିବା। ଇଂରାଜିରେ ଏହାକୁ ପ୍ରେୟରି ଡଗିଂ କୁହାଯାଏ। ସହକର୍ମୀଙ୍କ ସିଟ୍ ପାଖକୁ ଯାଇ ତାଙ୍କ ସହ କଥା ହେବା, ଜୋର୍ ଜୋର୍‌ରେ ଗପିବା ଦ୍ୱାରା ଅନ୍ୟମାନଙ୍କ କାମ ପ୍ରଭାବିତ ହୋଇଥାଏ। ହୋଇପାରେ ଆପଣ କାମରୁ ଟିକେ ବ୍ରେକ୍ ନେଇ ଗପିବା ମୁଡ୍‌ରେ ଥାଇପାରନ୍ତି, କିନ୍ତୁ ଦେଖିବା କଥା ଯେ ଆପଣଙ୍କ ସହ କଥା ହେବା ପାଇଁ ଅନ୍ୟ ଜଣଙ୍କର ମୁଡ୍ ହୁଏତ ନ ଥାଇ ପାରେ।

**ସାଇଲେନ୍ସ ପ୍ଲିଜ୍:** ଅଫିସ୍‌ର ପରିବେଶରେ ନୀରବତା ହେଉଛି ସବୁଠାରୁ ବଡ଼ କଥା। ଯଦି ଏହା କୋଳାହଳପୂର୍ଣ୍ଣ ହୁଏ ତେବେ ତାହାର ପ୍ରଭାବ କାର୍ଯ୍ୟଧାରା ଉପରେ ପଡ଼ିଥାଏ। ତେଣୁ ଅଫିସ ଭିତରେ କିପରି ଶାନ୍ତ ପରିବେଶ ରହିବ ସେ ନେଇ ଧ୍ୟାନ ଦିଅନ୍ତୁ। ନିଜେ ମଧ୍ୟ ଅଫିସ୍ ଭିତରେ ଶାନ୍ତ ରୁହନ୍ତୁ ଏବଂ ଏଭଳି ପରିବେଶ ସୃଷ୍ଟିକରନ୍ତୁ ନାହିଁ ଯାହାଦ୍ୱାରା ଅନ୍ୟମାନେ ଆପଣଙ୍କ ଆଡ଼କୁ ଆଙ୍ଗୁଠି ଉଠାଇବେ। ଅଫିସ୍‌ରେ କଥାହେବା ସମୟରେ ଧୀରେ କଥା ହୁଅନ୍ତୁ।


**ସହଯୋଗ:** ଅଫିସ୍‌ରେ ଯଦି କେହି ଆପଣଙ୍କ ସହଯୋଗ ଲୋଡୁଛନ୍ତି ତେବେ ନିଜର ସାମର୍ଥ୍ୟ ଅନୁସାରେ ସାହାଯ୍ୟ କରନ୍ତୁ। ଏହାଦ୍ୱାରା ଯେପରି ନିଜର କାର୍ଯ୍ୟ ପ୍ରଭାବିତ ନ ହୁଏ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ଏପରି ବି ସମୟ ଆସିପାରେ ଆପଣ ଅନ୍ୟମାନଙ୍କର ସହଯୋଗ ଚାହିଁବେ। ତେଣୁ ଅଫିସ ଭିତରେ ଏକ ବନ୍ଧୁତ୍ୱର ପରିବେଶ ରହିବା ନିହାତି ଦରକାର। କାରଣ ଅଫିସ କାମ ହେଉଛି ଏକ ଟିମ୍ ୱାର୍କ। ଅଫିସ୍‌ରେ କର୍ମଚାରୀମାନଙ୍କ ଭିତରେ ସହଯୋଗ ରହିଲେ ସବୁ କିଛି ଠିକ୍‌ଠାକ୍ ଚାଲିବ।


**ସ୍ମାର୍ଟଫୋନ୍‌ର ସାଉଣ୍ଡ:** ଆପଣଙ୍କ ଫୋନ୍‌ରେ ଥିବା ରିଂଟୋନ୍ କିମ୍ବା ଅଧିକ ଶବ୍ଦ ଅନ୍ୟମାନଙ୍କୁ ଅସୁବିଧାରେ ପକାଇପାରେ , ଖାସ୍‌କରି ଯେତେବେଳ ଆପଣଙ୍କର ଅଧିକ କଲ୍ ଆସୁଥିବା କାରଣରୁ। ଏଥିପାଇଁ ମୋବାଇଲର ରିଂଟୋନ୍ ଭଲ୍ୟୁମ୍ କମ୍ ରଖନ୍ତୁ। ଯଦି ଆପଣଙ୍କର ଜୋର୍‌ରେ କାହା ସହ କଥା ହେବାର ଅଛି ତେବେ ବାହାରକୁ ଯାଇ କଥା ହୋଇଯାଆନ୍ତୁ। କାମରୁ ଯଦି ଟିକେ ବ୍ରେକ୍ ନେଇ ମୋବାଇଲ ଭିଡିଓ ଦେଖିବାକୁ ଇଚ୍ଛା ଥିଲେ କିମ୍ବା ଗୀତ ଶୁଣିବାର ଥିଲେ ଫୋନ୍‌କୁ ସାଇଲେଣ୍ଟ ମୋଡ୍‌ରେ ରଖିବା ସହ କାନରେ ହେଡ୍‌ଫୋନ୍ ଲଗାଇ ଶୁଣନ୍ତୁ। ଚୁପ୍‌ଚାପ୍ ଶୁଣନ୍ତୁ। ଗୁଣୁଗୁଣେଇବା ଆପଣଙ୍କୁ ହୁଏତ ଭଲ ଲାଗିପାରେ, କିନ୍ତୁ ଅନ୍ୟଙ୍କୁ ଖରାପ ।

**ଭଲ ନୁହେଁ କାହାର ଜିନିଷ ନେବା:** କୌଣସି କଲିଗ୍‌ଙ୍କର କୌଣସି ବି ଜିନିଷ ଉଠାଇବା ପୂର୍ବରୁ ପଚାରିନେବା ଭଲ। ସେ ଆପଣଙ୍କର ଯେତେ ଭଲ ସାଙ୍ଗ ହୋଇଥାଆନ୍ତୁ ନା କାହିଁକି , ଯେଉଁ ଜିନିଷ ନେଇଛନ୍ତି ତାକୁ ଫେରାଇବା ଏବଂ ସେହି ସ୍ଥାନରେ ରଖିବା ହେଉଛି ଆପଣଙ୍କ ଦାୟିତ୍ୱ।

**କାମ ସହ ମ୍ୟାଚିଂ:** ଆପଣ ବସି ଯେଉଁଠି କାମ କରୁଛନ୍ତି ତାହା ଯଦି ବହୁତ ଛୋଟ ଡେସ୍କ ତେବେ ସେଠାରେ ବସିକି ଖାଆନ୍ତୁ ନାହିଁ। ଖାସ୍‌କରି ଯେଉଁ ଖାଦ୍ୟ ଖାଇବା ଅନ୍ୟମାନେ ଏହାଦ୍ୱାରା ପ୍ରଭାବିତ ହେବେ ତା' ଠାରୁ ଦୂରେଇ ରୁହନ୍ତୁ। ଡେସ୍କରେ ବସି ଖାଇବା ଦ୍ୱାରା ସ୍ଥାନ ଅପରିଷ୍କାର ହେବା ସହ କି ବୋର୍ଡ ପରି କେତେକ ଡେଲିକେଟ୍ ଜିନିଷ ଖରାପ ହେବାର ଆଶଙ୍କା ରହିଛି। ଖାଦ୍ୟ ଖାଇବା ପାଇଁ ଅଧିକ ସମୟ ନିଅନ୍ତୁ ନାହିଁ। ଏଥିପାଇଁ ପାଇଁ କିଛି ସମୟ ରହିଥାଏ।

**ସୋବର ହେବ ଅଫିସ୍ ଡେସ୍କ**
ଆପଣ ଅଫିସ୍ ଡେସ୍କକୁ ସୁନ୍ଦର ଭାବେ ସଜାଇ ଥାଇପାରନ୍ତି, କିନ୍ତୁ ଏହାର ଅର୍ଥ ନୁହେଁ ଯେ ଡେସ୍କ ଉପରେ ଆପଣ ଫେଙ୍ଗ୍ ଶୁଇ ଆଇଟମ୍, ଏକ କାର୍ଟୁନ କ୍ୟାରେକ୍ଟର, ଭଗବାନ୍‌ଙ୍କ ମୂର୍ତ୍ତି,ଏକ ଟେବୁଲ କ୍ୟାଲେଣ୍ଡର, ଏକ ଫ୍ୟାମିଲ ଫଟୋ ଆଦି ସବୁ ରଖିବେ। ଡେସ୍କ ଉପରେ ସଜାସଜି ଜିନିଷ ରଖନ୍ତୁ ନାହିଁ । କେବଳ ଭଗବାନ୍‌ଙ୍କ ମୂର୍ତ୍ତି ରଖିବା ସହିତ ସେଥିରେ ପ୍ରତିଦିନ ଫୁଲ ମଧ୍ୟ ଚଢ଼ାଯାଇଥାଏ। ଅଫିସ୍‌ରେ ଏସବୁ ଜିନିଷଠାରୁ ଦୂରେଇରହିବା ଭଲ।






ସୌନ୍ଦର୍ଯ୍ୟ

# ୱାଟରପ୍ରୁଫ୍ ମସ୍କରା

**ମସ୍କରା ଲଗାଇଲେ ଆଖି ସୁନ୍ଦର ଦେଖାଯାଇଥାଏ। କିନ୍ତୁ ପ୍ରତିଦିନ ବ୍ୟବହାର କରିବା ଦ୍ୱାରା ଆଖିର କେଶ ଝଡ଼ିବା,ଆଲର୍ଜି, ଇନ୍‌ଫେକ୍‌ସନ ଭୟ ରହିଥାଏ। ଜାଣନ୍ତୁ ଏଥିରୁ ରକ୍ଷା ପାଇବାକୁ ହେଲେ କେତୋଟି ଉପାୟ...**





ଏବେ ମେକ୍‌ଅପ୍‌ର ଟ୍ରେଣ୍ଡ ଚାଲିଛି, ଏଥିପାଇଁ ସମସ୍ତେ ଚାହାନ୍ତି ସେମାନେ କିପରି ସୁନ୍ଦର ଦେଖାଯିବେ ଏଥିଲାଗି ଅଲଗା ଅଲଗା ପ୍ରଡକ୍ଟ ବ୍ୟବହାର କରୁଛନ୍ତି। ଖାସ୍‌କରି ୱାଟରପ୍ରୁଫ୍ ମସ୍କରା ମହିଳାମାନେ ଅଧିକ ପସନ୍ଦ କରିଥାନ୍ତି। କାରଣ ଏହା ଅଧିକ ସମୟ ପର୍ଯ୍ୟନ୍ତ ରହିଥାଏ। ପାଣି କିମ୍ବା ଝାଳରେ ଏହା ସହଜରେ ଧୋଇହୋଇ ନ ଥାଏ। ଯେଉଁଠି ୱାଟରପ୍ରୁଫ୍ ମସ୍କରା ଆଖି ପଲକକୁ ସୁନ୍ଦର, ଡାର୍କ ଦେଖାଯିବା ସହ ଏହା ଆଖି ପାଇଁ କ୍ଷତିକାରକ ହୋଇଥାଏ। ଆସନ୍ତୁ ଜାଣିବା କିପରି:

**ଆଖି ପଲକ ଝଡ଼ିଥାଏ**
ୱାଟରପ୍ରୁଫ୍ ମସ୍କରା ଛଡାଇବା ସହଜ ନୁହେଁ। ଏଥିପାଇଁ ଆମକୁ ମେକ୍‌ଅପ୍ ରିମୁଭରର ଅଧିକ ବ୍ୟବହାର କରିବାକୁ ପଡ଼ିଥାଏ। ଏହାଦ୍ୱାରା ଆଖି ପଲକର ମୂଳ ଦୁର୍ବଳ ହୋଇଯାଏ। ଫଳରେ ଆଖି ପଲକରେ ଥିବା କେଶଗୁଡିକ ଝଡ଼ିବା ଆରମ୍ଭ କରିଥାଏ।

**ଆଖିରେ ଆଲର୍ଜି ଦେଖାଯାଇପାରେ**
ଅଧିକାଂଶ ମସ୍କରା ୱାଟରପ୍ରୁଫ୍ କେମିକାଲ ବାଲା ହୋଇଥାଏ। ଯାହା ଆଖିକୁ କ୍ଷତି ପହଞ୍ଚାଇଥାଏ। ଯେଉଁ କାରଣରୁ କୁଣ୍ଡେଇହେବା, ଜ୍ୱଳନ ପରି ସମସ୍ୟା ଦେଖାଯାଇଥାଏ। ଯେଉଁମାନଙ୍କର ତ୍ୱଚା ସେନ୍‌ସିଟିଭ୍ ହୋଇଥାଏ ତାଙ୍କ ଲାଗି ଏହା ଅଧିକ କ୍ଷତିକାରକ ହୋଇଥାଏ।

**ଶୁଷ୍କ ଭଳି ଲାଗିଥାଏ**
ୱାଟରପ୍ରୁଫ୍ ମସ୍କରା ପଲକକୁ ଡ୍ରାଏ କରିଦେଇଥାଏ। ଯେତେବେଳେ ଏହା ଅଧିକ ସମୟ ପର୍ଯ୍ୟନ୍ତ ଲାଗି ରହିଥାଏ ଆଖିର ଓଦାଳିଆପଣ ଶୁଖିଯାଇଥାଏ। ଫଳରେ ଆଖିପଲକରେ ଜୀବନ ନ ଥିବା ଭଳି ଲାଗିବା ସହ ଆଖିର ନାଚୁରାଲ ଚମକ ବି ହଜିଲା ପରି ଲାଗିଥାଏ।

**ମସ୍କରା ଲଗାଇବା ସମୟରେ ସାବଧାନତା**

★ ୱାଟରପ୍ରୁଫ୍ ମସ୍କରାକୁ ପ୍ରତିଦିନ ବ୍ୟବହାର କରନ୍ତୁ ନାହିଁ କିମ୍ବା ଜରୁରୀ ନ ଥିଲେ ଏହାକୁ ଲଗାନ୍ତୁ ନାହିଁ।
★ ସବୁବେଳେ ଭଲ କ୍ୱାଲିଟିର ମସ୍କରା ବ୍ୟବହାର କରନ୍ତୁ।
★ ମସ୍କରା ସଫାକରିବା ଲାଗି ଅଏଲ ବେସ୍‌ଡ ମେକ୍‌ଅପ୍ ରିମୁଭରର ବ୍ୟବହାର କରନ୍ତୁ। ଫଳରେ ପଲକ ଅଧିକ କ୍ଷତିଗ୍ରସ୍ତ ହେବ ନାହିଁ।
★ ରାତିରେ ଶୋଇବା ପୂର୍ବରୁ ମେକ୍‌ଅପ୍ ନିଶ୍ଚିତ ସଫା କରନ୍ତୁ।

ଖାଦ୍ୟରୁଚି

# ବଟମ୍ ମସ୍‌ରୁମ୍ ପକୋଡ଼ା

**ଆବଶ୍ୟକ ସାମଗ୍ରୀ**
ମସ୍‌ରୁମ୍ ୫୦୦ଗ୍ରାମ୍, ଗରମ ମସଲା, ହଳଦୀ ପାଉଡର, ଜିରା ପାଉଡର, ଟମାଟୋ, ପିଆଜ ରସୁଣ ଅଦା ପେଷ୍ଟ, ବେସନ, ଧନିଆ ପାଉଡର, କର୍ନଫ୍ଲୋର, ସ୍ୱାଦ ଅନୁସାରେ ଲୁଣ, ତେଲ।

**ପ୍ରସ୍ତୁତି ପ୍ରଣାଳୀ**
ପ୍ରଥମେ ମସ୍‌ରୁମ୍‌କୁ ଭଲଭାବେ ଧୋଇଦିଅନ୍ତୁ। ଏହା ପରେ ସେଥିରୁ ଭଲଭାବେ ପାଣି ଅଂଶ କାଢ଼ି ଦିଅନ୍ତୁ। ଏବେ ସେଥିରେ ଧନିଆ ପାଉଡର, ଜିରା ପାଉଡର, ହଳଦୀଗୁଣ୍ଡ, ଗରମ ମସଲା,ସ୍ୱାଦ ଅନୁସାରେ ଲୁଣ,ବେସନ, କର୍ନଫ୍ଲୋର, ଅଦା ରସୁଣ ପିଆଜ ଟମାଟୋ ପେଷ୍ଟକୁ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ବର୍ତ୍ତମାନ ଗ୍ୟାସ୍ ଚୁଲାରେ କଡ଼େଇ ବସାନ୍ତୁ। ତେଲ ପକାଇ ଗରମ ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ।

ଏବେ ଗୋଳା ହୋଇଥିବା ମସ୍‌ରୁମ୍‌କୁ କଡ଼େଇରେ ପକାନ୍ତୁ। ଏହା ଗୋଲ୍‌ଡେନ୍ କଲର ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। ମସ୍‌ରୁମ୍ ହୋଇଗଲା ପରେ ତାକୁ କାଢ଼ି ଟମାଟୋ ସସ୍ ଏବଂ ଚିଲି ସସ୍‌ରେ ଖାଇପାରିବେ।



# ଚାମ୍ପିୟନ ସହ ଅଲ୍‌କାରାଜ ନଂ-୧


ନ୍ୟୁୟର୍କ, ୮।୯(ଏପି)

ଚଳିତ ଟେନିସ ସିଜନର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନରେ ସ୍ପେନର କାର୍ଲୋସ ଅଲ୍‌କାରାଜ ଚାମ୍ପିୟନ ହୋଇଛନ୍ତି। ସେ ତାଙ୍କର ଚିରପ୍ରତିଦ୍ୱନ୍ଦ୍ୱୀ ତଥା ଡିଫେଣ୍ଡିଂ ଚାମ୍ପିୟନ ଜାନିକ ସିନରଙ୍କୁ ହରାଇ ୟୁଏସ୍ ଓପନ ଜିତିବା ସହ ଏଟିପି ର୍‍ୟାଙ୍କିଙ୍ଗ୍‌ରେ ନଂ-୧ ପୋଜିଶନ ହାସଲ କରିଛନ୍ତି। ୨୨ ବର୍ଷୀୟ ଅଲ୍‌କାରାଜଙ୍କ କ୍ୟାରିୟରର ଏହା ଷଷ୍ଠ ଗ୍ରାଣ୍ଡସ୍ଲାମ ଓ ଦ୍ୱିତୀୟ ୟୁଏସ୍ ଓପନ ଟାଇଟଲ। ଚଳିତ ସିଜନରେ ଏହା ତାଙ୍କର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟାଇଟଲ। ଏଥିପୂର୍ବରୁ ସେ ଫ୍ରେଞ୍ଚ ଓପନ ଟାଇଟଲ ଜିତିଥିଲେ।

**ୟୁଏସ୍ ଓପନ ଟେନିସ**

ହେଲେ ସେ ୱିମ୍ବେଲଡନ ଫାଇନାଲରେ ସମାନ ପ୍ରତିଦ୍ୱନ୍ଦ୍ୱୀଠାରୁ ପରାସ୍ତ ହୋଇଥିଲେ। ଟେନିସ ଇତିହାସରେ ପ୍ରଥମ ଥର ପାଇଁ ଗୋଟିଏ ସିଜନରେ ଲଗାତର ୩ ଗ୍ରାଣ୍ଡସ୍ଲାମ ଫାଇନାଲରେ ଅଲ୍‌କାରାଜ ଓ ସିନର ପରସ୍ପରକୁ ଭେଟିଥିଲେ। ଏହା ସିନରଙ୍କ ବିପକ୍ଷରେ ଅଲକାରାଜଙ୍କର ୧୦ମ ବିଜୟ। ଦୁଇ ଖେଳାଳିଙ୍କ ମଧ୍ୟରେ ଏପର୍ଯ୍ୟନ୍ତ ୧୫ ଥର ମୁକାବିଲା ହୋଇଥିବା ବେଳେ ସିନର ୫ ଥର ବିଜୟୀ ହୋଇଛନ୍ତି। ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଦୁହେଁ ପରସ୍ପରକୁ ୧୦ ଥର ଭେଟାଭେଟି ହୋଇଥିବା ବେଳେ ଏହା ଅଲ୍‌କାରାଜଙ୍କର ଷଷ୍ଠ ବିଜୟ ଥିଲା। ଏହି ଦୁଇ ଖେଳାଳି ଗତ ୮ରୁ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରୁ ୪ଟି ଲେଖାଏ ଟ୍ରଫି ଜିତିଛନ୍ତି।

ରବିବାର ଆର୍ଥର ଆଶ ଷ୍ଟାଡିୟମରେ ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଦ୍ୱିତୀୟ ସିଡ୍ ଅଲକାରାଜ ୬-୨, ୩-୬, ୬-୧, ୬-୪ ସେଟ୍‌ରେ ପ୍ରଥମ ସିଡ୍ ସିନରଙ୍କୁ ପରାସ୍ତ କରିଛନ୍ତି। ୨ ଘଣ୍ଟା ୪୨ ମିନିଟ୍ ଧରି ଚାଲିଥିବା ମ୍ୟାଚ୍‌ରେ ବିଜୟ ସହ ଅଭିଯାନ ଅଲକାରାଜଙ୍କୁ ଦ୍ୱିତୀୟ ସେଟ୍‌ରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା। ହେଲେ ସେ ତୃତୀୟ ସେଟ୍‌କୁ ଜିତି ମ୍ୟାଚ୍‌କୁ ଫେରିଥିଲେ। ଚତୁର୍ଥ ସେଟ୍‌ରେ ଦୁଇ ଖେଳାଳିଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ହେଲେ ସିନରଙ୍କର ସର୍ଭିସରେ ତ୍ରୁଟି କାରଣରୁ ଅଲକାରାଜ ବାଜି ମାରି ନେଇଥିଲେ। ଏହି ବିଜୟ ଅଲ୍‌କାରାଜ ଗତ ୱିମ୍ବେଲଡନ ଫାଇନାଲରେ ସିନରଙ୍କଠାରୁ ମିଳିଥିବା ପରାଜୟର ମଧୁର ପ୍ରତିଶୋଧ ନେଇଛନ୍ତି। ସିନର ପୂରା ଟୁର୍ନାମେଣ୍ଟରେ ମାତ୍ର ଗୋଟିଏ ସର୍ଭିସ ଗେମ୍‌ରେ ପରାଜିତ ହୋଇଥିଲେ। ହେଲେ ରବିବାର ଅଲ୍‌କାରାଜ ୫ ଥର ସିନରଙ୍କ ସର୍ଭିସ ଗେମ୍ ଜିତିଥିଲେ। ଏହି ପରାଜୟ ସହ ହାର୍ଡକୋର୍ଟରେ ସିନରଙ୍କର ଚାଲିଥିବା ବିଜୟଧାରାରେ ବ୍ରେକ୍ ଲାଗିଛି। ସେ ହାର୍ଡ କୋର୍ଟ ଟୁର୍ନାମେଣ୍ଟରେ ଲଗାତର ୨୭ ମ୍ୟାଚ୍ ଜିତିଥିଲେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପସ୍ଥିତି ଯୋଗୁ ଷ୍ଟାଡିୟମରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଥିଲା, ଯାହା ଫଳରେ ହଜାର ହଜାର ପ୍ରଶଂସକ ଷ୍ଟାଡିୟମ ବାହାରେ ଅଟକି ରହିଥିଲେ। ଏଥିଯୋଗୁ ଫାଇନାଲ ମ୍ୟାଚ୍ ଅଧ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା।



ଟ୍ରଫି ସହ କାର୍ଲୋସ ଅଲ୍‌କାରାଜ।

## ଆଜିଠୁ ଏସିଆ କପ୍ କ୍ରିକେଟ

**ଆବୁଧାବି, ୮।୯:** ମଙ୍ଗଳବାରଠାରୁ ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଯାଉଛି। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍‌ରେ ଆଫଗାନିସ୍ତାନ ଓ ହଂକଂ ପରସ୍ପରକୁ ଭେଟିବେ। ଏହି ଗ୍ରୁପ୍-ବି' ମ୍ୟାଚ୍ ଆବୁଧାବିରେ ଖେଳାଯିବ। ବୁଧବାର ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ଓ ଆୟୋଜକ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ଦୁବାଇଠାରେ ପରସ୍ପରକୁ ଭେଟିବେ। ଏସିଆ କପ୍‌ର ୧୭ତମ ସଂସ୍କରଣରେ ୮ ଦଳ ଭାଗ ନେଉଛନ୍ତି। ପ୍ରତ୍ୟେକ ଦଳକୁ ୨ ଗ୍ରୁପ୍‌ରେ ଭାଗ କରାଯାଇଛି।

**ଆଜିର ମ୍ୟାଚ୍**

**ଆଫଗାନିସ୍ତାନ ବନାମ ହଂକଂ**

ଭେନ୍ୟୁ: ଆବୁଧାବି
ସମୟ: ରାତି ୮ଟା
ପ୍ରସାରଣ: ସୋନୀ ସ୍ପୋର୍ଟ୍ସ ନେଟୱର୍କ

# ଏସିଆ କପ୍ ମହିଳା ହକି: ସୁପର-୪ରେ ଭାରତ



ଭାରତ-ସିଙ୍ଗାପୁର ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ହାଙ୍ଗଝୋ, ୮।୯ (ପି.ଟି.)

ନବନୀତ କୌର ଓ ମମ୍‌ତାଜ ଖାନ୍‌ଙ୍କ ହ୍ୟାଟ୍ରିକ୍ ବଳରେ ଭାରତ ଏଠାରେ ଚାଲିଥିବା ଏସିଆ କପ୍ ମହିଳା ହକି ଟୁର୍ନାମେଣ୍ଟର ପୁଲ୍ 'ବି'ରେ ୩୪ ର୍‍ୟାଙ୍କିଙ୍ଗପ୍ରାପ୍ତ ସିଙ୍ଗାପୁରକୁ ୧୨-୦ ଗୋଲରେ ପରାସ୍ତ କରିଛି। ଏଥିସହିତ ଦଳ ପ୍ରତିଯୋଗିତାର ସୁପର-୪ ପର୍ଯ୍ୟାୟ ପାଇଁ ଯୋଗ୍ୟତା ଅର୍ଜନ କରିଛି। ମ୍ୟାଚରେ ଆଧିପତ୍ୟ ବିସ୍ତାର କରି ଖେଳିଥିବା ନବନୀତ ୧୪ତମ, ୨୦ତମ ଓ ୨୮ତମ ମିନିଟରେ ଗୋଲ ସ୍କୋର କରିଥିବା ବେଳେ ମମ୍‌ତାଜ ୨ୟ, ୩୨ତମ ଓ ୩୯ତମ ମିନିଟ୍‌ରେ ତାଙ୍କ ଗୋଲ୍‌ଗୁଡ଼ିକ ସ୍କୋର କରିଥିଲେ। ନେହା ୧୧ଶ ଓ ୩୮ତମ ମିନିଟ୍‌ରେ ଦୁଇଟି ଗୋଲ୍ ଦେଇଥିବା ବେଳେ ଲାଲ୍‌ରେମ୍‌ସିଆମି (୧୩ତମ), ଇଦିତା (୨୯ତମ) ଓ ଋତୁଜା ପିସାଲ (୫୩ତମ) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ବିଶ୍ୱର ୧୦ ନମ୍ବର ମାନ୍ୟତାପ୍ରାପ୍ତ ଭାରତୀୟ ଦଳ ଟୁର୍ନାମେଣ୍ଟ ଓପନରରେ ଥାଇଲାଣ୍ଡକୁ ୧୧-୦ ଗୋଲ୍‌ରେ ପରାସ୍ତ କରିଥିଲା। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ସୁପର-୨ରେ ପୁଲ୍ 'ଏ'ରେ ଦ୍ୱିତୀୟ ସ୍ଥାନରେ ଥିବା ଦଳକୁ ଭେଟିବ। ଏସିଆ କପ୍‌ର ବିଜେତା ବେଲଜିୟମ ଓ ନେଦରଲାଣ୍ଡ୍ସରେ ଖେଳାଯିବାକୁଥିବା ୨୦୨୬ ମହିଳା ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିବେ।

# କ୍ଲବ ଶକ୍ତି ଉତ୍ତୋଳନ: ଅନୁପମା, ଆଶିଷ ଶ୍ରେଷ୍ଠ

ଭୁବନେଶ୍ୱର, ୮।୯ (ତପନ ସ୍ୱାଇଁ)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ୩ୟ କ୍ଲବ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଏହାର ସିନିୟର ବିଭାଗ ମହିଳାରେ ଅନୁପମା ସ୍ୱାଇଁ ଓ ପୁରୁଷରେ ଆଶିଷ ସାହୁ ଶକ୍ତିଶାଳୀ ମହିଳା ଓ ପୁରୁଷ ବିବେଚିତ ହୋଇଛନ୍ତି। ଓଡ଼ିଶା ଅଲିମ୍ପିକ ସଂଘ ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଛନ୍ତି। ଅନ୍ୟ ଅତିଥି ଭାବେ ୱାର୍ଲ୍ଡ ଅଫ୍ ନ୍ୟୁଟ୍ରିଶନର ପରିଚାଳନା ନିର୍ଦ୍ଦେଶକ ବିଜୟ କୁମାର ମିଶ୍ର, ଆଡ୍‌ଭୋକେଟ କାଳି ପ୍ରସାଦ ନନ୍ଦ ଓ ସନତ ନାୟକ ଯୋଗଦେଇଥିଲେ। ପୁରସ୍କାର ଭାବେ କ୍ରୀଡ଼ାବିତ୍‌ଙ୍କୁ ୮୦ ହଜାର ଟଙ୍କା ଓ ଦେଢଲକ୍ଷ ଟଙ୍କାର କ୍ରୀଡ଼ା ଉପକରଣ ଓ ସ୍ପୋର୍ଟ୍ସ ନ୍ୟୁଟ୍ରିଶନ ଶ୍ରେଷ୍ଠ କ୍ରୀଡ଼ାବିତ୍‌ମାନଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟ ଓ ରାଜ୍ୟ ବାହାରୁ କ୍ଲବ ମାନଙ୍କରୁ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ଏବଂ ଉତ୍କଳ କରାଟେ ସ୍କୁଲର ମିଳିତ ଉଦ୍ୟମରେ ତିନିଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ ଉତ୍କଳ କରାଟେ ସ୍କୁଲ ୧୯ଟି ସ୍ୱର୍ଣ୍ଣ ପଦକ ସହ ପ୍ରଥମ, ଫିଟନେସ ମନ୍ତ୍ର ୫ଟି ସ୍ୱର୍ଣ୍ଣ ସହ ଦ୍ୱିତୀୟ ଏବଂ ଡି ଜିମ ୩ ସ୍ୱର୍ଣ୍ଣ ପଦକ ସହ ତୃତୀୟ ସ୍ଥାନ ହାସଲ କରିଛି। ପ୍ରତିଯୋଗିତାକୁ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ହରି ପ୍ରସାଦ ପଟ୍ଟନାୟକ, ବି.ପି. ବେହେରା, ଜାଭେଦ ଅର୍ଶଦ, ରାକେଶ ଶତପଥୀ, ଲକି ରାଣୀ ପାତ୍ର, ସ୍ୱାଗତିକା ସାହୁ, ଶ୍ରୀଜିତା ବରାଳ ପ୍ରମୁଖ ପରିଚାଳନା କରିଥିଲେ।



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ